# 22

# କମ୍ପାନୀ – ଏକ ଉପକ୍ରମ

ତୁମେ ହୁଏତ ଏପରି କେତେକ ସଂଗଠନ ସଂସ୍ପର୍ଶରେ ଆସିଥିବ ଯାହାର ନାମ ଶେଷରେ ଲିମିଟେଡ୍ (ଲିଃ) ଶବ୍ଦ ଲଗା ଯାଇଥିବ, ଯେମିତି କି ହିନ୍ଦୁସ୍ତାନ ମୋଟର୍ସ ଲିଃ କିମ୍ବା ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ ଇତ୍ୟାଦି । ତୁମେ କ'ଣ କେବେ ଚିନ୍ତା କରିଛ କି ଯେ ଏହାର ଅର୍ଥ କ'ଣ ? ସଂଗଠନର ନାମ ସହିତ ଯଦି ଲିଃ ଶବ୍ଦ ଯୋଡ଼ା ଯାଇଥାଏ, ତେବେ ଏହା ସୂଚିତ କରେ ଯେ ଏହା ସଂଗଠନର ସେହି ପ୍ରକାର ଯାହା ଏକକ ମାଲିକାନସ୍ୱତ୍ୱ କିମ୍ବା ଭାଗଦାରୀଠାରୁ ଅଲଗା । ଏଗୁଡ଼ିକୁ ଯୌଥ ପୁଞ୍ଜି କମ୍ପାନୀ (Joint stock companies)କୁହାଯାଏ ।

ତୁମେ ଜାଣ ଯେ ଏକକ ମାଲିକାନାସ୍ୱତ୍ୱ ଓ ଭାଗଦାରୀ ସଂଗଠନ, ବ୍ୟବସାୟର ବର୍ଦ୍ଧିତ ଆକାର ଏବଂ ବର୍ଦ୍ଧନଶୀଳ ଅର୍ଥନୈତିକ କାର୍ଯ୍ୟକଳାପ ନିମନ୍ତେ ଆବଶ୍ୟକ ପଡୁଥିବା ବହୁଳ ପୁଞ୍ଜି ଓ ପରିଚାଳନାଗତ କୌଶଳର କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବାରେ ଅସମର୍ଥ ହେଲେ । ଏହି ସଂଗଠନଗୁଡ଼ିକର ମାଲିକ/ମାଲିକମାନଙ୍କର ଦାୟ ଅସୀମ ଅଟେ । ଏହିସବୁ ସମସ୍ୟାକୁ ଅତିକ୍ରମ (ସମାଧାନ) କରିବା ପାଇଁ ବ୍ୟବସାୟ ସଂଗଠନର ଏକ ନୂତନ ସ୍ୱରୂପ ସୃଷ୍ଟି ହେଲା ଯାହାକୁ 'କମ୍ପାନୀ' କୁହାଯାଏ । ଏହି ପାଠରେ ଆମେ କମ୍ପାନୀ, ଏହାର ବିଶେଷତ୍ୱ ଏବଂ ଅଂଶପତ୍ର ବିକ୍ରୀ ମାଧ୍ୟମରେ ପୁଞ୍ଜି ଆହରଣ ସମ୍ବନ୍ଧରେ ପଢ଼ିବା ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ବ୍ୟବସାୟ ସଂଗଠନର ଏକ ପ୍ରକାର ରୂପରେ କମ୍ପାନୀର ଅର୍ଥ ଉଲ୍ଲେଖ କରିପାରିବ;
- କମ୍ପାନୀର ବୈଶିଷ୍ଟ୍ୟ ବର୍ଣ୍ଣନା କରିପାରିବ;
- କମ୍ପାନୀର ପ୍ରକାର ଭେଦ ବର୍ଣ୍ଣନା କରିପାରିବ;
- ସର୍ବସାଧାରଣ ଓ ଘରୋଇ କମ୍ପାନୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;
- ଅଂଶ ପତ୍ରର ପ୍ରକାରଭେଦ ବୁଝାଇ ପାରିବ;
- ସାଧାରଣ ଅଂଶପତ୍ର ଓ ଅଗ୍ରାଧିକାର ଅଂଶପତ୍ର ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ;
- ଅଂଶଧନର ପ୍ରକାର ଭେଦ ବୁଝାଇ ପାରିବ ।

## 22.1 କମ୍ପାନୀ – ଅର୍ଥ ଓ ବୈଶିଷ୍ଟ୍ୟ

କମ୍ପାନୀ ହେଉଛି ବ୍ୟକ୍ତିମାନଙ୍କର ଏକ ସ୍ୱେଚ୍ଛାମୂଳକ ସଂଘ ଯାହା ଲାଭୋପାର୍ଜନ ନିମନ୍ତେ ଏକ ବ୍ୟବସାୟ ଚଳାଇବା ପାଇଁ କିମ୍ବା ଅଣ-ଲାଭ ଉଦ୍ଦେଶ୍ୟରେ ଗଠିତ ହୋଇଥାଏ । ଏହି ବ୍ୟକ୍ତିମାନେ ଏହାର ଅଂଶ କ୍ରୟ କରି ଏହାର ପୁଞ୍ଜିରେ ନିଜର ଯୋଗଦାନ ଦେଇଥାନ୍ତି ଯାହା କି ଅଂଶରେ ବିଭକ୍ତ ହୋଇଥାଏ । ଏକ କମ୍ପାନୀ କହିଲେ ବ୍ୟକ୍ତିମାନଙ୍କର ଏକ ସଂଘକୁ ବୁଝାଏ ଯେଉଁମାନେ ଆଇନତଃ ଏକ କମ୍ପାନୀ ଭାବରେ ସମସଂସ୍ଥାଭୁକ୍ତ/ସମାବେଷ୍ଟିତ (incorporated) ହୋଇଥା'ନ୍ତି ଓ ଏକ



ଟିପ୍ପଣୀ



ସାଧାରଣ ପୁଞ୍ଜି, ଅର୍ଥାତ୍ ଅଂଶଧନର ଅଧିକାରୀ ଥାଆନ୍ତି । କମ୍ପାନୀର ଅଂଶଧନ ଏହାର ସଦସ୍ୟମାନଙ୍କ ଦ୍ୱାରା ଲାଭୋପାର୍ଜନ ପାଇଁ କୌଣସି ବ୍ୟବସାୟରେ ନିୟୋଜିତ କରିବା ଉଦ୍ଦେଶ୍ୟରେ ପ୍ରଦତ୍ତ ହୋଇଥାଏ ।

> କମ୍ପାନୀ ଆଇନ୍ 1956 ଅନୁସାରେ ଏକ କମ୍ପାନୀ ହେଉଛି ତାହା ଯାହାର ଗଠନ ଓ ପଞ୍ଜୀକରଣ କମ୍ପାନୀ ଆଇନ୍ ଅଧୀନରେ କରାଯାଇଛି ଅଥବା ଏକ ବିଦ୍ୟମାନ କମ୍ପାନୀ ଯାହାର ପଞ୍ଜୀକରଣ ଅନ୍ୟ କୌଣସି ଆଇନ୍ ଅଧୀନରେ କରାଯାଇଛି ।

**କମ୍ପାନୀର ବୈଶିଷ୍ଟ୍ୟ**

କମ୍ପାନୀର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନ ଲିଖିତ ଅଟେ:

- **କୃତ୍ରିମ ବୈଧାନିକ ବ୍ୟକ୍ତି (Artificial legal person)**

  କମ୍ପାନୀ ଏକ କୃତ୍ରିମ ବ୍ୟକ୍ତି ଯାହାର ସୃଷ୍ଟି ଆଇନଦ୍ୱାରା କରାଯାଇଥାଏ । ଏହାର ପାଖାପାଖି ସେହି ସମସ୍ତ ଅଧିକାର ଓ କ୍ଷମତା ଅଛି ଯାହା ଜଣେ ପ୍ରାକୃତିକ ବ୍ୟକ୍ତିର ଅଛି । ଏହା ଚୁକ୍ତି କରିପାରେ । ଏହା ନିଜ ନାମରେ ମକଦ୍ଦମା ରୁଜୁ କରିପାରେ ଏବଂ ଅନ୍ୟମାନେ ଏହା ନାମରେ ମକଦ୍ଦମା ରୁଜୁ କରିପାରନ୍ତି ।

- **ସମାବେଷ୍ଟିତ ସଂସ୍ଥା (Incorporated body)**

  ଏକ କମ୍ପାନୀର ପଞ୍ଜୀକରଣ କମ୍ପାନୀ ଆଇନ୍ ଅଧୀନରେ ଅନିବାର୍ଯ୍ୟ ଅଟେ । ଏହାର ଫଳସ୍ୱରୂପ ଏହାକୁ ସମାବେଷ୍ଟିତ / ଯୌଥ ବ୍ୟକ୍ତିତ୍ୱ ପ୍ରାପ୍ତ ହୁଏ । ଏହାର ନିଜର ଏକ ଅଲଗା ପରିଚୟ ସୃଷ୍ଟି ହୁଏ । ଯଦିଓ ଏହାର ପୁଞ୍ଜି ଏହାର ସଦସ୍ୟମାନଙ୍କ ଦ୍ୱାରା, ଯେଉଁମାନଙ୍କୁ ଅଂଶଧାରୀ କୁହାଯାଏ, ପ୍ରଦତ୍ତ (ଯୋଗାଡ଼) ହୋଇଥାଏ ତଥାପି ଏହି ପୁଞ୍ଜିରେ କ୍ରୟ କରାଯାଇଥିବା ସମ୍ପତ୍ତି କମ୍ପାନୀର ହିଁ ହୋଇଥାଏ, ଏହାର ଅଂଶଧାରୀମାନଙ୍କର ହୋଇ ନଥାଏ ।

- **ପୁଞ୍ଜି ଅଂଶରେ ବିଭାଜିତ (Capital divisible into shares)**

  କମ୍ପାନୀର ପୁଞ୍ଜି ଅଂଶରେ ବିଭକ୍ତ ହୋଇଥାଏ । ଅଂଶ ପୁଞ୍ଜିର ଏକ ଅବିଭାଜିତ ଏକକ ଅଟେ । ଏକ ଅଂଶର ମୁଦ୍ରିତ ମୂଲ୍ୟ (face value) ସାଧାରଣତଃ କମ୍ ପରିମାଣର ହୋଇଥାଏ, ଯଥା ₹10, ₹25 କିମ୍ବା ₹100ର ହୋଇପାରେ ।

- **ଅଂଶର ହସ୍ତାନ୍ତରଣୀୟତା (Transferability of shares)**

  କମ୍ପାନୀର ଅଂଶ ସହଜରେ ହସ୍ତାନ୍ତର କରାଯାଇପାରେ । ପୁଞ୍ଜି ବଜାର (stock market)ରେ ଅଂଶର କ୍ରୟ-ବିକ୍ରୟ କରାଯାଇପାରେ ।

- **ଶାଶ୍ୱତ (ଚିରନ୍ତନ) ଅସ୍ତିତ୍ୱ (Perpetual existence)**

  କମ୍ପାନୀର ଅସ୍ତିତ୍ୱ ଏହାର ଅଂଶଧାରୀମାନଙ୍କଠାରୁ ସ୍ୱତନ୍ତ୍ର (ସ୍ୱାଧୀନ) ଓ ଅଲଗା ଅଟେ । ମୃତ୍ୟୁ, ଦେବାଳିଆ ପ୍ରଭୃତି କାରଣରୁ ଏହାର ସଦସ୍ୟତାରେ ପରିବର୍ତ୍ତନ ଏହାର ଅସ୍ତିତ୍ୱ ଓ କାର୍ଯ୍ୟକାରିତାକୁ ପ୍ରଭାବିତ କରେ ନାହିଁ ।

- **ସୀମିତ ଦାୟ (Limited liability)**

କମ୍ପାନୀର ଅଂଶଧାରୀମାନଙ୍କର ଦାୟ ସେମାନଙ୍କ ଦ୍ୱାରା କ୍ରୟ କରାଯାଇଥିବା ଅଂଶ ପତ୍ରର ମୁଦ୍ରିତ ମୂଲ୍ୟ ପର୍ଯ୍ୟନ୍ତ ସୀମିତ ଥାଏ । କୌଣସି ଅଂଶଧାରୀଙ୍କୁ ତାଙ୍କ ଦ୍ୱାରା କ୍ରୟ କରାଯାଇଥିବା ଅଂଶର ମୁଦ୍ରିତ ମୂଲ୍ୟଠାରୁ ଅଧିକ ପୈଠ କରିବାକୁ କୁହାଯାଇ ପାରିବ ନାହିଁ । ଅତି ବେଶୀରେ ଅଂଶଧାରୀଙ୍କୁ ଅଂଶର ଅନାହୂତ / ଅଣ-ପୈଠ ମୂଲ୍ୟ ପୈଠ କରିବାକୁ କୁହାଯାଇ ପାରିବ ।

- **ପ୍ରତିନିଧିତ୍ୱମୂଳକ ପରିଚାଳନା (Representative Management)**

ଅଂଶଧାରୀମାନଙ୍କର ସଂଖ୍ୟା ଏତେ ଅଧିକ ଓ ସେମାନେ ଏତେ ବିଛୁରିତ ଯେ ସେମାନେ ସମଷ୍ଟିଗତ ଭାବେ କମ୍ପାନୀର କାର୍ଯ୍ୟ ପରିଚାଳନା କରି ପାରିବେ ନାହିଁ । ସେଥିପାଇଁ ସେମାନେ ତାଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କୁ କମ୍ପାନୀର ପରିଚାଳନା ଓ ପ୍ରଶାସନ ନିମନ୍ତେ ନିର୍ବାଚିତ କରନ୍ତି । ଅଂଶଧାରୀମାନଙ୍କର ଏହି ନିର୍ବାଚିତ ପ୍ରତିନିଧିମାନଙ୍କୁ ବ୍ୟକ୍ତିଗତ ଭାବରେ କମ୍ପାନୀର 'ନିର୍ଦ୍ଦେଶକ' ଓ ସମଷ୍ଟିଗତ ଭାବେ 'ନିର୍ଦ୍ଦେଶକ ମଣ୍ଡଳୀ' କୁହାଯାଏ ।

- **ସାଧାରଣ ମୋହର (Common Seal)**

ସାଧାରଣ ମୋହର କମ୍ପାନୀର ଅଧିକୃତ (official) ହସ୍ତାକ୍ଷର / ଦସ୍ତଖତ ଅଟେ । କମ୍ପାନୀର ସାଧାରଣ ମୋହର ଥିବା କୌଣସି ଦଲିଲ କମ୍ପାନୀ ଉପରେ ଆଇନଗତ ବାଧ୍ୟବାଧକତା ଲଗାଇ ଥାଏ ।

## ପାଠ୍ୟଗତ ପ୍ରଶ୍ନ 22.1

I. କମ୍ପାନୀର ବୈଶିଷ୍ଟ୍ୟ ସମ୍ବନ୍ଧିତ ସଠିକ୍ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

(i) କମ୍ପାନୀର ସୃଷ୍ଟି ଆଇନ ଅଧୀନରେ ହୁଏ । ତେଣୁ କମ୍ପାନୀ ଏକ................

(ii) କମ୍ପାନୀର ପୁଞ୍ଜିର ଏକ ଅବିଭାଜିତ ଏକକକୁ ................ କୁହାଯାଏ ।

(iii) .................... କମ୍ପାନୀର ଅଧିକୃତ ହସ୍ତାକ୍ଷର ଅଟେ ।

(iv) ଅଂଶଧାରୀମାନେ କମ୍ପାନୀର କାର୍ଯ୍ୟ ପରିଚାଳନା ପାଇଁ ସେମାନଙ୍କର ପସନ୍ଦ ମୁତାବକ କିଛି ବ୍ୟକ୍ତିଙ୍କୁ ନିର୍ବାଚିତ କରନ୍ତି ଏହା କମ୍ପାନୀର .................. ଲକ୍ଷଣକୁ ବୁଝାଏ ।

II. ଠିକ୍ ଉକ୍ତି ପାଖରେ (3) ଓ ଭୁଲ୍ ଉକ୍ତି ପାଖରେ (5) ଚିହ୍ନ ଦେଇ ଚିହ୍ନଟ କର ।

(i) କମ୍ପାନୀର ସମ୍ପତ୍ତି ଅଂଶଧାରୀଙ୍କର ସମ୍ପତ୍ତି ହୋଇଥାଏ ।

(ii) କମ୍ପାନୀର ପ୍ରତ୍ୟେକ ସଦସ୍ୟଙ୍କର ଦାୟ ସେ କିଣିଥିବା ଅଂଶର ମୁଦ୍ରିତ ମୂଲ୍ୟ ପର୍ଯ୍ୟନ୍ତ ସୀମିତ ଥାଏ ।

(iii) କମ୍ପାନୀର ସଦସ୍ୟମାନେ ସେମାନଙ୍କର ଅଂଶ ଅବାଧରେ ହସ୍ତାନ୍ତର କରିପାରିବେ ନାହିଁ ।

(iv) ଏକ କମ୍ପାନୀ ନିଜ ନାମରେ ଚୁକ୍ତି କରିପାରେ ।



## 22.2 କମ୍ପାନୀର ପ୍ରକାର ଭେଦ

କମ୍ପାନୀଗୁଡ଼ିକୁ ନିମ୍ନ ଶୀର୍ଷକଗୁଡ଼ିକରେ ଶ୍ରେଣୀଭୁକ୍ତ କରାଯାଇପାରେ ।

1. ଗଠନର ଆଧାରରେ (on the basis of formation)
2. ଦାୟର ଆଧାରରେ (on the basis of liability)
3. ମାଲିକାନାସ୍ୱତ୍ୱର ଆଧାରରେ (on the basis of ownership)

**1. ଗଠନର ଆଧାରରେ**

ଗଠନର ଆଧାରରେ କମ୍ପାନୀଗୁଡ଼ିକର ଶ୍ରେଣୀ ବିଭାଜନ ନିମ୍ନ ମତେ କରାଯାଇପାରେ:

**(କ) ବୈଧାନିକ କମ୍ପାନୀ (Statutory Company)**

ଯେଉଁ କମ୍ପାନୀ ସଂସଦ କିମ୍ୱା ରାଜ୍ୟ ବିଧାନ ସଭାର ଏକ ସ୍ୱତନ୍ତ୍ର ଆଇନ୍ ଦ୍ୱାରା ଗଠିତ ହୋଇଥାଏ ତାହାକୁ ଏକ ବୈଧାନିକ କମ୍ପାନୀ କୁହାଯାଏ । ଭାରତୀୟ ରିଜର୍ଭ ବ୍ୟାଙ୍କ୍, ଭାରତୀୟ ଔଦ୍ୟୋଗିକ ଅର୍ଥ ନିଗମ, ଭାରତୀୟ ଜୀବନ ବୀମା ନିଗମ, ଦିଲ୍ଲୀ ରାଜ୍ୟ ଅର୍ଥ ନିଗମ, ଏହାର କିଛି ଉଦାହରଣ ଅଟେ ।

**(ଖ) ପଞ୍ଜୀକୃତ କମ୍ପାନୀ (Registered Company)**

ଯେଉଁ କମ୍ପାନୀ ଭାରତୀୟ କମ୍ପାନୀ ଆଇନ୍, 1956 କିମ୍ୱା ଏହା ପୂର୍ବର କମ୍ପାନୀ ଆଇନ୍ ଅଧୀନରେ ଗଠିତ ଓ ପଞ୍ଜୀକୃତ ହୋଇଅଛି, ତାହାକୁ ଏକ ପଞ୍ଜୀକୃତ କମ୍ପାନୀ କୁହାଯାଏ । ଏହିଭଳି କମ୍ପାନୀଗୁଡ଼ିକର କାର୍ଯ୍ୟକଳାପ କମ୍ପାନୀ ଆଇନ୍‌ର ପ୍ରାବଧାନ (provision)ଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

**2. ଦାୟର ଆଧାରରେ**

ଦାୟର ଆଧାରରେ କମ୍ପାନୀଗୁଡ଼ିକର ଶ୍ରେଣୀ ବିଭାଜନ ନିମ୍ନ ପ୍ରକାର କରାଯାଇପାରେ:

**(କ) ଅଂଶ ଦ୍ୱାରା ସୀମିତ କମ୍ପାନୀ (Company limited by shares)**

ଏହିଭଳି କମ୍ପାନୀର ସଦସ୍ୟମାନଙ୍କର ଦାୟ ସେମାନଙ୍କ ଅଂଶର ମୁଦ୍ରିତ (ନାମାଙ୍କିତ) ମୂଲ୍ୟ ମଧ୍ୟରେ ସୀମିତ ଥାଏ ।

**(ଖ) ଗ୍ୟାରେଣ୍ଟି ଦ୍ୱାରା ସୀମିତ କମ୍ପାନୀ (Company limited by guarantee)**

ଏହିଭଳି କମ୍ପାନୀର ପ୍ରତ୍ୟେକ ସଦସ୍ୟଙ୍କର ଦାୟ ତାଙ୍କ ଦ୍ୱାରା ପ୍ରଦତ୍ତ ଗ୍ୟାରେଣ୍ଟିର ପରିମାଣ ପର୍ଯ୍ୟନ୍ତ ସୀମିତ ଥାଏ । ଏହି ଦାୟ କମ୍ପାନୀର ଅବସାନ ସମୟରେ ସୃଷ୍ଟି ହୁଏ ।

**(ଗ) ଅସୀମିତ କମ୍ପାନୀ (Unlimited company)**

ଯେଉଁ କମ୍ପାନୀର ସଦସ୍ୟମାନଙ୍କର ଦାୟରେ କୌଣସି ସୀମା ନଥାଏ, ତାହାକୁ ଏକ ଅସୀମିତ କମ୍ପାନୀ କୁହାଯାଏ । ଏହି କ୍ଷେତ୍ରରେ ଅଂଶଧାରୀମାନଙ୍କର ବ୍ୟକ୍ତିଗତ

ସମ୍ପତ୍ତି ପର୍ଯ୍ୟନ୍ତ ଦାୟ ସମ୍ପ୍ରସାରିତ ହୋଇପାରେ । ଏହିଭଳି କମ୍ପାନୀଗୁଡ଼ିକ ସେମାନଙ୍କ ନାମ ଶେଷରେ 'ଲିମିଟେଡ' ଶବ୍ଦ ବ୍ୟବହାର କରନ୍ତି ନାହିଁ ।

**(ଘ) ଧାରା 25 ଅନ୍ତର୍ଗତ କମ୍ପାନୀ (Company under section 25)**

ଧାରା 25 ଅନ୍ତର୍ଗତ ଗଠିତ କମ୍ପାନୀ କଳା, ସଂସ୍କୃତି ଓ ସାମାଜିକ ବିକାଶ ଉଦ୍ଦେଶ୍ୟରେ ହୋଇଥାଏ । ଏହି କମ୍ପାନୀଗୁଡ଼ିକ ସେମାନଙ୍କ ନାମ ଶେଷରେ ଲିମିଟେଡ ଶବ୍ଦ ବ୍ୟବହାର କରିବା ଆବଶ୍ୟକ ନାହିଁ । ପଞ୍ଜାବ, ହରିଆଣା, ଦିଲ୍ଲୀ ଚାମ୍ବର୍ସ ଅଫ କମର୍ସ ଇତ୍ୟାଦି ଏହିଭଳି କମ୍ପାନୀଗୁଡ଼ିକର ଉଦାହରଣ ।

**3. ମାଲିକାନା ସ୍ୱତ୍ୱର ଆଧାରରେ**

ମାଲିକାନା ସ୍ୱତ୍ୱର ଆଧାରରେ କମ୍ପାନୀଗୁଡ଼ିକର ଶ୍ରେଣୀ ବିଭାଜନ ନିମ୍ନ ପ୍ରକାର କରାଯାଇପାରେ ।

**(କ) ଘରୋଇ କମ୍ପାନୀ (Private Company)**

ଏକ ଘରୋଇ କମ୍ପାନୀ ହେଉଛି ତାହା ଯାହା ନିଜର 'ଆଭ୍ୟନ୍ତରୀଣ ନିୟମାବଳୀ' (Articles of Association) ଦ୍ୱାରା:

(i) ନିଜର ସଦସ୍ୟମାନଙ୍କର ଅଂଶଗୁଡ଼ିକର ହସ୍ତାନ୍ତରଣ ଉପରେ କଟକଣା ଲଗାଇଥାଏ;

(ii) ଏହାର ସଦସ୍ୟମାନଙ୍କର ସଂଖ୍ୟା (ଅତୀତ ଓ ବର୍ତ୍ତମାନର କର୍ମଚାରୀଙ୍କୁ ଛାଡ଼ି) ପଚାଶ ମଧ୍ୟରେ ସୀମିତ ରଖିଥାଏ;

(iii) ସର୍ବସାଧାରଣଙ୍କୁ ନିଜର ଅଂଶ ତଥା ଋଣ ପତ୍ର କ୍ରୟ କରିବା ପାଇଁ ଆମନ୍ତ୍ରଣକୁ ନିଷିଦ୍ଧ କରିଥାଏ;

(iv) କମ୍ପାନୀର ସର୍ବନିମ୍ନ ପ୍ରଦତ୍ତ ପୁଞ୍ଜିର ପରିମାଣ ଏକ ଲକ୍ଷ ଟଙ୍କା (₹1,00,000) ଅଟେ ।

ଏହିଭଳି କମ୍ପାନୀରେ ଅଂଶଧାରୀମାନଙ୍କର ସର୍ବନିମ୍ନ ସଂଖ୍ୟା ଦୁଇ ଅଟେ ଏବଂ କମ୍ପାନୀକୁ ନିଜ ନାମ ଶେଷରେ 'ପ୍ରାଇଭେଟ୍ ଲିମିଟେଡ' ଶବ୍ଦ ଯୋଡ଼ିବାକୁ ପଡ଼ିଥାଏ । ଘରୋଇ କମ୍ପାନୀ ଗୁଡ଼ିକରେ ସର୍ବସାଧାରଣ ଜନତାଙ୍କ ଅଂଶ ଗ୍ରହଣ ହୋଇ ନଥାଏ ।

**(ଖ) ସର୍ବସାଧାରଣ କମ୍ପାନୀ (Public company)**

ଯେଉଁ କମ୍ପାନୀ ଏକ ଘରୋଇ କମ୍ପାନୀ ନୁହେଁ ତାହା ଏକ ସର୍ବସାଧାରଣ କମ୍ପାନୀ ଅଟେ । ଏହାର ଆଭ୍ୟନ୍ତରୀଣ ନିୟମାବଳୀରେ ଉପରୋକ୍ତ କଟକଣାଗୁଡ଼ିକ ନଥାଏ ।

ଏକ ସର୍ବସାଧାରଣ କମ୍ପାନୀର ମୁଖ୍ୟ ବିଶେଷତ୍ୱଗୁଡ଼ିକ ହେଲା:

(i) ସଦସ୍ୟମାନଙ୍କର ସର୍ବନିମ୍ନ ସଂଖ୍ୟା ସାତ ଅଟେ ।

(ii) ସଦସ୍ୟମାନଙ୍କର ସର୍ବାଧିକ ସଂଖ୍ୟା ଉପରେ କୌଣସି କଟକଣା ନାହିଁ ।

(iii) ଏହା ନିଜର ଅଂଶ କ୍ରୟ ପାଇଁ ସର୍ବସାଧାରଣଙ୍କୁ ଆମନ୍ତ୍ରଣ କରିପାରେ ।

(iv) ଏହାର ଅଂଶଗୁଡ଼ିକ ମୁକ୍ତ ଭାବରେ ହସ୍ତାନ୍ତର ଯୋଗ୍ୟ ଅଟେ ।

(v) ଏହାକୁ ନିଜ ନାମ ଶେଷରେ 'ଲିମିଟେଡ' ଶବ୍ଦ ଯୋଡ଼ିବାକୁ ପଡ଼ିଥାଏ ।

(vi) ଏହାର ସର୍ବନିମ୍ନ ପ୍ରଦତ୍ତ ପୁଞ୍ଜି (paid up capital)ର ପରିମାଣ ପାଞ୍ଚଲକ୍ଷ ଟଙ୍କା (₹5,00,000) ଅଟେ ।

**(ଗ) ସରକାରୀ କମ୍ପାନୀ (Government Company)**

ଏକ ସରକାରୀ କମ୍ପାନୀ ହେଉଛି ସେହି କମ୍ପାନୀ ଯାହାର ପ୍ରଦତ୍ତ ପୁଞ୍ଜିର ଅତିକମ୍‌ରେ 51% ଭାଗ (1) କେନ୍ଦ୍ର ସରକାର, କିମ୍ବା (2) ରାଜ୍ୟ ସରକାର କିମ୍ବା (3) ଆଂଶିକ କେନ୍ଦ୍ର ସରକାର ଓ ଆଂଶିକ ରାଜ୍ୟ ସରକାରଙ୍କ ଅଧିକାରରେ ଥାଏ । ସରକାରୀ କମ୍ପାନୀର ଉଦାହରଣ ହେଲା ହିନ୍ଦୁସ୍ତାନ ମେସିନ୍ ଟୁଲ୍ସ ଲିମିଟେଡ୍ (HMT), ଷ୍ଟେଟ୍ ଟ୍ରେଡିଙ୍ଗ୍ କର୍ପୋରେସନ୍ (STC), ମିନେରାଲ୍ସ ଆଣ୍ଡ ମେଟାଲ୍ସ ଟ୍ରେଡିଙ୍ଗ କର୍ପୋରେସନ୍ (MMTC) ।

**(ଘ) ବିଦେଶୀ କମ୍ପାନୀ (Foreign company)**

ଏକ ବିଦେଶୀ କମ୍ପାନୀ ହେଉଛି ସେହି କମ୍ପାନୀ ଯାହାର ସମାବେଷ୍ଟନ (ଗଠନ) ଭାରତ ବାହାରେ ହୋଇଛି, କିନ୍ତୁ ବ୍ୟାବସାୟିକ ସ୍ଥଳ ଭାରତରେ ଅଛି; ଉଦାହରଣ ସ୍ୱରୂପ ଫିଲିପ୍ସ, ଏଲ୍.ଜି. ଇତ୍ୟାଦି ।

**(ଙ) ଧାରକ କମ୍ପାନୀ ଓ ସହାୟକ କମ୍ପାନୀ (Holding Company and Subsidiary company)**

ଏକ ଧାରକ କମ୍ପାନୀ ହେଉଛି ସେହି କମ୍ପାନୀ ଯାହା ଅନ୍ୟ ଏକ କମ୍ପାନୀ (ଯାହାକୁ ସହାୟକ କମ୍ପାନୀ କୁହାଯାଏ) ଉପରେ ତା'ର ସାଧାରଣ ଅଂଶର ଅର୍ଦ୍ଧାଧିକ ଭାଗ ଅଧିଗ୍ରହଣ ପୂର୍ବକ; କିମ୍ବା ତା'ର ନିର୍ଦ୍ଦେଶକ ମଣ୍ଡଳୀର ଗଠନ ଉପରେ ନିୟନ୍ତ୍ରଣ ରଖିବା ପୂର୍ବକ; କିମ୍ବା ତା'ର ଅନ୍ୟ କୌଣସି ଧାରକ କମ୍ପାନୀ ଉପରେ ନିୟନ୍ତ୍ରଣ ରଖିବା ପୂର୍ବକ; ନିୟନ୍ତ୍ରଣ ରଖିଥାଏ ।

**(ଚ) ତାଲିକାଭୁକ୍ତ କମ୍ପାନୀ ଓ ଅଣ-ତାଲିକାଭୁକ୍ତ କମ୍ପାନୀ (Listed company and unlisted company)**

ଏକ କମ୍ପାନୀ ଷ୍ଟକ୍ ଏକ୍ସଚେଞ୍ଜରେ ନିଜର ପ୍ରତିଭୂତି (securities)କୁ ତାଲିକାଭୁକ୍ତ କରିବାକୁ ଚାହୁଁଥିଲେ ସେଥିପାଇଁ ଏହାକୁ ଷ୍ଟକ୍ ଏକ୍ସଚେଞ୍ଜରେ ଏକ ଦରଖାସ୍ତ ଦାଖଲ କରିବାକୁ ହୁଏ । ଯଦି ଏହା ଷ୍ଟକ୍ ଏକ୍ସଚେଞ୍ଜର ତାଲିକାରେ ପ୍ରୋକ୍ତ ପ୍ରତିଭୂତିଗୁଡ଼ିକର ପ୍ରବେଶ ଓ ସେଥିରେ କାରବାର ଜାରୀ ରଖିବା ନିମନ୍ତେ ଯୋଗ୍ୟତା ହାସଲ କରେ, ତେବେ ଏହାକୁ ଏକ ତାଲିକାଭୁକ୍ତ କମ୍ପାନୀ କୁହାଯାଏ । ଏକ କମ୍ପାନୀ ଯାହାର ପ୍ରତିଭୂତିଗୁଡ଼ିକ ଷ୍ଟକ୍ ଏକ୍ସଚେଞ୍ଜର ତାଲିକାରେ ପ୍ରଦର୍ଶିତ ହୋଇ ନଥାଏ ତାହାକୁ ଅଣ-ତାଲିକାଭୁକ୍ତ କମ୍ପାନୀ କୁହାଯାଏ ।

## ସର୍ବସାଧାରଣ କମ୍ପାନୀ ଓ ଘରୋଇ କମ୍ପାନୀ ମଧ୍ୟରେ ପ୍ରଭେଦ

ସର୍ବସାଧାରଣ କମ୍ପାନୀ ଓ ଘରୋଇ କମ୍ପାନୀ ମଧ୍ୟରେ ଥିବା ମୁଖ୍ୟ ପାର୍ଥକ୍ୟଗୁଡ଼ିକ ନିମ୍ନ ପ୍ରକାର ଅଟେ:

**ତାଲିକା 21.1 ସର୍ବସାଧାରଣ କମ୍ପାନୀ ଓ ଘରୋଇ କମ୍ପାନୀ ମଧ୍ୟରେ ପ୍ରଭେଦ**

| ପାର୍ଥକ୍ୟର ଆଧାର | ସର୍ବସାଧାରଣ କମ୍ପାନୀ | ଘରୋଇ କମ୍ପାନୀ |
|---|---|---|
| 1. ସର୍ବନିମ୍ନ ସଦସ୍ୟଙ୍କ ସଂଖ୍ୟା | ଏକ ସର୍ବସାଧାରଣ କମ୍ପାନୀର ଗଠନ ପାଇଁ ଅତିକମ୍‌ରେ **ସାତ** ଜଣ ସଦସ୍ୟଙ୍କର ଆବଶ୍ୟକତା ପଡ଼ିଥାଏ । | ଏକ ଘରୋଇ କମ୍ପାନୀର ଗଠନ ପାଇଁ ଅତିକମ୍‌ରେ **ଦୁଇ** ଜଣ ସଦସ୍ୟଙ୍କର ଆବଶ୍ୟକତା ପଡ଼ିଥାଏ । |
| 2. ସର୍ବାଧିକ ସଦସ୍ୟଙ୍କ ସଂଖ୍ୟା | ସର୍ବାଧିକ ସଦସ୍ୟଙ୍କ ସଂଖ୍ୟାରେ କୌଣସି **ସୀମା/ପ୍ରତିବନ୍ଧକ ନାହିଁ ।** | ସର୍ବାଧିକ ସଦସ୍ୟଙ୍କ ସଂଖ୍ୟା **ପଚାଶ** ଅଟେ । |
| 3. ନାମ | କମ୍ପାନୀର ନାମ ଶେଷରେ 'ଲିମିଟେଡ୍' ଶବ୍ଦ ବ୍ୟବହୃତ ହୁଏ । | କମ୍ପାନୀର ନାମ ଶେଷରେ 'ପ୍ରାଇଭେଟ ଲିମିଟେଡ୍' ଶବ୍ଦ ବ୍ୟବହୃତ ହୁଏ । |
| 4. ବ୍ୟବସାୟର ପ୍ରାରମ୍ଭ | ଏହା ବ୍ୟବସାୟ ପ୍ରାରମ୍ଭ ପ୍ରମାଣପତ୍ର ପାଇବା ପରେ ହିଁ କେବଳ ଏହାର ବ୍ୟବସାୟ ଆରମ୍ଭ କରିପାରେ । | ଏହା ପ୍ରତିଷ୍ଠା ପ୍ରମାଣ ପତ୍ର ହାସଲ କରିବା ମାତ୍ରେ ଏହାର ବ୍ୟବସାୟ ଆରମ୍ଭ କରିପାରେ । |
| 5. ସର୍ବସାଧାରଣଙ୍କୁ ଆମନ୍ତ୍ରଣ | ଏହା ନିଜର ଅଂଶଗୁଡ଼ିକୁ କ୍ରୟ କରିବା ପାଇଁ ସର୍ବସାଧାରଣଙ୍କୁ **ଆମନ୍ତ୍ରଣ କରିପାରେ ।** | ଏହା ନିଜର ଅଂଶଗୁଡ଼ିକୁ କ୍ରୟ କରିବା ପାଇଁ ସର୍ବସାଧାରଣଙ୍କୁ **ଆମନ୍ତ୍ରଣ କରିପାରେ ନାହିଁ ।** |
| 6. ଅଂଶର ହସ୍ତାନ୍ତରଣ | ଏହାର ଅଂଶର ହସ୍ତାନ୍ତରଣରେ କୌଣସି **କଟକଣା ନାହିଁ ।** | ଏହାର ଅଂଶର ହସ୍ତାନ୍ତରଣରେ **କଟକଣା ଅଛି ।** |
| 7. ନିର୍ଦ୍ଦେଶକଙ୍କ ସଂଖ୍ୟା | ଏହାର ଅତି କମ୍‌ରେ **ତିନି** ଜଣ ନିର୍ଦ୍ଦେଶକ ରହିବା ଆବଶ୍ୟକ । | ଏହାର ଅତି କମ୍‌ରେ **ଦୁଇ**ଜଣ ନିର୍ଦ୍ଦେଶକ ରହିବା ଆବଶ୍ୟକ । |
| 8. ସର୍ବନିମ୍ନ ପୁଞ୍ଜି | ଏହାର ସର୍ବନିମ୍ନ ପ୍ରଦତ୍ତ ପୁଞ୍ଜି ପାଞ୍ଚ ଲକ୍ଷ ଟଙ୍କା (₹ 5,00,000) ହେବା ଆବଶ୍ୟକ । | ଏହାର ସର୍ବନିମ୍ନ ପ୍ରଦତ୍ତ ପୁଞ୍ଜି ଏକ ଲକ୍ଷ ଟଙ୍କା (₹ 1,00,000) ହେବା ଆବଶ୍ୟକ । |

### ପାଠ୍ୟଗତ ପ୍ରଶ୍ନ 22.2

I. ବନ୍ଧନୀ ପ୍ରଦତ୍ତ ଶବ୍ଦ/ସଂଖ୍ୟାଗୁଡ଼ିକରୁ ସଠିକ୍ ଶବ୍ଦ/ସଂଖ୍ୟା ବାଛି ଶୂନ୍ୟସ୍ଥାନ ପୂରଣ କର:

(i) ଏକ ସର୍ବସାଧାରଣ ସୀମିତ କମ୍ପାନୀର ସର୍ବନିମ୍ନ ସଦସ୍ୟଙ୍କ ସଂଖ୍ୟା............. ଅଟେ । (ଦୁଇ, ପାଞ୍ଚ, ସାତ)

(ii) ଏକ ସରକାରୀ କମ୍ପାନୀ ହେଉଛି ସେହି କମ୍ପାନୀ ଯାହାର ପ୍ରଦତ୍ତ ପୁଞ୍ଜିରେ ସରକାରଙ୍କ ଅଧିକୃତ ଭାଗ.............ରୁ କମ୍ ନୁହେଁ । (50%, 51%, 75%)

(iii) ଏକ ଘରୋଇ ସୀମିତ କମ୍ପାନୀର ସର୍ବନିମ୍ନ ପ୍ରଦତ୍ତ ପୁଞ୍ଜି ............ ଟଙ୍କା ଅଟେ । (ଏକ ଲକ୍ଷ, ପାଞ୍ଚ ଲକ୍ଷ, ଦଶ ଲକ୍ଷ)

(iv) ଏକ ବିଦେଶୀ କମ୍ପାନୀ ହେଉଛି ସେହି କମ୍ପାନୀ ଯାହାର ସମାବେଷ୍ଟନ ........... ହୋଇଛି । (ଭାରତରେ, ଭାରତ ବାହାରେ)

ଟିପ୍ପଣୀ

II. ନିମ୍ନ କ୍ଷେତ୍ରରେ କମ୍ପାନୀର ପ୍ରକାରର ନାମ ଲେଖ:

(i) ଏକ କମ୍ପାନୀ ଯାହା ଏହାର ଆଭ୍ୟନ୍ତରୀଣ ନିୟମାବଳୀ ଦ୍ୱାରା ଏହାର ଅଂଶଗୁଡ଼ିକର ସ୍ଥାନାନ୍ତରଣ ଉପରେ କଟକଣା ଲଗାଇଥାଏ ।

(ii) ଏକ କମ୍ପାନୀ ଯାହାର ସଦସ୍ୟମାନଙ୍କର ଦାୟ (ଦେଣା) ଏହାର ଅଂଶଗୁଡ଼ିକ ଉପରେ ଅଦତ୍ତ (ଅପୈଠ) ରାଶିର ପରିମାଣ ପର୍ଯ୍ୟନ୍ତ ସୀମିତ ଥାଏ ।

(iii) ଯେଉଁ କମ୍ପାନୀ ସଂସଦ କିମ୍ବା ରାଜ୍ୟ ବିଧାନ ସଭାଦ୍ୱାରା ପ୍ରଣୀତ ଏକ ସ୍ୱତନ୍ତ୍ର ଆଇନ୍ ବଳରେ ଗଠିତ ହୋଇଥାଏ ।

(iv) ଏକ କମ୍ପାନୀ ଯାହାର ସଦସ୍ୟମାନଙ୍କର ଦାୟ ଉପରେ କୌଣସି ସୀମା ନିର୍ଦ୍ଧାରିତ ହୋଇ ନଥାଏ ।

(v) ଏକ କମ୍ପାନୀ ଯାହା ଅନ୍ୟ ଏକ କମ୍ପାନୀକୁ ନିୟନ୍ତ୍ରଣ କରେ ।

## 22.3 ଅଂଶ – ଅର୍ଥ ଓ ଏହାର ପ୍ରକାର

ଏକ ଯୌଥ ପୁଞ୍ଜି କମ୍ପାନୀ ଏହାର ପୁଞ୍ଜିକୁ ସମାନ ମୂଲ୍ୟର ଏକକରେ ବିଭକ୍ତ କରିଥାଏ । ପ୍ରତି ଏକକକୁ ଏକ ଅଂଶ କୁହାଯାଏ । ଏହି ଏକକ, ଅର୍ଥାତ୍ ଅଂଶଗୁଡ଼ିକୁ ପୁଞ୍ଜି ଆହରଣ (ସଂଗ୍ରହ) ନିମନ୍ତେ ବିକ୍ରୟ ପାଇଁ ଯଚାଯାଏ । ଏହାକୁ 'ଅଂଶର ନିର୍ଗମନ' କୁହାଯାଏ । ଯେଉଁ ବ୍ୟକ୍ତି କମ୍ପାନୀର ଅଂଶ/ଅଂଶ ସମୂହ କ୍ରୟ କରେ ତା'କୁ 'ଅଂଶଧାରୀ' କୁହାଯାଏ ଏବଂ କମ୍ପାନୀର ଅଂଶ/ଅଂଶ ସମୂହ ଗ୍ରହଣ ପୂର୍ବକ ସେ କମ୍ପାନୀର ଜଣେ ମାଲିକ ହୋଇଯାଏ ।

ଅତଃ, ଏକ ଅଂଶ ହେଉଛି ପୁଞ୍ଜିର ଏକ ଅବିଭାଜିତ ଏକକ । ଏହା କମ୍ପାନୀ ଓ ଅଂଶଧାରୀଙ୍କ ମଧ୍ୟରେ ମାଲିକାନା ସ୍ୱତ୍ୱର ସମ୍ବନ୍ଧକୁ ବ୍ୟକ୍ତ କରେ । ପୁଞ୍ଜିର ପ୍ରତ୍ୟେକ ସମ ବିଭାଜିତ ମୂଲ୍ୟହିଁ ଏକ ଅଂଶର ମୁଦ୍ରିତ / ଅଭିହିତ ମୂଲ୍ୟ (face value) ଅଟେ । କମ୍ପାନୀର ମୋଟ ପୁଞ୍ଜିକୁ ଅନେକ ସଂଖ୍ୟକ ଅଂଶରେ ବିଭକ୍ତ କରାଯାଇଥାଏ ।

### ଅଂଶର ପ୍ରକାର ଭେଦ

କମ୍ପାନୀ ଆଇନ୍ ଅନୁସାରେ ଏକ କମ୍ପାନୀ ନିମ୍ନ ପ୍ରକାରର ଅଂଶର ନିର୍ଗମନ କରିପାରିବ:

(i) ଅଗ୍ରାଧିକାର ଯୁକ୍ତ ଅଂଶ (Preference Share)

(ii) ସାଧାରଣ / ସମତା ଅଂଶ (Equity Share)

(i) **ଅଗ୍ରାଧିକାର ଯୁକ୍ତ ଅଂଶ**

ଏକ ଅଗ୍ରାଧିକାର ଯୁକ୍ତ ଅଂଶ ହେଉଛି ସେହି ଅଂଶ ଯାହାର ଅଂଶଧାରୀମାନେ ସାଧାରଣ ଅଂଶଧାରୀଙ୍କ ତୁଳନାରେ ନିମ୍ନ ଦୁଇ ପ୍ରସଙ୍ଗରେ ଅଗ୍ରାଧିକାର ପ୍ରାପ୍ତ ହୋଇଥାନ୍ତି:

- ଲାଭାଂଶର ପୈଠ (ପ୍ରଦାନ)
- କମ୍ପାନୀର ଅବସାନ ସମୟରେ ପୁଞ୍ଜିର ଫେରସ୍ତ

(ii) **ସାଧାରଣ ଅଂଶ**

ସେହି ସମସ୍ତ ଅଂଶ ଯାହା ଅଗ୍ରାଧିକାରଯୁକ୍ତ ଅଂଶ ନୁହେଁ ସେଗୁଡ଼ିକୁ ସାଧାରଣ ଅଂଶ କୁହାଯାଏ । ଏହି ଅଂଶଗୁଡ଼ିକର ଅଂଶଧାରୀମାନେ କମ୍ପାନୀର ଲାଭରୁ ଅଗ୍ରାଧିକାରଯୁକ୍ତ ଅଂଶଧାରୀମାନଙ୍କୁ ଲାଭାଂଶର ପ୍ରଦାନ କରି ସାରିବାପରେ ଯାଇ ଲାଭାଂଶ ପ୍ରାପ୍ତ କରିଥାନ୍ତି ।

ସାଧାରଣ ଅଂଶଧାରୀମାନଙ୍କର କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ନିର୍ବାଚିତ କରିବାର ଅଧିକାର ଅଛି । ସାଧାରଣ ଅଂଶଗୁଡ଼ିକ ପୁଞ୍ଜିର ସ୍ଥାୟୀ ଉତ୍ସ ଅଟେ ।

**ତାଲିକା 22.2 ସାଧାରଣ ଅଂଶ ଓ ଅଗ୍ରାଧିକାରଯୁକ୍ତ ଅଂଶ ମଧ୍ୟରେ ପାର୍ଥକ୍ୟ**

| ପାର୍ଥକ୍ୟର ଆଧାର | ସାଧାରଣ ଅଂଶ | ଅଗ୍ରାଧିକାର ଯୁକ୍ତ ଅଂଶ |
|---|---|---|
| 1. ଲାଭାଂଶର ହାର | ଏହି ଅଂଶଗୁଡ଼ିକ ଉପରେ ଲାଭାଂଶର ହାର ନିର୍ଦ୍ଦିଷ୍ଟ ନୁହେଁ ଏବଂ ଏହା ନିର୍ଦ୍ଦେଶକ ମଣ୍ଡଳୀଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ । | ଏହି ଅଂଶଗୁଡ଼ିକ ଉପରେ ଲାଭାଂଶର ହାର ନିର୍ଦ୍ଦିଷ୍ଟ ଥାଏ । |
| 2. ଲାଭାଂଶର ପ୍ରଦାନ | ଏହି ଅଂଶଗୁଡ଼ିକ ଉପରେ ଲାଭାଂଶର ପ୍ରଦାନ ଅଗ୍ରାଧିକାର ଯୁକ୍ତ ଅଂଶଧାରୀମାନଙ୍କୁ ଲାଭାଂଶ ପ୍ରଦାନ କରି ସାରିବା ପରେ କରାଯାଏ । | ଏହି ଅଂଶଗୁଡ଼ିକ ଉପରେ ଲାଭାଂଶର ପ୍ରଦାନ ସାଧାରଣ ଅଂଶଧାରୀମାନଙ୍କୁ ଲାଭାଂଶ ପ୍ରଦାନ କରିବା ପୂର୍ବରୁ କରାଯାଏ । |
| 3. କମ୍ପାନୀର ଅବସାନ ସମୟରେ ଅଂଶଧନର ଫେରସ୍ତ | କମ୍ପାନୀର ଅବସାନ ସମୟରେ ଅଗ୍ରାଧିକାର ଯୁକ୍ତ ଅଂଶଧାରୀମାନଙ୍କୁ ସେମାନଙ୍କର ପୁଞ୍ଜି ଫେରସ୍ତ କରାଯାଇ ସାରିବା ପରେ ହିଁ କେବଳ ସାଧାରଣ ଅଂଶଧାରୀମାନଙ୍କର ପୁଞ୍ଜି ଫେରସ୍ତ କରାଯାଏ । | କମ୍ପାନୀର ଅବସାନ କ୍ଷେତ୍ରରେ ପୁଞ୍ଜି ଫେରସ୍ତ କରିବା ସମ୍ବନ୍ଧରେ ଅଗ୍ରାଧିକାରଯୁକ୍ତ ଅଂଶଧାରୀମାନଙ୍କୁ ସାଧାରଣ ଅଂଶଧାରୀମାନଙ୍କ ତୁଳନାରେ ଅଗ୍ରାଧିକାର ଦିଆଯାଏ । |
| 4. ଭୋଟ ଦାନ ଅଧିକାର | ଅଂଶଧାରୀମାନଙ୍କର ସବୁ ବିଷୟରେ ମତଦାନ ଅଧିକାର ଅଛି । | ଅଂଶଧାରୀମାନେ କେବଳ କେତେକ ବିଶେଷ ପରିସ୍ଥିତିରେ ମତଦାନ କରିପାରିବେ । |
| 5. ପରିଶୋଧନ (Redemption) | ସାଧାରଣ ଅଂଶଗୁଡ଼ିକର ପରିଶୋଧନ କମ୍ପାନୀର ଜୀବନ କାଳ ମଧ୍ୟରେ କରାଯାଇପାରେ ନାହିଁ । | ଅଗ୍ରାଧିକାର ଯୁକ୍ତ ଅଂଶଗୁଡ଼ିକର ପରିଶୋଧନ ନିର୍ଗମନର ସର୍ତ୍ତ ଅନୁସାରେ କରାଯାଇପାରେ । |

## ପାଠ୍ୟଗତ ପ୍ରଶ୍ନ 22.3

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

(i) ଏକ କମ୍ପାନୀରେ ................ ବିତ୍ତର ମୁଖ୍ୟ ସ୍ରୋତ ଅଟେ ।

(ii) ଏକ .............. ହେଉଛି ପୁଞ୍ଜିର ଏକ ଅବିଭାଜିତ ଏକକ ।

(iii) ................ ମାନଙ୍କର କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ନିର୍ବାଚିତ କରିବାର ଅଧିକାର ଅଛି ।

(iv) .............. ମାନଙ୍କର ...........ମାନଙ୍କ ତୁଳନାରେ କମ୍ପାନୀର ଅବସାନ ସମୟରେ ପୁଞ୍ଜି ଫେରସ୍ତ ପାଇବାର ଅଗ୍ରାଧିକାର ଅଛି ।

## 22.4 ଅଂଶଧନ – ଅର୍ଥ ଓ ଏହାର ପ୍ରକାର ଭେଦ (Share Capital – Meaning and its Types)

ଏକ ଯୌଥ ପୁଞ୍ଜି କମ୍ପାନୀ ଭବିଷ୍ୟତରେ ଏହାର ପୁଞ୍ଜିର ଆବଶ୍ୟକତାକୁ ଆକଳନ କରିଥାଏ । ପୁଞ୍ଜିର ଏହି ପରିମାଣକୁ କମ୍ପାନୀର ରେଜିଷ୍ଟ୍ରାରଙ୍କ ପାଖରେ ରେଜିଷ୍ଟ୍ରିଭୁକ୍ତ/ପଞ୍ଜୀକୃତ ହୋଇଥିବା ସଂସ୍ଥାଜ୍ଞାପକ ପତ୍ର (Memorandum of Association)ର ପୁଞ୍ଜିଧାରା (Capital clause)ରେ ଉଲ୍ଲେଖ କରାଯାଇଥାଏ । ମୋଟ ପୁଞ୍ଜିକୁ ନିର୍ଦ୍ଦିଷ୍ଟ ରାଶିର କିଛି ସଂଖ୍ୟକ କ୍ଷୁଦ୍ର ଅବିଭାଜିତ ଏକକରେ ବିଭକ୍ତ କରି ଦିଆଯାଏ ଏବଂ ଏହିଭଳି ପ୍ରତ୍ୟେକ ଏକକକୁ ଏକ ଅଂଶ ବୋଲି କୁହାଯାଏ । ଏକ ଅଂଶ, କମ୍ପାନୀର ପୁଞ୍ଜିରେ କେବଳ ଏକ ଭାଗ ହିଁ ଅଟେ । ଯେହେତୁ କମ୍ପାନୀର ମୋଟ ପୁଞ୍ଜିକୁ କେତେକ ଅଂଶରେ ବିଭକ୍ତ କରାଯାଇଥାଏ, ତେଣୁ କମ୍ପାନୀର ପୁଞ୍ଜିକୁ ଅଂଶ ଧନ/ଅଂଶ ପୁଞ୍ଜି (share capital) କୁହାଯାଏ । କମ୍ପାନୀର ଅଂଶଧନକୁ ନିମ୍ନ ଶ୍ରେଣୀମାନଙ୍କରେ ବିଭକ୍ତ କରାଯାଇଥାଏ:

- **ନାମମାତ୍ର/ପ୍ରାଧିକୃତ/ପଞ୍ଜୀକୃତ ପୁଞ୍ଜି (Nominal/Authorised/Registered Capital)**

  ଏହା ହେଉଛି ସର୍ବାଧିକ ଅଂଶଧନ ରାଶି ଯାହାର ନିର୍ଗମନ ନିମନ୍ତେ ଏକ କମ୍ପାନୀ ତା'ର ସଂସ୍ଥାଜ୍ଞାପକ ପତ୍ର ଅନୁସାରେ ଅଧିକାର ପ୍ରାପ୍ତ ହୋଇଥାଏ ।

- **ନିର୍ଗମିତ ପୁଞ୍ଜି (Issued Capital)**

  ନିର୍ଗମିତ ପୁଞ୍ଜି ହେଉଛି ପ୍ରାଧିକୃତ ପୁଞ୍ଜିର ସେହି ଭାଗ ଯାହା କମ୍ପାନୀ ସର୍ବସାଧାରଣଙ୍କୁ (ଯେଉଁମାନଙ୍କ ମଧ୍ୟରେ ବିକ୍ରେତା ଅନ୍ତର୍ଭୁକ୍ତ ଥାଇପାରନ୍ତି) ଅଭିଦାନ କିମ୍ବା କ୍ରୟ ନିମନ୍ତେ ଯାଚିଥାଏ । ଏକ କମ୍ପାନୀ ତା'ର ସମୁଦାୟ ପ୍ରାଧିକୃତ ପୁଞ୍ଜିର ନିର୍ଗମନ ଏକାଥରକେ କରିପାରେ କିମ୍ବା ଏହାକୁ ଭାଗ ଭାଗ କରି ଥରକୁ ଥର ନିଜର ଆବଶ୍ୟକତା ଅନୁସାରେ ନିର୍ଗମନ କରିପାରେ । ଏହା (କ) ଅର୍ଥ, ଏବଂ (ଖ) ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ପ୍ରାପ୍ତି ନିମନ୍ତେ କମ୍ପାନୀ ଦ୍ୱାରା (i) ନିଜର ଉଦ୍ୟୋକ୍ତା ଏବଂ (ii) ଅନ୍ୟମାନଙ୍କୁ ନିର୍ଗମିତ ହୋଇଥିବା ଅଂଶଗୁଡ଼ିକର ମୁଦ୍ରିତ (ନାମାଙ୍କିତ) ମୂଲ୍ୟ (nominal value)କୁ ବୁଝାଏ ଏବଂ ଅନ୍ତର୍ଭୁକ୍ତ କରେ ।

- **ଅଭିଦତ୍ତ ପୁଞ୍ଜି (Subscribed Capital)**

  ଏହା ନିର୍ଗମିତ ପୁଞ୍ଜିର ସେହି ଭାଗ ଅଟେ ଯାହାକୁ ସେହି ବ୍ୟକ୍ତିମାନେ ନେଇଥା'ନ୍ତି ବା କ୍ରୟ କରିଥାନ୍ତି ଯେଉଁମାନଙ୍କୁ ତାହା ଅଭିଦାନ (କ୍ରୟ) ନିମନ୍ତେ ଯଚା ଯାଇଥାଏ । କମ୍ପାନୀ ନିର୍ଗମିତ ଅଂଶଗୁଡ଼ିକ ସହିତ ସମାନ କିମ୍ବା ତା'ଠାରୁ ଅଧିକ କିମ୍ବା କମ୍ ଦରଖାସ୍ତ ଗ୍ରହଣ କରିପାରେ । ଏହି ପୁଞ୍ଜି ନିର୍ଗମିତ ପୁଞ୍ଜି ସହିତ ସମାନ କିମ୍ବା ତା'ଠାରୁ କମ୍ ହୋଇପାରିବ । ନିର୍ଗମିତ ଅଂଶଧନର ନାମାଙ୍କିତ ମୂଲ୍ୟର ସେହି ଭାଗ ଯାହା ପ୍ରକୃତରେ ଅଂଶଧାରୀମାନଙ୍କ ଦ୍ୱାରା ପୈଠ (କିମ୍ବା ଅଭିଦତ୍ତ) ହୋଇଛି ତାହା ହିଁ ଅଭିଦତ୍ତ ପୁଞ୍ଜିର ଭାଗ ହୋଇଥାଏ ।

- **ଆହୂତ ପୁଞ୍ଜି (Called up Capital)**

  ଏହା ନିର୍ଗମିତ/ଅଭିଦତ୍ତ ପୁଞ୍ଜିର ସେହି ଭାଗ ଅଟେ ଯାହା ଆବଣ୍ଟିତ ଅଂଶଗୁଡ଼ିକ ଉପରେ ପୈଠ ନିମନ୍ତେ କମ୍ପାନୀ ଦ୍ୱାରା ଆହୂତ ହୋଇଥାଏ ତଥା ଯାହାର ପୈଠ ନିମନ୍ତେ ଅଂଶଧାରୀମାନେ ବାଧ୍ୟ ହୋଇଥା'ନ୍ତି । ଅଂଶଗୁଡ଼ିକର ନିର୍ଗମିତ ମୂଲ୍ୟର ସେହି ଭାଗ ଯାହା ଏକ କମ୍ପାନୀ ଅଂଶଧାରୀମାନଙ୍କଠାରୁ ଦାବୀ ବା ଆହ୍ୱାନ କରିଥାଏ ତାହାକୁ ଆହୂତ ପୁଞ୍ଜି କୁହାଯାଏ ।

- **ଅନାହୂତ ପୁଞ୍ଜି (Uncalled Capital)**

  ଅନାହୂତ ପୁଞ୍ଜି ହେଉଛି ନିର୍ଗମିତ / ଅଭିଦତ୍ତ ପୁଞ୍ଜିର ସେହି ଭାଗ ଯାହା ଆବଣ୍ଟିତ ଅଂଶଗୁଡ଼ିକ ଉପରେ କମ୍ପାନୀଦ୍ୱାରା ଆହୂତ ହୋଇନାହିଁ ।

- **ପ୍ରଦତ୍ତ ପୁଞ୍ଜି (Paid up Capital)**

  ଏହା ଆହୂତ ପୁଞ୍ଜିର ସେହି ଭାଗ ଯାହା ଅଂଶଧାରୀମାନଙ୍କଦ୍ୱାରା ପୈଠ କରାଯାଇଛି । ପ୍ରଦତ୍ତ ପୁଞ୍ଜିର ପରିମାଣ ହିସାବ କରିବା ପାଇଁ ଆହୂତ ପୁଞ୍ଜିରୁ ବକେୟା ଥିବା କିସ୍ତିର ପରିମାଣକୁ ବିୟୋଗ କରି ଦିଆଯାଏ ।

- **ଅଦତ୍ତ (ଅଣପୈଠ) ପୁଞ୍ଜି (Unpaid Capital)**

  ଆହୂତ ପୁଞ୍ଜିର ସେହି ଭାଗ ଯାହା ଆହ୍ୱାନ କରାଯାଇଛି କିନ୍ତୁ ଅଂଶଧାରୀଙ୍କ ଦ୍ୱାରା ପୈଠ ହୋଇନାହିଁ, ତାହାକୁ ଅଦତ୍ତ ପୁଞ୍ଜି, ଅର୍ଥାତ୍ ବକେୟା-ଆହ୍ୱାନ (calls-in-arrear) କୁହାଯାଏ ।

- **ସଞ୍ଚିତ ପୁଞ୍ଜି (Reserve Capital)**

  କମ୍ପାନୀ ନିଜ ଅଂଶଧନ (ପୁଞ୍ଜି)ର କିଛି ଭାଗ ଅନାହୂତ ରଖିପାରେ ଏବଂ ତାକୁ ସଞ୍ଚିତ କରିପାରେ ଯେପରିକି ଏହା କମ୍ପାନୀର ଅବସାନ ସମୟରେ କେବଳ ଆବଶ୍ୟକ ପଡ଼ିଲେ ମଗାଯାଇପାରିବ । ଏହାକୁ ସଞ୍ଚିତ ପୁଞ୍ଜି କୁହାଯାଏ । ଏଥିପାଇଁ କମ୍ପାନୀକୁ ଏକ ସ୍ୱତନ୍ତ୍ର ସଙ୍କଳ୍ପ ଗ୍ରହଣ କରିବାକୁ ହୁଏ । ଅତଃ, ଏହା ଅନାହୂତ ପୁଞ୍ଜିର ସେହି ଭାଗ ଯାହା କେବଳ କମ୍ପାନୀର ଅବସାନ କ୍ଷେତ୍ରରେ ଆହ୍ୱାନ କରାଯିବା (ମାଗିବା) ନିମନ୍ତେ କମ୍ପାନୀ ନିଷ୍ପତ୍ତି ଗ୍ରହଣ କରିଛି ।

## ପାଠ୍ୟଗତ ପ୍ରଶ୍ନ 22.4

1. ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ଲଗାଇ ଶୂନ୍ୟସ୍ଥାନ ପୂରଣ କର:

   (i) ଅଂଶଧନ ପୁଞ୍ଜିର ସେହି ରାଶି (ପରିମାଣ) ଅଟେ ଯାହା ............... ଜରିଆରେ ସଂଗ୍ରହ କରାଯାଇଥାଏ ।

   (ii) ପୁଞ୍ଜି ଯାହା ସଂସ୍ଥାଜ୍ଞାପକ ପତ୍ରର ପୁଞ୍ଜି ଧାରାରେ ଉଲ୍ଲେଖ କରାଯାଇଥାଏ ତାହାକୁ ................. କୁହାଯାଏ ।

   (iii) ପ୍ରାଧିକୃତ ପୁଞ୍ଜିର ସେହି ଭାଗ ଯାହା ସର୍ବସାଧାରଣଙ୍କୁ ଅଭିଦାନ ନିମନ୍ତେ ଯଚା ଯାଇଥାଏ, ତାହାକୁ ................ କୁହାଯାଏ ।

   (iv) ଅନାହୂତ ପୁଞ୍ଜିର ସେହି ଭାଗ ଯାହା ସଞ୍ଚିତିରେ ରଖାଯାଏ ଏବଂ ଯାହାକୁ କେବଳ କମ୍ପାନୀର ଅବସାନ ବେଳେ ଆହ୍ୱାନ କରାଯାଇ ପାରେ ତା'କୁ ............ କୁହାଯାଏ ।

2. ନିମ୍ନ ଉକ୍ତିଗୁଡ଼ିକ ମଧ୍ୟରୁ ଠିକ୍ ଉକ୍ତି ପାଖରେ 'ଠିକ୍' ଓ ଭୁଲ୍ ଉକ୍ତି ପାଖରେ 'ଭୁଲ୍' ଲେଖ ।

   (i) ଅଭିଦତ୍ତ ପୁଞ୍ଜି ନିର୍ଗମିତ ପୁଞ୍ଜି ସହିତ ସମାନ କିମ୍ବା ତା'ଠାରୁ କମ୍ ଅଟେ ।

(ii) ନିର୍ଗମିତ ପୁଞ୍ଜି ସଂସ୍ଥାଜ୍ଞାପକ ପତ୍ରର ପୁଞ୍ଜି ଧାରାରେ ଉଲ୍ଲେଖ କରାଯାଇଥାଏ ।


(iii) ଏକ ଅଂଶଧାରୀଙ୍କର ଦାୟ ଅଂଶର ମୁଦ୍ରିତ / ନାମାଙ୍କିତ ମୂଲ୍ୟ ପର୍ଯ୍ୟନ୍ତ ସୀମିତ ଥାଏ ।

(iv) ସଞ୍ଚିତ ପୁଞ୍ଜି କମ୍ପାନୀ ଦ୍ୱାରା ଯେ କୌଣସି ସମୟରେ ଆହ୍ୱାନ କରାଯାଇପାରେ ।


## ତୁମେ ଯାହା ଶିଖିଲ

- କମ୍ପାନୀ ବ୍ୟକ୍ତିମାନଙ୍କର ଏକ ସଂଘ ଅଟେ ଯେଉଁମାନେ ଏହାର ପୁଞ୍ଜି ଅଭିଦାନ କରିଥା'ନ୍ତି ଏବଂ ଏହା କମ୍ପାନୀ ଆଇନ୍, 1956 ଅଧୀନରେ ପଞ୍ଜିକୃତ ହୋଇଥାଏ ।

- କମ୍ପାନୀର ବୈଶିଷ୍ଟ୍ୟଗୁଡ଼ିକ ହେଲା:




- କମ୍ପାନୀର ପ୍ରକାର ହେଲା:




- ଘରୋଇ କମ୍ପାନୀ ହେଉଛି ଏକ କମ୍ପାନୀ ଯାହା ତା'ର 'ଆଭ୍ୟନ୍ତରୀଣ ନିୟମାବଳୀ' ଦ୍ୱାରା:

  (i) ସଦସ୍ୟମାନଙ୍କର ସର୍ବାଧିକ ସଂଖ୍ୟା ପାଚାଶ ମଧ୍ୟରେ ସୀମିତ ରଖିଥାଏ ।

  (ii) ଅଂଶଗୁଡ଼ିକର ହସ୍ତାନ୍ତରଣ ଉପରେ କଟକଣା ଲଗାଇଥାଏ

  (iii) ସର୍ବସାଧାରଣଙ୍କୁ ନିଜର ଅଂଶ କ୍ରୟ କରିବା ପାଇଁ ଆମନ୍ତ୍ରଣ ଉପରେ କଟକଣା ରଖିଥାଏ ।

  (iv) ଏହିଭଳି କମ୍ପାନୀର ସର୍ବନିମ୍ନ ପ୍ରଦତ୍ତ ପୁଞ୍ଜି ଏକ ଲକ୍ଷ ଟଙ୍କା ଅଟେ ।

- ଘରୋଇ କମ୍ପାନୀ ନିଜ ନାମ ଶେଷରେ 'ପ୍ରାଇଭେଟ୍ ଲିମିଟେଡ୍' ଶବ୍ଦ ଯୋଡ଼ିବା ଅନିବାର୍ଯ୍ୟ ଅଟେ ।

- ଯେଉଁ କମ୍ପାନୀଗୁଡ଼ିକ ଘରୋଇ କମ୍ପାନୀ ନୁହେଁ ସେଗୁଡ଼ିକ ସର୍ବସାଧାରଣ କମ୍ପାନୀ ଅଟେ ।
- କମ୍ପାନୀ ଅଂଶ ପତ୍ରର ନିର୍ଗମନ ଜରିଆରେ ଏହାର ପୁଞ୍ଜି ଆହରଣ କରେ ।
- ଅଂଶ ଦୁଇ ପ୍ରକାରର ଅଟେ: ସାଧାରଣ ଅଂଶ ଏବଂ ଅଗ୍ରାଧିକାର ଯୁକ୍ତ ଅଂଶ । ଅଗ୍ରାଧିକାର ଯୁକ୍ତ ଅଂଶ ଲାଭାଂଶ ପ୍ରଦାନ ପରିପ୍ରେକ୍ଷୀରେ ଅନ୍ୟ ଅଂଶ ତୁଳନାରେ ଅଗ୍ରାଧିକାର ବହନ କରିଥାଏ । ଅଗ୍ରାଧିକାର ଯୁକ୍ତ ଅଂଶ ବ୍ୟତୀତ ଅନ୍ୟ ଅଂଶଗୁଡ଼ିକୁ 'ସାଧାରଣ ଅଂଶ' କୁହାଯାଏ ।

ଅଂଶଧନ ପୁଞ୍ଜି

- ପ୍ରାଧିକୃତ / ନାମମାତ୍ର | ନିର୍ଗମିତ | ଅଭିଦତ୍ତ | ଆହୂତ | ଅନାହୂତ | ପ୍ରଦତ୍ତ | ଅଦତ୍ତ | ସଞ୍ଚିତ

## ପାଠ୍ୟାନ୍ତ ପ୍ରଶ୍ନ

1. କମ୍ପାନୀର ସଂଜ୍ଞା ଦିଅ । ସଂକ୍ଷେପରେଏହାର ବୈଶିଷ୍ଟ୍ୟଗୁଡ଼ିକୁ ବୁଝାଅ ।
2. ଅଗ୍ରାଧିକାରଯୁକ୍ତ ଅଂଶ କ'ଣ ? ସାଧାରଣ ଅଂଶ ଓ ଅଗ୍ରାଧିକାର ଯୁକ୍ତ ଅଂଶ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
3. ଏକ ଘରୋଇ କମ୍ପାନୀ ଉପରେ ଥିବା ବିଭିନ୍ନ କଟକଣାଗୁଡ଼ିକର ତାଲିକା କର । ଏକ ସର୍ବସାଧାରଣ କମ୍ପାନୀ ଏବଂ ଏକ ଘରୋଇ କମ୍ପାନୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
4. ଅଂଶଧନ (ପୁଞ୍ଜି) କ'ଣ ? ବିଭିନ୍ନ ପ୍ରକାର ଅଂଶଧନକୁ ବୁଝାଅ ।
5. ବିଭିନ୍ନ ପ୍ରକାର କମ୍ପାନୀକୁ ବୁଝାଅ ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 22.1**

I. (i) କୃତ୍ରିମ ବ୍ୟକ୍ତି (ii) ଅଂଶ
(iii) ସାଧାରଣ ମୋହର (iv) ପ୍ରତିନିଧିତ୍ୱ

II. (i) × (ii) 3 (iii) × (iv) 3

**ପାଠ୍ୟଗତ ପ୍ରଶ୍ନ 22.2**

I. (i) ସାତ (ii) 51%
(iii) ଏକ ଲକ୍ଷ (iv) ଭାରତ ବାହାରେ

II. (i) ଘରୋଇ

(ii) ଅଂଶଦ୍ୱାରା ସୀମିତ କମ୍ପାନୀ

(iii) ବୈଧାନିକ କମ୍ପାନୀ

(iv) ଅସୀମିତ ଦାୟ କମ୍ପାନୀ

(v) ଧାରକ କମ୍ପାନୀ

**ପାଠ୍ୟଗତ ପ୍ରଶ୍ନ 22.3**

(i) ଅଂଶଧନ

(ii) ଅଂଶ

(iii) ସାଧାରଣ ଅଂଶଧାରୀ

(iv) ଅଗ୍ରାଧିକାର ଯୁକ୍ତ ଅଂଶଧାରୀ, ସାଧାରଣ ଅଂଶଧାରୀ

**ପାଠ୍ୟଗତ ପ୍ରଶ୍ନ 22.4**

I. (i) ଅଂଶ(ପତ୍ର)ର ନିର୍ଗମନ (ii) ପ୍ରାଧିକୃତ ପୁଞ୍ଜି

(iii) ନିର୍ଗମିତ ପୁଞ୍ଜି (iv) ସଞ୍ଚିତ ପୁଞ୍ଜି

II. (i) ଠିକ୍ (ii) ଭୁଲ୍ (iii) ଠିକ୍ (iv) ଭୁଲ

***କାର୍ଯ୍ୟ:*** ତୁମର ବାପା ଏକ କମ୍ପାନୀର ଜଣେ ଅଂଶଧାରୀ ଅଟନ୍ତି । ପ୍ରତି ବର୍ଷ ସେ କମ୍ପାନୀଠାରୁ ରିପୋର୍ଟ (ବିବରଣୀ) ପ୍ରାପ୍ତ ହୁଅନ୍ତି । ଏହି ବିବରଣୀକୁ କମ୍ପାନୀର ବାର୍ଷିକ ବିବରଣୀ କୁହାଯାଏ । ଏହି ବିବରଣୀକୁ ଦେଖି ନିମ୍ନଗୁଡ଼ିକୁ ବାହାର କର:

1. କମ୍ପାନୀର ନାମ, 'ଲିମିଟେଡ୍' କିମ୍ବା 'ପ୍ରାଇଭେଟ୍ ଲିମିଟେଡ' ସହିତ

2. ପୁଞ୍ଜିର ପ୍ରକାର

(କ) ପ୍ରାଧିକୃତ ....................

(ଖ) ନିର୍ଗମିତ ......................

(ଗ) ଆହୂତ ..................

(ଘ) ବକେୟା-ଆହ୍ୱାନ .....................

(ଙ) ସଞ୍ଚିତ ପୁଞ୍ଜି ..................

# 23

# ଅଂଶ ପତ୍ରର ନିର୍ଗମନ

# (Issue of Shares)

ପୂର୍ବ ପାଠରେ ତୁମେ କମ୍ପାନୀ, ଏହାର ଅର୍ଥ, ବୈଶିଷ୍ଟ୍ୟ ଓ ଏହାର ବିଭିନ୍ନ ପ୍ରକାର ଭେଦ ସମ୍ବନ୍ଧରେ ପଢ଼ିଛ । ତୁମେ ଆହୁରି ମଧ୍ୟ ଅଂଶଧନ ଓ ଏହାର ବିଭିନ୍ନ ପ୍ରକାର ସହିତ ପରିଚିତ ହୋଇସାରିଛ । ଅଂଶଧନ ଏକ କମ୍ପାନୀ ପାଇଁ ବିତ୍ତର ଏକ ମୁଖ୍ୟ ଉତ୍ସ ଅଟେ । ଏହି ପାଠରେ ଆମେ ପୁଞ୍ଜି ଆହରଣ ପାଇଁ ଅଂଶପତ୍ରର ନିର୍ଗମନର ପଦ୍ଧତି ଏବଂ କମ୍ପାନୀର ବହିରେ ଏହାର ହିସାବରକ୍ଷଣ ଉପଚାର (ଲେଖାଯୋଖା) ଅଧ୍ୟୟନ କରିବା ।

## ଉଦ୍ଦେଶ୍ୟ

ଏହି ପାଠ ଅଧ୍ୟୟନ ପରେ ତୁମେ:

- ଅଂଶପତ୍ର ନିର୍ଗମନର ପ୍ରଣାଳୀ ବୁଝାଇ ପାରିବ;
- ବୁଝାଇ ପାରିବ ଯେ ଅଂଶ ରାଶିକୁ ଏକ କାଳୀନ (ମୋଟାରାଶି) ଆକାରରେ କିମ୍ବା ଦୁଇ ବା ତତୋଽଧିକ କିସ୍ତିରେ ଆହ୍ୱାନ କରାଯାଇ ପାରିବ;
- ଉଲ୍ଲେଖ କରିପାରିବ ଯେ ଅଂଶ ପତ୍ରଗୁଡ଼ିକୁ ସମ ମୂଲ୍ୟରେ, ଅଧିମୂଲ୍ୟରେ ଏବଂ ଅବମୂଲ୍ୟରେ ନିର୍ଗମନ (ପ୍ରଚଳନ) କରାଯାଇପାରେ;
- ଅଂଶପତ୍ରର ନିର୍ଗମନକୁ ଲିପିବଦ୍ଧ କରିବା ପାଇଁ ଜାବେଦା ପ୍ରବିଷ୍ଟିମାନ କରିପାରିବ;
- ବକେୟା ଆହ୍ୱାନ ଏବଂ ଅଗ୍ରୀମ ପ୍ରାପ୍ତ ଆହ୍ୱାନ ଶବ୍ଦଗୁଡ଼ିକୁ ବୁଝାଇ ପାରିବ ।

## 23.1 ଅଂଶପତ୍ରର ନିର୍ଗମନର ପଦ୍ଧତି (Procedure of Issue of Shares)

ଏକ ଅଂଶର ମୁଦ୍ରିତ ମୂଲ୍ୟ ହିଁ ଅଂଶର ସମମୂଲ୍ୟ ଅଟେ । ଏହାକୁ ଅଂଶର ନାମମାତ୍ର ମୂଲ୍ୟ ବା ନାମାଙ୍କିତ ମୂଲ୍ୟ ମଧ୍ୟ କୁହାଯାଏ । ଅଂଶ ପତ୍ରର ନିର୍ଗମନ ପାଇଁ ଗୋଟିଏ କମ୍ପାନୀକୁ ଏକ ନିର୍ଦ୍ଦିଷ୍ଟ ପଦ୍ଧତି ଅନୁସରଣ କରିବାକୁ ପଡ଼ିଥାଏ ଯାହା କି କମ୍ପାନୀ ଆଇନ୍ ଓ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (SEBI) ଦ୍ୱାରା ନିୟନ୍ତ୍ରିତ ଓ ନିୟମିତ ହୋଇଥାଏ । ଅଂଶ ପତ୍ରର ନିର୍ଗମନର ବିଭିନ୍ନ ଉପାୟ ଅଛି ଯାହା ନିମ୍ନ ପ୍ରକାର ହୋଇପାରେ:

(କ) ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବଦଳରେ (For consideration other than cash)

(ଖ) ନଗଦ ଅର୍ଥ ବଦଳରେ (For cash)

### (କ) ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବଦଳରେ ଅଂଶପତ୍ରର ନିର୍ଗମନ

ବେଳେ ବେଳେ କମ୍ପାନୀର ଉଦ୍ୟୋକ୍ତାମାନଙ୍କୁ କମ୍ପାନୀର ପ୍ରତିଷ୍ଠା ସମୟରେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ସେବା ପ୍ରତିବଦଳରେ ଅଂଶପତ୍ର ନିର୍ଗମିତ ହୋଇଥାଏ । ଏହି ଅଂଶପତ୍ରଗୁଡ଼ିକର ନିର୍ଗମିତ ମୂଲ୍ୟକୁ

ସାଧାରଣତଃ 'ସୁନାମ ହିସାବ'ର ଦାୟୀ ପାର୍ଶ୍ୱରେ ଲେଖାଯାଏ ଏବଂ ଜାବେଦା ପ୍ରବିଷ୍ଟି ନିମ୍ନ ପ୍ରକାର ହୁଏ:

ସୁନାମ ହିସାବ                    ଦାୟୀ
    ଦାତା ଅଂଶଧନ ହିସାବ

ଯେତେବେଳେ କୌଣସି କମ୍ପାନୀ ପାଖରେ ସ୍ଥାୟୀ ପରିସମ୍ପତ୍ତି କ୍ରୟ ନିମନ୍ତେ କିମ୍ବା ଉଧାରଦାତାଙ୍କୁ ପୈଠ ନିମନ୍ତେ ଯଥେଷ୍ଟ ପାଣ୍ଠି ନଥାଏ, ସେତେବେଳେ ଏହା ବିକ୍ରେତା/ଉଧାରଦାତାଙ୍କୁ ନଗଦ ଅର୍ଥ ବଦଳରେ ଏହାର ଅଂଶ ଯାଚିପାରେ ଏବଂ ଆବଣ୍ଟିତ କରିପାରେ । ଅଂଶପତ୍ରର କୌଣସି ଆବଣ୍ଟନ ଯାହା ବଦଳରେ ନଗଦ ଅର୍ଥ ପ୍ରାପ୍ତି ହୋଇ ନଥାଏ, ତାହାକୁ 'ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବଦଳରେ ଅଂଶପତ୍ରର ନିର୍ଗମନ' କୁହାଯାଏ । ଉଦାହରଣ ସ୍ୱରୂପ, କୋଠା କ୍ରୟ କରାଗଲା ଏବଂ ଅଂଶପତ୍ର ନିର୍ଗମନ ଦ୍ୱାରା ପୈଠ କରାଗଲା ।

କୋଠା, ଯନ୍ତ୍ରପାତି, ମାଲ୍‌ର ମହଜୁଦ ଆଦି କ୍ରୟ କରାଯିବା ବେଳେ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

1. ପରିସମ୍ପତ୍ତି ହିସାବ                    ଦାୟୀ
    ଦାତା ବିକ୍ରେତା/ଉଧାରଦାତା ହିସାବ
    (ପରିସମ୍ପତ୍ତି କ୍ରୟ କରାଗଲା)

2. ବିକ୍ରେତା/ଉଧାରଦାତା ହିସାବ                    ଦାୟୀ
    ଦାତା ଅଂଶଧନ ହିସାବ
    (ଅଂଶପତ୍ରର ନିର୍ଗମନ, ପ୍ରତ୍ୟେକ ₹.........ର ପୂର୍ଣ୍ଣ ପ୍ରଦତ୍ତ)

### (ଖ) ନଗଦ ଅର୍ଥ ବଦଳରେ ଅଂଶ ପତ୍ରର ନିର୍ଗମନ (Issue of Shares for Cash)

ସାଧାରଣତଃ, ଅଂଶପତ୍ରଗୁଡ଼ିକ ନଗଦ ଅର୍ଥ ବଦଳରେ ନିର୍ଗମନ କରାଯାଏ । କମ୍ପାନୀ ଅଂଶପତ୍ରର ରାଶିକୁ ଏକ କିସ୍ତିରେ କିମ୍ବା ଦୁଇ ବା ତତୋଽଧିକ କିସ୍ତିରେ ଆହ୍ୱାନ କରିପାରେ । କିନ୍ତୁ କମ୍ପାନୀ ସର୍ବଦା ଏହି ରାଶି (ଟଙ୍କା) ଏହାର ବ୍ୟାଙ୍କ୍ ମାଧ୍ୟମରେ ସଂଗ୍ରହ କରେ ।

### (i) ଏକ କିସ୍ତିରେ (ଏକକାଳୀନ) ଅଂଶ ରାଶିର ପ୍ରାପ୍ତି (Receipt of share money in one instalment)

କମ୍ପାନୀ ଅଂଶ ରାଶିକୁ ଏକ କିସ୍ତିରେ ଦରଖାସ୍ତ ସହିତ ଗ୍ରହଣ କରିପାରେ । ଏହି କ୍ଷେତ୍ରରେ କମ୍ପାନୀର ବହିରେ ନିମ୍ନ ଜାବେଦା ପ୍ରବିଷ୍ଟିମାନ କରାଯାଏ:

1. ଦରଖାସ୍ତ/ଆବେଦନ ରାଶିର ପ୍ରାପ୍ତିରେ
    ବ୍ୟାଙ୍କ୍ ହିସାବ                    ସାୟୀ
    ଦାତା ଅଂଶ ଆବେଦନ ହିସାବ
    (....... ଅଂଶ ଉପରେ ଅଂଶ ପ୍ରତି ₹..........ର ଆବେଦନ ରାଶି ପ୍ରାପ୍ତ ହେଲା )

2. ଆବେଦନ ରାଶିର ସ୍ଥାନାନ୍ତରଣରେ
    ଅଂଶ ଆବେଦନ ହିସାବ                    ଦାୟୀ
    ଦାତା ଅଂଶ ପୁଞ୍ଜି ହିସାବ
    (ଆବେଦନ ରାଶି ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା)

**(ii) ଅଂଶରାଶିକୁ ଦୁଇ ବା ଅଧିକ କିସ୍ତିରେ ପ୍ରାପ୍ତ କଲେ**

ଏକ କିସ୍ତିରେ ଅର୍ଥାତ୍ ଆବେଦନ ପତ୍ର ସହିତ ପୂରା ରାଶିର ପୈଠ ଗ୍ରହଣ କରିବା ପରିବର୍ତ୍ତେ କମ୍ପାନୀ ଏହାକୁ ଦୁଇ ବା ଅଧିକ କିସ୍ତିରେ ସଂଗ୍ରହ କରିପାରେ । ପ୍ରଥମ କିସ୍ତି, ଯାହା ଆବେଦନକାରୀଙ୍କୁ ଅଂଶ କ୍ରୟ ପାଇଁ ଦରଖାସ୍ତ ସହିତ ପୈଠ କରିବାକୁ ହୁଏ ତାହାକୁ ଆବେଦନ ରାଶି (application money) କୁହାଯାଏ । ଅଂଶର ଆବଣ୍ଟନରେ ଆବଣ୍ଟିତ ଅଂଶର ପ୍ରାପକଙ୍କୁ ଦ୍ୱିତୀୟ କିସ୍ତିର ପୈଠ କରିବା ଆବଶ୍ୟକ ହୁଏ ଯାହାକୁ ଆବଣ୍ଟିତ ରାଶି (allotment money) କୁହାଯାଏ । ଯଦି କମ୍ପାନୀ ଅଂଶ ରାଶିକୁ ଦୁଇରୁ ଅଧିକ କିସ୍ତିରେ ଆହ୍ୱାନ କରିବାର ନିଷ୍ପତ୍ତି ନିଏ, ତେବେ ଅନ୍ୟ କିସ୍ତି/କିସ୍ତିଗୁଡ଼ିକୁ ଆହୂତ ରାଶି (call money) କୁହାଯାଏ (ଅର୍ଥାତ୍, ପ୍ରଥମ ଆହ୍ୱାନ, ଦ୍ୱିତୀୟ ଆହ୍ୱାନ କିମ୍ବା ଅନ୍ତିମ ଆହ୍ୱାନ) ।

ଉପରୋକ୍ତ କ୍ଷେତ୍ରରେ ନେଣଦେଣଗୁଡ଼ିକ ଜାବେଦାରେ ନିମ୍ନ ପ୍ରକାରେ ଲିପିବଦ୍ଧ କରାଯାଏ:

**(କ) ଆବେଦନ ରାଶିର ପ୍ରାପ୍ତିରେ**

ବ୍ୟାଙ୍କ୍ ହିସାବ ଦାୟୀ

ଦାତା ଅଂଶ ଆବେଦନ ହିସାବ

(.....ଟି ଅଂଶ ପାଇଁ ଅଂଶ ପ୍ରତି ₹...........ଦରରେ ଅଂଶ ଆବେଦନ ରାଶିର ପ୍ରାପ୍ତି)

**(ଖ) ଅଂଶର ଆବଣ୍ଟନରେ**

ନିର୍ଦ୍ଧାରିତ ସମୟ ମଧ୍ୟରେ ଅଂଶ ପାଇଁ ଦରଖାସ୍ତ ଗ୍ରହଣ କରିସାରିବା ପରେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ଅଂଶର ଆବଣ୍ଟନ ନିମନ୍ତେ ଅଗ୍ରସର ହୁଅନ୍ତି । ଅଂଶର ଆବଣ୍ଟନରେ ଆବେଦନ ରାଶି ଅଂଶଧନ (ପୁଞ୍ଜି) ହିସାବକୁ ସ୍ଥାନାନ୍ତରିତ ହୁଏ । ଏଥିପାଇଁ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଅଂଶ ଆବେଦନ ହିସାବ ଦାୟୀ

ଦାତା ଅଂଶ ପୁଞ୍ଜି ହିସାବ

(........ଟି ଅଂଶପାଇଁ ଅଂଶ ପ୍ରତି ₹......... ହିସାବରେ
ଅଂଶ ଆବେଦନ ରାଶିର ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରଣ)

**ଆବଣ୍ଟିତ ରାଶିର ପ୍ରାପ୍ୟ ହେବା ଓ ପ୍ରାପ୍ତ ହେବା**

ଅଂଶର ଆବଣ୍ଟନରେ ପରବର୍ତ୍ତୀ କିସ୍ତି, ଅର୍ଥାତ୍ ଆବଣ୍ଟନ ରାଶି ପ୍ରାପ୍ୟ ହୋଇଯାଏ । ଏହି ପ୍ରାପ୍ୟ ରାଶିର ଅଭିଲେଖନ ପାଇଁ ନିମ୍ନ ପ୍ରବିଷ୍ଟି କରାଯାଏ:

(i) ଆବଣ୍ଟିତ ରାଶି ପ୍ରାପ୍ୟ ହେବା

ଅଂଶ ଆବଣ୍ଟନ ହିସାବ ଦାୟୀ

ଦାତା ଅଂଶ ପୁଞ୍ଜି ହିସାବ

(......ଟି ଅଂଶ ଉପରେ ଅଂଶ ପ୍ରତି ₹.......... ହିସାବରେ
ଅଂଶ ଆବଣ୍ଟିତ ରାଶିର ପ୍ରାପ୍ୟ)

(ii) ଆବଣ୍ଟିତ ରାଶିର ପ୍ରାପ୍ତି

ଅଂଶ ଆବଣ୍ଟିତ ରାଶିର ପ୍ରାପ୍ତିରେ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ ।

ବ୍ୟାଙ୍କ୍ ହିସାବ ଦାୟୀ
 ଦାତା ଅଂଶ ଆବଣ୍ଟନ ହିସାବ
(.......ଟି ଅଂଶର ଆବଣ୍ଟନରେ ପ୍ରାପ୍ୟ ରାଶିର ପ୍ରାପ୍ତି)

**ଅଂଶ ଉପରେ ଆହ୍ୱାନ (Calls on shares)**

ଆବେଦନ ଓ ଆବଣ୍ଟିତ ରାଶିର ପ୍ରାପ୍ତି ପରେ ଯେଉଁ ରାଶି ଅଣ-ପୈଠ (ଅଦତ୍ତ) ହୋଇ ରହିଥାଏ କମ୍ପାନୀ ଦ୍ୱାରା ସେହି ରାଶିକୁ ଯେତେବେଳେ ଆବଶ୍ୟକ ସେତେବେଳେ ଆହ୍ୱାନ କରାଯାଇପାରେ । ଅତଃ, ଆହ୍ୱାନ ହେଉଛି କମ୍ପାନୀ ଦ୍ୱାରା କରାଯାଇଥିବା ଏକ ଦାବୀ, ଯାହାଦ୍ୱାରା ଅଂଶଧାରୀମାନଙ୍କ ଠାରୁ ସେମାନଙ୍କୁ ଆବଣ୍ଟିତ ହୋଇଥିବା ଅଂଶ ଉପରେ ଆହୂତ ରାଶି ମଗା ଯାଇଥାଏ ।

ଅବଶିଷ୍ଟ ରାଶିକୁ କମ୍ପାନୀ ଦୁଇରୁ ଅଧିକ କିସ୍ତିରେ ଆହ୍ୱାନ କରିପାରେ । ଆବଣ୍ଟନ ପରେ ଆହ୍ୱାନ କରାଯାଉଥିବା ରାଶିକୁ ଆହୂତ ରାଶି କୁହାଯାଏ । ଏକ ବା ଏକାଧିକ ଆହ୍ୱାନ କରାଯାଇପାରେ । ଏହା କମ୍ପାନୀର ପାଣ୍ଠିର ଆବଶ୍ୟକତା ଉପରେ ନିର୍ଭର କରେ । ଯେତେବେଳେ କେବଳ ଗୋଟିଏ ଆହ୍ୱାନ କରାଯାଏ ସେତେବେଳେ ନିମ୍ନ ଜାବେଦା ପ୍ରବିଷ୍ଟିମାନ କରାଯାଏ:

**ଆହୂତ ରାଶି ପ୍ରାପ୍ୟ ହେଲେ**

ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ
 ଦାତା ଅଂଶ ପୁଞ୍ଜି ହିସାବ
(.......ଟି ଅଂଶ ଉପରେ ଅଂଶ ପ୍ରତି ₹.......ହାରରେ
ଆହୂତ ରାଶି ପ୍ରାପ୍ୟ ହେଲା)

**ଆହୂତ ରାଶିର ପ୍ରାପ୍ତି**

ଆହୂତ ରାଶିର ପ୍ରାପ୍ତି ପାଇଁ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ବ୍ୟାଙ୍କ୍ ହିସାବ ଦାୟୀ
 ଦାତା ଅଂଶ ପ୍ରଥମ ଓ ଅନ୍ତିମ ଆହ୍ୱାନ ହିସାବ
(.......ଟି ଅଂଶ ଉପରେ ଅଂଶ ପ୍ରତି ₹.......ହାରରେ
ପ୍ରାପ୍ୟ ଆହୂତ ରାଶିର ପ୍ରାପ୍ତି ହେଲା)

**ଟିପ୍ପଣୀ :** ଯଦି କମ୍ପାନୀ ଏକାଧିକ ଆହ୍ୱାନ କରେ, ତେବେ ଦ୍ୱିତୀୟ ଆହୂତ ରାଶି କିମ୍ବା ତୃତୀୟ ଆହୂତ ରାଶିର ପ୍ରାପ୍ୟ ଓ ସେଗୁଡ଼ିକର ପ୍ରାପ୍ତିର ଅଭିଲେଖନ ପାଇଁ ଏକା ହିସାବରକ୍ଷଣ ଉପଚାର (ପଦ୍ଧତି) ଅନୁସୃତ ହୁଏ । ସବା ଶେଷ ଆହ୍ୱାନକୁ ଚୂଡ଼ାନ୍ତ ଆହ୍ୱାନ (final call) କୁହାଯାଏ ।

**ଉଦାହରଣ 1**

ଫ୍ୟାଶନ୍ ଫ୍ୟାବ୍ରିକ୍ସ ଲିଃ ଅପ୍ରେଲ୍ 1, 2006 ରେ 1,00,000 ଅଂଶ ପ୍ରତ୍ୟେକ ₹10 ହିସାବରେ ନିର୍ଗମନ କଲା । ଏହି ଅଂଶଗୁଡ଼ିକ ଉପରେ ଦେୟ ରାଶି ନିମ୍ନ ମତେ ଥିଲା:

ଦରଖାସ୍ତ ସହ ଅଂଶ ପ୍ରତି ₹2
ଆବଣ୍ଟନରେ ଅଂଶ ପ୍ରତି ₹3
ଆହ୍ୱାନରେ ଅଂଶ ପ୍ରତି ₹5

କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର ଏବଂ ସମ୍ପୃକ୍ତ ହିସାବଗୁଡ଼ିକ ପ୍ରସ୍ତୁତ କର ।

**ସମାଧାନ:**

**ଫ୍ୟାଶନ୍ ଫ୍ୟାବ୍ରିକ୍ସ ଲିଃ**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବେଦନ ହିସାବ<br>(ଆବେଦନ ରାଶି ଅଂଶ ପ୍ରତି ₹2 ହାରରେ ପ୍ରାପ୍ତ ହେଲା) | | 2,00,000 | <br>2,00,000 |
| 2. | ଅଂଶ ଆବେଦନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(1,00,000 ଅଂଶ ପାଇଁ ଅଂଶ ଆବେଦନ ରାଶି ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା) | | 2,00,000 | <br>2,00,000 |
| 3. | ଅଂଶ ଆବଣ୍ଟନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(1,00,000 ଅଂଶ ଉପରେ ଅଂଶ ପ୍ରତି ₹3 ହାରରେ ହିସାବରେ ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | 3,00,000 | <br>3,00,000 |
| 4. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବଣ୍ଟନ ହିସାବ<br>(1,00,000 ଅଂଶ ଉପରେ ଅଂଶ ପ୍ରତି ₹3 ହିସାବରେ ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | 3,00,000 | <br>3,00,000 |
| 5. | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(1,00,000 ଅଂଶ ଉପରେ ଅଂଶ ପ୍ରତି ₹5 ହାରରେ ଆହୂତ ରାଶି ପ୍ରାପ୍ୟ ହେଲା) | | 5,00,000 | <br>5,00,000 |
| 6. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ<br>(1,00,000 ଅଂଶ ଉପରେ ଅଂଶ ପ୍ରତି ₹5 ହାରରେ ଆହୂତ ରାଶି ପ୍ରାପ୍ତ ହେଲା) | | 5,00,000 | <br>5,00,000 |

ଟିପ୍ପଣୀ

**ଟିପ୍ପଣୀ:** ଯଦିଓ ଅଂଶ ସାଧାରଣ ଅଂଶ କିମ୍ବା ଅଗ୍ରାଧିକାର ଯୁକ୍ତ ଅଂଶ ହୋଇପାରେ; କିନ୍ତୁ ଯଦି 'ଅଂଶ' ଶବ୍ଦ ବ୍ୟବହୃତ ହୋଇଛି ତେବେ ଏହା ସାଧାରଣ ଅଂଶକୁ ବୁଝାଇବ ।

### ସମ୍ବନ୍ଧିତ ହିସାବ ସମୂହ

### ବ୍ୟାଙ୍କ ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ଆବେଦନ ହିସାବ | | 2,00,000 | | ବଳକା ନି/ନି | | 10,00,000 |
| | ଅଂଶ ଆବଣ୍ଟନ ହିସାବ | | 3,00,000 | | | | |
| | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | 5,00,000 | | | | |
| | | | 10,00,000 | | | | 10,00,000 |
| | ବଳକା ନି/ଅ | | 10,00,000 | | | | |

### ଅଂଶ ଆବେଦନ ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ପୁଞ୍ଜି ହିସାବ | | 2,00,000 | | ବ୍ୟାଙ୍କ ହିସାବ | | 2,00,000 |
| | | | 2,00,000 | | | | 2,00,000 |

### ଅଂଶ ପୁଞ୍ଜି ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ବଳକା ନି/ନି | | 10,00,000 | | ଅଂଶ ଆବେଦନ ହିସାବ | | 2,00,000 |
| | | | | | ଅଂଶ ଆବଣ୍ଟନ ହିସାବ | | 3,00,000 |
| | | | | | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | 5,00,000 |
| | | | 10,00,000 | | | | 10,00,000 |
| | | | | | ବଳକା ନି/ଅ | | 10,00,000 |

### ଅଂଶ ଆବଣ୍ଟନ ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ପୁଞ୍ଜି ହିସାବ | | 3,00,000 | | ବ୍ୟାଙ୍କ୍ ହିସାବ | | 3,00,000 |
| | | | 3,00,000 | | | | 3,00,000 |

### ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ପୁଞ୍ଜି ହିସାବ | | 5,00,000 | | ବ୍ୟାଙ୍କ୍ ହିସାବ | | 5,00,000 |
| | | | 5,00,000 | | | | 5,00,000 |

## ପାଠ୍ୟଗତ ପ୍ରଶ୍ନ 23.1

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

(i) ଅଂଶର ମୁଦ୍ରିତ ମୂଲ୍ୟ ହିଁ ଅଂଶର ............ମୂଲ୍ୟ ।

(ii) ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବଦଳରେ ଅଂଶର ନିର୍ଗମନ ............ ଙ୍କୁ କରାଯାଏ ।

(iii) ନିର୍ଗମିତ ଅଂଶଗୁଡ଼ିକ ଉପରେ ଅଂଶ ରାଶି କମ୍ପାନୀ ଦ୍ୱାରା ଏକକାଳୀନ କିମ୍ବା ...........ରେ ଆହ୍ୱାନ (ଦାବୀ) କରାଯାଇପାରେ ।

(iv) କମ୍ପାନୀ ଅଂଶ ଆବେଦନ ରାଶି ଅଂଶ....................ମାନଙ୍କ ଠାରୁ ପ୍ରାପ୍ତ କରିଥାଏ ।

## 23.2 ସମ୍ପୂର୍ଣ୍ଣ, କମ୍ ଓ ବେଶୀ ଅଭିଦାନ (Full, under and over subscription)

କମ୍ପାନୀ ପୁଞ୍ଜି ଆହରଣ ନିମନ୍ତେ କିଛି ସଂଖ୍ୟକ ଅଂଶର ନିର୍ଗମନ କରିବାକୁ ନିଷ୍ପତ୍ତି ନିଏ । ଏହା ସର୍ବସାଧାରଣଙ୍କୁ ଏହି ଅଂଶଗୁଡ଼ିକ କ୍ରୟ କରିବା ନିମନ୍ତେ ଆମନ୍ତ୍ରଣ କରେ ।

ବର୍ତ୍ତମାନ ତିନୋଟି ସ୍ଥିତି ଉପୁଜି ପାରେ:

### I. ସମ୍ପୂର୍ଣ୍ଣ ଅଭିଦାନ (Full Subscription)

କମ୍ପାନୀ ଯେତିକି ସଂଖ୍ୟକ ଅଂଶ ଲୋକମାନଙ୍କୁ ବିକ୍ରୀ କରିବା ପାଇଁ ଅର୍ପଣ କରିଛି ଠିକ୍ ସେତିକି ସଂଖ୍ୟକ ଅଂଶ ପାଇଁ ଦରଖାସ୍ତ ଗ୍ରହଣ କରିପାରେ । ଏହାକୁ ସମ୍ପୂର୍ଣ୍ଣ ଅଭିଦାନ କୁହାଯାଏ । ସମ୍ପୂର୍ଣ୍ଣ ଅଭିଦାନ ସ୍ଥିତିରେ ନିମ୍ନ ଜାବେଦା ପ୍ରବିଷ୍ଟ କରାଯିବ :

କ) ଆବେଦନ ରାଶିର ପ୍ରାପ୍ତିରେ

ବ୍ୟାଙ୍କ୍ ହିସାବ ଦାୟୀ

ଦାତା ଅଂଶ ଆବେଦନ ହିସାବ

(..... ଅଂଶ ପାଇଁ ଆବେଦନ ରାଶି ପ୍ରାପ୍ତ ହେଲା)



ଖ) ଅଂଶର ଆବଣ୍ଟନରେ

ଅଂଶ ଆବେଦନ ହିସାବ ଦାୟୀ

ଦାତା ଅଂଶ ପୁଞ୍ଜି ହିସାବ

(ଅଂଶଗୁଡ଼ିକର ଆବେଦନ ରାଶି ସେଗୁଡ଼ିକର ଆବଣ୍ଟନରେ
ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା)

II. କମ୍ପାନୀ ଯେତିକି ସଂଖ୍ୟକ ଅଶ ଅଭିଦାନ ପାଇଁ ଅର୍ପଣ କରିଛି ସେତିକି ସଂଖ୍ୟକ ଅଂଶ ପାଇଁ ଦରଖାସ୍ତ ପ୍ରାପ୍ତ ନ ହେଲେ ନିମ୍ନ ଦୁଇଟି ସ୍ଥିତିରୁ ଗୋଟିଏ ଉପୁଜି ପାରେ :

(i) କମ୍-ଅଭିଦାନ ବା ଅବ-ଅଭିଦାନ (under subscription)

(ii) ବେଶୀ-ଅଭିଦାନ ବା ଅଧି-ଅଭିଦାନ (over subscription)

(i) **କମ୍ ଅଭିଦାନ ବା ଅବ-ଅଭିଦାନ**

ଅଂଶର ନିର୍ଗମନ କମ୍-ଅଭିଦାନ ହୋଇଛି ବୋଲି ସେତେବେଳେ କୁହାଯାଏ ଯେତେବେଳେ କମ୍ପାନୀ ସର୍ବସାଧାରଣଙ୍କୁ ଅଭିଦାନ ପାଇଁ ଅର୍ପଣ କରିଥିବା ଅଂଶଗୁଡ଼ିକର ସଂଖ୍ୟାଠାରୁ କମ୍ ସଂଖ୍ୟକ ଅଂଶ ନିମନ୍ତେ ଦରଖାସ୍ତ ପ୍ରାପ୍ତ ହୋଇଥାଏ । ଏହି କ୍ଷେତ୍ରରେ କମ୍ପାନୀକୁ ଆବଣ୍ଟନ ସମ୍ବନ୍ଧିତ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ ଯେହେତୁ ପ୍ରତ୍ୟେକ ଆବେଦକଙ୍କୁ ସେ ଆବେଦନ କରିଥିବା ସମସ୍ତ ଅଂଶ ଆବଣ୍ଟିତ କରାଯାଏ । କିନ୍ତୁ କମ୍ପାନୀ ଅଂଶର ଆବଣ୍ଟନ ପ୍ରକ୍ରିୟା ନିମନ୍ତେ ଅଗ୍ରସର ହୋଇ ପାରିବ, ଯଦି ଏହା ଅଂଶ ପାଇଁ ପ୍ରାପ୍ତ କରିଥିବା ଅଭିଦାନ ଅତିକମ୍‌ରେ ଆବଶ୍ୟକୀୟ ସର୍ବନିମ୍ନ ସଂଖ୍ୟକ ଅଂଶ ସହିତ ସମାନ ହୋଇଥିବ, ଯାହାକୁ ସର୍ବନିମ୍ନ ଅଭିଦାନ (minimum subscription) କୁହାଯାଏ ।

(ii) **ବେଶୀ-ଅଭିଦାନ ବା ଅଧି-ଅଭିଦାନ**

ଯେତେବେଳେ କମ୍ପାନୀ ଅଭିଦାନ ପାଇଁ ସର୍ବସାଧାରଣଙ୍କୁ ଅର୍ପଣ କରିଥିବା ଅଂଶଗୁଡ଼ିକର ସଂଖ୍ୟାଠାରୁ ଅଧିକ ସଂଖ୍ୟକ ଅଂଶ ପାଇଁ ଦରଖାସ୍ତ ପ୍ରାପ୍ତ କରେ ଏହାକୁ ବେଶୀ-ଅଭିଦାନ ସ୍ଥିତି କୁହାଯାଏ । କମ୍ପାନୀ ଅର୍ପଣ କରିଥିବା ଅଂଶ ଅପେକ୍ଷା ଅଧିକ ସଂଖ୍ୟକ ଅଂଶ ଆବଣ୍ଟନ କରିପାରିବ ନାହିଁ । ବେଶୀ-ଅଭିଦାନ ସ୍ଥିତିରେ କମ୍ପାନୀ ନିକଟରେ ନିମ୍ନ ବିକଳ୍ପଗୁଡ଼ିକ ଥାଏ:

**ବିକଳ୍ପ ।**

(i) **ଅଧିକା ଆବେଦନ ପତ୍ରର ଖାରଜ ଓ ପ୍ରାପ୍ତ ଟଙ୍କା ଫେରସ୍ତ**

କମ୍ପାନୀ ନିର୍ଗମନ ପାଇଁ ଅର୍ପଣ କରିଥିବା ଅଂଶଠାରୁ ଯେତିକି ଅଧିକ ସଂଖ୍ୟକ ଅଂଶ ପାଇଁ ଆବେଦନ ପତ୍ର ପ୍ରାପ୍ତ କରିଥାଏ ସେହି ଅଧିକା ଆବେଦନ ପତ୍ରକୁ ଖାରଜ କରିପାରେ ଏବଂ ସେହି ଆବେଦନକାରୀଙ୍କ ନିକଟକୁ ଖାରଜ ସମ୍ପର୍କିତ ଚିଠି ପଠାଇଦିଏ । ଏହି କ୍ଷେତ୍ରରେ ଆବେଦନକାରୀଙ୍କଠାରୁ ପ୍ରାପ୍ତ ଆବେଦନ ରାଶି ସେମାନଙ୍କୁ ସମ୍ପୂର୍ଣ୍ଣ ଫେରସ୍ତ କରି ଦିଆଯାଏ । ସେଥିପାଇଁ ଜାବେଦା ପ୍ରବିଷ୍ଟି ନିମ୍ନ ପ୍ରକାର କରାଯାଏ:



ଟିପ୍ପଣୀ

ଅଂଶ ଆବେଦନ ହିସାବ ଦାୟୀ

ଦାତା ବ୍ୟାଙ୍କ୍ ହିସାବ

(..... ଅଂଶ ଉପରେ ଆବେଦନ ରାଶି ଆବେଦକଙ୍କୁ ଫେରସ୍ତ ହେଲା)

(ii) ଆଧିକ୍ୟ ଆବେଦନ ରାଶିକୁ ଆବଣ୍ଟନରେ ଦେୟ (ପ୍ରାପ୍ୟ) ରାଶିରେ ସମାଯୋଜନ

ଏଥିପାଇଁ ଜାବେଦା ପ୍ରବିଷ୍ଟି ହେଲା:

ଅଂଶ ଆବେଦନ ହିସାବ ଦାୟୀ

ଦାତା ଅଂଶ ଆବଣ୍ଟନ ହିସାବ

(ଆଧିକ୍ୟ ଆବେଦନ ରାଶି ଆବଣ୍ଟନରେ ପ୍ରାପ୍ୟ ରାଶିରେ ସମାଯୋଜିତ ହେଲା)

ଯଦି ଆଂଶିକ ଭାବେ ଗୃହୀତ ଆବେଦନ ପତ୍ର ଉପରେ ପ୍ରାପ୍ତ ଆବେଦନ ରାଶି ସେହି ରାଶିଠାରୁ ଅଧିକ ହୁଏ ଯାହା ଆବଣ୍ଟିତ ରାଶିର ସମାଯୋଜନ ପାଇଁ ଆବଶ୍ୟକ ଅଟେ, ତେବେ ଏହି ଆଧିକ୍ୟ ରାଶିକୁ ଫେରସ୍ତ କରିଦିଆଯାଏ । ଯଦି କମ୍ପାନୀର ଆଭ୍ୟନ୍ତରୀଣ ନିୟମାବଳୀ ଅଧିକାର ଦେଇଥାଏ, ତେବେ ନିର୍ଦ୍ଦେଶକମାନେ ଏହି ଆଧିକ୍ୟ ରାଶିକୁ ଆଗ୍ରୀମ ପ୍ରାପ୍ତ ଆହ୍ୱାନ (calls-in-advance) ରୂପରେ ରଖି ଦେଇପାରିବେ । ଯାହା ଭବିଷ୍ୟତରେ ପ୍ରାପ୍ୟ ଆହ୍ୱାନ/ଆହ୍ୱାନଗୁଡ଼ିକ ବିରୁଦ୍ଧରେ ସମାଯୋଜିତ ହେବ । ଏଥିପାଇଁ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଅଂଶ ଆବେଦନ ହିସାବ ଦାୟୀ

ଦାତା ଅଗ୍ରୀମ-ପ୍ରାପ୍ତ-ଆହ୍ୱାନ ହିସାବ

(..... ଅଂଶ ଉପରେ ପ୍ରାପ୍ତ ଆଧିକ୍ୟ ଆବେଦନ ରାଶିର ଅଗ୍ରୀମ-ପ୍ରାପ୍ତ ଆହ୍ୱାନ ରୂପରେ ସମାଯୋଜନ)

**ବିକଳ୍ପ - II**

**ଆବେଦନ ପତ୍ରର ଆଂଶିକ ଗ୍ରହଣ/ସ୍ୱୀକୃତି (Partial acceptance of Applications)**

କେତେକ କ୍ଷେତ୍ରରେ କମ୍ପାନୀ ଅଭିଦାନ ପାଇଁ ଆସିଥିବା ଆବେଦନ ପତ୍ରକୁ ଆଂଶିକ ଭାବେ ଗ୍ରହଣ କରେ । ଅର୍ଥାତ୍ କମ୍ପାନୀ ଯେତିକି ସଂଖ୍ୟକ ଅଂଶ ପାଇଁ ଆବେଦନ ପତ୍ର ପାଇଥାଏ ସେତିକି ସଂଖ୍ୟକ ଅଂଶ ପୂର୍ଣ୍ଣ ମାତ୍ରାରେ ଆବଣ୍ଟନ କରେନାହିଁ । ଉଦାହରଣ ସ୍ୱରୂପ ଯଦି ଜଣେ ଆବେଦକ 5,000 ଅଂଶ ପାଇଁ ଆବେଦନ କରିଛନ୍ତି ଏବଂ ତାଙ୍କୁ କେବଳ 2,000 ଅଂଶ ଆବଣ୍ଟିତ ହୋଇଛି, ତେବେ ଏହାକୁ ଆବେଦନ ପତ୍ରର ଆଂଶିକ ଗ୍ରହଣ କରାଯାଇଛି ବୋଲି କୁହାଯିବ । କମ୍ପାନୀ ଏପରି ଏକ ସୂତ୍ର ବାହାର କରିପାରେ ଯାହା ଅନୁସାରେ ଆବେଦନ ପତ୍ର ଆଂଶିକ ଭାବେ ଗ୍ରହଣ କରାଯାଇ ପାରିବ କିମ୍ବା ଆନୁପାତିକ ଆବଣ୍ଟନ (Prorata allotment) କରାଯାଇ ପାରିବ । ଆନୁପାତିକ ଆବଣ୍ଟନର ଅର୍ଥ ହେଲା ଆବେଦକମାନଙ୍କୁ ସମାନୁପାତିକ ଭାବେ ଅଂଶର ଆବଣ୍ଟନ କରିବା । ଏହି କ୍ଷେତ୍ରରେ କମ୍ପାନୀ ଦରଖାସ୍ତ ସହିତ ପ୍ରାପ୍ତ କରିଥିବା ଆଧିକ୍ୟ ଅଂଶ ରାଶିକୁ ଆଂଶିକ ଭାବେ ଗୃହୀତ ଆବେଦନ ପତ୍ର ଉପରେ ପ୍ରାପ୍ୟ ଅଂଶ ଆବଣ୍ଟନ ରାଶି ବାବଦ ସମାଯୋଜିତ କରିଦିଏ । ଆଧିକ୍ୟ ଆବେଦନ ରାଶିର ଅଂଶ ଆବଣ୍ଟନ ରାଶି ବାବଦ ସମାଯୋଜନକୁ ଲିପିବଦ୍ଧ କରିବା ପାଇଁ ଜାବେଦା ପ୍ରବିଷ୍ଟି ନିମ୍ନ ପ୍ରକାର ହୁଏ:

ଟିପ୍ପଣୀ

ଅଂଶ ଆବେଦନ ହିସାବ ଦାୟୀ

ଦାତା ଅଂଶ ଆବଣ୍ଟନ ହିସାବ

(...... ଅଂଶର ଅଂଶ ଆବେଦନ ରାଶି ଅଂଶ ଆବଣ୍ଟନ ହିସାବକୁ ସ୍ଥାନାନ୍ତରିତ ହେଲା)

**ଉଦାହରଣ - 2**

ଦି ଫୁଲ୍ ହେଲ୍‌ଥ କେୟାର୍ ଲିଃ ଅଂଶ ପ୍ରତି ₹100 ହିସାବରେ 20,000 ଅଂଶପତ୍ର ସର୍ବସାଧାରଣଙ୍କୁ ଅଭିଦାନ ନିମନ୍ତେ ଅର୍ପଣ କଲେ ଯାହାର ଦେୟ (ପ୍ରାପ୍ୟ) ଏହିପରି ଥିଲା: ଦରଖାସ୍ତ ସହ ଅଂଶ ପ୍ରତି ₹30, ଆବଣ୍ଟନରେ ଅଂଶ ପ୍ରତି ₹30 ଏବଂ ଅବଶିଷ୍ଟ ଆହ୍ୱାନରେ । 30,000 ଅଂଶ ପାଇଁ ଆବେଦନ ପତ୍ର ପ୍ରାପ୍ତ ହେଲା । 5,000 ଅଂଶ ପାଇଁ ଆବେଦନକୁ ସମ୍ପୂର୍ଣ୍ଣ ଖାରଜ କରାଗଲା ଏବଂ ଆବେଦନ ରାଶି ଫେରସ୍ତ କରାଗଲା । ଅବଶିଷ୍ଟ ଆବେଦକଙ୍କୁ ପ୍ରସ୍ତାବିତ (ଅର୍ପିତ) ଅଂଶ ଆବଣ୍ଟିତ କରାଗଲା । ସେମାନଙ୍କର ଆଧିକ୍ୟ ଆବେଦନ ରାଶି ଆବଣ୍ଟନରେ ପ୍ରାପ୍ୟ ରାଶି ବାବଦରେ ସମାଯୋଜିତ ହେଲା । ଆହୂତ ରାଶି ମଗାଗଲା ଓ ସମୟ ଅନୁସାରେ ପ୍ରାପ୍ତ ହେଲା । କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଫୁଲ୍ ହେଲ୍‌ଥ କେୟାର୍ ଲିଃ**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ | | 9,00,000 | |
| | ଦାତା ଅଂଶ ଆବେଦନ ହିସାବ | | | 9,00,000 |
| | (30,000 ଅଂଶପାଇଁ ଅଂଶ ପ୍ରତି ₹30 ହାରରେ ଆବେଦନ ରାଶି ପ୍ରାପ୍ତ ହେଲା) | | | |
| 2. | ଅଂଶ ଆବେଦନ ହିସାବ ଦାୟୀ | | 9,00,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 6,00,000 |
| | ଦାତା ବ୍ୟାଙ୍କ୍ ହିସାବ | | | 1,50,000 |
| | ଦାତା ଅଂଶ ଆବଣ୍ଟନ ହିସାବ | | | 1,50,000 |
| | (20,000 ଅଂଶର ଆବେଦନ ରାଶି ସେଗୁଡ଼ିକର ଆବଣ୍ଟନରେ ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା । 5,000 ଅଂଶର ଆବେଦନ ରାଶି ଫେରସ୍ତ ହେଲା ଓ 5,000 ଅଂଶର ଆବେଦନ ରାଶି ଆବଣ୍ଟନରେ ପ୍ରାପ୍ୟ ରାଶି ବାବଦରେ ସମାଯୋଜିତ ହେଲା) | | | |

| | | | | | |
|---|---|---|---|---|---|
| 3. | ଅଂଶ ଆବଣ୍ଟନ ହିସାବ | ଦାୟୀ | | 6,00,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 6,00,000 |
| | (ଆବଣ୍ଟନ ରାଶି ପ୍ରାପ୍ୟ ହେଲା) | | | | |
| 4. | ବ୍ୟାଙ୍କ୍ ହିସାବ | ଦାୟୀ | | 4,50,000 | |
| | ଦାତା ଅଂଶ ଆବଣ୍ଟନ ହିସାବ | | | | 4,50,000 |
| | (ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | | | |
| 5. | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | ଦାୟୀ | | 8,00,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 8,00,000 |
| | (ଆହୂତ ରାଶି ପ୍ରାପ୍ୟ ହେଲା) | | | | |
| 6. | ବ୍ୟାଙ୍କ୍ ହିସାବ | ଦାୟୀ | | 8,00,000 | |
| | ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | | | 8,00,000 |
| | (ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | | | |

### ପାଠ୍ୟଗତ ପ୍ରଶ୍ନ 23.2

ନିମ୍ନ ବାକ୍ୟଗୁଡ଼ିକରେ ଉପଯୁକ୍ତ ଶବ୍ଦ କିମ୍ବା ଶବ୍ଦାବଳୀ ଲଗାଇ ଶୂନ୍ୟସ୍ଥାନ ପୂରଣ କର:

(i) ଯେତେବେଳେ କମ୍ପାନୀ ଅଭିଦାନ ପାଇଁ ଯେତିକି ସଂଖ୍ୟକ ଅଂଶ ଅର୍ପଣ କରିଥାଏ ତା'ଠାରୁ ଯଦି ଅଧିକ ସଂଖ୍ୟକ ଅଂଶ ପାଇଁ ଆବେଦନ ପତ୍ର ପ୍ରାପ୍ତ କରେ, ତେବେ ଏହାକୁ ............... ସ୍ଥିତି କୁହାଯାଏ ।

(ii) ଯେତେବେଳେ ଅଂଶ ରାଶି ଦୁଇ ବା ତତୋଽଧିକ କିସ୍ତିରେ ପ୍ରାପ୍ତ କରାଯିବ ସେତେବେଳେ ପ୍ରଥମ କିସ୍ତିକୁ ................ କୁହାଯାଏ ।

(iii) ଆହ୍ୱାନ କମ୍ପାନୀ ଦ୍ୱାରା କରାଯାଇଥିବା ଏକ ଦାବୀ ଅଟେ ଯାହା ଦ୍ୱାରା ଅଂଶଧାରୀମାନଙ୍କୁ ....................... ରାଶି ପୈଠ ନିମନ୍ତେ ମଗାଯାଇଥାଏ ।

(iv) ଏକ କମ୍ପାନୀ ନିର୍ଗମିତ କରିଥିବା ଅଂଶଠାରୁ ଅଧିକ ସଂଖ୍ୟକ ଅଂଶ ଆବଣ୍ଟନ କରି ..................... ।

## 23.3 ଅଧିମୂଲ୍ୟରେ ଅଂଶପତ୍ରର ନିର୍ଗମନ (Issue of shares at premium)

ଏକ କମ୍ପାନୀ ଏହାର ଅଂଶଗୁଡ଼ିକୁ ସେଗୁଡ଼ିକର ମୁଦ୍ରିତ ମୂଲ୍ୟରେ ନିର୍ଗମିତ କରିପାରେ । ଯେତେବେଳେ କମ୍ପାନୀ ତା'ର ଅଂଶଗୁଡ଼ିକୁ ସେଗୁଡ଼ିକର ମୁଦ୍ରିତ ମୂଲ୍ୟରେ ନିର୍ଗମିତ କରେ ଅଂଶ ସମମୂଲ୍ୟରେ ନିର୍ଗମିତ ହୋଇଛି ବୋଲି କୁହାଯିବ । କମ୍ପାନୀ ତା'ର ଅଂଶକୁ ଏହାର ମୁଦ୍ରିତ ମୂଲ୍ୟ ଅପେକ୍ଷା ଅଧିକ ବା କମ୍ ମୂଲ୍ୟରେ ଅର୍ଥାତ୍ କ୍ରମାନ୍ୱୟରେ 'ଅଧିମୂଲ୍ୟ'ରେ ବା 'ଅବମୂଲ୍ୟ'ରେ ମଧ୍ୟ ନିର୍ଗମିତ କରିପାରିବ । ଯେତେବେଳେ ଅଂଶ ପତ୍ରର ନିର୍ଗମନ ଅଧିମୂଲ୍ୟ ବା ଅବମୂଲ୍ୟରେ ହୁଏ, ସେତେବେଳେ ସମମୂଲ୍ୟରେ ଅଂଶପତ୍ରର ନିର୍ଗମନଠାରୁ ଭିନ୍ନ ଏକ ହିସାବରକ୍ଷଣ ପଦ୍ଧତି ଆବଶ୍ୟକ ହୁଏ । ଆସ, ଅଧିମୂଲ୍ୟରେ ଅଂଶ ପତ୍ରର ନିର୍ଗମନକୁ ଆଲୋଚନା କରିବା ।

### ଅଧିମୂଲ୍ୟରେ ଅଂଶଗୁଡ଼ିକର ନିର୍ଗମନ/ପ୍ରଚଳନ (Issue of shares at premium)

ଯଦି ଏକ କମ୍ପାନୀ ଅଂଶଗୁଡ଼ିକୁ ସେଗୁଡ଼ିକର ମୁଦ୍ରିତ ମୂଲ୍ୟଠାରୁ ଅଧିକ ଦାମ୍‌ରେ ନିର୍ଗମନ/ପ୍ରଚଳନ କରେ, ତେବେ ଅଂଶଗୁଡ଼ିକ ଅଧିମୂଲ୍ୟରେ ଓ ମୁଦ୍ରିତ ମୂଲ୍ୟ ବା ନାମମାତ୍ର ମୂଲ୍ୟ ମଧ୍ୟରେ ଥିବା

ଟିପ୍ପଣୀ

ଅନ୍ତର (ବିୟୋଗ ଫଳ)କୁ ଅଧିମୂଲ୍ୟ (ପ୍ରିମିୟମ୍) କୁହାଯାଏ । ଯଦି ₹10ର ଏକ ଅଂଶ ₹12ରେ ନିର୍ଗମିତ ହୁଏ, ତେବେ ଏହା ଅଂଶ ପ୍ରତି ₹2 ଅଧିମୂଲ୍ୟରେ ନିର୍ଗମିତ ହୋଇଥିବା କୁହାଯାଏ । ଅଧିମୂଲ୍ୟ ଆକାରରେ ପ୍ରାପ୍ତ ରାଶି (ଟଙ୍କା) 'ପ୍ରତିଭୂତି ପ୍ରିମିୟମ୍ ହିସାବ'କୁ ସ୍ଥାନାନ୍ତରିତ କରି ଦିଆଯାଏ । ଏକ କମ୍ପାନୀ ତା'ର ଅଂଶକୁ କେବଳ ସେତେବେଳେ ଅଧିମୂଲ୍ୟରେ ନିର୍ଗମିତ କରେ ଯେତେବେଳେ ତା'ର ଆର୍ଥିକ ସ୍ଥିତି ସୁଦୃଢ଼ ଥାଏ । ଏହା କମ୍ପାନୀ ପାଇଁ ଏକ ପୁଞ୍ଜିଗତ ଅଧିଲାଭ ଅଟେ । କମ୍ପାନୀ ପ୍ରିମିୟମ୍ ଟଙ୍କାକୁ ଆବେଦନ ପତ୍ର, ଆବଣ୍ଟନ କିମ୍ବା ଆହ୍ୱାନ ସହିତ ଦାବୀ କରିପାରେ ।

କମ୍ପାନୀ ଆଇନ୍ ପ୍ରିମିୟମ୍ ଟଙ୍କାର ଉପଯୋଗ ଉପରେ କେତେକ ନିର୍ଦ୍ଦିଷ୍ଟ କଟକଣା ଜାରି କରିଅଛି ।

> କମ୍ପାନୀ ଆଇନ୍‌ର ଦାରା 78 ଅନୁସାରେ, ପ୍ରିମିୟମ୍ ଟଙ୍କାକୁ ନିମ୍ନ ଲିଖିତଗୁଡ଼ିକରେ ଉପଯୋଗ କରାଯାଇପାରେ:
>
> (i) ପୂର୍ଣ୍ଣ-ପ୍ରଦତ୍ତ ବୋନସ୍ ଅଂଶର ନିର୍ଗମନ ପାଇଁ,
>
> (ii) ପ୍ରାରମ୍ଭିକ ବ୍ୟୟ, ଅଂଶଗୁଡ଼ିକର ନିର୍ଗମନରେ ପ୍ରଦତ୍ତ ରିହାତି, ଅଣ୍ଡରରାଇଟିଙ୍ଗ୍ କମିଶନ୍ କିମ୍ବା ନିର୍ଗମନ ବ୍ୟୟ ଗୁଡ଼ିକର ଅବଲେଖନ (write off) କରିବା ପାଇଁ,
>
> (iii) ଅଗ୍ରାଧିକାର ଯୁକ୍ତ ଅଂଶ କିମ୍ବା ଋଣ ପତ୍ର ପରିଶୋଧନରେ ପ୍ରିମିୟମ୍ ପୈଠ କରିବା ପାଇଁ ।

ଅଧିକନ୍ତୁ, କମ୍ପାନୀ ମୋଟ ପ୍ରିମିୟମ୍ ରାଶିକୁ ଏକାଧିକ କିସ୍ତିରେ ମାଗି ପାରେ, ଯଦି କମ୍ପାନୀ କୌଣସି ନିର୍ଦ୍ଦିଷ୍ଟ ଆହ୍ୱାନ ଉଲ୍ଲେଖ କରି ନଥାଏ ଯାହା ସହିତ ପ୍ରତିଭୂତି ପ୍ରିମିୟମ୍ ରାଶି ପୈଠ କରାଯିବ, ତେବେ ଧରି ନିଆଯାଏ ଯେ ଏହାକୁ ଆବଣ୍ଟନ ସମୟରେ ମଗା ଯାଇଛି ।

### ଅଂଶଗୁଡ଼ିକର ନିର୍ଗମନରେ ପ୍ରିମିୟମ୍‌ର ହିସାବରକ୍ଷଣ ଉପଚାର (Accounting Treatment of Premium on Issue of Shares)

ଅଂଶଗୁଡ଼ିକର ଅଧିମୂଲ୍ୟରେ ନିର୍ଗମନ ପାଇଁ ନିମ୍ନ ହିସାବରକ୍ଷଣର ଉପଚାର କରାଯାଏ:

(କ) ପ୍ରତିଭୂତି ପ୍ରିମିୟମ୍ (Securities Premium) ରାଶି ଅଂଶ ଆବେଦନ ରାଶି ସହିତ ସଂଗୃହୀତ ହେଲେ:

ଯଦି ପ୍ରତିଭୂତି ପ୍ରିମିୟମ୍ ଆବେଦନ ରାଶି ସହିତ ସଂଗୃହୀତ ହୋଇଛି ଏବଂ କମ୍ପାନୀ ଅଂଶର ଆବଣ୍ଟନ ନିମନ୍ତେ ନିଷ୍ପତ୍ତି ନେଇଛି, ତେବେ ନିମ୍ନ ଜାବେଦା ପ୍ରବିଷ୍ଟ କରାଯାଏ:

ଅଂଶ ଆବେଦନ ହିସାବ          ଦାୟୀ

    ଦାତା ପ୍ରତିଭୂତି ପ୍ରିମିୟମ ହିସାବ

(ଆବଣ୍ଟିତ ଅଂଶର ଦରଖାସ୍ତ ସହିତ ଗୃହୀତ ପ୍ରତିଭୂତି ପ୍ରିମିୟମ୍ ରାଶିର ପ୍ରତିଭୂତି ପ୍ରିମିୟମ ହିସାବକୁ ସ୍ଥାନାନ୍ତରଣ)

(ଖ) ପ୍ରିମିୟମ୍ ରାଶି ଆବଣ୍ଟିତ ରାଶି କିମ୍ବା ଆହ୍ୱାନ ସହିତ ସଂଗୃହୀତ ହେଲେ :

ଯଦି କମ୍ପାନୀ ଅଂଶ ଆବଣ୍ଟନ ରାଶି କିମ୍ବା/ଏବଂ ଅଂଶ ଆହୂତ ରାଶି ସହିତ ପ୍ରିମିୟମ୍ ରାଶି ଦାବୀ କରିବାର ନିଷ୍ପତ୍ତି ନିଏ, ତେବେ ନିମ୍ନ ଜାବେଦା ପ୍ରବିଷ୍ଟ କରାଯିବ:

ଅଂଶ ଆବଣ୍ଟନ ହିସାବ ଦାୟୀ

କିମ୍ବା/ଏବଂ

ଅଂଶ ଆହ୍ୱାନ ହିସାବ ଦାୟୀ

ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ

(....... ଅଂଶ ଉପରେ ଅଂଶ ପ୍ରତି ₹............. ହାରରେ ପ୍ରାପ୍ୟ ଅଂଶ ଅଧିମୂଲ୍ୟ/ପ୍ରିମିୟମ୍‌ର ସମାଯୋଜନ)

**ଉଦାହରଣ 3**

ଲକ୍‌ଜରୀ କାର୍‌ସ୍ ଲିଃ ପ୍ରତ୍ୟେକ ₹10ର 1,00,000 ଅଂଶ, ଅଂଶ ପ୍ରତି ₹5 ଅଧିମୂଲ୍ୟରେ ନିର୍ଗମନ କଲେ ଯାହାର ପୈଠ ଏହି ପ୍ରକାର ହେବାର ଥିଲା:

| | |
|---|---|
| ଆବେଦନରେ | ଅଂଶ ପ୍ରତି ₹4 (₹2 ପ୍ରିମିୟମ ସହିତ) |
| ଆବଣ୍ଟନରେ | ଅଂଶ ପ୍ରତି ₹8 (₹3 ପ୍ରିମିୟମ୍ ସହିତ) |
| ଆହ୍ୱାନରେ | ଅଂଶ ପ୍ରତି ₹3 |

1,00,000 ଅଂଶ ପାଇଁ ଆବେଦନ ପତ୍ର ପ୍ରାପ୍ତ ହେଲା ଏବଂ ସମସ୍ତଙ୍କୁ ଅଂଶ ଆବଣ୍ଟନ କରାଗଲା ।

ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଲକ୍‌ଜ୍‌ରୀ କାର୍‌ସ୍ ଲିଃର ବହି**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବେଦନ ହିସାବ<br>(1,00,000 ଅଂଶପାଇଁ ଆବେଦନ ରାଶିର ପ୍ରାପ୍ତି) | | 4,00,000 | <br>4,00,000 |
| 2. | ଅଂଶ ଆବେଦନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ<br>(ଅଂଶ ଆବେଦନ ରାଶିର ଅଂଶ ପୁଞ୍ଜି ହିସାବ ଓ ପ୍ରତିଭୂତି ପ୍ରିମିୟମ୍ ହିସାବକୁ ସ୍ଥାନାନ୍ତରଣ) | | 4,00,000 | <br>2,00,000<br>2,00,000 |

| | | | | |
|---|---|---|---|---|
| 3. | ଅଂଶ ଆବଣ୍ଟନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ<br>(ଅଂଶ ଆବଣ୍ଟନ ରାଶି ପ୍ରାପ୍ୟ ହେଲା) | | 8,00,000 | <br>5,00,000<br>3,00,000 |
| 4. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବଣ୍ଟନ ହିସାବ<br>(1,00,000 ଅଂଶ ଉପରେ ଅଂଶ ପ୍ରତି ₹ 8 ହାରରେ ଅଂଶ ଆବଣ୍ଟନ ରାଶିର ପ୍ରାପ୍ତି) | | 8,00,000 | <br>8,00,000 |
| 5. | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(1,00,000 ଅଂଶ ଉପରେ ଅଂଶ ପ୍ରତି ₹ 3 ହାରରେ ଆହୂତ ରାଶିର ପ୍ରାପ୍ୟ ହେଲା) | | 3,00,000 | <br>3,00,000 |
| 6. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ<br>(1,00,000 ଅଂଶ ଉପରେ ଅଂଶ ପ୍ରତି ₹ 3 ହିସାବରେ ଅଂଶ ଆହୂତ ରାଶିର ପ୍ରାପ୍ତି) | | 3,00,000 | <br>3,00,000 |

## ପାଠ୍ୟଗତ ପ୍ରଶ୍ନ 23.3

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ଏବଂ ସଂଖ୍ୟା/ସଂଖ୍ୟା ସମୂହ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର:

(i) ପ୍ରତିଭୂତି ପ୍ରିମିୟମ୍ କମ୍ପାନୀ ପାଇଁ ଏକ ................. ଅଟେ ।

(ii) ଯଦି ଅଂଶ ଆବଣ୍ଟନରେ ଅଂଶ ପ୍ରତି ₹5 ମଗାଯାଇଛି ଯେଉଁଥିରେ ପ୍ରିମିୟମ୍ ପାଇଁ ₹2 ଅନ୍ତର୍ଭୁକ୍ତ ଅଛି, ତେବେ ଅଂଶ ପୁଞ୍ଜି ହିସାବର ଦାତା ପାର୍ଶ୍ୱରେ ...........ଟଙ୍କା ଲେଖାଯିବ ।

(iii) ଏକ କମ୍ପାନୀ ତା'ର ପ୍ରତ୍ୟେକ ₹50 ର ଅଂଶକୁ ଅଂଶପ୍ରତି ₹60 ରେ ନିର୍ଗମନ କଲା । ଅଂଶ ପିଛା ଏହି ₹10ର ଆଧିକ୍ୟ ରାଶିକୁ ............. କୁହାଯାଏ ।

(iv) ଯଦି ପ୍ରତ୍ୟେକ 100 ଟଙ୍କିଆ ଅଂଶରେ ଅଂଶ ପ୍ରତି ₹20 ପ୍ରିମିୟମ୍ ରାଶି ହୋଇଥାଏ, ତେବେ ଅଂଶ ପୁଞ୍ଜି ହିସାବକୁ ଅଂଶ ପ୍ରତି ............... ଦାତା କରାଯିବ ।

## 23.4 ରିହାତିରେ ଅଂଶଗୁଡ଼ିକର ନିର୍ଗମନ (Issue of shares at discount)

ଯେତେବେଳେ ଅଂଶର ନିର୍ଗମିତ ମୂଲ୍ୟ ଏହାର ମୁଦ୍ରିତ ମୂଲ୍ୟ ଅପେକ୍ଷା କମ୍ ହୋଇଥାଏ ଅଂଶଗୁଡ଼ିକ ରିହାତିରେ ନିର୍ଗମିତ ହୋଇଛି ବୋଲି କୁହାଯାଏ । ଉଦାହରଣ ସ୍ୱରୂପ, ଯଦି ଏକ କମ୍ପାନୀ ପ୍ରତ୍ୟେକ ₹100ର ଅଂଶକୁ ₹90ରେ ନିର୍ଗମିତ କରେ, ତେବେ ଅଂଶଗୁଡ଼ିକ ରିହାତିରେ ନିର୍ଗମନ ହେବା କୁହାଯାଏ । ରିହାତିର ପରିମାଣ ଅଂଶ ପ୍ରତି ₹10 (ଅର୍ଥାତ୍ ₹100 – ₹90) ଅଟେ । ଅଂଶ ଉପରେ ରିହାତି କମ୍ପାନୀ ପାଇଁ ଏକ କ୍ଷତି ଅଟେ ।

କମ୍ପାନୀ ଆଇନ୍ 1956ରେ ଧାରା 79 କେତେକ ନିର୍ଦ୍ଦିଷ୍ଟ ସର୍ତ୍ତାରୋପ କରିଅଛି ଯାହାର ଆଧାରରେ ଏକ କମ୍ପାନୀ ତା'ର ଅଂଶଗୁଡ଼ିକୁ ରିହାତିରେ ନିର୍ଗମିତ କରିପାରିବ । ଏହି ସର୍ତ୍ତଗୁଡ଼ିକ ନିମ୍ନ ପ୍ରକାର ଅଟେ:

(i) ବ୍ୟବସାୟର ପ୍ରାରମ୍ଭର ତାରିଖଠାରୁ ଅତି କମ୍‌ରେ ଏକ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିବ ।

(ii) ଏହି ଅଂଶଗୁଡ଼ିକ ସେହି ଏକା (ସମାନ) ବର୍ଗର ହୋଇଥିବ ଯାହା କମ୍ପାନୀ ପୂର୍ବରୁ ନିର୍ଗମିତ କରି ସାରିଛି;

(iii) କମ୍ପାନୀ ଏହାର ସାଧାରଣ ସଭାରେ ଏକ ସଙ୍କଳ୍ପ ଗ୍ରହଣ ପୂର୍ବକ ଏହିଭଳି ଅଂଶର ନିର୍ଗମନକୁ ମଞ୍ଜୁରୀ ପ୍ରଦାନ କରିଛି ଏବଂ ଅଦାଲତଙ୍କର ଅନୁମୋଦନ ହାସଲ କରିଛି ।

(iv) ରିହାତିର ହାର ଅଂଶର ମୁଦ୍ରିତ ମୂଲ୍ୟର 10%ରୁ ଅଧିକ ହେବା ଉଚିତ ନୁହେଁ । ଯଦି କମ୍ପାନୀ 10%ରୁ ଅଧିକ ରିହାତି ଦେବାକୁ ଚାହେଁ, ତେବେ ଏହାକୁ ଭାରତ ସରକାରଙ୍କ ମଞ୍ଜୁରୀ ହାସଲ କରିବାକୁ ହେବ ।

**ରିହାତିରେ ନିର୍ଗମିତ ଅଂଶଗୁଡ଼ିକର ହିସାବରକ୍ଷଣ ଉପଚାର (Accounting Treatment of Shares Issued at Discount)**

ରିହାତିର ପରିମାଣକୁ ସାଧାରଣତଃ ଅଂଶ ଆବଣ୍ଟନ ରାଶିରେ ସମାଯୋଜନ କରାଯାଏ ଏବଂ ସେଥିପାଇଁ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଅଂଶ ଆବଣ୍ଟନ ହିସାବ          ଦାୟୀ

ଅଂଶ ନିର୍ଗମନରେ ରିହାତି ହିସାବ          ଦାୟୀ

    ଦାତା ଅଂଶ ପୁଞ୍ଜି ହିସାବ

(ଅଂଶ ପ୍ରତି ₹........ ହିସାବରେ .......... ଅଂଶ ଉପରେ ଅଂଶ ପ୍ରତି ₹..................କାଟି ସାରିବା ପରେ ଆବଣ୍ଟନ ରାଶିର ପ୍ରାପ୍ୟ)

**ଉଦାହରଣ 4**

ଶ୍ରୀକୃଷ୍ଣ ଆଗ୍ରୋ କେମିକାଲ ଲିଃକୁ ₹50,00,000ର ପୁଞ୍ଜି ସହିତ ପଞ୍ଜୀକୃତ କରାଗଲା ଯାହା ପ୍ରତ୍ୟେକ ₹100 ହିସାବରେ 50,000 ଅଂଶରେ ବିଭକ୍ତ ଥିଲା । ଏହା ଅଂଶ ପ୍ରତି ₹10 ରିହାତିରେ 10,000 ଅଂଶ ନିର୍ଗମନ କଲା, ଯାହାର ପୈଠ ଏହିପରି ଥିଲା:

ଅଂଶ ପ୍ରତି ₹40 ଆବେଦନରେ

ଅଂଶ ପ୍ରତି ₹30 ଆବଣ୍ଟନରେ

ଅଂଶ ପ୍ରତି ₹20 ଆହ୍ୱାନରେ

କମ୍ପାନୀ 15,000 ଅଂଶ ପାଇଁ ଦରଖାସ୍ତ ପାଇଲା । 12,000 ଅଂଶପାଇଁ ଆବେଦକଙ୍କୁ 10,000 ଅଂଶ ଆବଣ୍ଟନ କରାଗଲା ଏବଂ ଅବଶିଷ୍ଟ ଆବେଦକଙ୍କୁ କ୍ଷମା ଭିକ୍ଷା ପତ୍ର ପଠାଇ ଦିଆଗଲା ତଥା ସେମାନଙ୍କର ଆବେଦନ ରାଶି ଫେରାଇ ଦିଆଗଲା । ଆହ୍ୱାନ କରାଗଲା । ଆବଣ୍ଟନ ରାଶି ଓ ଆହୂତ ରାଶି ଠିକ୍ ଭାବେ ପ୍ରାପ୍ତ ହେଲା । କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

## ଶ୍ରୀକୃଷ୍ଣ ଆଗ୍ରୋ କେମିକାଲ୍ସ ଲିଃ

### ଜାବେଦା ପ୍ରବିଷ୍ଟି

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବେଦନ ହିସାବ<br>(15,000 ଅଂଶପାଇଁ ଅଂଶ ପ୍ରତି ₹ 40 ହିସାବରେ ଆବେଦନ ରାଶିର ପ୍ରାପ୍ତ ହେଲା) | | 6,00,000 | 6,00,000 |
| 2. | ଅଂଶ ଆବେଦନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(10,000 ଅଂଶର ଆବେଦନ ରାଶି ସେଗୁଡ଼ିକର ଆବଣ୍ଟନରେ ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା) | | 4,00,000 | 4,00,000 |
| 3. | ଅଂଶ ଆବେଦନ ହିସାବ ଦାୟୀ<br>ଦାତା ଅଂଶ ଆବଣ୍ଟନ ହିସାବ<br>ଦାତା ବ୍ୟାଙ୍କ୍ ହିସାବ<br>(3,000 ଅଂଶର ଆବେଦନ ରାଶି ଫେରସ୍ତ ଏବଂ 2,000 ଅଂଶର ଆବେଦନ ରାଶି ଆବଣ୍ଟନରେ ପ୍ରାପ୍ୟ ରାଶି ବାବଦରେ ସମାଯୋଜିତ ହେଲା) | | 2,00,000 | 80,000<br>1,20,000 |
| 4. | ଅଂଶ ଆବଣ୍ଟନ ହିସାବ ଦାୟୀ<br>ଅଂଶ ରିହାତି ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(ଆବଣ୍ଟନ ରାଶିର ପ୍ରାପ୍ୟ) | | 3,00,000<br>1,00,000 | 4,00,000 |
| 5. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବଣ୍ଟନ ହିସାବ<br>(ଆବଣ୍ଟନ ରାଶିର ପ୍ରାପ୍ତି) | | 2,20,000 | 2,20,000 |
| 6. | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(ଆହ୍ୱାନ ଜନିତ ରାଶିର ପ୍ରାପ୍ୟ) | | 2,00,000 | 2,00,000 |
| 7. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ<br>(ଆହୂତ ରାଶିର ପ୍ରାପ୍ତି) | | 2,00,000 | 2,00,000 |

## ପାଠ୍ୟଗତ ପ୍ରଶ୍ନ 23.4

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର:

(i) ଅଂଶର ନିର୍ଗମନ ଉପରେ ରିହାତି କମ୍ପାନୀ ପାଇଁ ଏକ ................... ଅଟେ ।

(ii) ଏକ କମ୍ପାନୀ ତା'ର ପ୍ରତ୍ୟେକ 100 ଟଙ୍କିଆ ଅଂଶକୁ 10% ରିହାତିରେ ନିର୍ଗମନ କଲେ । ଅଂଶ ପ୍ରତି ପ୍ରାପ୍ୟ ରାଶି ............... ହେବ ।

(iii) ଯଦି ପ୍ରତ୍ୟେକ ₹100ର ଅଂଶରେ ଅଂଶ ପ୍ରତି ₹5 ରିହାତି ଥାଏ, ତେବେ ଅଂଶ ପୁଞ୍ଜି ହିସାବକୁ ₹....................ରେ ଦାତା ପରାଯିବ ।

## 23.5 ଅଗ୍ରୀମ ପ୍ରାପ୍ତ ଆହ୍ୱାନ ଏବଂ ବକେୟା ଆହ୍ୱାନ (Calls-in-advance and calls-in-arrears)

ଯଦି ଜଣେ ଅଂଶଧାରୀ କମ୍ପାନୀ ମାଗିବା ପୂର୍ବରୁ କୌଣସି ରାଶି କମ୍ପାନୀକୁ ପୈଠ କରି ଦିଅନ୍ତି, ତେବେ ଏହାକୁ ଅଗ୍ରୀମ ପ୍ରାପ୍ତ ଆହ୍ୱାନ କୁହାଯାଏ । ଏହି ରାଶିକୁ ଏକ ଅଲଗା ହିସାବରେ ରଖାଯାଏ ଯାହାକୁ 'ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବ' କୁହାଯାଏ । ଏହି ରାଶିକୁ କମ୍ପାନୀର ପୁଞ୍ଜି ରୂପରେ ସେତେବେଳ ପର୍ଯ୍ୟନ୍ତ ଦର୍ଶାଯାଏ ନାହିଁ ଯେତେବେଳ ପର୍ଯ୍ୟନ୍ତ କମ୍ପାନୀ ସମସ୍ତ ଅଂଶଧାରୀଙ୍କଠାରୁ ଦାବୀ କରିନାହିଁ । ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବକୁ ଉଦ୍‌ବୃତ୍ତ ପତ୍ରର ଦାୟ ପାର୍ଶ୍ୱରେ ଦର୍ଶାଯାଏ । ଉଦାହରଣ ସ୍ୱରୂପ, ଯଦି ଏକ କମ୍ପାନୀ 10 ଟଙ୍କା ମୂଲ୍ୟର ଅଂଶ ନିର୍ଗମନ କରିଛି ଯାହା ଉପରେ ଏହା ଅଂଶ ପ୍ରତି 5 ଟଙ୍କା ଆହ୍ୱାନ କରିସାରିଛି । ବର୍ତ୍ତମାନ ଯଦି ଅଂଶ ପ୍ରତି 5 ଟଙ୍କାର ଅନାହୂତ ଭାଗରୁ କମ୍ପାନୀ ଅଂଶ ପ୍ରତି 3 ଟଙ୍କା ଆହ୍ୱାନ କରେ, ତେବେ ଆହୂତ ରାଶିର ପ୍ରାପ୍ୟ ପାଇଁ ଅଂଶ ପ୍ରତି କେବଳ 3 ଟଙ୍କାରେ ପ୍ରବିଷ୍ଟି କରାଯିବ । ବର୍ତ୍ତମାନ ମନେକର ଜଣେ ଅଂଶଧାରୀ ଆହୂତ ରାଶି ସହିତ ଅଂଶ ପ୍ରତି 2 ଟଙ୍କାର ଅନାହୂତ ରାଶିକୁ ମିଶାଇ ଅଂଶ ପ୍ରତି 5 ଟଙ୍କା ପୈଠ କଲେ । ଏହାର ଅର୍ଥ ହେଲା ସେ ଅଂଶ ପ୍ରତି ₹2 ଅଗ୍ରୀମ ପୈଠ କରିଛନ୍ତି ଯାହା ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବରେ ଦାତା କରାଯିବ । କମ୍ପାନୀକୁ ଏହି ରାଶି (ଟଙ୍କା) ଉପରେ ଏହାର ବିନିଯୋଜନ ତାରିଖ ପର୍ଯ୍ୟନ୍ତ ବାର୍ଷିକ 6% ହାରରେ ସୁଧ ଦେବା ଆବଶ୍ୟକ ହୋଇଥାଏ ।

### ହିସାବରକ୍ଷଣ ଉପଚାର (ପଦ୍ଧତି)

ଅଗ୍ରୀମ ପ୍ରାପ୍ତ ଆହ୍ୱାନ ପାଇଁ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ବ୍ୟାଙ୍କ୍ ହିସାବ          ଦାୟୀ
    ଦାତା ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବ
(.........ଅଂଶ ଉପରେ ଅଂଶ ପ୍ରତି ₹.............ହାରରେ
ଆହ୍ୱାନ ରାଶି ଅଗ୍ରୀମ ପ୍ରାପ୍ତ ହେଲା)

ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବର ସମାଯୋଜନ, ମନେକର ଚୂଡ଼ାନ୍ତ ଆହ୍ୱାନରେ ଜାବେଦା ପ୍ରବିଷ୍ଟି ହେବ:

ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବ          ଦାୟୀ
    ଦାତା ଅଂଶ ଚୂଡ଼ାନ୍ତ ଆହ୍ୱାନ ହିସାବ
(ଅଗ୍ରୀମ ପ୍ରାପ୍ତ ଆହ୍ୱାନ ରାଶିର ସମାଯୋଜନ ହେଲା)

ଅଗ୍ରୀମ ପ୍ରାପ୍ତ ଆହ୍ୱାନ ଉପରେ ସୁଧ ପ୍ରଦାନ ପାଇଁ ଜାବେଦ ପ୍ରବିଷ୍ଟି ଏହିପରି ହେବ:

ଅଗ୍ରୀମ ପ୍ରାପ୍ତ ଆହ୍ୱାନ ଉପରେ ସୁଧ ହିସାବ ଦାୟୀ

ଦାତା ବ୍ୟାଙ୍କ୍ ହିସାବ

(ଅଗ୍ରୀମ ପ୍ରାପ୍ତ ଆହ୍ୱାନ ରାଶି ଉପରେ ସୁଧ ପୈଠ ହେଲା)

**ଉଦାହରଣ 5**

ଇଣ୍ଡିଆ ସଫ୍ଟୱେର୍ ଲିଃ ଅଂଶ ପ୍ରତି ₹10 ହିସାବରେ 50,000 ଅଂଶ ସର୍ବସାଧାରଣଙ୍କୁ ଅର୍ପଣ କଲେ ଯାହାର ପ୍ରାପ୍ୟ ଥିଲା ଏହିପରି :

₹2 ଆବେଦନରେ

₹3 ଆବଣ୍ଟନରେ

₹2 ପ୍ରଥମ ଆହ୍ୱାନରେ ଏବଂ ଅବଶିଷ୍ଟ ଆବଶ୍ୟକ ପଡ଼ିଲେ ।

ସମସ୍ତ ଅଂଶ ପାଇଁ ଆବେଦନ ପତ୍ର ମିଳିଲା ଏବଂ ଯଥାବିଧି ଆବଣ୍ଟିତ ହେଲା; କିନ୍ତୁ 200 ଅଂଶ ଧାରଣ (କ୍ରୟ) କରିଥିବା ଏକ ଅଂଶଧାରୀ ମୁକେଶ ଆବଣ୍ଟନରେ ତାଙ୍କ ଅଂଶର ଅବଶିଷ୍ଟ ସମୁଦାୟ ଟଙ୍କା ପୈଠ କରିଦେଲେ ।


ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଇଣ୍ଡିଆ ସଫ୍ଟୱେର ଲିଃ**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବେଦନ ହିସାବ<br>(50,000 ଅଂଶ ପାଇଁ ଅଂଶ ପ୍ରତି ₹ 2 ହିସାବରେ ଆବେଦନ ରାଶି ପ୍ରାପ୍ତ ହେଲା) | | 1,00,000 | 1,00,000 |
| | ଅଂଶ ଆବେଦନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(ଅଂଶର ଆବଣ୍ଟନରେ ଆବେଦନ ରାଶିର ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରଣ) | | 1,00,000 | 1,00,000 |
| | ଅଂଶ ଆବଣ୍ଟନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(50,000 ଅଂଶ ଉପରେ ଅଂଶ ପ୍ରତି ₹ 3 ହିସାବରେ ଅଂଶ ଆବଣ୍ଟନ ରାଶି ପ୍ରାପ୍ୟ କରାଗଲା) | | 1,50,000 | 1,50,000 |



ଟିପ୍ପଣୀ

| | | | |
|---|---|---|---|
| ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ଆବଣ୍ଟନ ହିସାବ<br>ଦାତା ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବ<br>(ଆବଣ୍ଟନରେ ଅଂଶ ପ୍ରତି ₹ 3 ହିସାବରେ ରାଶି ପ୍ରାପ୍ତ ହେଲା ଏବଂ 200 ଅଂଶ ପାଇଁ ଅଂଶ ପ୍ରତି ₹ 5 ହିସାବରେ ଅଗ୍ରୀମ ପ୍ରାପ୍ତ ହେଲା) | | 1,51,000 | 1,50,000<br>1,000 |
| ଅଂଶ ପ୍ରଥମ ଆହ୍ୱାନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(50,000 ଅଂଶ ଉପରେ ଅଂଶ ପ୍ରତି ₹ 2 ହିସାବରେ ଅଂଶ ପ୍ରଥମ ଆହ୍ୱାନ ରାଶି ପ୍ରାପ୍ୟ ହେଲା) | | 1,00,000 | 1,00,000 |
| ବ୍ୟାଙ୍କ୍ ହିସାବ ଦାୟୀ<br>ଅଗ୍ରୀମ ପ୍ରାପ୍ତ ଆହ୍ୱାନ ହିସାବ ଦାୟୀ<br>ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ<br>(49,800 ଅଂଶ ଉପରେ ପ୍ରଥମ ଆହ୍ୱାନ ରାଶି ପ୍ରାପ୍ତ ହେଲା ଏବଂ 200 ଅଂଶ ଉପରେ ଅଗ୍ରୀମ ପ୍ରାପ୍ତ ଆହ୍ୱାନର ସମାଯୋଜନ ହେଲା) | | 99,600<br>400 | 1,00,000 |

### ବକେୟା ଆହ୍ୱାନ (Calls in arrears)

ଯେତେବେଳେ କମ୍ପାନୀ ଅଂଶଧାରୀମାନଙ୍କୁ ଆବଣ୍ଟନ ରାଶି ଏବଂ/କିମ୍ବା ଆହ୍ୱାନ ରାଶି ପୈଠ କରିବା ନିମନ୍ତେ ନୋଟିସ୍ ଜାରି କରେ, ସେତେବେଳେ ସେମାନଙ୍କୁ ଏହା ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ପୈଠ କରିବାକୁ ପଡ଼େ । ଯଦି କୌଣସି ଏକ ବା ଏକାଧିକ ଅଂଶଧାରୀଙ୍କ ଦ୍ୱାରା ଏହାର ପୈଠ ନ ହୁଏ, ତେବେ ଅଣ-ପୈଠ (ଅଦତ୍ତ) ରାଶି ତାଙ୍କଠାରୁ ବକେୟା ପ୍ରାପ୍ୟ ହୋଇଯାଏ । ଏହି ବକେୟାକୁ ଏକ ହିସାବକୁ ସ୍ଥାନାନ୍ତର କରାଯାଏ ଯାହାକୁ 'ବକେୟା ଆହ୍ୱାନ ହିସାବ' କୁହାଯାଏ । ପ୍ରାପ୍ୟ ରାଶିର ବକେୟା ହେବା ତାରିଖଠାରୁ ଏହାର ପ୍ରାପ୍ତି ହେବା ତାରିଖ ମଧ୍ୟରେ ଥିବା ଅବଧି ପାଇଁ କମ୍ପାନୀକୁ ଅପ୍ରାପ୍ତ (ବକେୟା) ରାଶି ଉପରେ ବାର୍ଷିକ 5% ହାରରେ ସୁଧ ନେବାର ଅଧିକାର ଅଛି ।

### ହିସାବରକ୍ଷଣ ଉପଚାର (ପଦ୍ଧତି)

ବକେୟା ଆହ୍ୱାନକୁ ଲିପିବଦ୍ଧ କରିବା ପାଇଁ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ବକେୟା ଆହ୍ୱାନ ହିସାବ ଦାୟୀ
ଦାତା ଅଂଶ ଆବଣ୍ଟନ/ଆହ୍ୱାନ ହିସାବ
(...... ଅଂଶ ଉପର ଅଂଶ ଆବଣ୍ଟନ/ଆହ୍ୱାନ ରାଶି ପ୍ରାପ୍ତ ହେଲାନାହିଁ)

ପରେ ଯେତେବେଳେ ଅପ୍ରାପ୍ତ ରାଶି ପ୍ରାପ୍ତ ହୁଏ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ବ୍ୟାଙ୍କ୍ ହିସାବ ଦାୟୀ
ଦାତା ବକେୟା ଆହ୍ୱାନ ହିସାବ
(.......... ଅଂଶ ଉପରେ ଆବଣ୍ଟନ/ଆହ୍ୱାନରେ ପ୍ରାପ୍ୟ ହୋଇଥିବା କିନ୍ତୁ ଅପ୍ରାପ୍ତ ରହିଥିବା ରାଶି ବର୍ତ୍ତମାନ ପ୍ରାପ୍ତ ହେଲା)

କମ୍ପାନୀ ବକେୟା ଆହ୍ୱାନ ରାଶି ଉପରେ ଏହାର ପ୍ରାପ୍ୟ (ବକେୟା) ହେବା ତାରିଖଠାରୁ ପ୍ରାପ୍ତ ହେବା ତାରିଖ ପର୍ଯ୍ୟନ୍ତ ଅବଧି ପାଇଁ ଏକ ନିର୍ଦ୍ଧାରିତ ହାରରେ ସୁଧ ବସାଇପାରେ । ଏଥିପାଇଁ ଜାବେଦା ପ୍ରବିଷ୍ଟି ଏହିପରି ହେବ:

ବ୍ୟାଙ୍କ୍ ହିସାବ ଦାୟୀ
ଦାତା ବକେୟା ଆହ୍ୱାନ ଉପରେ ସୁଧ ହିସାବ
(₹............ର ବକେୟା ଆହ୍ୱାନ ରାଶି ଉପରେ ବାର୍ଷିକ ........% ହାରରେ ..........ଅବଧି ପାଇଁ ସୁଧର ପ୍ରାପ୍ତି)

**ଉଦାହରଣ 6**

ଏକ୍ସ ଲିଃ ଜୁଲାଇ 1, 2006ରେ ଅଂଶ ପ୍ରତି ₹20 ହିସାବରେ ପ୍ରଥମ ଆହ୍ୱାନ କଲେ । 200 ଅଂଶ ରଖିଥିବା ଜାହିର ଆହ୍ୱାନ ରାଶିର ପୈଠ କରିବାକୁ ଅକ୍ଷମ ହେଲେ । ସେ ଡିସେମ୍ବର 31, 2006ରେ ହିଁ ଏହି ରାଶି ପୈଠ କରିବାରେ ସକ୍ଷମ ହେଲେ । କମ୍ପାନୀ ବାର୍ଷିକ 12% ହାରରେ ସୁଧ ବସାଇଲେ ।

କମ୍ପାନୀ ଦ୍ୱାରା ବସାଯାଇଥିବା ସୁଧ ପାଇଁ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

ପ୍ରାପ୍ୟ ସୁଧର ପରିମାଣ $= 4{,}000 \times \frac{12}{100} \times \frac{6}{12} = ₹240$

**ଜାବେଦା ପ୍ରବିଷ୍ଟି**


| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ବକେୟା ଆହ୍ୱାନ ଉପରେ ସୁଧ ହିସାବ<br>(ବକେୟା ଆହ୍ୱାନ ଉପରେ ସୁଧର ପ୍ରାପ୍ତି) | | 240 | 240 |

**ଉଦାହରଣ 7**

ଏ.ବି.ସି. ଲିଃ ଅଂଶ ପ୍ରତି ₹10 ହିସାବରେ 20,000 ଅଂଶ ନିର୍ଗମନ କଲା, ଯାହାର ପୈଠ ଥିଲା ଏହିପରି: ଅଂଶ ପ୍ରତି ₹2 ଆବେଦନରେ, ଅଂଶ ପ୍ରତି ₹5 (₹2ର ପ୍ରିମିୟମ୍‌କୁ ମିଶାଇ) ଆବଣ୍ଟନରେ, ଅଂଶ ପ୍ରତି ₹3 ପ୍ରଥମ ଆହ୍ୱାନରେ ଏବଂ ଅବଶିଷ୍ଟ ଚୂଡ଼ାନ୍ତ ଆହ୍ୱାନରେ ।

ସମସ୍ତ ଟଙ୍କା ପ୍ରାପ୍ତ ହେଲା, କେବଳ 400 ଅଂଶ ଉପରେ ପ୍ରଥମ ଆହ୍ୱାନ ରାଶିକୁ ଛାଡ଼ି; ଯାହା ପରେ ଚୂଡ଼ାନ୍ତ ଆହ୍ୱାନ ରାଶି ସହିତ ପ୍ରାପ୍ତ ହେଲା ।

ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।



ଟିପ୍ପଣୀ

**ସମାଧାନ:**

## ଜାବେଦା ପ୍ରବିଷ୍ଟି

| ତାରିଖ | ବିବରଣ | | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|---|
| 1. | ବ୍ୟାଙ୍କ୍ ହିସାବ | ଦାୟୀ | | 40,000 | |
| | ଦାତା ଅଂଶ ଆବେଦନ ହିସାବ | | | | 40,000 |
| | (2,000 ଅଂଶ ପାଇଁ ଅଂଶ ପ୍ରତି ₹2 ଲେଖାଏଁ ଆବେଦନ ରାଶି ପ୍ରାପ୍ତ ହେଲା) | | | | |
| 2. | ଅଂଶ ଆବେଦନ ହିସାବ | ଦାୟୀ | | 40,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 40,000 |
| | (20,000 ଅଂଶର ଆବେଦନ ରାଶି ଅଂଶର ଆବଣ୍ଟନରେ ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା) | | | | |
| 3. | ଅଂଶ ଆବଣ୍ଟନ ହିସାବ | ଦାୟୀ | | 1,00,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 60,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | | 40,000 |
| | (20,000 ଅଂଶ ଉପରେ ଅଂଶ ପ୍ରତି ₹3 ସହିତ ₹2ର ପ୍ରିମିୟମ୍‌କୁ ମିଶାଇ ଆବଣ୍ଟନ ରାଶି ₹5 ଲେଖାଏଁ ପ୍ରାପ୍ୟ ହେଲା) | | | | |
| 4. | ବ୍ୟାଙ୍କ୍ ହିସାବ | ଦାୟୀ | | 1,00,000 | |
| | ଦାତା ଅଂଶ ଆବଣ୍ଟନ ହିସାବ | | | | 1,00,000 |
| | (ଅଂଶ ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | | | |
| 5. | ଅଂଶ ପ୍ରଥମ ଆହ୍ୱାନ ହିସାବ | ଦାୟୀ | | 60,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 60,000 |
| | (20,000 ଅଂଶ ଉପରେ ଅଂଶ ପ୍ରତି ₹3 ଲେଖାଏଁ ଅଂଶ ପ୍ରଥମ ଆହ୍ୱାନ ରାଶି ପ୍ରାପ୍ୟ ହେଲା) | | | | |
| 6. | ବ୍ୟାଙ୍କ୍ ହିସାବ | ଦାୟୀ | | 58,800 | |
| | ବକେୟା ଆହ୍ୱାନ ହିସାବ | ଦାୟୀ | | 1,200 | |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ | | | | 60,000 |
| | (19,600 ଅଂଶ ଉପରେ ଅଂଶ ପ୍ରତି ₹3 ଲେଖାଏଁ ପ୍ରଥମ ଆହ୍ୱାନ ରାଶିର ପ୍ରାପ୍ତି ହେଲା) | | | | |
| 7. | ଅଂଶ ଚୂଡ଼ାନ୍ତ ଆହ୍ୱାନ ହିସାବ | ଦାୟୀ | | 40,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 40,000 |
| | (20,000 ଅଂଶ ଉପରେ ଅଂଶ ପ୍ରତି ₹2 ଲେଖାଏଁ ଚୂଡ଼ାନ୍ତ ଆହ୍ୱାନ ରାଶିର ପ୍ରାପ୍ୟ ହେଲା) | | | | |
| 8. | ବ୍ୟାଙ୍କ୍ ହିସାବ | ଦାୟୀ | | 41,200 | |
| | ଦାତା ଅଂଶ ଚୂଡ଼ାନ୍ତ ଆହ୍ୱାନ ହିସାବ | | | | 40,000 |
| | ଦାତା ବକେୟା ଆହ୍ୱାନ ହିସାବ | | | | 1,200 |
| | (20,000 ଅଂଶ ଉପରେ ଅଂଶ ପ୍ରତି ₹2 ହିସାବରେ ଚୂଡ଼ାନ୍ତ ଆହ୍ୱାନ ରାଶି ସହିତ 400 ଅଂଶ ଉପରେ ବକେୟା ଥିବା ପ୍ରଥମ ଆହ୍ୱାନ ରାଶି ପ୍ରାପ୍ତ ହେଲା) | | | | |

**ଉଦାହରଣ 8**

ଦି ପ୍ରୋଗ୍ରେସିଭ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌କୁ ₹50,00,000ର ପୁଞ୍ଜି ସହିତ ପଞ୍ଜୀକୃତ କରାଗଲା । ଏହା 100 ଟଙ୍କିଆ 20,000 ସାଧାରଣ ଅଂଶ ନିର୍ଗମିତ କଲା ଯାହାର ପୈଠ ଏହିପରି ଥିଲା : ₹25 ଆବେଦନରେ, ₹25 ଆବଣ୍ଟନରେ ଏବଂ ଅବଶିଷ୍ଟ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନରେ ତଥା 100 ଟଙ୍କିଆ 10,000ଟି 9% ଅଗ୍ରାଧିକାର ଯୁକ୍ତ ଅଂଶ ନିର୍ଗମିତ କଲା ଯାହାର ପୈଠ ଥିଲା ଏହିପରି : ₹50 ଆବେଦନ ଓ ଆବଣ୍ଟନରେ ଏବଂ ଅବଶିଷ୍ଟ ପ୍ରତ୍ୟେକ ₹25 କରି ଦୁଇଟି ଆହ୍ୱାନରେ । ସବୁଯାକ ଅଂଶ ପାଇଁ ଆବେଦନ ପତ୍ର ମିଳିଲା ତଥା ଆବଣ୍ଟିତ ହେଲା । ସବୁ ଟଙ୍କା ଯଥା ବିଧି ପ୍ରାପ୍ତ ହେଲା । କମ୍ପାନୀର ବହିରେ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ପ୍ରୋଗ୍ରେସିଭ୍ ଇଣ୍ଡଷ୍ଟ୍ରିଜ୍ ଲିଃ**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ସାଧାରଣ ଅଂଶ ଆବେଦନ ହିସାବ<br>ଦାତା 9% ଅଗ୍ରାଧିକାରଯୁକ୍ତ ଅଂଶ ଆବେଦନ ଓ ଆବଣ୍ଟନ ହିସାବ<br>(20,000 ସାଧାରଣ ଅଂଶ ବାବଦ ଅଂଶ ପ୍ରତି ₹25 ଲେଖାଏଁ ଏବଂ 10,000 9% ଅଗ୍ରାଧିକାର ଯୁକ୍ତ ଅଂଶ ବାବଦ ଅଂଶ ପ୍ରତି ₹50 ଲେଖାଏଁ ଆବେଦନ ରାଶି ପ୍ରାପ୍ତ ହେଲା) | | 10,00,000 | <br>5,00,000<br><br>5,00,000 |
| 2. | ସାଧାରଣ ଅଂଶ ଆବେଦନ ହିସାବ ଦାୟୀ<br>9% ଅଗ୍ରାଧିକାର ଯୁକ୍ତ ଅଂଶ ଆବେଦନ ଓ ଆବଣ୍ଟନ ହିସାବ ଦାୟୀ<br>ଦାତା ସାଧାରଣ ଅଂଶ ପୁଞ୍ଜି ହିସାବ<br>ଦାତା 9% ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି ହିସାବ<br>(ଆବେଦନ ରାଶି ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା) | | 5,00,000<br><br>5,00,000 | <br><br><br>5,00,000<br><br>5,00,000 |
| 3. | ସାଧାରଣ ଅଂଶ ଆବଣ୍ଟନ ହିସାବ ଦାୟୀ<br>ଦାତା ସାଧାରଣ ଅଂଶ ପୁଞ୍ଜି ହିସାବ<br>(20,000 ସାଧାରଣ ଅଂଶ ଉପରେ ଅଂଶ ପ୍ରତି ₹25 ହିସାବରେ ଆବଣ୍ଟନ ରାଶିର ପ୍ରାପ୍ୟ) | | 5,00,000 | <br>5,00,000 |
| 4. | 9% ଅଗ୍ରାଧିକାରଯୁକ୍ତ ଅଂଶ ପ୍ରଥମ ଆହ୍ୱାନ ହିସାବ ଦାୟୀ<br>ଦାତା 9% ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି ହିସାବ<br>(10,000, 9% ଅଗ୍ରାଧିକାର ଅଂଶ ଉପରେ ଅଂଶ ପ୍ରତି ₹25 ହିସାବରେ ପ୍ରଥମ ଆହ୍ୱାନ ରାଶିର ପ୍ରାପ୍ୟ) | | 2,50,000 | <br>2,50,000 |

| | | | | |
|---|---|---|---|---|
| 5. | ବ୍ୟାଙ୍କ୍ ହିସାବ ଦାୟୀ | | 7,50,000 | |
| | ଦାତା ସାଧାରଣ ଅଂଶ ଆବଣ୍ଟନ ହିସାବ | | | 5,00,000 |
| | ଦାତା ୨% ଅଗ୍ରାଧିକାରଯୁକ୍ତ ଅଂଶ ୧ମ ଆହ୍ୱାନ ହିସାବ | | | 2,50,000 |
| | (ସାଧାରଣ ଅଂଶ ଆବଣ୍ଟନ ରାଶି ଓ ୨% ଅଗ୍ରାଧିକାର ଯୁକ୍ତ ଅଂଶ ୧ମ ଆହ୍ୱାନ ରାଶି ପ୍ରାପ୍ତ ହେଲା) | | | |
| 6. | ସାଧାରଣ ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ | | 10,00,000 | |
| | ୨% ଅଗ୍ରାଧିକାରଯୁକ୍ତ ଅଂଶ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ | | 2,50,000 | |
| | ଦାତା ସାଧାରଣ ଅଂଶ ପୁଞ୍ଜି ହିସାବ | | | 10,00,000 |
| | ଦାତା ୨% ଅଗ୍ରାଧିକାରଯୁକ୍ତ ଅଂଶ ପୁଞ୍ଜି ହିସାବ | | | 2,50,000 |
| | (ସାଧାରଣ ଅଂଶ ଉପରେ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ରାଶି ଏବଂ ୨% ଅଗ୍ରାଧିକାରଯୁକ୍ତ ଅଂଶ ଉପରେ ଚୂଡ଼ାନ୍ତ ଆହ୍ୱାନ ରାଶିର ପ୍ରାପ୍ୟ) | | | |
| 7. | ବ୍ୟାଙ୍କ୍ ହିସାବ ଦାୟୀ | | 12,50,000 | |
| | ଦାତା ସାଧାରଣ ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | | 10,00,000 |
| | ଦାତା ୨% ଅଗ୍ରାଧିକାରଯୁକ୍ତ ଅଂଶ ଚୂଡ଼ାନ୍ତ ଆହ୍ୱାନ ହିସାବ | | | 2,50,000 |
| | (ସାଧାରଣ ଅଂଶର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ରାଶି ଏବଂ ୨% ଅଗ୍ରାଧିକାରଯୁକ୍ତ ଅଂଶର ଚୂଡ଼ାନ୍ତ ଆହ୍ୱାନ ରାଶିର ପ୍ରାପ୍ତି) | | | |

## ପାଠ୍ୟଗତ ପ୍ରଶ୍ନ 23.5

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ଏବଂ ସଂଖ୍ୟା/ସଂଖ୍ୟାସମୂହ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର:

(i) କମ୍ପାନୀ ଦ୍ୱାରା ଦାବୀ କରାଯାଇଥିବା ଆହୂତ ରାଶି (call money) ଯଦି କୌଣସି ଅଂଶଧାରୀଙ୍କଦ୍ୱାରା ପୈଠ ନ ହୁଏ, ତେବେ ଏହି ରାଶିକୁ .................. ହିସାବରେ ଦାୟୀ କରାଯିବ ।

(ii) ଜଣେ ଅଂଶଧାରୀ ଅଂଶର ଆବଣ୍ଟନରେ ଅଂଶ ପ୍ରତି ₹6 ଲେଖାଏଁ ପୈଠ କଲେ ଯେଉଁଥିରେ ପରବର୍ତ୍ତୀ ଆହ୍ୱାନ ପାଇଁ ଅଂଶ ପ୍ରତି ₹2 ଅନ୍ତର୍ଭୁକ୍ତ ଅଛି । ପୈଠ ହୋଇଥିବା ଏହି ଆଧିକ୍ୟ ରାଶିକୁ ....................... କୁହାଯାଏ ।

(iii) କମ୍ପାନୀ ଦ୍ୱାରା ବକେୟା-ଆହ୍ୱାନ ରାଶି ଉପରେ ବସାଯାଇଥିବା ସୁଧ ............ ହିସାବରେ ଦାତା କରାଯିବ ।

(iv) ଅଗ୍ରୀମ-ପ୍ରାପ୍ତ ଆହ୍ୱାନ ଉପରେ ଦିଆଯାଉଥିବା ସୁଧକୁ ............. ହିସାବରେ ଦାୟୀ କରାଯିବ ।

## ତୁମେ ଯାହା ଶିଖିଲ

- ଏକ ଅଂଶର ମୁଦ୍ରିତ (ନାମାଙ୍କିତ) ମୂଲ୍ୟ ଏହାର ସମ ମୂଲ୍ୟ ଅଟେ । ଅଂଶଗୁଡ଼ିକର ନିର୍ଗମନ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବଦଳରେ କରାଯାଇ ପାରିବ, ଅର୍ଥାତ୍ ପରିସମ୍ପତ୍ତିର କ୍ରୟ ବାବଦ କିମ୍ବା ଉଧାରଦାତା ବା ଉଦ୍ୟୋକ୍ତାମାନଙ୍କୁ ପୈଠ ବାବଦ ।
- ଅଂଶ ରାଶି ଏକ କାଳୀନ କିମ୍ବା କିସ୍ତିରେ ସଂଗ୍ରହ କରାଯାଇ ପାରେ ।
- ପ୍ରଥମ କିସ୍ତିକୁ 'ଅଂଶ ଆବେଦନ ରାଶି' ଏବଂ ଦ୍ୱିତୀୟ କିସ୍ତିକୁ 'ଅଂଶ ଆବଣ୍ଟନ ରାଶି' କୁହାଯାଏ ।
- ଯଦି ଅଂଶ ରାଶି ଦୁଇଟିରୁ ଅଧିକ କିସ୍ତିରେ ସଂଗୃହୀତ ହୁଏ, ଏହାକୁ ଆହ୍ୱାନ ରାଶି କୁହାଯାଏ ।
- ନିର୍ଗମିତ ହୋଇଥିବା ଅଂଶଗୁଡ଼ିକର ସଂଖ୍ୟା ସହିତ ସମାନ ସଂଖ୍ୟକ ଅଂଶ ପାଇଁ (ସମ୍ପୂର୍ଣ୍ଣ ଅଭିଦାନ), ତା'ଠାରୁ କମ୍ ସଂଖ୍ୟକ ଅଂଶ ପାଇଁ (କମ୍-ଅଭିଦାନ) କିମ୍ବା ତା'ଠାରୁ ଅଧିକ ସଂଖ୍ୟକ ଅଂଶ ପାଇଁ (ବେଶୀ-ଅଭିଦାନ) ଆବେଦନ ପତ୍ର ପ୍ରାପ୍ତ ହୋଇପାରେ ।
- ଯେତେବେଳେ ଅଂଶଗୁଡ଼ିକୁ ସେଗୁଡ଼ିକର ମୁଦ୍ରିତ ମୂଲ୍ୟ ଅପେକ୍ଷା ଅଧିକ ମୂଲ୍ୟରେ ନିର୍ଗମନ କରାଯାଏ, ସେତେବେଳେ ସେଗୁଡ଼ିକ ପ୍ରିମିୟମ୍ (ଅଧିମୂଲ୍ୟ)ରେ ନିର୍ଗମିତ ହୋଇଥିବା କୁହାଯାଏ । ଏହି ପ୍ରିମିୟମ୍ ରାଶିକୁ କମ୍ପାନୀ ଆଇନ୍‌ର ଧାରା 78 ଅଧୀନରେ ଉଲ୍ଲିଖିତ ଉଦ୍ଦେଶ୍ୟଗୁଡ଼ିକ ପାଇଁ ହିଁ କେବଳ ଉପଯୋଗ କରାଯାଇପାରିବ ।
- ଯେତେବେଳେ କୌଣସି ଅଂଶର ନିର୍ଗମିତ ମୂଲ୍ୟ ତା'ର ନାମାଙ୍କିତ ମୂଲ୍ୟଠାରୁ କମ୍ ହୋଇଥାଏ, ଏହା ରିହାତି (ଅବମୂଲ୍ୟ)ରେ ନିର୍ଗମିତ ହୋଇଥିବା କୁହାଯାଏ । କମ୍ପାନୀ ଆଇନ୍‌ର ଧାରା 79ରେ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତର ଉଲ୍ଲେଖ ଅଛି ଯେଉଁଗୁଡ଼ିକୁ ରିହାତିରେ ଅଂଶର ନିର୍ଗମନ କଲାବେଳେ ମାନିବାକୁ ହେବ ।
- ଯଦି ଜଣେ ଅଂଶଧାରୀ କମ୍ପାନୀ ଦ୍ୱାରା ଦାବୀ କରାଯିବା ସମୟରେ ଅଂଶ ଆବଣ୍ଟନ ରାଶି କିମ୍ବା ଅଂଶ ଆହ୍ୱାନ ରାଶିର ପୈଠ ନିମନ୍ତେ ଅକ୍ଷମ ହୁଅନ୍ତି, ତେବେ ଅଦତ୍ତ ରାଶିକୁ ବକେୟା-ଆହ୍ୱାନ କୁହାଯାଏ । ଯଦି ଜଣେ ଅଂଶଧାରୀ ଆହ୍ୱାନ କରାଯାଇ ନଥିବା ରାଶିର ପୈଠ କରିଦିଏ, ତେବେ ଉକ୍ତ ପୈଠ ରାଶିକୁ ଅଗ୍ରୀମ-ପ୍ରାପ୍ତ ଆହ୍ୱାନ କୁହାଯାଏ ।

## ପାଠ୍ୟାନ୍ତ ପ୍ରଶ୍ନ

1. ଅଂଶର ବେଶୀ (ଆଧିକ୍ୟ) ଅଭିଦାନ (over subscription)ର ଅର୍ଥ କ'ଣ ? ଆଧିକ୍ୟ ଅଭିଦାନ ରାଶିର ହିସାବରକ୍ଷଣ ଉପଚାର କ'ଣ ?
2. 'ପ୍ରିମିୟମ୍‌ରେ ଅଂଶର ନିର୍ଗମନ' କ'ଣ ଅଟେ ? ସେହି ଉଦ୍ଦେଶ୍ୟଗୁଡ଼ିକ ଉଲ୍ଲେଖ କର ଯେଉଁଥିପାଇଁ ପ୍ରିମିୟମ ରାଶିର ଉପଯୋଗ କରାଯାଇ ପାରିବ ।
3. ରିହାତିରେ ଅଂଶର ନିର୍ଗମନ କରିବାର ଅର୍ଥ କ'ଣ ? କମ୍ପାନୀ ଆଇନ୍ ଅନୁସାରେ ରିହାତିରେ ଅଂଶର ନିର୍ଗମନ ପାଇଁ ଯେଉଁ ସର୍ତ୍ତଗୁଡ଼ିକ ପୂରଣ କରିବା ଆବଶ୍ୟକ ସେଗୁଡ଼ିକୁ ଉଲ୍ଲେଖ କର ।

4. ନିମ୍ନ ଶବ୍ଦଗୁଡ଼ିକୁ ସଂକ୍ଷେପରେ ବୁଝାଅ:

   (i) ବକେୟା ଆହ୍ୱାନ (ii) ଅଗ୍ରମୀମ-ପ୍ରାପ୍ତ ଆହ୍ୱାନ

5. ଜାବେଦା ପ୍ରବିଷ୍ଟି କର:

   (କ) ଏକ୍ସ-ୱାଇ ଲିମିଟେଡ଼, ଯାହାର ଅଂଶ ପୁଞ୍ଜି 20,000ଟି ଦଶ ଟଙ୍କିଆ ସାଧାରଣ ଅଂଶରେ ବିଭକ୍ତ ହୋଇଥିଲା, ସର୍ବସାଧାରଣଙ୍କୁ 6,000 ଅଂଶ ନିର୍ଗମିତ କଲା । ଆବେଦନ ପତ୍ର ସହିତ ସମୁଦାୟ ରାଶିର ପୈଠ ହେବାର ଥିଲା । ସବୁଯାକ ଅଂଶ ପାଇଁ ଆବେଦନ ପତ୍ର ଏବଂ ଆବେଦନ ରାଶି ପ୍ରାପ୍ତ ହେଲା ।

   (ଖ) 'ଏ' ଲିମିଟେଡ଼ 10,000 ଟି 100 ଟଙ୍କିଆ ସାଧାରଣ ଅଂଶ ନିର୍ଗମିତ କଲା, ଯାହାର ପୈଠ ଥିଲା-ଅଂଶ ପ୍ରତି ₹25 ଆବେଦନ ପତ୍ର ସହିତ, ଅଂଶ ପ୍ରତି ₹25 ଆବଣ୍ଟନରେ ଏବଂ ପରବର୍ତ୍ତୀ ଦୁଇଟି ଆହ୍ୱାନ ପାଇଁ ଅଂଶ ପ୍ରତି ₹25 ପ୍ରତ୍ୟେକ ଆହ୍ୱାନରେ । ସବୁ ଟଙ୍କା ଯଥାବିଧି ପ୍ରାପ୍ତ ହେଲା ।

   (ଗ) ଏକ୍ସ ଲିଃ 10,000ଟି 10 ଟଙ୍କିଆ ଅଂଶ ଅଂଶପ୍ରତି 15 ଟଙ୍କାରେ ନିର୍ଗମନ କଲା ଯାହାର ପୈଠ ଥିଲା: ଆବେଦନରେ ₹3, ଆବଣ୍ଟନରେ ₹8 (₹5ର ପ୍ରିମିୟମ୍‌କୁ ମିଶାଇ) ଏବଂ ଆହ୍ୱାନରେ ₹4 ହିସାବରେ । ସମସ୍ତ ଅଂଶ ପାଇଁ ଅଭିଦାନ ହେଲା (ଦରଖାସ୍ତ ମିଳିଲା), ସେଗୁଡ଼ିକ ଆବଣ୍ଟନ କରାଗଲା ଏବଂ ନିର୍ଦ୍ଧାରିତ ତାରିଖଗୁଡ଼ିକରେ ପ୍ରାପ୍ୟ ଅର୍ଥ ରାଶି ପ୍ରାପ୍ତ ହେଲା ।

   (ଘ) 'ଏ' ଲିମିଟେଡ୍ 10,000ଟି 20 ଟଙ୍କିଆ ଅଂଶ 10% ରିହାତିରେ ନିର୍ଗମନ କଲା । ଅଂଶଗୁଡ଼ିକ ପାଇଁ ପୈଠ ଥିଲା ଏହିପରି: ଅଂଶ ପ୍ରତି ₹4 ଆବେଦନରେ, ଅଂଶ ପ୍ରତି ₹8 ଆବଣ୍ଟନରେ ଏବଂ ଅବଶିଷ୍ଟ ରାଶି ପ୍ରଥମ ଆହ୍ୱାନରେ । ସବୁ ଟଙ୍କା ଯଥାବିଧି ପ୍ରାପ୍ତ ହେଲା ।

6. (କ) ଅକ୍ଷୟ ଲିଃ 20,000ଟି 10 ଟଙ୍କିଆ ଅଂଶର ନିର୍ଗମନ କଲା ଯାହା ପାଇଁ ପୈଠ ନିମ୍ନ ମତେ ଥିଲା: ₹2 ଆବେଦନରେ, ₹2 ଆବଣ୍ଟରେ, ₹3 ପ୍ରଥମ ଆହ୍ୱାନରେ ଏବଂ ଅବଶିଷ୍ଟ ରାଶି ଦ୍ୱିତୀୟ ଆହ୍ୱାନରେ । ପ୍ରଥମ ଆହ୍ୱାନ କରାଗଲା ଏବଂ ସମସ୍ତ ସଦସ୍ୟ ପୈଠ କଲେ । ଜଣେ ସଦସ୍ୟ ଯେ କି 800 ଅଂଶର ଧାରକ, ସେ ଅବଶିଷ୍ଟ ଆହ୍ୱାନ ରାଶି ପାଇଁ ପୂରା ପୈଠ କରି ଦେଲା । ପରବର୍ତ୍ତୀ ସମୟରେ ଚୂଡ଼ାନ୍ତ ଆହ୍ୱାନ କରାଗଲା ଯାହାର ପୂରା ପୈଠ ମିଳିଗଲା । ଜାବେଦା ପ୍ରବିଷ୍ଟି କର ।

   (ଖ) ନିର୍ମଳ ଲିଃ, ଯାହାର ପ୍ରାଧିକୃତ ପୁଞ୍ଜି ₹10,00,000 ଯାହା 10 ଟଙ୍କିଆ ଅଂଶରେ ବିଭକ୍ତ, 50,000 ଅଂଶର ନିର୍ଗମନ କଲା । ଏହାର ପୈଠ ଥିଲା: ଅଂଶ ପ୍ରତି ₹2 ଆବେଦନରେ, ଅଂଶ ପ୍ରତି ₹3 ଆବଣ୍ଟନରେ ଓ ଅଂଶ ପ୍ରତି ₹2.50 ତିନି ମାସ ପରେ । ସବୁଯାକ ଯଥାବିଧି ପ୍ରାପ୍ତ ହେଲା, କିନ୍ତୁ ଯେତେବେଳେ ₹2.50ର ଆହ୍ୱାନ କରାଗଲା ଜଣେ ଅଂଶଧାରୀ ଯେ କି 200 ଅଂଶର ଧାରକ ଥିଲେ ସେ ଆହୂତ ରାଶି ପୈଠ କରିବାକୁ ଅକ୍ଷମ ହେଲେ ଏବଂ ଅନ୍ୟ ଜଣେ ଅଂଶଧାରୀ ଯେ କି 400 ଅଂଶର ଧାରକ ସେ ଅବଶିଷ୍ଟ ସମୁଦାୟ ରାଶି ପୈଠ କରିଦେଲେ । ଜାବେଦା ପ୍ରବିଷ୍ଟି କର ।

7. ଗୁଡ଼ଲକ୍ ଲିଃ 50,000 ଟି 10 ଟଙ୍କିଆ ଅଂଶର ଅଂଶ ପ୍ରତି ₹4 ପ୍ରିମିୟମ୍‌ରେ ନିର୍ଗମନ କଲା ଯାହାର ପୈଠ ଥିଲା ଏହିପରି:

ଆବେଦନ ପତ୍ର ସହିତ ଅଂଶ ପ୍ରତି ₹2
ଆବଣ୍ଟନରେ ଅଂଶ ପ୍ରତି ₹6 (₹3 ପ୍ରିମିୟମ୍‌କୁ ମିଶାଇ)
ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନରେ ଅଂଶ ପ୍ରତି ₹6 (₹1 ପ୍ରିମିୟମ୍‌କୁ ମିଶାଇ)

ଆବେଦନ ପତ୍ର ସହିତ ମିଳିଥିବା ଆଧିକ୍ୟ ପୈଠକୁ କେବଳ ଆବଣ୍ଟନରେ ପ୍ରାପ୍ୟ ରାଶି ବାବଦରେ ସମାଯୋଜିତ କରାଯିବ । 75,000 ଅଂଶ ପାଇ ଆବେଦନ ପତ୍ର ମିଳିଲା । 15,000 ଅଂଶ ପାଇଁ ଆବେଦକଙ୍କ ନିକଟକୁ କ୍ଷମା ଭିକ୍ଷା ପତ୍ର (letter of regret) ପଠାଗଲା ଓ ପୂର୍ଣ୍ଣ ଭାବେ ସେମାନଙ୍କୁ ଟଙ୍କା ଫେରାଇ ଦିଆଗଲା । 15,000 ଅଂଶ ପାଇଁ ଆବେଦକଙ୍କୁ 5,000 ଅଂଶ ଆବଣ୍ଟନ କରାଗଲା । ଆବଣ୍ଟନ ଓ ଆହ୍ୱାନରେ ପ୍ରାପ୍ୟ ସମସ୍ତ ଟଙ୍କା ଯଥାବିଧି ପ୍ରାପ୍ତ ହେଲା । ଜାବେଦା ପ୍ରବିଷ୍ଟ କର ।

8. ସୁପର ଇଣ୍ଡିଆ ପେଟ୍ରୋ-କେମିକଲ୍ସ ଲିଃକୁ 1 କୋଟି ଟଙ୍କାର ପୁଞ୍ଜି ସହିତ ପଞ୍ଜୀକୃତ କରାଗଲା ଯାହା 100 ଟଙ୍କିଆ ସାଧାରଣ ଅଂଶରେ ବିଭକ୍ତ ଥିଲା । କମ୍ପାନୀ ₹25,00,000ର ଯନ୍ତ୍ର (Plant) କ୍ରୟ କଲା ଏବଂ ଏହି ରାଶିକୁ ଅଂଶ ପ୍ରତି ₹25 ପ୍ରିମିୟମ୍‌ରେ ଅଂଶପତ୍ର ନିର୍ଗମନ କରି ପୈଠ କଲା । କମ୍ପାନୀ ଆହୁରି ମଧ୍ୟ ₹50,00,000ର ଅଂଶ, ଅଂଶ ପ୍ରତି ₹25 ପ୍ରିମିୟମ୍‌ରେ ସର୍ବସାଧାରଣଙ୍କୁ ନିର୍ଗମନ କଲା । ଏହି ରାଶିର ପୈଠ ଏହିପରି ଥିଲା:

₹65 ଆବେଦନ ଓ ଆବଣ୍ଟନରେ
₹30 ପ୍ରଥମ ଆହ୍ୱାନରେ ଏବଂ ଅବଶିଷ୍ଟ ଚୂଡ଼ାନ୍ତ ଆହ୍ୱାନରେ ।

କମ୍ପାନୀ 75,000 ଅଂଶପାଇଁ ଆବେଦନ ପତ୍ର ପାଇଲେ । ଅଂଶର ଆବଣ୍ଟନ ନିମ୍ନ ପ୍ରକାର କରାଗଲା:

| | |
|---|---|
| 10,000 ଅଂଶପାଇଁ ଆବେଦକଙ୍କୁ | ଶୂନ୍ୟ |
| 40,000 ଅଂଶପାଇଁ ଆବେଦକଙ୍କୁ | ପୂର୍ଣ୍ଣ |
| 25,000 ଅଂଶପାଇଁ ଆବେଦକଙ୍କୁ | 10,000 |

ଆବଣ୍ଟନ ରାଶି ପୂର୍ଣ୍ଣ ମାତ୍ରାରେ ପ୍ରାପ୍ତ ହେଲା କିନ୍ତୁ ଯେତେବେଳେ ଆହ୍ୱାନ କରାଗଲା 400 ଅଂଶର ଜଣେ ଧାରକଙ୍କୁ ଛାଡ଼ି ବାକି ସମସ୍ତ ଅଂଶଧାରୀ ପୂରା ଟଙ୍କା ପୈଠ କଲେ । ଏହି ଅଂଶଧାରୀ ଜଣକ ପୂର୍ଣ୍ଣ ଅଂଶ ଆବଣ୍ଟିତ ବର୍ଗଭୁକ୍ତ ଥବଲେ ଏବଂ ପ୍ରଥମ ଆହ୍ୱାନ ରାଶି ପୈଠ କରିବାକୁ ଅକ୍ଷମ ହେଲେ ଯାହାକୁ ସେ ଚୂଡ଼ାନ୍ତ ଆହ୍ୱାନ ରାଶି ସହିତ ମିଶାଇ ପୈଠ କଲେ । କମ୍ପାନୀ ଅଗ୍ରୀମ-ପ୍ରାପ୍ତ ଆହ୍ୱାନ ଉପରେ ବାର୍ଷିକ 6% ହାରରେ ସୁଧ ଦେଉଥିବା ବେଳେ ବକେୟା ଆହ୍ୱାନ ଉପରେ ବାର୍ଷିକ 12% ହାରରେ ସୁଧ ବସାଏ । ଆବଣ୍ଟନ ପରେ ପ୍ରତି 2 ମାସ ବ୍ୟବଧାନରେ ଆହ୍ୱାନ ରାଶି ଦାବୀ କରାଯାଏ । କମ୍ପାନୀର ବହିରେ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 23.1**

(i) ନାମାଙ୍କିତ / ସମ (ii) ବିକ୍ରେତା

(iii) କିସ୍ତି (iv) ଆବେଦକ

**ପାଠ୍ୟଗତ ପ୍ରଶ୍ନ 23.2**

(i) ବେଶୀ ଅଭିଦାନ/ଅଧି-ଅଭିଦାନ (ii) ଅଂଶ ପ୍ରଥମ ଆହ୍ୱାନ

(iii) ଆହୂତ (iv) ପାରିବ ନାହିଁ

**ପାଠ୍ୟଗତ ପ୍ରଶ୍ନ 23.3**

(i) (ପୁଞ୍ଜିଗତ) ଲାଭ (ii) ₹3

(iii) ପ୍ରତିଭୂତି ପ୍ରିମିୟମ୍ (iv) ₹100

**ପାଠ୍ୟଗତ ପ୍ରଶ୍ନ 23.4**

(i) କ୍ଷତି (ii) ₹90

(iii) ଅଂଶପ୍ରତି ₹100

**ପାଠ୍ୟଗତ ପ୍ରଶ୍ନ 23.5**

(i) ବକେୟା ଆହ୍ୱାନ (ii) ଅଗ୍ରୀମ-ପ୍ରାପ୍ତ ଆହ୍ୱାନ

(iii) ବକେୟା ଆହ୍ୱାନ ଉପରେ ସୁଧ (iv) ଅଗ୍ରୀମ ପ୍ରାପ୍ତ ଆହ୍ୱାନ ଉପରେ ସୁଧ





# 24

# ଅଂଶ ପତ୍ରର ବାଜ୍ୟାପ୍ତି (Forfeiture of Shares)

ପୂର୍ବ ପାଠରେ ତୁମେ ଅଂଶ ଏବଂ ଏକ ଯୌଥ ପୁଞ୍ଜି କମ୍ପାନୀ ଦ୍ୱାରା ଅଂଶର ନିର୍ଗମନ ବିଷୟରେ ପଢ଼ିଛ । ତୁମେ ଆହୁରି ମଧ୍ୟ ପଢ଼ିଛ ଯେ ଅଂଶର ନିର୍ଗମିତ ମୂଲ୍ୟ କିସ୍ତି ଆକାରରେ ପୈଠ (ପ୍ରାପ୍ୟ) ହୋଇଥାଏ, ଅର୍ଥାତ୍ ଆବେଦନରେ, ଆବଣ୍ଟନରେ ଏବଂ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦ୍ୱାରା ସମୟକୁ ସମୟ କରାଯାଉଥିବା ଆହ୍ୱାନରେ । ବେଳେବେଳେ କିଛି ଅଂଶଧାରୀ ପୂରା ଆହୂତ ରାଶି ପୈଠ କରିବାକୁ ଅକ୍ଷମ ହୁଅନ୍ତି, ଅର୍ଥାତ୍ ସେମାନଙ୍କୁ ଅଂଶର ଆବଣ୍ଟନ ପରେ ସେମାନେ ଏକ ବା ଏକାଧିକ କିସ୍ତିର ରାଶି ପୈଠ କରନ୍ତି ନାହିଁ । ଏହି କ୍ଷେତ୍ରରେ କମ୍ପାନୀ ହୁଏତ ଅଦାଲତର ଆଶ୍ରୟ ନେଇପାରେ ଏବଂ ପ୍ରାପ୍ୟ ରାଶିର ଆଦାୟ ପାଇଁ ଖିଲାପକାରୀ ଅଂଶଧାରୀଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ କରିପାରେ କିମ୍ବା ଖିଲାପକାରୀ ଅଂଶଧାରୀଙ୍କ ସଦସ୍ୟତା ରଦ୍ଦ କରିପାରେ । ଯଦି ଖିଲାପକାରୀ ଅଂଶଧାରୀଙ୍କ ସଦସ୍ୟତା ରଦ୍ଦ କରାଯାଏ, ତେବେ ତାଙ୍କ ଦ୍ୱାରା ଅଂଶ ପୁଞ୍ଜି ବାବଦ ପ୍ରଦତ୍ତ ରାଶିର ବାଜ୍ୟାପ୍ତି ହୋଇଯାଏ । ଏହାକୁ 'ଅଂଶପତ୍ରର ବାଜ୍ୟାପ୍ତି' କୁହାଯାଏ ।

ଏହି ପାଠରେ ତୁମେ ଅଂଶ ପତ୍ର ବାଜ୍ୟାପ୍ତି କରିବାର ବିଭିନ୍ନ ସ୍ଥିତି ଏବଂ ସେଗୁଡ଼ିକର ହିସାବରକ୍ଷଣ ଉପଚାର ବିଷୟରେ ଶିଖିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ:

- ଅଂଶପତ୍ରର ବାଜ୍ୟାପ୍ତିର ଅର୍ଥ ବୁଝାଇ ପାରିବ;
- ଅଂଶପତ୍ର ବାଜ୍ୟାପ୍ତ କରିବାର ବିଭିନ୍ନ ସ୍ଥିତିକୁ ବୁଝାଇ ପାରିବ;
- ସମମୂଲ୍ୟ, ଅବମୂଲ୍ୟ ଓ ଅଧିମୂଲ୍ୟରେ ନିର୍ଗମିତ ହୋଇଥିବା ଅଂଶଗୁଡ଼ିକର ବାଜ୍ୟାପ୍ତି ପାଇଁ ହିସାବରକ୍ଷଣ ଉପଚାର ବୁଝାଇପାରିବ;
- ପ୍ରାସଙ୍ଗିକ ହିସାବମାନ ପ୍ରସ୍ତୁତ କରିପାରିବ ।

## 24.1 ଅର୍ଥ ଓ ପ୍ରକ୍ରିୟା

ଯଦି ଜଣେ ଅଂଶଧାରୀ କମ୍ପାନୀ ଦ୍ୱାରା ନିର୍ଗମିତ ହୋଇଥିବା ଅଂଶ ଉପରେ ଦେୟ ଆବଣ୍ଟନ କିମ୍ବା କୌଣସି ଆହ୍ୱାନ ରାଶିର ପୈଠ କରିବାକୁ ଅକ୍ଷମ ହୁଅନ୍ତି, ତେବେ ନିର୍ଦ୍ଦେଶକ ମଣ୍ଡଳୀ ତାଙ୍କର କମ୍ପାନୀର ସଦସ୍ୟତାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇ ପାରନ୍ତି । ଏହି ରଦ୍ଦ ସହିତ ଖିଲାପକାରୀ ଅଂଶଧାରୀ ତାଙ୍କ ଅଂଶଗୁଡ଼ିକ ବାବଦ ପୈଠ କରିଥିବା ରାଶିକୁ ମଧ୍ୟ ହରାଇଥାଆନ୍ତି । ଅତଃ, ଯେତେବେଳେ ଜଣେ ଅଂଶଧାରୀ ଆହୂତ ରାଶିର ପୈଠ ନ କରିବା କାରଣରୁ ତାଙ୍କ ସଦସ୍ୟତାରୁ ବଞ୍ଚିତ ହୁଅନ୍ତି, ଏହାକୁ ଅଂଶ ପତ୍ରର ବାଜ୍ୟାପ୍ତି କୁହାଯାଏ । ଅଂଶପତ୍ର ବାଜ୍ୟାପ୍ତିର ପରିଣାମ ନିମ୍ନଲିଖିତ ଅଟେ:

| |
|---|
| ଅଂଶଧାରୀଙ୍କର ସଦସ୍ୟତାର ରଦ୍ଦ |
| କମ୍ପାନୀର ନିର୍ଗମିତ ଅଂଶ ପୁଞ୍ଜିର ହ୍ରାସ |

ଆସ, ଏକ ଉଦାହରଣ ଦ୍ୱାରା ଏହାକୁ ଆହୁରି ସ୍ପଷ୍ଟ କରିବା । ଏସ୍.କେ.ଲିଃ 1,00,000ଟି 10ଟଙ୍କିଆ ଅଂଶ ନିର୍ଗମନ କଲେ ଯାହାର ପୈଠ ଏହିପରି ଥିଲା: ₹2 ଆବେଦନରେ, ₹2 ଆବଣ୍ଟନରେ ଓ ₹3 ପ୍ରଥମ ଆହ୍ୱାନରେ ଏବଂ ₹3 ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନରେ । ଶ୍ରୀଯୁକ୍ତ ହରୀଶ, ଯାହାଙ୍କୁ 100ଟି ଅଂଶ ଆବଣ୍ଟିତ ହୋଇଥିଲା, ସେ କମ୍ପାନୀ ଦ୍ୱାରା ମଗାଯାଇଥିବା ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନ ରାଶି ପୈଠ କରିବାକୁ ଅକ୍ଷମ ହେଲେ । ଏହି କ୍ଷେତ୍ରରେ ଯଦି ନିର୍ଦ୍ଦେଶକ ମଣ୍ଡଳୀ ତାଙ୍କ ଅଂଶଗୁଡ଼ିକୁ ବାଜ୍ୟାପ୍ତ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ତାଙ୍କର ସଦସ୍ୟତା ରଦ୍ଦ ହେବ ଏବଂ ତାଙ୍କଦ୍ୱାରା ପ୍ରଦତ୍ତ ₹700ର ରାଶି (100 ଅଂଶ ଉପରେ ଅଂଶ ପ୍ରତି ₹2 ଆବେଦନରେ, ₹2 ଆବଣ୍ଟନରେ ଓ ₹3 ପ୍ରଥମ ଆହ୍ୱାନରେ) ବାଜ୍ୟାପ୍ତ କରାଯିବ । ବର୍ତ୍ତମାନ ଶ୍ରୀଯୁକ୍ତ ହରୀଶ କମ୍ପାନୀର ଆଉ ସଦସ୍ୟ ହୋଇ ରହିବେ ନାହିଁ ଏବଂ କମ୍ପାନୀର ନିର୍ଗମିତ ପୁଞ୍ଜିକୁ ₹1,000 କମାଇ ଦିଆଯିବ ।

### ଅଂଶ ପତ୍ରର ବାଜ୍ୟାପ୍ତିର ପ୍ରକ୍ରିୟା (Procedure for forfeiture of shares)

ଅଂଶପତ୍ର ବାଜ୍ୟାପ୍ତ କରିବାର ଅଧିକାର କମ୍ପାନୀର ଆଭ୍ୟନ୍ତରୀଣ ନିୟମାବଳୀରେ ନିର୍ଦ୍ଦେଶକ ମଣ୍ଡଳୀକୁ ଦିଆଯାଇଛି । ନିର୍ଦ୍ଦେଶକ ମଣ୍ଡଳୀ ଖିଲାପକାରୀ ସଦସ୍ୟଙ୍କୁ ଅନ୍ତତଃପକ୍ଷେ ଚଉଦ ଦିନିଆ ନୋଟିସ୍ ଦେବା ପୂର୍ବକ ଏକ ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ବକେୟା ଟଙ୍କା ସୁଧ ସହିତ କିମ୍ବା ବିନା ସୁଧରେ, ଯେପରି ନିଷ୍ପତ୍ତି ହୋଇଥାଏ ସେପରି, ପୈଠ କରିଦେବାକୁ କହନ୍ତି । ଉକ୍ତ ନୋଟିସ୍‌ରେ ଏହା ନିଶ୍ଚିତ ଉଲ୍ଲେଖ ଥିବା ଆବଶ୍ୟକ ଯେ ଯଦି ଏଥିରେ ଉଲ୍ଲେଖ ଥିବା ରାଶି (ଟଙ୍କା) ଅଂଶଧାରକ ନିର୍ଦ୍ଧାରିତ ଅବଧି ମଧ୍ୟରେ ଦାଖଲ ନ କରନ୍ତି ତେବେ ତାଙ୍କର ଅଂଶ ବାଜ୍ୟାପ୍ତ କରି ଦିଆଯିବ । ଏହା ସତ୍ତ୍ୱେ ବି ଯଦି ସେମାନେ ନିର୍ଦ୍ଧାରିତ ଅବଧି ମଧ୍ୟରେ ରାଶି ପୈଠ କରିବାରେ ଅସମର୍ଥ ହୁଅନ୍ତି, ତେବେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ଏକ ସଙ୍କଳ୍ପ ଜାରି କରି ସମ୍ପୃକ୍ତ ଅଂଶଗୁଡ଼ିକର ବାଜ୍ୟାପ୍ତ କରିବାକୁ ନିଷ୍ପତ୍ତି ନେଇ ପାରନ୍ତି । ଅଂଶ ପତ୍ରର ବାଜ୍ୟାପ୍ତି ସଂକ୍ରାନ୍ତରେ ନିଷ୍ପତ୍ତି ସମ୍ପୃକ୍ତ ଆବଣ୍ଟନ ଗ୍ରହୀତା (allottee)ଙ୍କୁ ଅବଗତ କରାଇ ଦିଆଯାଏ ତଥା ତାଙ୍କୁ ଆବଣ୍ଟନ ପତ୍ର ଏବଂ ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକର ଅଂଶ ପ୍ରମାଣପତ୍ରମାନ କମ୍ପାନୀକୁ ଫେରସ୍ତ କରିଦେବାକୁ କୁହାଯାଏ ।

### ପାଠ୍ୟଗତ ପ୍ରଶ୍ନ 24.1

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର:

(i) ଯଦି ଜଣେ ଅଂଶଧାରୀ ଅଂଶ ଉପରେ ଦେୟ ରାଶିର ପୈଠ କରିବାକୁ ଅକ୍ଷମ ହୁଅନ୍ତି, ତେବେ ନିର୍ଦ୍ଦେଶକ ମଣ୍ଡଳୀ ଅଂଶଗୁଡ଼ିକର ..................... କରିବାକୁ ନିଷ୍ପତ୍ତି ନେଇ ପାରନ୍ତି ।

(ii) ଅଂଶଗୁଡ଼ିକର ବାଜ୍ୟାପ୍ତିର ଅର୍ଥ ଅଟେ:

(କ) ..........................................................................

(ଖ) ..........................................................................

(iii) ଅଂଶପତ୍ରର ବାଜ୍ୟାପ୍ତିର ଅଧିକାର କମ୍ପାନୀର............ ଦ୍ୱାରା ପ୍ରଦତ୍ତ ଥାଏ ।

(iv) ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ଖିଲାପକାରୀ ସଦସ୍ୟମାନଙ୍କୁ ଅନ୍ତତଃ ପକ୍ଷେ .............. ଦିନିଆ ନୋଟିସ୍ ଦେବାକୁ ହୋଇଥାଏ ।

## 24.2 ହିସାବରକ୍ଷଣ ଉପଚାର (ଲେଖା ପଦ୍ଧତି)

ତୁମେ ଜାଣିଛ ଯେ ଅଂଶଗୁଡ଼ିକୁ ସମମୂଲ୍ୟ, ଅବମୂଲ୍ୟ ଓ ଅଧିମୂଲ୍ୟରେ ନିର୍ଗମନ କରାଯାଇପାରେ । ଏହି ତିନି ସ୍ଥିତିରେ ଅଂଶଗୁଡ଼ିକର ବାଜ୍ୟାପ୍ତି ପାଇଁ ହିସାବରକ୍ଷଣ ପଦ୍ଧତି ନିମ୍ନ ମତେ ବୁଝାଯାଇପାରେ:

### 1. ସମମୂଲ୍ୟରେ ନିର୍ଗମିତ ହୋଇଥିବା ଅଂଶର ବାଜ୍ୟାପ୍ତି

ଯେତେବେଳେ ସମମୂଲ୍ୟରେ ନିର୍ଗମିତ ହୋଇଥିବା ଅଂଶର ବାଜ୍ୟାପ୍ତି କରାଯାଏ, ତାହାର ହିସାବରକ୍ଷଣ ନିମ୍ନ ପ୍ରକାର ହେବ:

(i) ଅଂଶର ବାଜ୍ୟାପ୍ତି ସମୟ ସୁଦ୍ଧା ଅଂଶ ପ୍ରତି ଯେତିକି ରାଶି ଆହୂତ ହୋଇଥାଏ (ତାହା ପ୍ରାପ୍ତ ହୋଇଥାଉ ବା ନଥାଉ), ସେହି ଆହୂତ ରାଶିର ପରିମାଣକୁ ଅଂଶ ପୁଞ୍ଜି ହିସାବରେ ଦାୟୀ କରାଯାଏ ।

(ii) ବାଜ୍ୟାପ୍ତି ସମୟ ସୁଦ୍ଧା ଯେତିକି ରାଶି ପ୍ରାପ୍ତ ହୋଇଥାଏ, ସେହି ରାଶିର ପରିମାଣକୁ ଅଂଶ ବାଜ୍ୟାପ୍ତି ହିସାବରେ ଦାତା କରାଯାଏ ।

(iii) ବାଜ୍ୟାପ୍ତ ହୋଇଥିବା ଅଂଶ ଉପରେ ଦେୟ (ପ୍ରାପ୍ୟ) ହୋଇଥିବା ରାଶିକୁ 'ଅଦତ୍ତ ଆହ୍ୱାନ ହିସାବ' (Unpaid Calls A/c)ରେ ଦାତା କରାଯାଏ । ଆହ୍ୱାନ ସମୟରେ ଆହୂତ ରାଶିର ପ୍ରାପ୍ୟକୁ ଲିପିବଦ୍ଧ କରିବା ପାଇଁ ଯେଉଁ ସବୁ ହିସାବକୁ 'ଦାୟୀ' କରାଯାଇଥାଏ, ଏହି ପ୍ରବିଷ୍ଟି ଦ୍ୱାରା ସେହି ସବୁ ହିସାବରେ ଦାୟୀର ପ୍ରଭାବ ଶୂନ୍ୟ ହୋଇଯାଏ । ଜାବେଦା ପ୍ରବିଷ୍ଟି ଏହିପରି ହେବ:

| | | |
|---|---|---|
| ଅଂଶ ପୁଞ୍ଜି ହିସାବ | ଦାୟୀ | (ଆହୂତ ରାଶି) |
| ଦାତା ଅଂଶ ବାଜ୍ୟାପ୍ତି ହିସାବ | | (ପ୍ରାପ୍ତ ରାଶି) |
| ଦାତା ଅଦତ୍ତ ଆହ୍ୱାନ ହିସାବ | | (ଆହୂତ କିନ୍ତୁ ଅପ୍ରାପ୍ତ ରାଶି) |

**ଟିପ୍ପଣୀ:** (i) ଆହୂତ ରାଶି = ଅଂଶଗୁଡ଼ିକର ସଂଖ୍ୟା × ଅଂଶ ପ୍ରତି ଆହୂତ ରାଶି

(ii) ପ୍ରାପ୍ତ ରାଶି = ଅଂଶଗୁଡ଼ିକର ସଂଖ୍ୟା × ଅଂଶପ୍ରତି ପ୍ରାପ୍ତ ରାଶି

(iii) ଆହୂତ କିନ୍ତୁ ଅପ୍ରାପ୍ତ ରାଶି = ଅଂଶଗୁଡ଼ିକର ସଂଖ୍ୟା × ଅଂଶ ପ୍ରତି ଆହୂତ ହୋଇଥିବା କିନ୍ତୁ ପ୍ରାପ୍ତ ହୋଇନଥିବା ରାଶି

**ଉଦାହରଣ 1**

ଏକ ଅଂଶଧାରୀ ଏକ୍ସ, ଯେ କି 100 ଟି 10 ଟଙ୍କିଆ ଅଂଶର ଧାରକ, ସେ ଅଂଶ ପ୍ରତି ₹2 କରି ଆବେଦନ ରାଶି ଏବଂ ଅଂଶ ପ୍ରତି ₹3 କରି ଆବଣ୍ଟନ ରାଶି ପୈଠ କରିଛନ୍ତି, କିନ୍ତୁ ଅଂଶ ପ୍ରତି ₹2 ହିସାବରେ ପ୍ରଥମ ଆହ୍ୱାନ ଓ ଅଂଶ ପ୍ରତି ₹3 ହିସାବରେ ଦ୍ୱିତୀୟ ଆହ୍ୱାନ ରାଶି ପୈଠ କରିବାକୁ ଅସଫଳ ହୋଇଛନ୍ତି । ତାଙ୍କର ଅଂଶଗୁଡ଼ିକୁ ବାଜ୍ୟାପ୍ତ କରାଯାଇଛି । ଅଂଶପତ୍ରର ବାଜ୍ୟାପ୍ତିକୁ ଲିପିବଦ୍ଧ କରିବା ପାଇଁ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ଅଂଶ ପୁଞ୍ଜି ହିସାବ(100X₹10) ଦାୟୀ | | 1,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ(100X₹10) | | | 500 |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ(100X₹10) | | | 200 |
| | ଦାତା ଅଂଶ ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ(100X₹10) | | | 300 |
| | (100ଟି ଅଂଶର ବାଜ୍ୟାପ୍ତି) | | | |

**ଉଦାହରଣ 2**

ଆଲଫା ଲିଃ 10,000ଟି 100 ଟଙ୍କିଆ ଅଂଶ ନିର୍ଗମନ କଲେ ଯାହାର ପୈଠ ଏହିପରି:

- ₹25 ଆବେଦନରେ
- ₹25 ଆବଣ୍ଟନରେ
- ₹20 ପ୍ରଥମ ଆହ୍ୱାନରେ ଏବଂ
- ₹30 ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନରେ

9,000ଟି ଅଂଶ ପାଇଁ ଆବେଦନ ପତ୍ର ମିଳିଲା ଏବଂ ସେସବୁର ଆବଣ୍ଟନ କରାଗଲା । ଗଣେଶଙ୍କୁ ଆବଣ୍ଟିତ 300 ଅଂଶ ଉପରେ ଆବଣ୍ଟନ ରାଶି, ପ୍ରଥମ ଆହ୍ୱାନ ରାଶି ଏବଂ ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନ ରାଶିକୁ ଛାଡ଼ି ଅବଶିଷ୍ଟ ସବୁ ପୈଠ ପ୍ରାପ୍ତ ହୋଇଗଲା । ନିର୍ଦ୍ଦେଶକ ମଣ୍ଡଳୀ ଏହି ଅଂଶଗୁଡ଼ିକର ବାଜ୍ୟାପ୍ତି ପାଇଁ ନିଷ୍ପତ୍ତି ନେଲେ । ଅଂଶର ବାଜ୍ୟାପ୍ତି ସମ୍ବନ୍ଧିତ ଏହି ନେଣଦେଣକୁ ଲିପିବଦ୍ଧ କରିବା ପାଇଁ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ଅଂଶ ପୁଞ୍ଜି ହିସାବ(300X₹100) ଦାୟୀ | | 30,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ(300X₹25) | | | 7,500 |
| | ଦାତା ଅଂଶ ଆବଣ୍ଟନ ହିସାବ(300X₹25) | | | 7,500 |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ(300X₹20) | | | 6,000 |
| | ଦାତା ଅଂଶ ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ(300X₹30) | | | 9,000 |
| | (300ଟି 100 ଟଙ୍କିଆ ଅଂଶକୁ ଆବଣ୍ଟନ ରାଶି ଓ ଆହୂତ ରାଶି ପୈଠ ନ କରିବା କାରଣରୁ ବାଜ୍ୟାପ୍ତ କରାଗଲା) | | | |



## ଆନୁପାତିକ ଆଧାରରେ ଆବଣ୍ଟିତ ଅଂଶଗୁଡ଼ିକର ବାଜ୍ୟାପ୍ତି (Forfeiture of shares allotted on pro-rata basis)

ଅଂଶଗୁଡ଼ିକର ଅଧି-ଅଭିଦାନ (ବେଶୀ-ଅଭିଦାନ) ସ୍ଥିତିରେ ଆବେଦନକାରୀମାନଙ୍କୁ ଅଂଶଗୁଡ଼ିକର ଆବଣ୍ଟନ କରିବାର ଏକ ପରିକଳ୍ପନା ଏହା ମଧ୍ୟ ହୋଇଥାଏ ଯେ ଅଂଶଗୁଡ଼ିକର ସେହି ସଂଖ୍ୟା ଯାହା ପାଇଁ ମିଳିଥିବା ଆବେଦନଗୁଡ଼ିକୁ କମ୍ପାନୀ ଦ୍ୱାରା ଆବଣ୍ଟନ ପାଇଁ ଯୋଗ୍ୟ ବିବେଚନା କରାଯାଏ ଏବଂ ଅଂଶଗୁଡ଼ିକର ସେହି ସଂଖ୍ୟା ଯାହାର ଅଭିଦାନ ପାଇଁ କମ୍ପାନୀ ଅର୍ପଣ କରିଛି, ଏହି ସଂଖ୍ୟାଦ୍ୱୟର ଅନୁପାତରେ ଆବେଦକଙ୍କୁ ଅଂଶଗୁଡ଼ିକର ଆବଣ୍ଟନ କରାଯିବ । ଏହାକୁ ଅଂଶଗୁଡ଼ିକର ଆନୁପାତିକ ଆବଣ୍ଟନ (Pro-rata allotment) କୁହାଯାଏ । ଆନୁପାତିକ ଆବଣ୍ଟନ କ୍ଷେତ୍ରରେ ଆବେଦନ ପତ୍ର ସହିତ ପ୍ରାପ୍ତ ଆଧିକ୍ୟ ରାଶିକୁ ଅଂଶ ଆବେଦନ ହିସାବରୁ ଅଂଶ ଆବଣ୍ଟନ ହିସାବକୁ ସ୍ଥାନାନ୍ତର କରାଯାଏ । ଯଦି କୌଣସି ଅଂଶଧାରୀ ତାଙ୍କର ଅଂଶ ଉପରେ ଆବଣ୍ଟନ ରାଶି ଓ ଆହ୍ୱାନ ରାଶି ପୈଠ କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କଦ୍ୱାରା ଦେୟ କିନ୍ତୁ ପୈଠ ହୋଇ ନଥିବା ରାଶି (ଅଦତ୍ତ ରାଶି)ର ହିସାବ ନିମ୍ନ ପ୍ରକାର କରାଯିବ:

(i) ଆବଣ୍ଟନ ହେତୁ ପ୍ରାପ୍ତ ଅଂଶଗୁଡ଼ିକ ପାଇଁ ଆବେଦନ କରିଥିବା ଅଂଶଗୁଡ଼ିକର ସଂଖ୍ୟା

$$= \frac{\text{ଅଂଶଗୁଡ଼ିକର ମୋଟ ସଂଖ୍ୟା ଯାହାପାଇଁ ଆବେଦନ ପ୍ରାପ୍ତ ହୋଇଥିଲା} \times \text{ଖିଲାଫକାରୀଙ୍କୁ ଆବଣ୍ଟିତ ଅଂଶଗୁଡ଼ିକର ସଂଖ୍ୟା}}{\text{ଆବଣ୍ଟନ କରାଯାଇଥିବା ଅଂଶଗୁଡ଼ିକର ମୋଟ ସଂଖ୍ୟା}}$$

(ii) ଆବେଦନ କରିଥିବା ଅଂଶଗୁଡ଼ିକର ସଂଖ୍ୟା [ସୋପାନ (i) ଅନୁସାରେ] – ଆବଣ୍ଟିତ ହୋଇଥିବା ଅଂଶଗୁଡ଼ିକର ସଂଖ୍ୟା = ଆବେଦନ ପ୍ରାପ୍ତ ଅତିରିକ୍ତ ଅଂଶଗୁଡ଼ିକର ସଂଖ୍ୟା

(iii) ଅତିରିକ୍ତ ପ୍ରାପ୍ତ ଆବେଦନ ରାଶି = ଆବେଦନ ପ୍ରାପ୍ତ ଅତିରିକ୍ତ ଅଂଶଗୁଡ଼ିକର ସଂଖ୍ୟା × ଅଂଶ ପ୍ରତି ଆବେଦନ ରାଶି

(iv) ଆବଣ୍ଟନରେ ଅପ୍ରାପ୍ତ ରାଶି = ଆବଣ୍ଟନରେ ପ୍ରାପ୍ୟ ରାଶି – ଅତିରିକ୍ତ ପ୍ରାପ୍ତ ଆବେଦନ ରାଶି ଯାହା ଆବଣ୍ଟନରେ ସମାଯୋଜିତ ହୋଇଛି ।

**ଉଦାହରଣ 3**

ଏକ କମ୍ପାନୀ ଅଭିଦାନ ପାଇଁ ସର୍ବସାଧାରଣଙ୍କୁ 10,000ଟି 10 ଟଙ୍କିଆ ଅଂଶ ଅର୍ପଣ କରିଛି । ଏହା 15,000 ଅଂଶ ପାଇଁ ଦରଖାସ୍ତ ଗ୍ରହଣ କଲା । କମ୍ପାନୀ ଆନୁପାତିକ ଆଧାରରେ ଅଂଶଗୁଡ଼ିକର ଆବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛି । ଗୁଣାକ୍ଷୀ, ଯେ କି 200 ଅଂଶର ଧାରକ, ଆବଣ୍ଟନ ରାଶି ଓ ପ୍ରଥମ ଆହ୍ୱାନ ରାଶି ପୈଠ କରିବାକୁ ଅସମର୍ଥ ହେଲେ । ତାଙ୍କର ଅଂଶ ବାଜ୍ୟାପ୍ତ କରାଗଲା ।ରାଶିର ଦେୟ ନିମ୍ନ ମତେ ଥିଲା:

ଅଂଶ ପ୍ରତି ₹2 ଆବେଦନରେ

ଅଂଶ ପ୍ରତି ₹3 ଆବଣ୍ଟନରେ

ଅଂଶ ପ୍ରତି ₹5 ଆହ୍ୱାନରେ

କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର ଓ ପ୍ରାସଙ୍ଗିକ ହିସାବଗୁଡ଼ିକ ପ୍ରସ୍ତୁତ କର ।

**ସମାଧାନ:**

**କାର୍ଯ୍ୟକାରୀ ଟିପ୍ପଣୀ :**

ଆବେଦନ କରିଥିବା ଅଂଶଗୁଡ଼ିକର ସଂଖ୍ୟା

$$= \frac{\text{ଆବେଦନପ୍ରାପ୍ତ ଅଂଶଗୁଡ଼ିକର ସଂଖ୍ୟା} \times \text{ଗୁଣାକ୍ଷୀଙ୍କୁ ଆବଣ୍ଟିତ ଅଂଶଗୁଡ଼ିକର ସଂଖ୍ୟା}}{\text{ଆବଣ୍ଟିତ ଅଂଶଗୁଡ଼ିକର ମୋଟ ସଂଖ୍ୟା}}$$

$$= \frac{15{,}000}{10{,}000} X\, 200 = 300$$

ଆବେଦନ ପ୍ରାପ୍ତ ଅତିରିକ୍ତ ଅଂଶଗୁଡ଼ିକର ସଂଖ୍ୟା = 300 – 200 = 100

ଅତିରିକ୍ତ ପ୍ରାପ୍ତ ଆବେଦନ ରାଶି = 100 × ₹2 = ₹200

ଆବଣ୍ଟନରେ ପ୍ରାପ୍ୟ ରାଶି = 200 × ₹3 = ₹600

ଅତିରିକ୍ତ ପ୍ରାପ୍ତ ଆବେଦନ ରାଶି ଯାହା ସମାଯୋଜିତ ହେବ = ₹200

ଆବଣ୍ଟନରେ ନିଟ୍ ଅପ୍ରାପ୍ତ ରାଶି = ₹600 – ₹200 = ₹400

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|---|
| 1. | ବ୍ୟାଙ୍କ୍ ହିସାବ | ଦାୟୀ | | 30,000 | |
| | ଦାତା ଅଂଶ ଆବେଦନ ହିସାବ | | | | 30,000 |
| | (15,000 ଅଂଶପାଇଁ ଅଂଶ ପ୍ରତି ₹2 ହିସାବରେ ଆବେଦନ ରାଶି ପ୍ରାପ୍ତ ହେଲା) | | | | |
| 2. | ଅଂଶ ଆବେଦନ ହିସାବ | ଦାୟୀ | | 30,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 20,000 |
| | ଦାତା ଅଂଶ ଆବଣ୍ଟନ ହିସାବ | | | | 10,000 |
| | (10,000 ଅଂଶପାଇଁ ପ୍ରାପ୍ତ ଆବେଦନ ରାଶି ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା ଏବଂ 5,000 ଅଂଶପାଇଁ ପ୍ରାପ୍ତ ଆବେଦନ ରାଶି ଅଂଶ ଆବଣ୍ଟନ ହିସାବକୁ ସ୍ଥାନାନ୍ତରିତ ହେଲା) | | | | |
| 3. | ଅଂଶ ଆବଣ୍ଟନ ହିସାବ | ଦାୟୀ | | 30,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 30,000 |
| | (10,000 ଅଂଶ ଉପରେ ଅଂଶ ପ୍ରତି ₹3 ଆବଣ୍ଟନ ରାଶି ପ୍ରାପ୍ୟ ହେଲା) | | | | |
| 4. | ବ୍ୟାଙ୍କ୍ ହିସାବ | ଦାୟୀ | | 19,600 | |
| | ଦାତା ଅଂଶ ଆବଣ୍ଟନ ହିସାବ | | | | 19,600 |
| | (୨,୫00 ଅଂଶ ଉପରେ ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | | | |

| | | | | |
|---|---|---|---|---|
| 5. | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ<br>ଦାତା ଅଂଶ ପୁଞ୍ଜି ହିସାବ<br>(10,000 ଅଂଶ ଉପରେ ଅଂଶ ପ୍ରତି ₹5 ହିସାବରେ ଆହ୍ୱାନ ରାଶି ପ୍ରାପ୍ୟ ହେଲା) | | 50,000 | 50,000 |
| 6. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ<br>(9,800 ଅଂଶ ଉପରେ ଅଂଶ ପ୍ରତି ₹5 ହିସାବରେ ଆହ୍ୱାନ ରାଶି ପ୍ରାପ୍ତ ହେଲା) | | 49,000 | 49,000 |
| 7. | ଅଂଶ ପୁଞ୍ଜି ହିସାବ ଦାୟୀ<br>ଦାତା ଅଂଶ ବାଜ୍ୟାପ୍ତି ହିସାବ<br>ଦାତା ଅଂଶ ଆବଣ୍ଟନ ହିସାବ<br>ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ<br>(200 ଅଂଶ ବାବଦ ଆବଣ୍ଟନ ରାଶି ଓ ଆହୂତ ରାଶି ପ୍ରାପ୍ତ ନ ହେବା କାରଣରୁ ବାଜ୍ୟାପ୍ତି ହେଲା) | | 2,000 | <br>600<br>400<br>1,000 |

## ଖତିଆନ୍

### ବ୍ୟାଙ୍କ୍ ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ଆବେଦନ ହିସାବ | | 30,000 | | ବଳକା ନି/ନି | | 98,600 |
| | ଅଂଶ ଆବଣ୍ଟନ ହିସାବ | | 19,600 | | | | |
| | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | 49,000 | | | | |
| | | | 98,600 | | | | 98,600 |
| | ବଳକା ନି/ଅ | | 98,600 | | | | |

### ଅଂଶ ଆବେଦନ ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ପୁଞ୍ଜି ହିସାବ | | 20,000 | | ବ୍ୟାଙ୍କ୍ ହିସାବ | | 30,000 |
| | ଅଂଶ ଆବଣ୍ଟନ ହିସାବ | | 10,000 | | | | |
| | | | 30,000 | | | | 30,000 |

### ଅଂଶ ପୁଞ୍ଜି ହିସାବ

ଦାୟୀ — ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ବାଜ୍ୟାପ୍ତି ହିସାବ | | 600 | | ଅଂଶ ଆବେଦନ ହିସାବ | | 20,000 |
| | ଅଂଶ ଆବଣ୍ଟନ ହିସାବ | | 400 | | ଅଂଶ ଆବଣ୍ଟନ ହିସାବ | | 30,000 |
| | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | 1,000 | | ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | 50,000 |
| | ବଳକା ନି/ନି | | 98,000 | | | | |
| | | | 1,00,000 | | | | 1,00,000 |
| | | | | | ବଳକା ନି/ଅ | | 98,000 |

### ଅଂଶ ଆବଣ୍ଟନ ହିସାବ

ଦାୟୀ — ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ପୁଞ୍ଜି ହିସାବ | | 30,000 | | ବ୍ୟାଙ୍କ୍ ହିସାବ | | 19,600 |
| | | | | | ଅଂଶ ଆବେଦନ ହିସାବ | | 10,000 |
| | | | | | ଅଂଶ ପୁଞ୍ଜି ହିସାବ | | 400 |
| | | | 30,000 | | | | 30,000 |

### ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ

ଦାୟୀ — ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ | ପରିମାଣ (₹) |
|---|---|---|---|---|---|---|---|
| | ଅଂଶ ପୁଞ୍ଜି ହିସାବ | | 50,000 | | ବ୍ୟାଙ୍କ୍ ହିସାବ | | 49,000 |
| | | | | | ଅଂଶ ପୁଞ୍ଜି ହିସାବ | | 1,000 |
| | | | 50,000 | | | | 50,000 |

### ଅଂଶ ବାଜ୍ୟାପ୍ତି ହିସାବ

ଦାୟୀ — ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ | ପରିମାଣ (₹) |
|---|---|---|---|---|---|---|---|
| | ବଳକା ନି/ନି | | 600 | | ଅଂଶ ପୁଞ୍ଜି ହିସାବ | | 600 |
| | | | 600 | | | | 600 |
| | | | | | ବଳକା ନି/ଅ | | 600 |

**.............କମ୍ପାନୀ ଲିଃର ଉଦ୍‌ବୃତ୍ତ ବିବରଣ**

**....................ର**

| ଦାୟ | ₹ | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| **ପ୍ରାଧିକୃତ ପୁଞ୍ଜି** | | | ବ୍ୟାଙ୍କରେ ଜମା ଅର୍ଥ | 98,600 |
| ........ଅଂଶ ପ୍ରତ୍ୟେକ ₹10ର | | ............. | | |
| **ନିର୍ଗମିତ ପୁଞ୍ଜି** | | | | |
| 10,000 ଅଂଶ ପ୍ରତ୍ୟେକ ₹10ର | 1,00,000 | | | |
| ବିଯୁକ୍ତ : 200 ଅଂଶର ବାଜ୍ୟାପ୍ତ ପୁଞ୍ଜି | 2,000 | 98,000 | | |
| ଅଂଶ ବାଜ୍ୟାପ୍ତି ହିସାବ | | 600 | | |
| | | 98,600 | | 98,600 |

## ପାଠ୍ୟଗତ ପ୍ରଶ୍ନ 24.2

I. 200 ଟି 100 ଟଙ୍କିଆ ଅଂଶ, ଅଂଶ ପ୍ରତି ₹20ର ପ୍ରଥମ ଆହ୍ୱାନ ରାଶି ଏବଂ ଅଂଶ ପ୍ରତି ₹30ର ଚୂଡ଼ାନ୍ତ ଆହ୍ୱାନ ରାଶି ପ୍ରାପ୍ତ ନ ହେବା କାରଣରୁ ବାଜ୍ୟାପ୍ତ କରାଗଲା । ଅଂଶଗୁଡ଼ିକର ବାଜ୍ୟାପ୍ତି ପାଇଁ ପ୍ରଦତ୍ତ ଜାବେଦା ପ୍ରବିଷ୍ଟିରେ ପ୍ରତି ହିସାବ ସିଧାରେ ଠିକ୍ ରାଶି ଲେଖ ।

| | | ₹ | ₹ |
|---|---|---|---|
| ଅଂଶ ପୁଞ୍ଜି ହିସାବ | ଦାୟୀ | (କ).......... | |
| ଦାତା ଅଂଶ ବାଜ୍ୟାପ୍ତି ହିସାବ | | | (ଖ)............ |
| ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ | | | (ଗ)............ |
| ଦାତା ଅଂଶ ଚାଡ଼ାନ୍ତ ହିସାବ | | | (ଘ)............ |

(200ଟି 100 ଟଙ୍କିଆ ଅଂଶ ବାବଦ ପ୍ରଥମ ଆହ୍ୱାନ ରାଶି ଓ ଚୂଡ଼ାନ୍ତ ଆହ୍ୱାନ ରାଶି ପ୍ରାପ୍ତ ନ ହେବାରୁ ବାଜ୍ୟାପ୍ତ କରାଗଲା)

II. ଏକ ଯୌଥ ପୁଞ୍ଜି କମ୍ପାନୀ ଅଭିଦାନ ପାଇଁ 50,000ଟି 100 ଟଙ୍କିଆ ଅଂଶ ଅର୍ପଣ କଲେ ଯାହା ଉପରେ ଏହିପରି ଦାବୀ ଅଛି: ଆବେଦନର ₹30, ଆବଣ୍ଟନରେ ₹40 ଏବଂ ଅବଶିଷ୍ଟ ଆବଶ୍ୟକ ପଡ଼ିଲେ । 60,000 ଅଂଶ ପାଇଁ ଦରଖାସ୍ତ ମିଳିଲା । ଆବେଦନକାରୀଙ୍କୁ ଆନୁପାତିକ ଆଧାରରେ ଅଂଶର ଆବଣ୍ଟନ ହେଲା । ରାକେଶ ଯାହାଙ୍କୁ 200ଟି ଅଂଶ ଆବଣ୍ଟିତ ହୋଇଥିଲା ସେ ଆବଣ୍ଟନ ରାଶି ପୈଠ କଲେ ନାହିଁ । ରାକେଶଙ୍କ ଅଂଶର ନିମ୍ନଲିଖିତ ରାଶିଗୁଡ଼ିକ ନିର୍ଦ୍ଧାରଣ କର:

(କ) ଅତିରିକ୍ତ ଆବେଦନ ରାଶି ପ୍ରାପ୍ତ ₹.....................

(ଖ) ଆବଣ୍ଟନରେ ପ୍ରାପ୍ୟ ରାଶି ₹.....................

(ଗ) ଆବଣ୍ଟନରେ ନିଟ୍ ଅପ୍ରାପ୍ତ ରାଶି ₹....................

## 24.3 ଅଧିମୂଲ୍ୟ (ପ୍ରିମିୟମ୍) ଓ ଅବମୂଲ୍ୟ (ରିହାତି)ରେ ନିର୍ଗମିତ ଅଂଶଗୁଡ଼ିକର ବାଜ୍ୟାପ୍ତି (Forfeiture of shares issued at Premium and at Discount)

### ପ୍ରିମିୟମ୍‌ରେ ନିର୍ଗମିତ ଅଂଶର ବାଜ୍ୟାପ୍ତି

ଯଦି ଅଂଶଗୁଡ଼ିକ ପ୍ରିମିୟମ୍‌ରେ ନିର୍ଗମିତ ହୋଇଥାଏ ଏବଂ ତତ୍ପରେ ବାଜ୍ୟାପ୍ତ ହୋଇଥାଏ, ତେବେ ନିମ୍ନ ଦୁଇଟି ସ୍ଥିତି ଉପୁଜିପାରେ:

- ଅଂଶଗୁଡ଼ିକର ବାଜ୍ୟାପ୍ତି ପୂର୍ବରୁ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇସାରିଛି
- ଅଂଶଗୁଡ଼ିକ ଉପରେ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇନାହିଁ ଏବଂ ଏହା ଏବେ ବି ପ୍ରତିଭୂତି ପ୍ରିମିୟମ୍ ହିସାବର ଦାତା ପାର୍ଶ୍ୱରେ ଲେଖା ହୋଇଅଛି ।

**1. ଅଂଶର ବାଜ୍ୟପ୍ତି ପୂର୍ବରୁ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇସାରିଛି ।**

ଯଦି ବାଜ୍ୟାପ୍ତ ହୋଇଥିବା ଅଂଶ ବାବଦ ବାଜ୍ୟାପ୍ତି ପୂର୍ବରୁ କମ୍ପାନୀକୁ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇ ସାରିଛି, ତେବେ ପ୍ରତିଭୂତି ପ୍ରିମିୟମ୍ ହିସାବ ପ୍ରଭାବିତ ହେବ ନାହିଁ । ଏହି କ୍ଷେତ୍ରରେ ଅଂଶଗୁଡ଼ିକର ବାଜ୍ୟାପ୍ତି ଜନିତ ଜାବେଦା ପ୍ରବିଷ୍ଟି ଠିକ୍ ସେହି ଏକାପରି ହେବ ଯେପରି ଅଂଶଗୁଡ଼ିକ ସମ-ମୂଲ୍ୟରେ ନିର୍ଗମିତ ହୋଇଥିବା ବେଳେ ହୋଇଥାଏ ।

ଜାବେଦା ପ୍ରବିଷ୍ଟି ଏହିପରି ହେବ:

ଅଂଶ ପୁଞ୍ଜି ହିସାବ ଦାୟୀ

ଦାତା ଅଂଶ ବାଜ୍ୟାପ୍ତି ହିସାବ

ଦାତା ଅଦତ୍ତ ଆହ୍ୱାନ ହିସାବ/ବକେୟା ଆହ୍ୱାନ ହିସାବ

(ପ୍ରିମିୟମ୍‌ରେ ନିର୍ଗମିତ ଅଂଶର ବାଜ୍ୟାପ୍ତି)

**ଉଦାହରଣ 4**

ଏମ୍.ବି. ସଫ୍ଟୱେର ଲିଃ ₹5,00,000ର ପୁଞ୍ଜି ନିର୍ଗମନ କଲେ ଯାହାକୁ 10 ଟଙ୍କିଆ ସାଧାରଣ ଅଂଶରେ ବିଭକ୍ତ କରାଯାଇଛି । ଅଂଶଗୁଡ଼ିକ ଅଂଶ ପ୍ରତି ₹4 ପ୍ରିମିୟମ୍‌ରେ ନିର୍ଗମିତ ହେଲା ଯାହାର ପୈଠ ଏହିପରି ହେବାର ଥିଲା: ଅଂଶ ପ୍ରତି ₹3 ଆବେଦନରେ, ଅଂଶ ପ୍ରତି ₹7 (ପ୍ରିମିୟମ୍‌କୁ ମିଶାଇ) ଆବଣ୍ଟନରେ ଏବଂ ଅବଶିଷ୍ଟ ଆହ୍ୱାନରେ ।

ସବୁଯାକ ଅଂଶ ପାଇଁ ଆବେଦନ ପତ୍ର ମିଳିଲା ଏବଂ ସେଗୁଡ଼ିକ ଯଥାବିଧି ଆବଣ୍ଟନ କରାଗଲା । 500 ଅଂଶ ବ୍ୟତୀତ ପୂରା ଟଙ୍କା ଯଥା ସମୟରେ ପ୍ରାପ୍ତ ହୋଇଗଲା । ଏହି ଅଂଶଗୁଡ଼ିକ ବାବଦ ଆହ୍ୱାନ ରାଶି ପ୍ରାପ୍ତ ହୋଇ ନ ଥିଲା । କମ୍ପାନୀ ଏଗୁଡ଼ିକୁ ବାଜ୍ୟାପ୍ତ କରିବାର ନିଷ୍ପତ୍ତି ନେଲେ । 500 ଅଂଶର ବାଜ୍ୟାପ୍ତିକୁ ଲିପିବଦ୍ଧ କରିବା ପାଇଁ ଜାବେଦା ପ୍ରବିଷ୍ଟ କର ।







**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| | | ₹ | ₹ |
|---|---|---|---|
| ଅଂଶ ପୁଞ୍ଜି ହିସାବ | ଦାୟୀ | 5,000 | |
| ଦାତା ଅଂଶ ବାଜ୍ୟାପ୍ତି ହିସାବ | | | 3,000 |
| ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | | 2,000 |
| (500ଟି 10 ଟଙ୍କିଆ ଅଂଶର ଅଂଶପ୍ରତି ₹4 ଲେଖାଏଁ ଆହ୍ୱାନ ରାଶି ପ୍ରାପ୍ତ ନ ହେବା କାରଣରୁ ବାଜ୍ୟାପ୍ତି) | | | |

**2. ଅଂଶଗୁଡ଼ିକ ଉପରେ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇନାହିଁ ଏବଂ ଏହାକୁ ପ୍ରତିଭୂତି ପ୍ରିମିୟମ୍ ହିସାବର ଦାତା ପାର୍ଶ୍ୱରେ ପ୍ରାପ୍ୟ କିନ୍ତୁ ଅପ୍ରାପ୍ତ ବୋଲି ଦର୍ଶାଯାଇଛି ।**

ଯେତେବେଳେ ଏକ ଅଂଶ ବାଜ୍ୟାପ୍ତ କରାଯାଏ ଯାହା ବାବଦରେ ପ୍ରିମିୟମ୍ ରାଶି ପ୍ରାପ୍ୟ କରାଯାଇଛି କିନ୍ତୁ ପୂର୍ଣ୍ଣ ବା ଆଂଶିକ ଭାବେ ଉକ୍ତ ରାଶି ପ୍ରାପ୍ତ ହୋଇନାହିଁ, ସେତେବେଳେ ପ୍ରତିଭୂତି ପ୍ରିମିୟମ୍ ହିସାବକୁ ରଦ୍ଦ କରିଦିଆଯିବ । ରାଶି ପ୍ରାପ୍ୟ ହେବା ସମୟରେ ପ୍ରତିଭୂତି ପ୍ରିମିୟମ୍ ହିସାବକୁ ଯେଣୁ ଦାତା କରାଯାଇଥିଲା ତେଣୁ ଏବେ ଜାବେଦା ପ୍ରବିଷ୍ଟି ନିମ୍ନ ମତେ ହେବ:

| | |
|---|---|
| ଅଂଶ ପୁଞ୍ଜି ହିସାବ | ଦାୟୀ |
| ପ୍ରତିଭୂତି ପ୍ରିମିୟମ୍ ହିସାବ | ଦାୟୀ |
| ଦାତା ଅଂଶ ବାଜ୍ୟାପ୍ତି ହିସାବ | |
| ଦାତା ଅଦତ୍ତ ଆହ୍ୱାନ ହିସାବ | |
| (ମୂଳତଃ ପ୍ରିମିୟମ୍‌ରେ ନିର୍ଗମିତ ଅଂଶଗୁଡ଼ିକୁ ପ୍ରାପ୍ୟର ପୈଠ ନ ମିଳିବା କାରଣରୁ ବାଜ୍ୟାପ୍ତି) | |

**ଉଦାହରଣ 5**

ଦି ଲେଟେଷ୍ଟ ଟେକ୍ନୋଲୋଜି କମ୍ପାନୀ ଲିଃ ଅଭିଦାନ ପାଇଁ ସର୍ବସାଧାରଣଙ୍କୁ 50,000ଟି 20 ଟଙ୍କିଆ ଅଂଶ, ଅଂଶ ପ୍ରତି ₹5 ପ୍ରିମିୟମ୍‌ରେ ଅର୍ପଣ କଲେ । ରାଶିର ପୈଠ ନିମ୍ନ ମତେ ହେବାର ଥିଲା:

| | |
|---|---|
| ଆବେଦନରେ | ଅଂଶ ପ୍ରତି ₹5 |
| ଆବଣ୍ଟନରେ | ଅଂଶ ପ୍ରତି ₹12 (ଅଂଶ ପ୍ରତି ₹5 ପ୍ରିମିୟମ୍‌କୁ ମିଶାଇ) |
| ପ୍ରଥମ ଆହ୍ୱାନରେ | ଅଂଶ ପ୍ରତି ₹4 |
| ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନରେ | ଅଂଶ ପ୍ରତି ₹4 |

ସମସ୍ତ ଅଂଶ ପାଇଁ ଦରଖାସ୍ତ ପ୍ରାପ୍ତ ହେଲା । ସମସ୍ତ ଆବେଦକଙ୍କୁ ପୂରା ମାତ୍ରାରେ ଅଂଶ ଆବଣ୍ଟନ କରାଗଲା । ଅସୀମା ତାଙ୍କର 200 ଅଂଶ ବାବଦ ଆବଣ୍ଟନ ରାଶି ଓ ଆହ୍ୱାନ ରାଶି ପୈଠ କରିବାକୁ ଅକ୍ଷମ ହେଲେ । ରେଶ୍ମାଙ୍କୁ 300 ଅଂଶ ଆବଣ୍ଟିତ ହୋଇଥିଲା । ସେ ଆହ୍ୱାନ ରାଶି ପୈଠ କଲେ ନାହିଁ । ସେମାନଙ୍କର ଅଂଶଗୁଡ଼ିକ ବାଜ୍ୟାପ୍ତ କରାଗଲା । କେବଳ ବାଜ୍ୟାପ୍ତି ସଂକ୍ରାନ୍ତ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| (i) | ଅଂଶ ପୁଞ୍ଜି ହିସାବ (200x20) ଦାୟୀ | | 4,000 | |
| | ପ୍ରତିଭୂତି ପ୍ରିମିୟମ୍ ହିସାବ (200x5) ଦାୟୀ | | 1,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ (200x5) | | | 1,000 |
| | ଦାତା ଅଂଶ ଆବଣ୍ଟନ ହିସାବ (200x12) | | | 2,400 |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ (200x4) | | | 800 |
| | ଦାତା ଅଂଶ ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ (200x4) | | | 800 |
| | (ଅସୀମାଙ୍କ 200ଟି ଅଂଶକୁ ସେ ଆବଣ୍ଟନ ରାଶି ଓ ଆହ୍ୱାନ ରାଶି ପୈଠ ନକରିବା କାରଣରୁ ବାଜ୍ୟାପ୍ତ କରାଗଲା) | | | |
| (ii) | ଅଂଶ ପୁଞ୍ଜି ହିସାବ (300x20) ଦାୟୀ | | 6,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ (300x12) | | | 3,600 |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ (300x4) | | | 1,200 |
| | ଦାତା ଅଂଶ ଦ୍ୱିତୀୟ ଆହ୍ୱାନ ହିସାବ (300x4) | | | 1,200 |
| | (ରେଶ୍ମା ଧାରଣ କରିଥିବା 300 ଅଂଶର ବାଜ୍ୟାପ୍ତି) | | | |

ଉପରୋକ୍ତ ଦୁଇ ପ୍ରବିଷ୍ଟିର ସଂଯୁକ୍ତ ପ୍ରବିଷ୍ଟି (combined entry) ଏହିପରି ହେବ:

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ଅଂଶ ପୁଞ୍ଜି ହିସାବ ଦାୟୀ | | 10,000 | |
| | ପ୍ରତିଭୂତି ପ୍ରିମିୟମ୍ ହିସାବ ଦାୟୀ | | 1,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ | | | 4,600 |
| | ଦାତା ଅଂଶ ଆବଣ୍ଟନ ହିସାବ | | | 2,400 |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ | | | 2,000 |
| | ଦାତା ଅଂଶ ଦ୍ୱିତୀୟ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | | 2,000 |
| | (ଅସୀମାଙ୍କ 200 ଅଂଶର ବାଜ୍ୟାପ୍ତି ଯେ ଆବଣ୍ଟନ ଓ ଆହୂତ ରାଶି ପୈଠ କଲେ ନାହିଁ ତଥା ରେଶ୍ମାଙ୍କର 300 ଅଂଶର ବାଜ୍ୟାପ୍ତି ଯେ ଆହୂତ ରାଶି ଦେଲେ ନାହିଁ) | | | |

### ରିହାତିରେ ନିର୍ଗମିତ ଅଂଶର ବାଜ୍ୟାପ୍ତି (Forfeiture of shares issued at discount)

ଅଂଶର ନିର୍ଗମନରେ ପ୍ରଦତ୍ତ ରିହାତି କମ୍ପାନୀ ପାଇଁ ଏକ କ୍ଷତି ଅଟେ । ଯେତେବେଳେ ରିହାତିରେ ନିର୍ଗମିତ ଅଂଶଗୁଡ଼ିକୁ ପ୍ରାପ୍ୟ ପୈଠ ନ କରିବା କାରଣରୁ ବାଜ୍ୟାପ୍ତ କରାଯାଏ, ସେତେବେଳେ ସେଗୁଡ଼ିକ ଉପରେ ପ୍ରଦତ୍ତ ରିହାତିକୁ ବିପରୀତ ଲିଖନ କରି ରଦ୍ଦ କରାଯାଏ । ଅର୍ଥାତ୍ ଅଂଶର ନିର୍ଗମନ ସମୟରେ, 'ଅଂଶ ନିର୍ଗମନରେ ରିହାତି ହିସାବ'କୁ ଦାୟୀ କରା ଯାଇଥାଏ ଏବଂ ତେଣୁ ଯେତେବେଳେ ଏହି ଅଂଶଗୁଡ଼ିକର ବାଜ୍ୟାପ୍ତି କରାଯାଏ ଉକ୍ତ ହିସାବକୁ ଦାତା କରି ଅଂଶଗୁଡ଼ିକ ଉପରେ ପ୍ରଦତ୍ତ ରିହାତିକୁ ରଦ୍ଦ କରିଦିଆଯାଏ । ଏ କ୍ଷେତ୍ରରେ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଅଂଶ ପୁଞ୍ଜି ହିସାବ                    ଦାୟୀ

    ଦାତା ଅଂଶ ବାଜ୍ୟାପ୍ତି ହିସାବ

    ଦାତା ଅଂଶ ନିର୍ଗମନରେ ରିହାତି ହିସାବ

    ଦାତା ଅଦତ୍ତ ଆହ୍ୱାନ ହିସାବ

(ମୂଳତଃ ରିହାତିରେ ନିର୍ଗମିତ ଅଂଶଗୁଡ଼ିକର ପ୍ରାପ୍ୟ
ପୈଠ ନ କରିବା ହେତୁ ବାଜ୍ୟାପ୍ତି)

**ଉଦାହରଣ 6**

ଦି ଏଭରଗ୍ରୋଇଙ୍ଗ୍ ଲିଃ ପ୍ରତ୍ୟେକ ₹50ର 20,000 ଅଂଶକୁ 10% ରିହାତିରେ ନିର୍ଗମନ ପାଇଁ ଦରଖାସ୍ତ ଆହ୍ୱାନ କଲେ, ଯାହାର ପ୍ରାପ୍ୟ ନିମ୍ନ ମତେ ଅଟେ:

| | |
|---|---|
| ଆବେଦନରେ | ଅଂଶ ପ୍ରତି ₹10 |
| ଆବଣ୍ଟନରେ | ଅଂଶ ପ୍ରତି ₹20 |
| ଆହ୍ୱାନରେ | ଅଂଶ ପ୍ରତି ₹15 |

200 ଅଂଶ ବାବଦ ଆହୂତ ରାଶିକୁ ଛାଡ଼ି ଅବଶିଷ୍ଟ ସବୁ ଅଂଶର ଅଭିଦାନ ହୋଇଗଲା ତଥା ସେଗୁଡ଼ିକର ପୈଠ ପ୍ରାପ୍ତ ହୋଇଗଲା । ଆହୂତ ରାଶି ମିଳି ନ ଥିବା ସେହି ଅଂଶଗୁଡ଼ିକୁ କମ୍ପାନୀ ଦ୍ୱାରା ବାଜ୍ୟାପ୍ତ କରାଗଲା ।

ଅଂଶଗୁଡ଼ିକର ବାଜ୍ୟାପ୍ତି ପାଇଁ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

| | | | |
|---|---|---|---|
| ଅଂଶ ପୁଞ୍ଜି ହିସାବ (200x50) | ଦାୟୀ | 10,000 | |
| ଦାତା ଅଂଶ ବାଜ୍ୟାପ୍ତି ହିସାବ (200x30) | | | 6,000 |
| ଦାତା ଅଂଶ ନିର୍ଗମନରେ ରିହାତି ହିସାବ (200x5) | | | 1,000 |
| ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ (200x15) | | | 3,000 |
| (ପ୍ରତ୍ୟେକ ₹50ର 200 ଅଂଶ ଯାହା 10% ରିହାତିରେ ନିର୍ଗମିତ ହୋଇଥିଲା ସେଗୁଡ଼ିକ ବାବଦ ପ୍ରାପ୍ୟ ଆହୂତ ରାଶି ପୈଠ ନ ହେବାରୁ ବାଜ୍ୟାପ୍ତ କରାଗଲା) | | | |

**ଉଦାହରଣ 7**

ମେ. ହର୍ବାଲ୍ ଟି ପ୍ଲାଣ୍ଟେସନ୍ସ ଲିଃ 1 କୋଟି ଟଙ୍କାର ପୁଞ୍ଜି ସହିତ ପଞ୍ଜୀକୃତ ହୋଇଥିଲା ଯାହା ପ୍ରତ୍ୟେକ ₹100ର ସାଧାରଣ ଅଂଶରେ ବିଭକ୍ତ ହୋଇଥିଲା । କମ୍ପାନୀ ଅଂଶ ପ୍ରତି ₹20 ପ୍ରିମିୟମ୍‌ରେ 50,000 ଅଂଶ ସର୍ବସାଧାରଣଙ୍କୁ ପ୍ରସ୍ତାବ କଲେ । ଏହି ଅଂଶ ଗୁଡ଼ିକ ଉପରେ ରାଶିର ପୈଠର ପ୍ରାପ୍ୟ ଏହିପରି ଥିଲା:

₹25 ଆବେଦନରେ

₹50 (₹20ର ପ୍ରିମିୟମ୍‌କୁ ମିଶାଇ) ଆବଣ୍ଟନରେ

₹20 ପ୍ରଥମ ଆହ୍ୱାନରେ, ଏବଂ

₹25 ଚୂଡ଼ାନ୍ତ ଆହ୍ୱାନରେ ।

75000 ଅଂଶ ପାଇଁ ଦରଖାସ୍ତ (ଆବେଦନ) ମିଳିଲା । ଆବେଦକଙ୍କୁ ଅଂଶଗୁଡ଼ିକ ଆନୁପାତିକ ଭିତ୍ତିରେ ଆବଣ୍ଟିତ ହେଲା । କାନ୍ତି ଭାଇ ଯାହାଙ୍କୁ 500 ଅଂଶ ଆବଣ୍ଟିତ ହୋଇଥିଲା ସେ ଆବଣ୍ଟନ ରାଶି ପୈଠ କଲେ ନାହିଁ । ସେ ମଧ୍ୟ ପ୍ରଥମ ଆହ୍ୱାନ ରାଶିର ପୈଠ କରିବାକୁ ଅକ୍ଷମ ହେଲେ । ତାଙ୍କ ଅଂଶଗୁଡ଼ିକ ବାଜ୍ୟାପ୍ତ କରାଗଲା । ଶୀତଳ ଯାହା ପାଖରେ 200 ଅଂଶ ଥିଲା ସେ ପ୍ରଥମ ଆହ୍ୱାନ ରାଶି ପୈଠ କଲେ ନାହିଁ । ଚୂଡ଼ାନ୍ତି ଆହ୍ୱାନ କରାଯାଇ ନଥିଲା ।

କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ମେ. ହର୍ବାଲ୍ ଟି ପ୍ଲାଣ୍ଟେସନ୍ସ ଲିଃ**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ | | 18,75,000 | |
| | ଦାତା ଅଂଶ ଆବେଦନ ହିସାବ | | | 18,75,000 |
| | (ଆବେଦନ ରାଶି ପ୍ରାପ୍ତ ହେଲା) | | | |
| 2. | ଅଂଶ ଆବେଦନ ହିସାବ ଦାୟୀ | | 18,75,000 | |
| | ଦାତା ସାଧାରଣ ଅଂଶ ପୁଞ୍ଜି ହିସାବ | | | 12,50,000 |
| | ଦାତା ଅଂଶ ଆବଣ୍ଟନ ହିସାବ | | | 6,25,000 |
| | (50,000 ଅଂଶର ଆବେଦନ ରାଶି ସେଗୁଡ଼ିକର ଆବଣ୍ଟନରେ ଅଂଶ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା ଓ ଅବଶିଷ୍ଟ ରାଶି ଅଂଶ ଆବଣ୍ଟନ ବାବଦ ସମାଯୋଜିତ ହେଲା) | | | |
| 3. | ଅଂଶ ଆବଣ୍ଟନ ହିସାବ ଦାୟୀ | | 25,00,000 | |
| | ଦାତା ସାଧାରଣ ଅଂଶ ପୁଞ୍ଜି ହିସାବ | | | 15,00,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | 10,00,000 |
| | (ପ୍ରିମିୟମ୍ ସହିତ ଆବଣ୍ଟନ ରାଶି ପ୍ରାପ୍ୟ ହେଲା) | | | |
| 4. | ବ୍ୟାଙ୍କ୍ ହିସାବ ଦାୟୀ | | 18,56,250 | |
| | ଦାତା ଅଂଶ ଆବଣ୍ଟନ ହିସାବ | | | 18,56,250 |
| | (ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | | |
| 5. | ଅଂଶ ପ୍ରଥମ ଆହ୍ୱାନ ହିସାବ ଦାୟୀ | | 10,00,000 | |
| | ଦାତା ସାଧାରଣ ଅଂଶ ପୁଞ୍ଜି ହିସାବ | | | 10,00,000 |
| | (ପ୍ରଥମ ଆହ୍ୱାନ ରାଶିର ପ୍ରାପ୍ୟ ହେଲା) | | | |

| | | | | |
|---|---|---|---|---|
| 6. | ବ୍ୟାଙ୍କ୍ ହିସାବ ଦାୟୀ | | 9,86,000 | |
| | ବକେୟା ଆହ୍ୱାନ ହିସାବ ଦାୟୀ | | 4,000 | |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ | | | 9,90,000 |
| | (49,300 ଅଂଶର ପ୍ରଥମ ଆହ୍ୱାନ ରାଶି ପ୍ରାପ୍ତ ହେଲା ଏବଂ 200 ଅଂଶ ବାବଦ ପ୍ରାପ୍ୟ ପ୍ରଥମ ଆହ୍ୱାନ ରାଶି ବକେୟା ଆହ୍ୱାନ ହିସାବରେ ଦାୟୀ କରାଗଲା) | | | |
| 7. | ଅଂଶ ପୁଞ୍ଜି ହିସାବ ଦାୟୀ | | 37,500 | |
| | ପ୍ରତିଭୂତି ପ୍ରିମିୟମ୍ ହିସାବ ଦାୟୀ | | 10,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ | | | 18,750 |
| | ଦାତା ଅଂଶ ଆବଣ୍ଟନ ହିସାବ | | | 18,750 |
| | ଦାତା ଅଂଶ ପ୍ରଥମ ଆହ୍ୱାନ ହିସାବ | | | 10,000 |
| | (500 ଅଂଶ ବାବଦ ଆବଣ୍ଟନ ରାଶି ଓ ପ୍ରଥମ ଆହ୍ୱାନ ରାଶିର ପୈଠ ପ୍ରାପ୍ତ ନ ହେବା କାରଣରୁ ଅଂଶଗୁଡ଼ିକର ବାଜ୍ୟାପ୍ତି) | | | |

କାର୍ଯ୍ୟକାରୀ ଟିପ୍ପଣୀ:

(1) ଆବେଦନ ପ୍ରାପ୍ତ ଅଂଶଗୁଡ଼ିକର ସଂଖ୍ୟା 75,000

ଆବଣ୍ଟିତ ହୋଇଥିବା ଅଂଶଗୁଡ଼ିକର ସଂଖ୍ୟା 50,000

ଅନୁପାତ = 3:2

(2) କାନ୍ତି ଭାଇଙ୍କ ପାଖରେ ଥିବା ଅଂଶଗୁଡ଼ିକର ସଂଖ୍ୟା = 500

ସେ ଆବେଦନ କରିଥିବା ଅଂଶଗୁଡ଼ିକର ସଂଖ୍ୟା = $500 \times \frac{3}{2} = 750$

ଅତିରିକ୍ତ ଆବେଦନ ରାଶି ପ୍ରାପ୍ତ ହେଲା = 250x₹25 = ₹6,250

ଅଂଶ ଆବଣ୍ଟନ ରାଶି ପ୍ରାପ୍ୟ = 500 x ₹50 = ₹25,000

ଅତିରିକ୍ତ ଆବେଦନ ରାଶିର ସମାଯୋଜନ ପରେ ନିଟ୍ ପ୍ରାପ୍ୟ ରାଶି

= ₹25,000 – ₹6,250 = ₹18,750

(3) ମୋଟ ଆବଣ୍ଟନ ରାଶି ପ୍ରାପ୍ୟ = ₹25,00,000

ବିଯୁକ୍ତ : ଅତିରିକ୍ତ ଆବେଦନ ରାଶି ସମାଯୋଜିତ ହେଲା ₹6,25,000

ବିଯୁକ୍ତ: କାନ୍ତି ଭାଇଙ୍କଠାରୁ ଆବଣ୍ଟନ ରାଶି ପ୍ରାପ୍ୟ ₹18,750

ନିଟ୍ ରାଶି ଯାହା ପ୍ରାପ୍ତ ହେଲା = ₹18,56,250

## ପାଠ୍ୟଗତ ପ୍ରଶ୍ନ 24.3

ନିମ୍ନସ୍ଥ ପ୍ରତ୍ୟେକ କ୍ଷେତ୍ରରେ ପ୍ରଦତ୍ତ ହିସାବକୁ ଦାୟୀ କରାଯିବ ନା ଦାତା କରାଯିବ ତଥା କେତେ ରାଶିଦ୍ୱାରା ଏହା ଦାୟୀ ବା ଦାତା ହେବ ଲେଖ ।

(i) 100 ଟି 10 ଟଙ୍କିଆ ପୂର୍ଣ୍ଣ ପ୍ରାପ୍ୟ ସମମୂଲ୍ୟରେ ନିର୍ଗମିତ ଅଂଶ ଯାହା ଉପରେ ଅଂଶ ପ୍ରତି ₹3ର ଚୂଡ଼ାନ୍ତ ଆହ୍ୱାନ ରାଶି ପ୍ରାପ୍ତ ହୋଇନାହିଁ, ସେହି ଅଂଶଗୁଡ଼ିକର ବାଜ୍ୟାପ୍ତି

ଅଂଶ ବାଜ୍ୟାପ୍ତି ହିସାବ

(ii) ଅଂଶ ପ୍ରତି ₹4 ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିବା 250ଟି 10 ଟଙ୍କିଆ ଅଂଶ ବାବଦ ଅଂଶ ପ୍ରତି ₹2 ଲେଖାଏଁ ଆହ୍ୱାନ ରାଶିର ପୈଠ ପ୍ରାପ୍ତି ନ ହେବାରୁ ବାଜ୍ୟାପ୍ତ କରାଗଲା । ଅଂଶ ପ୍ରତି ₹2 ପ୍ରିମିୟମ୍ ଯାହା ଆବଣ୍ଟନ ସହିତ ମଗା ଯାଇଥିଲା ତାହା ପ୍ରାପ୍ତ ହୋଇଛି ।

ଅଂଶ ବାଜ୍ୟାପ୍ତି ହିସାବ

(iii) ଅଂଶ ପ୍ରତି ₹2ର ପ୍ରିମିୟମ୍‌ରେ ପୂର୍ଣ୍ଣ ପ୍ରାପ୍ୟ ଭାବେ ନିର୍ଗମିତ 100ଟି 10 ଟଙ୍କିଆ ଅଂଶର ବାଜ୍ୟାପ୍ତି ହେଲା ଯାହା ଉପରେ କେବଳ ଅଂଶ ପ୍ରତି ₹2 ଲେଖାଏଁ ଆବେଦନ ରାଶି ପ୍ରାପ୍ତ ହୋଇଅଛି ।

ପ୍ରତିଭୂତି ପ୍ରିମିୟମ୍ ହିସାବ

(iv) ଅଂଶ ପ୍ରତି ₹2 ରିହାତିରେ ନିର୍ଗମିତ 200 ଟି 20 ଟଙ୍କିଆ ଅଂଶ ଯାହା ଉପରେ ଅଂଶ ପ୍ରତି ମୋଟ ₹15 ଆହୂତ ହୋଇଛି, ସେଗୁଡ଼ିକ ବାବଦ ଅଂଶ ପ୍ରତି ₹5ର ଚୂଡ଼ାନ୍ତ ଆହ୍ୱାନ ରାଶିର ପୈଠ ପ୍ରାପ୍ତ ନ ହେବା କାରଣରୁ ବାଜ୍ୟାପ୍ତ କରାଗଲା ।

ଅଂଶ ନିର୍ଗମନରେ ରିହାତି ହିସାବ

---

## ତୁମେ ଯାହା ଶିଖିଲ

- ଅଂଶପତ୍ରର ବାଜ୍ୟାପ୍ତିର ଅର୍ଥ ହେଲା କମ୍ପାନୀ ଦ୍ୱାରା ଆହ୍ୱାନ କରାଯାଇଥିବା ରାଶିର ପୈଠ ନ କରିବା କାରଣରୁ ଅଂଶଧାରୀଙ୍କର ସଦସ୍ୟତାକୁ ରଦ୍ଦ କରିଦେବା । ଅଂଶପତ୍ର ବାଜ୍ୟାପ୍ତିର ପରିଣାମ ହେଲା :-
  - ଖିଲାଫକାରୀ ଅଂଶଧାରୀଙ୍କର ସଦସ୍ୟତା ରଦ୍ଦ, ଏବଂ
  - କମ୍ପାନୀର ଅଂଶ ପୁଞ୍ଜିର ହ୍ରାସ
- ଅଂଶପତ୍ର ବାଜ୍ୟାପ୍ତ କରିବାର କ୍ଷମତା କମ୍ପାନୀର ଆଭ୍ୟନ୍ତରୀଣ ନିୟମାବଳୀରେ ଦିଆଯାଇଥାଏ । ନିର୍ଦ୍ଦେଶକ ମଣ୍ଡଳୀଙ୍କୁ ଅଂଶପତ୍ର ବାଜ୍ୟାପ୍ତ କରିବା ପୂର୍ବରୁ ଖିଲାଫକାରୀ ଅଂଶଧାରୀକୁ ଏକ ଚଉଦ ଦିନିଆ ନୋଟିସ୍ ଦେବାକୁ ପଡ଼େ ।
- ଅଂଶଗୁଡ଼ିକୁ ତିନୋଟି ସ୍ଥିତିରେ ବାଜ୍ୟାପ୍ତ କରାଯାଇପାରେ:

  (i) ଅଂଶଗୁଡ଼ିକ ସମମୂଲ୍ୟରେ ନିର୍ଗମିତ ହୋଇଥିଲେ ।

  (ii) ଅଂଶଗୁଡ଼ିକ ପ୍ରିମିୟମ୍ (ଅଧିମୂଲ୍ୟ)ରେ ନିର୍ଗମିତ ହୋଇଥିଲେ

  (କ) ପ୍ରିମିୟମ୍‌ର ପୂରା ଟଙ୍କା ପ୍ରାପ୍ତ ହୋଇ ଯାଇଥିଲେ

  (ଖ) ପ୍ରିମିୟମ୍ ଟଙ୍କା ପ୍ରାପ୍ୟ ହୋଇଛି କିନ୍ତୁ ପ୍ରାପ୍ତ ହୋଇ ନଥିଲେ

  (iii) ଅଂଶଗୁଡ଼ିକ ରିହାତି (ଅବମୂଲ୍ୟ)ରେ ନିର୍ଗମିତ ହୋଇଥିଲେ
- ପ୍ରତ୍ୟେକ ସ୍ଥିତିରେ ବାଜ୍ୟାପ୍ତ ଅଂଶ ବାବଦ ଆହୂତ ରାଶିର ପରିମାଣ ଦ୍ୱାରା ଅଂଶ ପୁଞ୍ଜି ହିସାବକୁ ଦାୟୀ କରାଯାଏ ।
- ଅଂଶ ବାଜ୍ୟାପ୍ତି ହିସାବକୁ ବାଜ୍ୟାପ୍ତ ଅଂଶ ବାବଦ ପ୍ରାପ୍ତ ରାଶି (ପ୍ରିମିୟମ୍ ରାଶିକୁ ବାଦ୍ ଦେଇ) ଦ୍ୱାରା ଦାତା କରାଯାଏ ।

- ଯଦି ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକ ବାବଦ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇ ସାରିଛି, ତେବେ ପ୍ରତିଭୂତି ପ୍ରିମିୟମ୍ ହିସାବ ପ୍ରଭାବିତ ହେବ ନାହିଁ; କିନ୍ତୁ ଏହି ରାଶି ଯଦି ପ୍ରାପ୍ୟ ହୋଇଥିବ କିନ୍ତୁ ପ୍ରାପ୍ତ ହୋଇ ନଥିବ, ତେବେ ଉକ୍ତ ହିସାବକୁ ଦାୟୀ କରାଯିବ ।

- ରିହାତିରେ ନିର୍ଗମିତ ଅଂଶଗୁଡ଼ିକୁ ଯଦି ବାଜ୍ୟାପ୍ତ କରାଯାଏ, ତେବେ ଅଂଶ ନିର୍ଗମନରେ ରିହାତି ହିସାବକୁ ସର୍ବଦା ବାଜ୍ୟାପ୍ତ ହୋଇଥିବା ଅଂଶ ବାବଦ ପ୍ରଦତ୍ତ ରିହାତିର ପରିମାଣ ଦ୍ୱାରା ଦାତା କରାଯିବ ।

## ପାଠ୍ୟାନ୍ତ ପ୍ରଶ୍ନ

1. ଅଂଶଗୁଡ଼ିକର ବାଜ୍ୟାପ୍ତିର ଅର୍ଥ ଉଲ୍ଲେଖ କର । ଅଂଶଗୁଡ଼ିକୁ କେତେବେଳେ ବାଜ୍ୟାପ୍ତ କରାଯାଇପାରିବ ?

2. ଅଂଶଗୁଡ଼ିକର ବାଜ୍ୟାପ୍ତିରେ ପ୍ରତିଭୂତି ପ୍ରିମିୟମ୍ ହିସାବର କ'ଣ ହିସାବରକ୍ଷଣ ଉପଚାର (ଲେଖାଯୋଖା) କରାଯାଏ ଯେତେବେଳେ

   (i) ପ୍ରିମିୟମ୍‌ର ରାଶି ପ୍ରାପ୍ତ ହୋଇଯାଇଛି

   (ii) ପ୍ରୋକ୍ତ ବାଜ୍ୟାପ୍ତ ଅଂଶଗୁଡ଼ିକ ବାବଦ ପ୍ରିମିୟମ୍‌ର ରାଶି ପ୍ରାପ୍ତ ହୋଇନାହିଁ

3. ଏକ୍ସ ଲିଃ 500ଟି 100 ଟଙ୍କିଆ ଅଂଶ ବାଜ୍ୟାପ୍ତ କଲେ ଯାହା ଉପରେ ଅଂଶ ପ୍ରତି ₹30ର ଚୂଡ଼ାନ୍ତ ଆହ୍ୱାନ ରାଶି ପ୍ରାପ୍ତ ହୋଇନାହିଁ । ଅନ୍ୟ ସମସ୍ତ ଆହୂତ ରାଶି ଯଥାବିଧି ପ୍ରାପ୍ତ ହୋଇଛି । ଅଂଶଗୁଡ଼ିକର ବାଜ୍ୟାପ୍ତିକୁ ଲିପିବଦ୍ଧ କରିବା ପାଇଁ ଜାବେଦା ପ୍ରବିଷ୍ଟି କର ।

4. ଅଲ୍‌ଟାଇମ୍ ଏଣ୍ଟରଟେନ୍‌ମେଣ୍ଟ ଲିଃ ପ୍ରତ୍ୟେକ 10 ଟଙ୍କାର 50,000 ଅଂଶ, ଅଂଶ ପ୍ରତି ₹4 ପ୍ରିମିୟମ୍‌ରେ ନିର୍ଗମନ କଲେ ଯାହାର ପ୍ରାପ୍ୟ ଏହିପରି; ଅଂଶ ପ୍ରତି ₹3 ଆବେଦନରେ, ₹7 (ପ୍ରିମିୟମ୍‌କୁ ମିଶାଇ) ଆବଣ୍ଟନରେ ଏବଂ ଅବଶିଷ୍ଟ ଆହ୍ୱାନରେ । ଆକ୍‌ବର ଯାହାକୁ 300 ଅଂଶ ଆବଣ୍ଟିତ ହୋଇଥିଲା ସେ ଆବଣ୍ଟନ ରାଶି ପୈଠ କରିବାକୁ ଅସମର୍ଥ ହେଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସେ ଆହୂତ ରାଶି ପୈଠ କରିବାକୁ ଅସମର୍ଥ ହେବାରୁ ତାଙ୍କର ଅଂଶଗୁଡ଼ିକୁ ବାଜ୍ୟାପ୍ତ କରାଗଲା । 300 ଅଂଶର ବାଜ୍ୟାପ୍ତି ପାଇଁ ଜାବେଦା ପ୍ରବିଷ୍ଟି କର ।

5. ଏକ୍ସ ଲିଃ ଅଂଶ ପ୍ରତି ₹5 ରିହାତିରେ 10,000ଟି 50 ଟଙ୍କିଆ ଅଂଶର ନିର୍ଗମନ କଲେ ଯାହାର ପୈଠ ଏହିପରି : ଅଂଶ ପ୍ରତି ₹10 ଆବେଦନରେ, ଅଂଶ ପ୍ରତି ₹20 ଆବଣ୍ଟନରେ ଏବଂ ଅବଶିଷ୍ଟ ରାଶି ଆହ୍ୱାନରେ । 400 ଅଂଶ ଯାହା ଉପରେ ଆବଣ୍ଟନ ରାଶି ଓ ଆହ୍ୱାନ ରାଶି ପ୍ରାପ୍ତ ହୋଇ ନଥିଲା, ସେଗୁଡ଼ିକୁ ଛାଡ଼ି ବାକି ସବୁ ଟଙ୍କା ଯଥାରୀତି ପ୍ରାପ୍ତ ହୋଇଥିଲା । ଏହି ଅଂଶଗୁଡ଼ିକୁ ବାଜ୍ୟାପ୍ତ କରାଗଲା । କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର ଏବଂ ଖତିଆନ୍ ହିସାବଗୁଡ଼ିକ ମଧ୍ୟ ପ୍ରସ୍ତୁତ କର ।

6. ଦି ମଲ୍ଟି ମେଡ଼ିଆ ଲିଃ 50,000ଟି 100 ଟଙ୍କିଆ ଅଂଶ, ଅଂଶପ୍ରତି ₹20 ପ୍ରିମିୟମ୍‌ରେ ନିର୍ଗମନ କରିବା ପାଇଁ ଦରଖାସ୍ତ ଆହ୍ୱାନ କଲା । ରାଶିର ପୈଠ ପ୍ରାପ୍ତି ନିମ୍ନ ମତେ ହେବାର ଥିଲା:

| | |
|---|---|
| ଆବେଦନରେ | ଅଂଶ ପ୍ରତି ₹30 |
| ଆବଣ୍ଟନରେ | ଅଂଶ ପ୍ରତି ₹60 (ପ୍ରିମିୟମ୍ ମିଶାଇ) |
| ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନରେ | ଅଂଶ ପ୍ରତି ₹30 |



ଟିପ୍ପଣୀ

ଏକ ଲକ୍ଷ ଅଂଶ ପାଇଁ ଆବେଦନ ପତ୍ର ପ୍ରାପ୍ତ ହେଲା । 20,000 ଅଂଶ ପାଇଁ ଆବେଦନ ପତ୍ରକୁ ସମ୍ପୂର୍ଣ୍ଣ ଖାରଜ କରିଦିଆଗଲା ଓ ଟଙ୍କା ଫେରସ୍ତ କରାଗଲା । ଅବଶିଷ୍ଟ ଆବେଦକଙ୍କୁ ଆନୁପାତିକ ଆଧାରରେ ଅଂଶ ଆବଣ୍ଟନ କରାଗଲା । ସୁଖବିନ୍ଦର ଯାହାକୁ 400ଟି ଅଂଶ ଆବଣ୍ଟିତ ହୋଇଥିଲା ସେ ଆବଣ୍ଟନ ରାଶି ପୈଠ କଲେ ନାହିଁ । ପରବର୍ତ୍ତୀ ସମୟରେ ସେ ଆହୂତ ରାଶି ପୈଠ କରିବାକୁ ଅସମର୍ଥ ହେବାରୁ ତାଙ୍କର ଅଂଶଗୁଡ଼ିକ ବାଜ୍ୟାପ୍ତ କରାଗଲା । ରାଜେନ୍ଦ୍ର ଯେ କି 400 ଅଂଶ ପାଇଁ ଆବେଦନ କରିଥିଲେ ସେ ଆହୂତ ରାଶିର ପୈଠ କରିବାକୁ ଅସମର୍ଥ ହେଲେ । କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର ଏବଂ ଆବଶ୍ୟକୀୟ ଖତିଆନ୍ ହିସାବଗୁଡ଼ିକ ପ୍ରସ୍ତୁତ କର ।

7. ଅଗ୍ରୱାଲ କନଷ୍ଟ୍ରକ୍ସନ୍ ଲିଃ ଅଂଶ ପ୍ରତି ₹10 ପ୍ରିମିୟମ୍‌ରେ 40,000ଟି 50 ଟଙ୍କିଆ ଅଂଶର ଅଭିଦାନ ପାଇଁ ସର୍ବସାଧାରଣଙ୍କୁ ପ୍ରସ୍ତାବ କଲେ । ଏହି ଅଂଶଗୁଡ଼ିକର ପୈଠର ପ୍ରାପ୍ତି ନିମ୍ନ ପ୍ରକାର ଥିଲା:

ଅଂଶ ପ୍ରତି ₹30 ଆବଦେନରେ
ଅଂଶ ପ୍ରତି ₹30 ଆବଣ୍ଟନରେ (₹10 ପ୍ରିମିୟମ୍ ମିଶାଇ) ଏବଂ
ଅବଶିଷ୍ଟ ରାଶି ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନରେ

75,000 ଅଂଶ ପାଇଁ ଦରଖାସ୍ତ ପ୍ରାପ୍ତ ହେଲା । 15,000 ଅଂଶର ଆବେଦକଙ୍କୁ କ୍ଷମା ଭିକ୍ଷା ପତ୍ର ପଠାଗଲା ଏବଂ ସେମାନଙ୍କର ଆବେଦନ ରାଶି ଫେରସ୍ତ ହେଲା । ଅବଶିଷ୍ଟ ଆବେଦକଙ୍କୁ ଆନୁପାତିକ ଭିତ୍ତିରେ ଅଂଶ ଆବଣ୍ଟିତ ହେଲା । ସୁଧୀର ଯେ କି 400 ଅଂଶର ଧାରକ ସେ ଆବଣ୍ଟନ ରାଶି ପୈଠ କଲେ ନାହିଁ । ତାଙ୍କର ଅଂଶଗୁଡ଼ିକୁ ବାଜ୍ୟାପ୍ତ କରାଗଲା ଏବଂ ଆହ୍ୱାନ କରାଗଲା । ଜାବେଦା ପ୍ରବିଷ୍ଟି କର ।

## ପାଠ୍ୟଗତ ପ୍ରଶ୍ନଗୁଡ଼ିକର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 24.1**

(i) ବାଜ୍ୟାପ୍ତି

(ii) (କ) କମ୍ପାନୀର ସଦସ୍ୟତାର ରଦ୍ଦ

(ଖ) ନିର୍ଗମିତ ପୁଞ୍ଜିର ହ୍ରାସ

(iii) ଆଭ୍ୟନ୍ତରୀଣ ନିୟମାବଳୀ

(iv) ଚଉଦ

**ପାଠ୍ୟଗତ ପ୍ରଶ୍ନ 24.2**

I. (କ) ₹20,000 (ଖ) ₹10,000 (ଗ) ₹4,000 (ଘ) ₹6,000

ii. (କ) 40 x ₹30 = ₹1,200

(ଖ) 200 x ₹40 = ₹8,000

(ଗ) ₹8,000 – ₹1,200 = ₹6,800

ଅଂଶପତ୍ର ଓ ଋଣପତ୍ର ପାଇଁ ହିସାବରକ୍ଷଣ



ଟିପ୍ପଣୀ

**ପାଠ୍ୟଗତ ପ୍ରଶ୍ନ 24.3**

(i) ₹700 ରେ ଦାତା

(ii) ଦାତା କରାଯିବ, ₹2,000ରେ

(iii) ଦାୟୀ କରାଯିବ, ₹200ରେ

(iv) ଦାତା କରାଯିବ, ₹400ରେ

**ତୁମେ ଜାଣ କି ?**



**ଜୀବନ-କୌଶଳ କ'ଣ ?**

କୌଶଳ ହେଉଛି ସାମର୍ଥ୍ୟ ଯାହା ଲୋକମାନଙ୍କୁ କେତେକ ସ୍ୱତନ୍ତ୍ର କାର୍ଯ୍ୟ ସମ୍ପାଦନ କରିବାକୁ କିମ୍ବା ନିର୍ଦ୍ଦିଷ୍ଟ ପ୍ରକାର ଆଚରଣ ପ୍ରଦର୍ଶନ ନିମନ୍ତେ ସକ୍ଷମ କରାଏ । ଏକ କୁଶଳୀ ବ୍ୟକ୍ତି ସ୍ୱତନ୍ତ୍ର କାର୍ଯ୍ୟକୁ ଦକ୍ଷତା ଓ ଫଳପ୍ରଦର ସହିତ ସମ୍ପାଦନ କରିଥାଏ ।

ଜୀବନ-କୌଶଳ ହେଉଛି ସେହି ସାମର୍ଥ୍ୟ ଯାହା ବଳରେ ବ୍ୟକ୍ତିମାନେ ଦୈନନ୍ଦିନ ଜୀବନର ଦାବୀ ଓ ଆହ୍ୱାନଗୁଡ଼ିକୁ ସଫଳତାର ସହିତ ମୁକାବିଲା କରିପାରନ୍ତି । ଏହି ସାମର୍ଥ୍ୟଗୁଡ଼ିକ ସମାଯୋଜିତ ତଥା ସକାରାତ୍ମକ ଆଚରଣ ସହିତ ଜଡ଼ିତ । ସମାଯୋଜିତ ଆଚରଣର ଅର୍ଥ ହେଲା ଜଣେ ବ୍ୟକ୍ତି ପରିବର୍ତ୍ତିତ ପରିସ୍ଥିତି ଓ ଅବସ୍ଥା ସହିତ ନିଜକୁ ଖାପ୍ ଖୁଆଇବାରେ ସମର୍ଥ ହେବା । ସକାରାତ୍ମକ ଆଚରଣର ଅର୍ଥ ହେଲା ଜଣେ ବ୍ୟକ୍ତି ଜୀବନ ପ୍ରତି ଏକ ସୁସ୍ଥ ମନୋବୃତ୍ତି ପୋଷଣ କରିବା ତଥା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସମସ୍ୟାର ସମାଧାନ କରିପାରିବା ଏବଂ ଭଲ ଭାବରେ ପରିସ୍ଥିତିର ସାମନା କରିପାରିବା ।

ଜୀବନ-କୌଶଳ, ଅନ୍ୟ କୌଶଳଗୁଡ଼ିକ ଯଥା ଧନ୍ଦାଗତ କୌଶଳ (ଦରଜୀକାମ, ବଢ଼େଇ କାମ), ସାହିତ୍ୟିକ କୌଶଳ (ପଠନ, ଲିଖନ) ଏବଂ ବୃତ୍ତିଗତ କୌଶଳ (ମାନଚିତ୍ର ଅଧ୍ୟୟନ, ରେଳ ଟିକଟ ସଂରକ୍ଷଣ କରିବା) ଠାରୁ ଭିନ୍ନ ଅଟେ ।



# 25

# ବାଜ୍ୟାପ୍ତ ଅଂଶ ପତ୍ରର ପୁନର୍ନିର୍ଗମନ

# (Re-issue of Forfeited Shares)

ତୁମେ ଜାଣିଛ ଯେ ଏକ କମ୍ପାନୀ ଅଂଶ ରାଶିକୁ କିସ୍ତିରେ ଦାବୀ କରିଥାଏ । ତୁମେ ଆହୁରି ମଧ୍ୟ ଜାଣିଛ ଯେ ଯଦି ଜଣେ ଅଂଶଧାରୀ ଆବଣ୍ଟନ ଏବଂ/କିମ୍ବା ଆହ୍ୱାନ ରାଶି ପୈଠ କରିବାକୁ ଅସମର୍ଥ ହୁଅନ୍ତି, ତେବେ କମ୍ପାନୀ ତାଙ୍କ ଅଂଶଗୁଡ଼ିକର ବାଜ୍ୟାପ୍ତି କରି ପାରନ୍ତି । ଯଦି ଅଂଶଗୁଡ଼ିକର ବାଜ୍ୟାପ୍ତି ହୁଏ, ତେବେ ଅଂଶଦାରୀଙ୍କର ସଦସ୍ୟତା ରଦ୍ଦ ହୋଇଯାଏ ଏବଂ ଅଂଶଗୁଡ଼ିକ କମ୍ପାନୀର ସମ୍ପତ୍ତି ହୋଇଯାଏ । ତତ୍ପରେ କମ୍ପାନୀ ଏହି ବାଜ୍ୟାପ୍ତ ଅଂଶଗୁଡ଼ିକର ବିକ୍ରୟ କରିବାର ଅଧିକାର ପାଏ । ବାଜ୍ୟାପ୍ତ ଅଂଶଗୁଡ଼ିକର ବିକ୍ରୟକୁ 'ଅଂଶଗୁଡ଼ିକର ପୁନର୍ନିର୍ଗମନ' (Re-issue) କୁହାଯାଏ ।

ଏହି ପାଠରେ ତୁମେ 'ଅଂଶ ପତ୍ରର ପୁନର୍ନିର୍ଗମନ'ର ଅର୍ଥ ଏବଂ କମ୍ପାନୀର ବହିରେ ଏହାର ହିସାବରକ୍ଷଣ ପଦ୍ଧତି ଶିଖିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ଅଂଶପତ୍ରର ପୁନର୍ନିର୍ଗମନର ଅର୍ଥ ଉଲ୍ଲେଖ କରିପାରିବ;
- ସେହି ସର୍ବ ନିମ୍ନ ମୂଲ୍ୟକୁ କହି ପାରିବ ଯେଉଁଥିରେ କମ୍ପାନୀ ତା'ର ବାଜ୍ୟାପ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନ କରିପାରିବ;
- ବିଭିନ୍ନ ସ୍ଥିତିରେ ଅଂଶପତ୍ରର ପୁନର୍ନିର୍ଗମନର ହିସାବରକ୍ଷଣ ଉପଚାର (ଲେଖାଯୋଖା) କରିପାରିବ ।

## 25.1 ଅଂଶପତ୍ରର ପୁନର୍ନିର୍ଗମନର ଅର୍ଥ ଏବଂ ନିର୍ଗମନ ମୂଲ୍ୟ

ଅଂଶଗୁଡ଼ିକର ବାଜ୍ୟାପ୍ତି ଏଥିପାଇଁ ହୁଏ କାରଣ ସେଗୁଡ଼ିକ ଉପରେ ପ୍ରାପ୍ୟ ରାଶିର କେବଳ ମାତ୍ର ଏକ ଭାଗ ହିଁ ପ୍ରାପ୍ତ ହୋଇଛି ଏବଂ ଅବଶିଷ୍ଟ ଅପ୍ରାପ୍ତ ହୋଇ ରହିଛି । ଅଂଶର ବାଜ୍ୟାପ୍ତିରେ ମୂଳ ଆବଣ୍ଟନ ଗ୍ରହୀତାଙ୍କର ସଦସ୍ୟତା ରଦ୍ଦ ହୋଇଯାଏ । ତାଙ୍କୁ ଅବଶିଷ୍ଟ ରାଶି ପୈଠ କରିବାକୁ କୁହାଯାଇ ପାରିବ ନାହିଁ । ଏହି ଅଂଶଗୁଡ଼ିକ କମ୍ପାନୀର ସମ୍ପତ୍ତି ହୋଇଯାଏ । ତେଣୁ ସେଗୁଡ଼ିକୁ କମ୍ପାନୀ ବିକ୍ରୀ କରିପାରେ । ଅଂଶଗୁଡ଼ିକର ଏହି ବିକ୍ରୟକୁ 'ଅଂଶ/ଅଂଶ ପତ୍ରର ପୁନର୍ନିର୍ଗମନ' କୁହାଯାଏ । ଅତଃ, ଅଂଶଗୁଡ଼ିକର ପୁନର୍ନିର୍ଗମନ କହିଲେ ବାଜ୍ୟାପ୍ତ ଅଂଶଗୁଡ଼ିକର ନିର୍ଗମନକୁ ବୁଝାଏ ।

ଥରେ ନିର୍ଦ୍ଦେଶକ ମଣ୍ଡଳୀ ଅଂଶଗୁଡ଼ିକର ବାଜ୍ୟାପ୍ତି କରିଦେବା ପରେ ଖିଲାଫକାରୀ ଅଂଶଧାରୀଙ୍କୁ ଅଂଶ ପ୍ରମାଣପତ୍ରକୁ ଫେରସ୍ତ କରି ଦେବାକୁ କୁହାଯାଏ ଯାହାକୁ ତତ୍ପରେ ରଦ୍ଦ କରି ଦିଆଯାଏ । ନିର୍ଦ୍ଦେଶକ ମଣ୍ଡଳୀ ଏକ ସଙ୍କଳ୍ପ ଗ୍ରହଣ ପୂର୍ବକ ବାଜ୍ୟାପ୍ତ କରାଯାଇଥିବା ଅଂଶଗୁଡ଼ିକୁ ସେଗୁଡ଼ିକର ନୂଆ କ୍ରେତା/କ୍ରେତାମାନଙ୍କୁ ଆବଣ୍ଟନ କରି ଦିଅନ୍ତି ।

ଅଂଶଗୁଡ଼ିକର ପୁନର୍ନିର୍ଗମନ କ୍ଷେତ୍ରରେ ଅନୁଷ୍ଠାନ ପତ୍ର (prospectus) ଜାରି କରାଯାଏ ନାହିଁ କିମ୍ବା ଜନସାଧାରଣଙ୍କୁ ଅନ୍ୟ କୌଣସି ପ୍ରକାର ଆମନ୍ତ୍ରିତ କରାଯାଏ ନାହିଁ । ଯଦିଓ ଏହି ଅଂଶଗୁଡ଼ିକର

ରାଶି ଏକାଧିକ କିସ୍ତିରେ ଆହ୍ୱାନ କରାଯାଇ ପାରିବ କିନ୍ତୁ ସାଧାରଣତଃ ସମୁଦାୟ ରାଶି ଏକ କିସ୍ତି, ଅର୍ଥାତ୍ ଏକକାଳୀନ, ଆହ୍ୱାନ କରାଯାଏ ।

କମ୍ପାନୀର ନିର୍ଦ୍ଦେଶକମଣ୍ଡଳୀ ଅଂଶପତ୍ରର ପୁନର୍ନିର୍ଗମନ କଲାବେଳେ ପୁନର୍ନିର୍ଗମନର ମୂଲ୍ୟ ସ୍ଥିର କରନ୍ତି । ଏହି ଅଂଶଗୁଡ଼ିକ ସମ ମୂଲ୍ୟରେ, ପ୍ରିମିୟମ୍‌ରେ କିମ୍ବା ରିହାତିରେ ପୁନର୍ନିର୍ଗମିତ ହୋଇପାରେ । ସାଧାରଣତଃ, ଏହି ଅଂଶଗୁଡ଼ିକ ରିହାତିରେ, ଅର୍ଥାତ୍ ସେଗୁଡ଼ିକର ନାମାଙ୍କିତ ମୂଲ୍ୟ (nominal value) ଠାରୁ କମ୍ ମୂଲ୍ୟରେ ପୁନର୍ନିର୍ଗମିତ ହୋଇଥାଏ । ପୁନର୍ନିର୍ଗମନ ସମୟରେ ପ୍ରଦତ୍ତ ରିହାତିର ପରିମାଣ କୌଣସି ସ୍ଥିତିରେ ସେହି ଅଂଶଗୁଡ଼ିକ ଉପରେ ବାଜ୍ୟାପ୍ତ ହୋଇଥିବା ରାଶିଠାରୁ ଅଧିକ ହେବା ଉଚିତ ନୁହେଁ ।

ପ୍ରଶ୍ନ ଉଠେ ଯେ ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକୁ କେତେ ଦାମ୍‌ରେ ପୁନର୍ନିର୍ଗମିତ କରାଯାଇ ପାରିବ ? ଏଗୁଡ଼ିକର ପୁନର୍ନିର୍ଗମନର ମୂଲ୍ୟର କୌଣସି ସୀମା ନାହିଁ ଯଦି ଏହି ମୂଲ୍ୟ ବାଜ୍ୟାପ୍ତି ସମୟରେ ଥିବା ନିର୍ଗମନ ମୂଲ୍ୟଠାରୁ ଅଧିକ ହୋଇଥାଏ । କିନ୍ତୁ ପୁନର୍ନିର୍ଗମନ ମୂଲ୍ୟର ଏକ ସର୍ବନିମ୍ନ ସୀମା ଅଛି, ଯାହାଠାରୁ କମ୍ ଦାମ୍‌ରେ କମ୍ପାନୀ ଏହାର ବାଜ୍ୟାପ୍ତ କରାଯାଇଥିବା ଅଂଶଗୁଡ଼ିକୁ ବିକ୍ରୀ କରିପାରିବ ନାହିଁ । ଆମେ ଏହାକୁ ଅନ୍ୟ ଏକ ଦୃଷ୍ଟି କୋଣରୁ ଦେଖିଲେ କହି ପାରିବା ଯେ କମ୍ପାନୀ ବାଜ୍ୟାପ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନ କଲାବେଳେ ଏକ ନିର୍ଦ୍ଦିଷ୍ଟ ପରିମାଣଠାରୁ ଅଧିକ ରିହାତି ପ୍ରଦାନ କରି ପାରିବ ନାହିଁ ।

ବାଜ୍ୟାପ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନ ସମୟରେ ଦିଆଯାଇ ପାରୁଥିବା ସର୍ବାଧିକ ରିହାତିର ବିଭିନ୍ନ ସ୍ଥିତିରେ ନିର୍ଦ୍ଧାରଣ ନିମ୍ନ ଉପାୟରେ କରାଯାଏ:

(i) **ଅଂଶ ଯାହା ମୂଳତଃ ସମମୂଲ୍ୟରେ ନିର୍ଗମିତ ହୋଇଥିଲା:**

ଯେତେବେଳେ ଅଂଶଗୁଡ଼ିକ ମୂଳତଃ ସମମୂଲ୍ୟରେ ନିର୍ଗମିତ ହୋଇଥାଏ, ସେତେବେଳେ ସେଗୁଡ଼ିକର ପୁନର୍ନିର୍ଗମନରେ ଦିଆଯାଇ ପାରୁଥିବା ସର୍ବାଧିକ ରିହାତି ସେହି ଅଂଶଗୁଡ଼ିକ ବାବଦ ବାଜ୍ୟାପ୍ତ ହୋଇଥିବା ରାଶି ସହିତ ସମାନ ହେବ ।

(ii) **ଅଂଶ ଯାହା ମୂଳତଃ ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିଲା:**

ମୂଳତଃ ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିବା ଅଂଶଗୁଡ଼ିକ କ୍ଷେତ୍ରରେ ଦୁଇଟି ସ୍ଥିତି ହୋଇପାରେ: (କ) ବାଜ୍ୟାପ୍ତ ହୋଇଥିବା ଅଂଶ ବାବଦ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇନାହିଁ, ଏବଂ (ଖ) ସେହି ଅଂଶ ବାବଦ ପ୍ରିମିୟମ୍ ରାଶି ପ୍ରାପ୍ତ ହୋଇଅଛି । ବାଜ୍ୟାପ୍ତ କରାଯାଇଥିବା ରାଶି ହେଉଛି ସେହି ରାଶି ଯାହା ପ୍ରାପ୍ତ ହୋଇସାରିଛି, ଏଥିରେ ପ୍ରିମିୟମ୍ ରାଶି ମଧ୍ୟ ଅନ୍ତର୍ଭୁକ୍ତ ଥାଏ ଯଦି ତାହା ମଧ୍ୟ ପ୍ରାପ୍ତ ହୋଇ ସାରିଛି ତଥା ଏହି ଅଂଶଗୁଡ଼ିକର ପୁନର୍ନିର୍ଗମନରେ ସର୍ବାଧିକ ସେହି ବାଜ୍ୟାପ୍ତ କରାଯାଇଥିବା ରାଶି ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଇ ପାରିବ ।

(iii) **ଅଂଶ ଯାହା ମୂଳତଃ ରିହାତିରେ ନିର୍ଗମିତ ହୋଇଥିଲା :**

ଏ କ୍ଷେତ୍ରରେ ବାସ୍ତବ ରୂପରେ ପ୍ରାପ୍ତ ରାଶି ହିଁ ବାଜ୍ୟାପ୍ତ କରାଯାଇଥିବା ରାଶି ଅଟେ । କିନ୍ତୁ ଅଂଶଗୁଡ଼ିକର ପୁନର୍ନିର୍ଗମନରେ ସର୍ବାଧିକ ଦିଆଯାଇ ପାରିଥିବା ରିହାତିର ପରିମାଣ ବାଜ୍ୟାପ୍ତ କରାଯାଇଥିବା ରାଶି ତଥା ସେହି ଅଂଶଗୁଡ଼ିକର ପ୍ରାରମ୍ଭିକ ନିର୍ଗମନ ସମୟରେ ପ୍ରଦତ୍ତ ରିହାତିର ପରିମାଣର ସମଷ୍ଟି ସହିତ ସମାନ ହେବ ।

### ପାଠ୍ୟଗତ ପ୍ରଶ୍ନ 25.1

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର ।

(i) ଅଂଶପତ୍ରର ବାଜ୍ୟାପ୍ତିରେ ............... ଆବଣ୍ଟନ-ଗ୍ରହୀତାଙ୍କର ସଦସ୍ୟତା ରଦ୍ଦ ହୋଇଯାଏ ।

(ii) ବାଜ୍ୟାପ୍ତ କରାଯାଇଥିବା ଅଂଶଗୁଡ଼ିକ .................ର ସମ୍ପତ୍ତି ଅଟେ ।

(iii) ଯେତେବେଳେ ମୂଳତଃ ଅଂଶଗୁଡ଼ିକ ସମମୂଲ୍ୟରେ ନିର୍ଗମିତ ହୋଇଥାଏ, ସେତେବେଳେ ସେଗୁଡ଼ିକର ପୁନର୍ନିର୍ଗମନରେ ଦିଆଯାଇ ପାରୁଥିବା ସର୍ବାଧିକ ରିହାତି ସେହି ଅଂଶଗୁଡ଼ିକ ବାବଦ ................... ରାଶି ସହିତ ସମାନ ହେବ ।

(iv) ଅଂଶଗୁଡ଼ିକ ମୂଳତଃ ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିବା କ୍ଷେତ୍ରରେ ବାଜ୍ୟାପ୍ତ କରାଯାଇଥିବା ରାଶି ସେହି ରାଶି ଅଟେ ଯାହା ପ୍ରାପ୍ତ ହୋଇସାରିଛି ତଥା ଯେଉଁଥିରେ ପ୍ରାପ୍ତ ହୋଇ ସାରିଥିବା ................ର ରାଶି ମଧ୍ୟ ଅନ୍ତର୍ଭୁକ୍ତ ଥାଏ ।

(v) ବାଜ୍ୟାପ୍ତ କରାଯାଇଥିବା ଅଂଶ ଯାହା ମୂଳତଃ ରିହାତିରେ ନିର୍ଗମିତ ହୋଇଥିଲା ସେଗୁଡ଼ିକର ପୁନର୍ନିର୍ଗମନରେ ଦିଆଯାଇ ପାରୁଥିବା ସର୍ବାଧିକ ରିହାତି ବାଜ୍ୟାପ୍ତ ରାଶି ତଥା ମୂଳ ପ୍ରଦତ୍ତ ...................ର ରାଶିର ସମଷ୍ଟି ସହିତ ସମାନ ହେବ ।

## 25.2 ଅଂଶପତ୍ରର ପୁନର୍ନିର୍ଗମନର ଅଭିଲେଖନ

**ବାଜ୍ୟାପ୍ତ ଅଂଶଗୁଡ଼ିକର ରିହାତିରେ ପୁନର୍ନିର୍ଗମନ :** ଯେତେବେଳେ ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକୁ ରିହାତିରେ ନିର୍ଗମନ କରାଯାଏ, ସେତେବେଳେ ପ୍ରାପ୍ତ ରାଶି ଦ୍ୱାରା ବ୍ୟାଙ୍କ୍ ହିସାବକୁ ଦାୟୀ କରାଯାଏ ଏବଂ ପ୍ରଦତ୍ତ ପୁଞ୍ଜିର ପରିମାଣ ଦ୍ୱାରା ଅଂଶପୁଞ୍ଜି ହିସାବକୁ ଦାତା କରାଯାଏ । ପ୍ରଦାନ କରାଯାଇଥିବା ରିହାତିର ରାଶିଦ୍ୱାରା 'ଅଂଶ ବାଜ୍ୟାପ୍ତି ହିସାବ'କୁ ଦାୟୀ କରାଯାଏ । ଏହା ଅଂଶ ବାଜ୍ୟାପ୍ତି ସମୟରେ ବାଜ୍ୟାପ୍ତ ହୋଇଥିବା ରାଶିରୁ ବର୍ତ୍ତମାନ ଦିଆଯାଉଥିବା ରିହାତି ରାଶିର ସମାଯୋଜନ କରିବା ପାଇଁ ହୁଏ ।

ଉପରୋକ୍ତ ପାଇଁ ଜାବେଦା ପ୍ରବିଷ୍ଟି ନିମ୍ନ ପ୍ରକାର ହେବ:

ବ୍ୟାଙ୍କ୍ ହିସାବ (ପୁନର୍ନିର୍ଗମନରେ ପ୍ରାପ୍ତ ରାଶି) ଦାୟୀ<br>
ଅଂଶ ବାଜ୍ୟାପ୍ତ ହିସାବ (ପୁନର୍ନିର୍ଗମନରେ ପ୍ରଦତ୍ତ ରିହାତି ରାଶି) ଦାୟୀ<br>
    ଦାତା ଅଂଶ ପୁଞ୍ଜି ହିସାବ (ପ୍ରଦତ୍ତ ପୁଞ୍ଜି ରାଶି)

ପୂର୍ବରୁ ଯେପରି ଉଲ୍ଲେଖ କରାଯାଇଛି ଯେ ଅଂଶର ପୁନର୍ନିର୍ଗମନରେ ପ୍ରଦତ୍ତ ରିହାତିର ପରିମାଣ ସର୍ବାଧିକ ସେହି ଅଂଶ ବାବଦ ବାଜ୍ୟାପ୍ତ ରାଶିର ପରିମାଣ ସହିତ ସମାନ ହୋଇ ପାରିବ । ସେହି କ୍ଷେତ୍ରରେ ପୁନର୍ନିର୍ଗମନ ପରେ ଅଂଶ ବାଜ୍ୟାପ୍ତି ହିସାବ ଶୂନ୍ୟ ବଳକା ଦର୍ଶାଇବ । କିନ୍ତୁ ଯେଉଁ କ୍ଷେତ୍ରରେ ଏହି ରିହାତିର ପରିମାଣ ବାଜ୍ୟାପ୍ତ ରାଶିର ପରିମାଣଠାରୁ କମ୍ ହେବ, ଅବଶିଷ୍ଟ ବାଜ୍ୟାପ୍ତ ରାଶି କମ୍ପାନୀ ପାଇଁ ଏକ ଲାଭ ହେବ । ଏହି ଲାଭ କମ୍ପାନୀ ପାଇଁ ଏକ ପୁଞ୍ଜିଗତ ଲାଭ ଏହାକୁ ପୁଞ୍ଜି ସଞ୍ଚିତି ହିସାବ (Capital Reserve Account)କୁ ସ୍ଥାନାନ୍ତରିତ କରି ଦିଆଯାଏ । ଏଥିପାଇଁ ଜାବେଦା ନିମ୍ନ ପ୍ରକାର ହେବ:

ଅଂଶ ବାଜ୍ୟାପ୍ତି ହିସାବ ଦାୟୀ

ଦାତା ପୁଞ୍ଜି ସଞ୍ଚିତି ହିସାବ

(ଅତିରିକ୍ତ ଅଂଶ ବାଜ୍ୟାପ୍ତ ରାଶିର ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରଣ)

ଯଦି ବାଜ୍ୟାପ୍ତ ହୋଇଥିବା ସବୁଯାକ ଅଂଶର ପୁନର୍ନିର୍ଗମନ କରିଦିଆଯାଏ, ତେବେ ଅଂଶ ବାଜ୍ୟାପ୍ତି ହିସାବ ଶୂନ୍ୟ ବଳକା (Zero balance) ଦର୍ଶାଇବ, କାରଣ ଏହି ହିସାବରେ ଥିବା ରାଶିରୁ ପୁନର୍ନିର୍ଗମନରେ ପ୍ରଦତ୍ତ ରିହାତିର ପରିମାଣକୁ ସମାଯୋଜନ (ବିୟୋଗ) କରିବା ପରେ ଅବଶିଷ୍ଟ ସବୁ ରାଶି ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତର କରିଦିଆଯିବ । କିନ୍ତୁ ଯେଉଁ କ୍ଷେତ୍ରରେ ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକର କେବଳ ଏକ ଭାଗର ପୁନର୍ନିର୍ଗମନ କରାଯାଏ ତଥା ଅବଶିଷ୍ଟ ରଦ୍ଦ ହୋଇ ରହେ, ତେବେ ପୁନର୍ନିର୍ଗମିତ ହୋଇ ନଥିବା ବାଜ୍ୟାପ୍ତ ଅଂଶଗୁଡ଼ିକ ବାବଦ ବାଜ୍ୟାପ୍ତ ରାଶି ଅଂଶ ବାଜ୍ୟାପ୍ତି ହିସାବରେ ରହିବ । ପୁନର୍ନିର୍ଗମିତ ହୋଇଥିବା ଅଂଶ ବାବଦ ବାଜ୍ୟାପ୍ତ ରାଶିର ସମାଯୋଜନ ପାଇଁ ଏହିପରି ହିସାବ କରାଯିବ:

ସମାଯୋଜନର ରାଶି

$$= \frac{\text{ମୋଟ ବାଜ୍ୟାପ୍ତ ରାଶି}}{\text{ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକର ମୋଟ ସଂଖ୍ୟା}} \times \text{ପୁନର୍ନିର୍ଗମିତ ହୋଇଥିବା ଅଂଶଗୁଡ଼ିକର ସଂଖ୍ୟା}$$

**ପାଠ୍ୟଗତ ପ୍ରଶ୍ନ 25.2**

ନିମ୍ନରେ କେତେକ ନିର୍ଦ୍ଦିଷ୍ଟ ଉକ୍ତି ଦିଆଯାଇଛି । ଠିକ୍ ଉକ୍ତି ସିଧାରେ 'ଠିକ୍' ଓ ଭୁଲ ଉକ୍ତି ସିଧାରେ 'ଭୁଲ' ଲେଖ:

(i) ଅଂଶ ବାଜ୍ୟାପ୍ତି ହିସାବ ଶୂନ୍ୟ ବଳକା ଦର୍ଶାଇ ପାରେ ।

(ii) ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକର ପୁନର୍ନିର୍ଗମନରେ ପ୍ରଦତ୍ତ ରିହାତିକୁ 'ଅଂଶ ନିର୍ଗମନରେ ରିହାତି ହିସାବ'ର ଦାୟୀରେ ଲେଖାଯିବ ।

(iii) ଅଂଶ ବାଜ୍ୟାପ୍ତି ହିସାବର ରାଶିରୁ ଉକ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନରେ ପ୍ରଦତ୍ତ ରିହାତିକୁ ସମାଯୋଜନ କରିବା ପରେ ବଳକା ବାଜ୍ୟାପ୍ତ ରାଶି ସେହି ହିସାବରେ ରହିବ ।

## 25.3 ବାଜ୍ୟାପ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନର ହିସାବରକ୍ଷଣ ଉପଚାର

ବାଜ୍ୟାପ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନର ଚାରୋଟି ସ୍ଥିତି ହୋଇପାରେ । ସେଗୁଡ଼ିକ ହେଲା:

(i) ବାଜ୍ୟାପ୍ତ ଅଂଶଗୁଡ଼ିକର ରିହାତିରେ ପୁନର୍ନିର୍ଗମନ, ଯାହା ମୂଳତଃ ସମମୂଲ୍ୟରେ ନିର୍ଗମିତ ହୋଇଥିଲା ।

(ii) ବାଜ୍ୟାପ୍ତ ଅଂଶଗୁଡ଼ିକର ସମମୂଲ୍ୟ କିମ୍ବା ପ୍ରିମିୟମ୍‌ରେ ପୁନର୍ନିର୍ଗମନ, ଯାହା ମୂଳତଃ ସମମୂଲ୍ୟରେ ନିର୍ଗମିତ ହୋଇଥିଲା ।

(iii) ବାଜ୍ୟାପ୍ତ ଅଂଶଗୁଡ଼ିକର ସମମୂଲ୍ୟରେ, ରିହାତିରେ କିମ୍ବା ପ୍ରିମିୟମ୍‌ରେ ପୁନର୍ନିର୍ଗମନ, ଯାହା ମୂଳତଃ ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିଲା ।



ଟିପ୍ପଣୀ

(iv) ବାଜ୍ୟାପ୍ତ ଅଂଶଗୁଡ଼ିକର ସମମୂଲ୍ୟରେ ରିହାତିରେ କିମ୍ବା ପ୍ରିମିୟମ୍‌ରେ ପୁନର୍ନିର୍ଗମନ, ଯାହା ମୂଳତଃ ରିହାତିରେ ନିର୍ଗମିତ ହୋଇଥିଲା ।

ଉପରୋକ୍ତ ପ୍ରତ୍ୟେକ ସ୍ଥିତିର ହିସାବରକ୍ଷଣ ଉପଚାର ଏହା ପରେ ଆଲୋଚିତ ହେଲା:

## 1. ବାଜ୍ୟାପ୍ତ ଅଂଶଗୁଡ଼ିକର ରିହାତିରେ ପୁନର୍ନିର୍ଗମନ, ଯାହା ମୂଳତଃ ସମମୂଲ୍ୟରେ ନିର୍ଗମିତ ହୋଇଥିଲା ।

ଏହି କ୍ଷେତ୍ରରେ ବାଜ୍ୟାପ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନରେ ଦିଆ ଯାଇପାରୁଥିବା ସର୍ବାଧିକ ରିହାତି ସେହି ରାଶି ଅଟେ ଯାହା ଏହି ଅଂଶଗୁଡ଼ିକ ବାବଦ ପ୍ରାପ୍ତ ହୋଇଅଛି ଏବଂ ସେହି ରାଶିକୁ ଅଂଶ ବାଜ୍ୟାପ୍ତି ହିସାବର ଦାୟୀରେ ଲେଖାଯାଏ ।

**ଉଦାହରଣ 1**

ଏକ୍ସ କମ୍ପାନୀ ଲିଃ 200ଟି 10 ଟଙ୍କିଆ ପୂର୍ଣ୍ଣ ଆହୂତ ଅଂଶ ବାଜ୍ୟାପ୍ତ କଲେ ଯାହା ଉପରେ ଅଂଶ ପ୍ରତି ₹7 ପ୍ରାପ୍ତ ହୋଇଛି ଏବଂ ଅଂଶ ପ୍ରତି ₹3ର ଚୂଡ଼ାନ୍ତ ଆହ୍ୱାନ ରାଶି ଅପ୍ରାପ୍ତ ରହିଛି । ପରେ ଏହି ଅଂଶଗୁଡ଼ିକ ଅଂଶ ପ୍ରତି ₹8ରେ ପୂର୍ଣ୍ଣ ପ୍ରଦତ୍ତ ଭାବେ ପୁନର୍ନିର୍ଗମନ କରାଗଲା । ଅଂଶଗୁଡ଼ିକର ବାଜ୍ୟାପ୍ତି ଓ ପୁନର୍ନିର୍ଗମନକୁ ଲିପିବଦ୍ଧ କରିବା ପାଇଁ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|---|
| (i) | ଅଂଶ ପୁଞ୍ଜି ହିସାବ | ଦାୟୀ | | 2,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ | | | | 1,400 |
| | ଦାତା ଅଂଶ ଚୂଡ଼ାନ୍ତ ଆହ୍ୱାନ ହିସାବ | | | | 600 |
| | (200ଟି 10 ଟଙ୍କିଆ ଅଂଶକୁ ଅଂଶ ପ୍ରତି ₹3ର ଚୂଡ଼ାନ୍ତ ଆହ୍ୱାନ ରାଶିର ପୈଠ ପ୍ରାପ୍ତି ନ ହେବା କାରଣରୁ ବାଜ୍ୟାପ୍ତ କରାଗଲା ।) | | | | |
| (ii) | ବ୍ୟାଙ୍କ୍ ହିସାବ | ଦାୟୀ | | 1,600 | |
| | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | | 400 | |
| | ଦାତା ଅଂଶ ପୁଞ୍ଜି ହିସାବ | | | | 2,000 |
| | (ବାଜ୍ୟାପ୍ତ ହୋଇଥିବା 200ଟି 10 ଟଙ୍କିଆ ଅଂଶର ଅଂଶ ପ୍ରତି ₹8ରେ ପୂର୍ଣ୍ଣ ପ୍ରଦତ୍ତ ଭାବେ ପୁନର୍ନିର୍ଗମନ) | | | | |
| (iii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | | 1,000 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | | 1,000 |
| | (ଅଂଶ ବାଜ୍ୟାପ୍ତି ହିସାବରେ ଥିବା ବଳକା ରାଶିର ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରଣ) | | | | |

**2. ବାଜ୍ୟାପ୍ତ ଅଂଶଗୁଡ଼ିକର ପ୍ରିମିୟମ୍‌ରେ କିମ୍ବା ସମମୂଲ୍ୟରେ ପୁନର୍ନିର୍ଗମନ, ଯାହା ମୂଳତଃ ସମମୂଲ୍ୟରେ ନିର୍ଗମିତ ହୋଇଥିଲା ।**

ଏହି କ୍ଷେତ୍ରରେ ଅଂଶଗୁଡ଼ିକର ପୁନର୍ନିର୍ଗମନରେ ଅଂଶ ବାଜ୍ୟାପ୍ତି ହିସାବରେ ଦାତାରେ ଥିବା ସମୁଦାୟ ରାଶିକୁ ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତର କରିଦିଆଯାଏ ।

**ଉଦାହରଣ 2**

ୱାଇ (Y) ଲିଃ 200 ଟି 20 ଟଙ୍କିଆ ଅଂଶ ବାଜ୍ୟାପ୍ତ କଲେ ଯାହା ଉପରେ ଅଂଶ ପ୍ରତି ₹15 ପ୍ରାପ୍ତ ହୋଇଛି ଏବଂ ଅବଶିଷ୍ଟ ପ୍ରାପ୍ୟ ହୋଇଛି କିନ୍ତୁ ଅପ୍ରାପ୍ତ ରହିଛି । ଏହି ଅଂଶଗୁଡ଼ିକ ପୁନର୍ନିର୍ଗମନ କରାଗଲା ।

(କ) ଅଂଶ ପ୍ରତି ₹20ରେ, ଅର୍ଥାତ୍ ସମମୂଲ୍ୟରେ

(ଖ) ଅଂଶ ପ୍ରତି ₹24ରେ, ଅର୍ଥାତ୍ ପ୍ରିମିୟମ୍‌ରେ

ଅଂଶଗୁଡ଼ିକର ପୁନର୍ନିର୍ଗମନ ପାଇଁ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ସ୍ଥିତି (କ)**

| | | | | |
|---|---|---|---|---|
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 8,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 8,000 |
| | (ଅଂଶ ପ୍ରତି ₹20ରେ 400 ଅଂଶର ପୁନର୍ନିର୍ଗମନ) | | | |
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 6,000 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 6,000 |
| | (ଅଂଶ ବାଜ୍ୟାପ୍ତି ହିସାବର ବଳକା ରାଶି ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |

**ସ୍ଥିତି (ଖ)**

| | | | | |
|---|---|---|---|---|
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 9,600 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 8,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | 1,600 |
| | (ବାଜ୍ୟାପ୍ତ ଅଂଶଗୁଡ଼ିକର ପ୍ରିମିୟମ୍‌ରେ ପୁନର୍ନିର୍ଗମନ) | | | |
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 6,000 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 6,000 |
| | (ଅଂଶ ବାଜ୍ୟାପ୍ତି ହିସାବର ବଳକା ରାଶି ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |

ଉପରୋକ୍ତ ଦୁଇ ଉଦାହରଣରେ ପୁନର୍ନିର୍ଗମିତ ଅଂଶଗୁଡ଼ିକ ବାବଦ ବାଜ୍ୟାପ୍ତ ହୋଇଥିବା ମୋଟ ରାଶିକୁ ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ କରାଗଲା କାରଣ ଏହି ଅଂଶଗୁଡ଼ିକର ପୁନର୍ନିର୍ଗମନରେ ରିହାତି ପ୍ରଦାନ କରାଯାଇ ନାହିଁ । ଅତଃ, ବାଜ୍ୟାପ୍ତ ହୋଇଥିବା ସମୁଦାୟ ରାଶି କମ୍ପାନୀ ପାଇଁ ଏକ ଲାଭ ଅଟେ ।

**3. ବାଜ୍ୟାପ୍ତ ଅଂଶଗୁଡ଼ିକର ସମମୂଲ୍ୟରେ, ରିହାତିରେ କିମ୍ବା ପ୍ରିମିୟମ୍‌ରେ ପୁନର୍ନିର୍ଗମନ, ଯାହା ମୂଳତଃ ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିଲା ।**

ଯଦି ଅଂଶଗୁଡ଼ିକ ମୂଳତଃ (ପ୍ରାରମ୍ଭରେ) ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିଲା, ତେବେ ଏହା ଆବଶ୍ୟକ ନୁହେଁ ଯେ ସେଗୁଡ଼ିକର ବାଜ୍ୟାପ୍ତି ପରେ ପୁନର୍ନିର୍ଗମନ ମଧ୍ୟ ପ୍ରିମିୟମ୍‌ରେ ହେବ । ଏହି ଅଂଶଗୁଡ଼ିକ ସମମୂଲ୍ୟରେ, ରିହାତିରେ କିମ୍ବା ପ୍ରିମିୟମ୍‌ରେ ପୁନର୍ନିର୍ଗମନ କରିହେବ ।

ଯଦି ଏହି ଅଂଶଗୁଡ଼ିକ ପ୍ରିମିୟମ୍‌ରେ ପୁନର୍ନିର୍ଗମନ କରାଯାଏ, ତେବେ ପ୍ରାପ୍ତ ପ୍ରିମିୟମ୍‌ର ରାଶିକୁ ପ୍ରତିଭୂତି ପ୍ରିମିୟମ୍ ହିସାବର ଦାତାରେ ଲେଖାଯିବ । ଜାବେଦା ପ୍ରବିଷ୍ଟି ଏହିପରି ହେବ:

ବ୍ୟାଙ୍କ୍ ହିସାବ ଦାୟୀ
(ଅଂଶଗୁଡ଼ିକର ସଂଖ୍ୟା × ଅଂଶ ପ୍ରତି ପ୍ରାପ୍ତ ରାଶି)

ଦାତା ଅଂଶ ପୁଞ୍ଜି ହିସାବ
(ଅଂଶଗୁଡ଼ିକର ସଂଖ୍ୟା × ଅଂଶ ପ୍ରତି ପ୍ରଦତ୍ତ ରାଶି)

ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ
(ଅଂଶଗୁଡ଼ିକର ସଂଖ୍ୟା × ଅଂଶ ପ୍ରତି ପ୍ରିମିୟମ୍‌ର ରାଶି)

ଯଦି ଏହି ଅଂଶଗୁଡ଼ିକ ସମମୂଲ୍ୟରେ ପୁନର୍ନିର୍ଗମନ କରାଯାଏ, ତେବେ ଯେଉଁ ରାଶି ପ୍ରାପ୍ତ ହୋଇ ସାରିଛି ଏବଂ ପୁଞ୍ଜି ବାଜ୍ୟାପ୍ତି ହିସାବକୁ ଦାତା କରି ଦିଆଯାଇଛି, ସେହି ରାଶିକୁ ପୁଞ୍ଜି ସଞ୍ଚିତି ହିସାବର ଦାତାରେ ଲେଖାଯିବ ଏବଂ ପୁଞ୍ଜି ବାଜ୍ୟାପ୍ତି ହିସାବକୁ ଦାୟୀ କରି ଦିଆଯିବ ।

ଯଦି ଏହି ଅଂଶଗୁଡ଼ିକ ରିହାତିରେ ପୁନର୍ନିର୍ଗମନ କରାଯାଏ, ତେବେ ପ୍ରଦତ୍ତ ରିହାତିର ରାଶି ଅଂଶ ବାଜ୍ୟାପ୍ତି ହିସାବର ଦାତାରେ ଥିବା ରାଶିରେ ସମାଯୋଜିତ ହେବ ଏବଂ ଏହି ହିସାବର ବଳକା ରାଶି ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେବ ।

**ଉଦାହରଣ 3**

ଏଜେଡ଼ (AZ) ଲିଃ ମୂଳତଃ ଅଂଶ ପ୍ରତି ₹4 ପ୍ରିମିୟମ୍‌ରେ ନିର୍ଗମିତ କରିଥିବା 200ଟି 10ଟଙ୍କିଆ ଅଂଶର ବାଜ୍ୟାପ୍ତି କଲେ । ଏହି ଅଂଶଗୁଡ଼ିକର ଧାରକ ଅଂଶ ପ୍ରତି ₹3 ଆବେଦନ ରାଶି ପୈଠ କରିଥିଲେ କିନ୍ତୁ ଅଂଶ ପ୍ରତି ₹7 (ପ୍ରିମିୟମ୍‌କୁ ମିଶାଇ)ର ଆବଣ୍ଟନ ରାଶି ଏବଂ ଅଂଶ ପ୍ରତି ₹4ର ଆହ୍ୱାନ ରାଶି ପୈଠ କରି ନଥିଲେ । ଏହି ଅଂଶଗୁଡ଼ିକର ବାଜ୍ୟାପ୍ତି ପାଇଁ ଏବଂ ସେଗୁଡ଼ିକର ପୁନର୍ନିର୍ଗମନ ପାଇଁ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର, ଯଦି ସେଗୁଡ଼ିକ:

I. ଅଂଶପ୍ରତି ₹10, ଅର୍ଥାତ ସମମୂଲ୍ୟରେ ପୁନର୍ନିର୍ଗମିତ ହେଲା

II. ଅଂଶ ପ୍ରତି ₹୫, ଅର୍ଥାତ୍ ରିହାତିରେ ପୁନର୍ନିର୍ଗମିତ ହେଲା

III. ଅଂଶ ପ୍ରତି ₹12, ଅର୍ଥାତ୍ ପ୍ରିମିୟମ୍‌ରେ ପୁନର୍ନିର୍ଗମିତ ହେଲା ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| | | | | |
|---|---|---|---|---|
| (i) | ଅଂଶ ପୁଞ୍ଜି ହିସାବ (200 X ₹10) | ଦାୟୀ | 2,000 | |
| | ପ୍ରତିଭୂତି ପ୍ରିମିୟମ୍ ହିସାବ (200 X ₹4) | ଦାୟୀ | 800 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ (200 X ₹3) | | | 600 |
| | ଦାତା ଅଂଶ ଆବଣ୍ଟନ ହିସାବ (200 X ₹7) | | | 1,400 |
| | ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ (200 X ₹4) | | | 800 |
| | (ପ୍ରାପ୍ୟ ରାଶି ନ ମିଳିବାରୁ 200 ଅଂଶର ବାଜ୍ୟାପ୍ତି) | | | |

**ସ୍ଥିତି I**

| | | | | |
|---|---|---|---|---|
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 2,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 2,000 |
| | (200 ବାଜ୍ୟାପ୍ତ ଅଂଶର ସମମୂଲ୍ୟରେ ପୁନର୍ନିର୍ଗମନ) | | | |
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 600 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 600 |
| | (ଅଂଶ ବାଜ୍ୟାପ୍ତି ହିସାବର ବଳକା, ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |

ଯେହେତୁ ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକ ସମମୂଲ୍ୟରେ ପୁନର୍ନିର୍ଗମିତ ହୋଇଛି ତେଣୁ ସେଗୁଡ଼ିକର ପୁନର୍ନିର୍ଗମନ ସମୟରେ ରିହାତି ପ୍ରଦାନ କରାଯାଇ ନାହିଁ । ସେଥିପାଇଁ ପୂରା ₹600ର ବାଜ୍ୟାପ୍ତ ରାଶି କମ୍ପାନୀ ପାଇଁ ଲାଭ ଅଟେ ଯାହାକୁ ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହୋଇଛି ।

**ସ୍ଥିତି II**

| | | | | |
|---|---|---|---|---|
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 1,600 | |
| | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 400 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 2,000 |
| | (200 ବାଜ୍ୟାପ୍ତ ଅଂଶର ରିହାତିରେ ପୁନର୍ନିର୍ଗମନ) | | | |
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 200 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 200 |
| | (ଅଂଶ ବାଜ୍ୟାପ୍ତି ହିସାବର ବଳକା, ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |

ବାଜ୍ୟାପ୍ତ ଅଂଶଗୁଡ଼ିକର ପୁନର୍ନିର୍ଗମନରେ ଅଂଶ ପ୍ରତି ₹2ର ରିହାତି ପ୍ରଦାନ କରାଯାଇଛି ତେଣୁ ମୋଟ ₹400ର ରିହାତି ₹600ର ବାଜ୍ୟାପ୍ତ ରାଶିରୁ ସମାଯୋଜିତ ହୋଇଛି ଏବଂ ଅବଶିଷ୍ଟ ₹200 ଏକ ପୁଞ୍ଜିଗତ ଲାଭ ହୋଇଥିବା ଦୃଷ୍ଟିରୁ ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହୋଇଛି ।

**ସ୍ଥିତି III**

| | | | | |
|---|---|---|---|---|
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 2,400 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 2,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | 400 |
| | (200 ବାଜ୍ୟାପ୍ତ ଅଂଶର ପ୍ରିମିୟମ୍‌ରେ ପୁନର୍ନିର୍ଗମନ) | | | |
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 600 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 600 |
| | (ଅଂଶ ବାଜ୍ୟାପ୍ତି ହିସାବର ବଳକା, ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |

ଯେହେତୁ ବାଜ୍ୟାପ୍ତ ଅଂଶଗୁଡ଼ିକ ପ୍ରିମିୟମ୍‌ରେ ପୁନର୍ନିର୍ଗମିତ ହୋଇଛି, ତେଣୁ ବାଜ୍ୟାପ୍ତ ରାଶିରେ ସମାଯୋଜିତ ହେବା ପାଇଁ କୌଣସି ରିହାତିର ରାଶି ନାହିଁ । ତେଣୁ ପୂରା ₹600ର ବାଜ୍ୟାପ୍ତ ରାଶି କମ୍ପାନୀର ଏକ ପୁଞ୍ଜିଗତ ଲାଭ ଭାବେ ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହୋଇଛି ।

### 4. ବାଜ୍ୟାପ୍ତ ଅଂଶଗୁଡ଼ିକର ସମମୂଲ୍ୟରେ, ପ୍ରିମିୟମ୍‌ରେ ଓ ରିହାତିରେ ପୁନର୍ନିର୍ଗମନ, ଯାହା ମୂଳତଃ ରିହାତିରେ ନିର୍ଗମିତ ହୋଇଥିଲା ।

ଯେତେବେଳେ ମୂଳତଃ ରିହାତିରେ ନିର୍ଗମିତ ହୋଇ ପରେ ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକର ପୁନର୍ନିର୍ଗମିତ ହୁଏ, ସେତେବେଳେ ସେଗୁଡ଼ିକର ମୂଳ ନିର୍ଗମନ ସମୟରେ ପ୍ରଦତ୍ତ ରିହାତି, ଯାହା ସେଗୁଡ଼ିକର ବାଜ୍ୟାପ୍ତି ସମୟରେ ବିପରୀତ ଲିଖନ କରି ଦିଆଯାଇଥିଲା, ଏବେ ପୁଣି ଥରେ ତାହା ଦିଆଯିବ । ଅତଃ, ଅଂଶଗୁଡ଼ିକର ବାଜ୍ୟାପ୍ତିରେ 'ଅଂଶ ନିର୍ଗମନରେ ରିହାତି ହିସାବ'କୁ ନିର୍ଗମନ ସମୟରେ ପ୍ରଦତ୍ତ ରିହାତିର ପରିମାଣ ଦ୍ୱାରା 'ଦାତା' କରାଯାଏ, କାରଣ ଅଂଶଗୁଡ଼ିକର ବାଜ୍ୟାପ୍ତି ସମୟରେ ରିହାତିର ପ୍ରଭାବକୁ ରଦ୍ଦ କରି ଦିଆଯାଏ । ଯେତେବେଳେ ସେହି ଅଂଶଗୁଡ଼ିକର ପୁନର୍ନିର୍ଗମନ କରାଯାଏ, ଅଂଶ ନିର୍ଗମନରେ ରିହାତି ହିସାବକୁ ପୁଣି ଥରେ ରିହାତିର ମୂଳ ରାଶି ଦ୍ୱାରା ଦାୟୀ କରାଯାଏ ।

**ଉଦାହରଣ 4**

ଇଣ୍ଡିଆ ଇନ୍‌ଫ୍ରାଷ୍ଟ୍ରକଚର୍ ଲିଃ ଏହାର ପ୍ରତ୍ୟେକ 20 ଟଙ୍କିଆ ଅଂଶକୁ ଅଂଶ ପ୍ରତି ₹2 ରିହାତିରେ ନିର୍ଗମନ କରିଛି । ମହିମା ଯେକି 100 ଅଂଶର ଧାରକ ଅଂଶ ପ୍ରତି ₹5ର ଚୂଡ଼ାନ୍ତ ଆହ୍ୱାନ ରାଶି ପୈଠ କଲେ ନାହିଁ । ତାଙ୍କ ଅଂଶଗୁଡ଼ିକ ବାଜ୍ୟାପ୍ତ କରାଗଲା । ପରେ କମ୍ପାନୀ ଏହି ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକ ମଧ୍ୟରୁ 100 ଅଂଶର (I) ଅଂଶ ପ୍ରତି ₹15ରେ, (II) ଅଂଶ ପ୍ରତି ₹20ରେ, ଏବଂ (III) ଅଂଶ ପ୍ରତି ₹25ରେ ପୁନର୍ନିର୍ଗମନ କଲେ ।

କମ୍ପାନୀର ବହିରେ ଅଂଶଗୁଡ଼ିକର ବାଜ୍ୟାପ୍ତି ଏବଂ ପୁନର୍ନିର୍ଗମନ ପାଇଁ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| | | | | |
|---|---|---|---|---|
| | ଅଂଶ ପୁଞ୍ଜି ହିସାବ | ଦାୟୀ | 2,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ | | | 1,300 |
| | ଦାତା ଅଂଶ ନିର୍ଗମନରେ ରିହାତି ହିସାବ | | | 200 |
| | ଦାତା ଅଂଶ ଚୂଡ଼ାନ୍ତ ଆହ୍ୱାନ ହିସାବ | | | 500 |
| | (ରିହାତିରେ ନିର୍ଗମିତ 100 ଅଂଶର ଚୂଡ଼ାନ୍ତ ଆହ୍ୱାନ ରାଶିର ପୈଠ ନ ହେବା କାରଣରୁ ବାଜ୍ୟାପ୍ତି) | | | |
| **I.** | **ଅଂଶଗୁଡ଼ିକର ପୁନର୍ନିର୍ଗମନ : ଅଂଶ ପ୍ରତି ₹15ରେ ପୁନର୍ନିର୍ଗମନ** | | | |
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 1,500 | |
| | ଅଂଶ ନିର୍ଗମନରେ ରିହାତି ହିସାବ | ଦାୟୀ | 200 | |
| | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 300 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 2,000 |
| | (200 ଅଂଶ, ଅଂଶ ପ୍ରତି ₹15ରେ ପୁନର୍ନିର୍ଗମିତ ହେଲା) | | | |
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 1,000 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 1,000 |
| | (ପୁନର୍ନିର୍ଗମିତ ହୋଇଥିବା 100 ଅଂଶ ବାବଦ ଅଂଶ ବାଜ୍ୟାପ୍ତି ହିସାବର ବଳକା ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |
| **II.** | **ଅଂଶ ପ୍ରତି ₹20 ରେ ପୁନର୍ନିର୍ଗମନ** | | | |
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 2,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 2,000 |
| | (100 ଅଂଶ, ଅଂଶ ପ୍ରତି ₹20ରେ ପୁନର୍ନିର୍ଗମିତ ହେଲା) | | | |
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 1,300 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 1,300 |
| | (ଅଂଶ ବାଜ୍ୟାପ୍ତି ହିସାବରେ ଥିବା ବଳକା ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |
| **III.** | **ଅଂଶ ପ୍ରତି ₹25 ରେ ପୁନର୍ନିର୍ଗମନ** | | | |
| (i) | ବ୍ୟାଙ୍କ୍ ହିସାବ | ଦାୟୀ | 2,500 | |
| | ଅଂଶ ନିର୍ଗମନରେ ରିହାତି ହିସାବ | ଦାୟୀ | 200 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 2,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | 700 |
| | (100 ରିହାତିରେ ନିର୍ଗମିତ ଅଂଶର ଅଂଶପ୍ରତି ₹25ରେ ପୁନର୍ନିର୍ଗମନ) | | | |

| | | | | |
|---|---|---|---|---|
| (ii) | ଅଂଶ ବାଜ୍ୟାପ୍ତି ହିସାବ | ଦାୟୀ | 1,300 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 1,300 |
| | (ଅଂଶ ବାଜ୍ୟାପ୍ତି ହିସାବରେ ଥିବା ବଳକା ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |

**ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକରୁ କିଛି ଅଂଶର ପୁନନିର୍ଗମନ**

ବେଳେବେଳେ ବାଜ୍ୟାପ୍ତ ହୋଇଥିବା ସବୁଯାକ ଅଂଶର ପୁନର୍ନିର୍ଗମନ କରାଯାଏ ନାହିଁ, ବରଂ ସେଗୁଡ଼ିକରୁ କିଛି ଭାଗ ଅଂଶର ପୁନର୍ନିର୍ଗମନ କରାଯାଏ । ଏହାର ହିସାବରକ୍ଷଣ ଉପଚାର ନିମ୍ନ ଉଦାହରଣ ଦ୍ୱାରା ବୁଝାଇ ଦିଆଯାଇଛି:

**ଉଦାହରଣ 5**

ଏକ କମ୍ପାନୀ 400ଟି 50 ଟଙ୍କିଆ ଅଂଶର ବାଜ୍ୟାପ୍ତି କଲେ ଯାହା ବାବଦ କେବଳ ଆବେଦନ ରାଶି ଅଂଶ ପ୍ରତି ₹10 ଓ ଆବଣ୍ଟିତ ରାଶି ଅଂଶ ପ୍ରତି ₹20 ଲେଖାଏଁ ପ୍ରାପ୍ତ ହୋଇଥିଲା । ଅଂଶ ପ୍ରତି ₹20ର ଚୂଡ଼ାନ୍ତ ଆହ୍ୱାନ ରାଶି ପ୍ରାପ୍ତ ହୋଇ ନଥିଲା । ଏହି ଅଂଶଗୁଡ଼ିକରୁ 300 ଅଂଶ, ଅଂଶ ପ୍ରତି ₹40ରେ ପୁନର୍ନିର୍ଗମିତ ହେଲା । ଅଂଶଗୁଡ଼ିକର ବାଜ୍ୟାପ୍ତି ଓ ପୁନଃ-ନିର୍ଗମନ ପାଇଁ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ଅଂଶ ପୁଞ୍ଜି ହିସାବ ଦାୟୀ | | 20,000 | |
| | ଦାତା ଅଂଶ ବାଜ୍ୟାପ୍ତି ହିସାବ | | | 12,000 |
| | ଦାତା ଅଂଶ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | | 8,000 |
| | (ଆହ୍ୱାନ ରାଶିର ପୈଠ ନ ମିଳିବାରୁ 400 ଅଂଶର ବାଜ୍ୟାପ୍ତି) | | | |
| | ବ୍ୟାଙ୍କ୍ ହିସାବ ଦାୟୀ | | 12,000 | |
| | ଅଂଶ ବାଜ୍ୟାପ୍ତି ହିସାବ ଦାୟୀ | | 3,000 | |
| | ଦାତା ଅଂଶ ପୁଞ୍ଜି ହିସାବ | | | 15,000 |
| | (ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକରୁ 300 ଅଂଶର ପୁନର୍ନିର୍ଗମନ) | | | |
| | ଅଂଶ ବାଜ୍ୟାପ୍ତି ହିସାବ ଦାୟୀ | | 6,000 | |
| | ଦାତା ପୁଞ୍ଜି ସଞ୍ଚିତି ହିସାବ | | | 6,000 |
| | (300 ଅଂଶ ବାବଦ ବାଜ୍ୟାପ୍ତି ହିସାବରେଥିବା ବଳକା ରାଶି ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ) | | | |

**ପାଠ୍ୟଗତ ପ୍ରଶ୍ନ 25.3**

I. ନିମ୍ନ କ୍ଷେତ୍ରରେ ପୁଞ୍ଜି ସଞ୍ଚିତି ହିସାବକୁ କେତେ ଟଙ୍କାରେ ଦାତା କରାଯିବ ?

(i) 100ଟି 10 ଟଙ୍କିଆ ଅଂଶ ଯାହା ଅଂଶ ପ୍ରତି ₹3 ର ଆହ୍ୱାନ ରାଶି ପୈଠ ନ କରିବା କାରଣରୁ ବାଜ୍ୟାପ୍ତ ହୋଇଥିଲା । ସେଗୁଡ଼ିକ ଏବେ ଅଂଶ ପ୍ରତି ₹7ରେ ପୁନର୍ନିର୍ଗମିତ ହେଲା ।

(ii) 200ଟି 10 ଟଙ୍କିଆ ଅଂଶ ବାଜ୍ୟାପ୍ତ ହୋଇଥିଲା ଯାହା ଉପରେ ଅଂଶ ପ୍ରତି ₹8 ଆହ୍ୱାନ କରାଯାଇଥିଲା, ମାତ୍ର ଅଂଶ ପ୍ରତି କେବଳ ₹2 ପ୍ରାପ୍ତ ହୋଇଥିଲା । ଏଗୁଡ଼ିକ ଅଂଶ ପ୍ରତି ₹୨ ପୂର୍ଣ୍ଣ ପ୍ରଦତ୍ତ ଭାବେ ପୁନର୍ନିର୍ଗମିତ ହେଲା ।

(iii) ଅଂଶ ପ୍ରତି ₹2 ରିହାତିରେ ନିର୍ଗମିତ ହୋଇଥିବା 100ଟି 20 ଟଙ୍କିଆ ଅଂଶର ଅଂଶ ପ୍ରତି ₹4ର ପ୍ରଥମ ଆହ୍ୱାନ ରାଶି ଏବଂ ଅଂଶ ପ୍ରତି ₹5ର ଚୂଡ଼ାନ୍ତ ଆହ୍ୱାନ ରାଶିର ପୈଠ ପ୍ରାପ୍ତି ନ ମିଳିବା କାରଣରୁ ବାଜ୍ୟାପ୍ତି କରାଯାଇଥିଲା । ଏବେ ଏହି ଅଂଶଗୁଡ଼ିକ ଅଂଶ ପ୍ରତି ₹15ରେ ପୁନର୍ନିର୍ଗମିତ ହେଲା ।

## ତୁମେ ଯାହା ଶିଖିଲ

- ଅଂଶଗୁଡ଼ିକର ପୁନର୍ନିର୍ଗମନର ଅର୍ଥ ହେଲା ସେହି ଅଂଶଗୁଡ଼ିକର ବିକ୍ରୀ ଯାହା ପୂର୍ବରୁ ନିର୍ଗମିତ ହୋଇଥିଲା କିନ୍ତୁ ଆହୂତ ରାଶିର ପୈଠ ପ୍ରାପ୍ତି ନ ମିଳିବା କାରଣରୁ ବାଜ୍ୟାପ୍ତ ହୋଇ ଯାଇଥିଲା ।
- ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକ ବାବଦ ଯେଉଁ ରାଶି ଆହୂତ ହୋଇଥାଏ କିନ୍ତୁ ଅପ୍ରାପ୍ତ ହୋଇ ରହିଥାଏ ଅତିକମ୍‌ରେ ସେହି ରାଶି ଅସୁଲ (ସଂଗ୍ରହ) କରିବା ପାଇଁ ଅଂଶଗୁଡ଼ିକର ପୁନର୍ନିର୍ଗମନ କରାଯାଏ ।
- ପୁନର୍ନିର୍ଗମିତ ହୋଇଥିବା ଅଂଶଗୁଡ଼ିକର ରାଶି ସାଧାରଣତଃ ଏକ କିସ୍ତିରେ ହିଁ ଆହ୍ୱାନ କରାଯାଇଥାଏ ।
- ଅଂଶଗୁଡ଼ିକର ପୁନର୍ନିର୍ଗମନ ସମ ମୂଲ୍ୟରେ, ରିହାତିରେ ଓ ପ୍ରିମିୟମ୍‌ରେ କରାଯାଇପାରେ ।
- ଅଂଶଗୁଡ଼ିକର ପୁନର୍ନିର୍ଗମନରେ ସର୍ବାଧିକ ଦିଆଯାଇ ପାରୁଥିବା ରିହାତିର ପରିମାଣ ଏହି ଅଂଶଗୁଡ଼ିକ ବାବଦ ବାଜ୍ୟାପ୍ତ ରାଶିର ପରିମାଣ ସହିତ ସମାନ ଅଟେ ।
- ଅଂଶଗୁଡ଼ିକର ପୁନର୍ନିର୍ଗମନରେ ପ୍ରଦତ୍ତ ରିହାତିର ସମାଯୋଜନ ପାଇଁ ସେହି ଅଂଶ ବାବଦ ବାଜ୍ୟାପ୍ତ ରାଶିର ଉପଯୋଗ କରାଯାଏ ।
- ଅଂଶ ବାଜ୍ୟାପ୍ତି ହିସାବର ବଳକା ରାଶି କମ୍ପାନୀର ଏକ ପୁଞ୍ଜିଗତ ଲାଭ ଅଟେ ଏବଂ ଏହାକୁ 'ପୁଞ୍ଜି ସଞ୍ଚିତି ହିସାବ'କୁ ସ୍ଥାନାନ୍ତରିତ କରାଯାଏ ।

## ପାଠ୍ୟାନ୍ତ ପ୍ରଶ୍ନ

1. 'ଅଂଶ ପତ୍ରର ପୁନର୍ନିର୍ଗମନ'ର ଅର୍ଥ ପ୍ରଦାନ କର ।
2. ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକର ପୁନର୍ନିର୍ଗମନ ସମୟରେ ସର୍ବାଧିକ କେତେ ରିହାତି ଦିଆଯାଇପାରିବ, ଯେତେବେଳେ ବାଜ୍ୟାପ୍ତ ଅଂଶଗୁଡ଼ିକ ମୂଳତଃ (କ) ସମମୂଲ୍ୟରେ, (ଖ) ପ୍ରିମିୟମ୍‌ରେ, (ଗ) ରିହାତିରେ ନିର୍ଗମିତ ହୋଇଥାଏ ?



ଟିପ୍ପଣୀ

3. ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକର ପୁନର୍ନିର୍ଗମନ ପରେ ପୁଞ୍ଜି ସଞ୍ଚିତି ହିସାବକୁ କେତେ ଟଙ୍କା ସ୍ଥାନାନ୍ତରିତ ହୁଏ ? କାହିଁକି ଏହି ହିସାବ ପୁଞ୍ଜି ସଞ୍ଚିତି ହିସାବକୁ ସ୍ଥାନାନ୍ତରିତ ହୁଏ ?

4. ନିମ୍ନ ପ୍ରତ୍ୟେକ କ୍ଷେତ୍ରରେ ଅଂଶଗୁଡ଼ିକର ବାଜ୍ୟାପ୍ତି ଓ ପୁନର୍ନିର୍ଗମନ ପାଇଁ ଜାବେଦା ପ୍ରବିଷ୍ଟି କର:

   (କ) ଏକ୍ସ (X) ଲିଃର ନିର୍ଦ୍ଦେଶକ 400ଟି 10 ଟଙ୍କିଆ ପୂର୍ଣ୍ଣାହୂତ ଅଂଶର ବାଜ୍ୟାପ୍ତି କଲେ ଯାହା ଉପରେ ₹2,400 ପ୍ରାପ୍ତ ହୋଇଛି । ଏଗୁଡ଼ିକରୁ 300ଟି ଅଂଶ ₹2,500ରେ ପୁନର୍ନିର୍ଗମିତ ହେଲା ।

   (ଖ) ରିୟଲ୍ ଇଷ୍ଟେଟ୍ ଡେଭଲପର୍ସ ଲିଃ ଅମରଜିତ ସିଂହଙ୍କର 500ଟି 10 ଟଙ୍କିଆ ଅଂଶର ବାଜ୍ୟାପ୍ତି କଲେ ଯେଉଁଗୁଡ଼ିକ ଅଂଶ ପ୍ରତି ₹3 ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିଲା ଯାହାର ପ୍ରାପ୍ତି ଆବଣ୍ଟନ ରାଶି ସହିତ ହେବାର ଥିଲା । ସେ ଅଂଶ ପ୍ରତି କେବଳ ₹3 ଲେଖାଏଁ ଆବେଦନ ରାଶି ପୈଠ କଲେ । ଏହି ଅଂଶଗୁଡ଼ିକରୁ 200ଟି, ଅଂଶ ପ୍ରତି ₹10 ରେ ପୁନର୍ନିର୍ଗମିତ ହେଲା ।

   (ଗ) ରୟାଲ୍ ଏଣ୍ଟରପ୍ରାଇଜେସ୍ ଲିଃ 10% ରିହାତିରେ ନିର୍ଗମିତ ହୋଇଥିବା 200ଟି 10 ଟଙ୍କିଆ ଅଂଶର ବାଜ୍ୟାପ୍ତି କଲେ ଯାହା ଉପରେ ଅଂଶ ପ୍ରତି କେବଳ ₹4 ପ୍ରାପ୍ତ ହୋଇଥିଲା । ଏଗୁଡ଼ିକରୁ 100ଟି ଅଂଶ, ଅଂଶ ପ୍ରତି ₹7 ରେ ପୁନର୍ନିର୍ଗମନ କରି ଦିଆଗଲା ।

5. ଜାବେଦା ପ୍ରବିଷ୍ଟି କର:

   (କ) ପି. (P) ଲିଃ ସୁରେଶକୁ 400ଟି 10 ଟଙ୍କିଆ ଅଂଶ ନିର୍ଗମିତ କରିଥିଲେ ଯାହା ଉପରେ ସେ ଅଂଶ ପ୍ରତି ₹3 ହିସାବରେ ଆବେଦନ ରାଶି ପୈଠ କଲା । କିନ୍ତୁ ଅଂଶପ୍ରତି ₹3ର ଆବଣ୍ଟନ ରାଶି ଓ ଅଂଶ ପ୍ରତି ₹2ର ପ୍ରଥମ ଆହ୍ୱାନ ରାଶି ପୈଠ କରିବାକୁ ଅସମର୍ଥ ହେଲା । ତା'ର ଅଂଶଗୁଡ଼ିକ ଚୂଡ଼ାନ୍ତ ଆହ୍ୱାନ କରିବା ପୂର୍ବରୁ ବାଜ୍ୟାପ୍ତ କରାଗଲା । ଏହି ଅଂଶଗୁଡ଼ିକ ପରବର୍ତ୍ତୀ ସମୟରେ ଅଂଶ ପ୍ରତି ₹୫ରେ ପୂର୍ଣ୍ଣ ପ୍ରଦତ୍ତ ଭାବେ ନିର୍ଗମିତ ହେଲା ।

   (ଖ) ଏକ କମ୍ପାନୀ 10,000ଟି 100 ଟଙ୍କିଆ ଅଂଶ, ଅଂଶ ପ୍ରତି ₹20 ପ୍ରିମିୟମ୍‌ରେ ନିର୍ଗମନ କଲେ ଯାହାର ପୈଠ ଥିଲା ଏହିପରି: ₹20 ଆବେଦନରେ, ପ୍ରିମିୟମ୍‌କୁ ମିଶାଇ ₹60 ଆବଣ୍ଟନରେ ଏବଂ ପ୍ରତ୍ୟେକ ₹20 ଲେଖାଏଁ ଦୁଇଟି ଆହ୍ୱାନରେ । ଚୂଡ଼ାନ୍ତ ଆହ୍ୱାନ କରାଯାଇ ନଥିଲା । ପିଙ୍କି ଯେ କି 200 ଅଂଶର ଧାରକ ସେ ଆବଣ୍ଟନ ରାଶି ପୈଠ କଲା ନାହିଁ ଏବଂ ପ୍ରଥମ ଆହ୍ୱାନ ରାଶିର ପୈଠ ନ କରିବାରୁ ତା'ର ଅଂଶଗୁଡ଼ିକ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀଙ୍କ ଦ୍ୱାରା ବାଜ୍ୟାପ୍ତ କରାଗଲା । ଏହି ଅଂଶଗୁଡ଼ିକରୁ 150ଟି, ଅଂଶ ପ୍ରତି ₹120ରେ ପୂର୍ଣ୍ଣ ପ୍ରଦତ୍ତ ଭାବେ ପୁନର୍ନିର୍ଗମିତ ହେଲା ।

6. ଜୟ ଏଣ୍ଟରଟେନ୍ ଲିଃ ପ୍ରତ୍ୟେକ ₹10ର 1,00,000 ଅଂଶ, ଅଂଶ ପ୍ରତି ₹2 ପ୍ରିମିୟମ୍‌ରେ ନିର୍ଗମନ କଲା । ଏ ବାବଦ ରାଶିର ପୈଠ ଥିଲା ଏହିପରି :

ଅଂଶ ପ୍ରତି ₹3 ଆବେଦନରେ
ଅଂଶ ପ୍ରତି ₹5 (ପ୍ରିମିୟମ୍‌କୁ ମିଶାଇ) ଆବଣ୍ଟନରେ
ଅଂଶ ପ୍ରତି ₹2 ପ୍ରଥମ ଆହ୍ୱାନରେ
ଅଂଶ ପ୍ରତି ₹2 ଚୂଡ଼ାନ୍ତ ଆହ୍ୱାନରେ

1,50,000 ଅଂଶ ପାଇଁ ଦରଖାସ୍ତ ମିଳିଲା। ସମସ୍ତ ଦରଖାସ୍ତ ଗୃହୀତ ହେଲା ଏବଂ ଆନୁପାତିକ ଭିତ୍ତିରେ ଆବଣ୍ଟନ ହେଲା। ସୁଶୀଳ ଯାହାକୁ 1,000ଟି ଅଂଶ ଆବଣ୍ଟିତ ହୋଇଥିଲା ସେ ଆବଣ୍ଟନ ରାଶି ପୈଠ କରିବାକୁ ଅସମର୍ଥ ହେଲା। ପରବର୍ତ୍ତୀ ସମୟରେ ପ୍ରଥମ ଆହ୍ୱାନ ରାଶିର ପୈଠ ପାଇଁ ତାଙ୍କର ଅସମର୍ଥ ହେତୁ ତାଙ୍କର ଅଂଶଗୁଡ଼ିକ ବାଜ୍ୟାପ୍ତ କରାଗଲା।

ଗମାଙ୍ଗ ଯେ କି 750 ଅଂଶ ପାଇଁ ଆବେଦନ କରିଥିଲା ସେ ଦୁଇଟି ଆହ୍ୱାନ ରାଶିର ପୈଠ କରିବାକୁ ଅସମର୍ଥ ହେଲା। ତାଙ୍କର ଅଂଶଗୁଡ଼ିକ ମଧ୍ୟ ବାଜ୍ୟାପ୍ତ କରାଗଲା। ସୁଶୀଳର ସବୁଯାକ ଅଂଶ ଏବଂ ଗମାଙ୍ଗର 200 ଅଂଶ, ଅଂଶ ପ୍ରତି ₹2 ରିହାତିରେ ପୁନର୍ନିର୍ଗମିତ ହେଲା। କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟ କର ଏବଂ ଆବଶ୍ୟକୀୟ ଖତିଆନ ହିସାବ ଖୋଲ।

7. ଟୋଣ୍ଟି-ଫାଷ୍ଟ ସେଞ୍ଚୁରି କଟନ୍ ମିଲ୍ସ ଲିଃକୁ ₹10,00,000 ପୁଞ୍ଜି ସହିତ ପଞ୍ଜୀକୃତ କରାଗଲା ଯାହା ଏକ ଲକ୍ଷ ₹10 ଟଙ୍କିଆ ଅଂଶରେ ବିଭକ୍ତ ଥିଲା। 50,000 ଅଂଶ ସର୍ବସାଧାରଣଙ୍କୁ ଅଂଶ ପ୍ରତି ₹1 ରିହାତିରେ ଅଭିଦାନ ପାଇଁ ପ୍ରସ୍ତାବ କରାଗଲା। ରାଶିର ପୈଠ ଆବେଦନ ଓ ଆବଣ୍ଟନରେ ଅଂଶ ପ୍ରତି ₹5 ତଥା ଆହ୍ୱାନରେ ଅଂଶପ୍ରତି ₹4 ହେବାର ଥିଲା।

48,000 ଅଂଶ ପାଇଁ ଦରଖାସ୍ତ ମିଳିଲା। ଆହ୍ୱାନ କରାଗଲା ଏବଂ 1,000 ଅଂଶକୁ ଛାଡ଼ି ଅନ୍ୟ ଅଂଶଗୁଡ଼ିକ ଉପରେ ପ୍ରାପ୍ୟ ରାଶି ଯଥାବିଧି ପ୍ରାପ୍ତ ହେଲା। ଏହି ଅଂଶଗୁଡ଼ିକ ବାଜ୍ୟାପ୍ତ କରାଗଲା।

ବାଜ୍ୟାପ୍ତ ହୋଇଥିବା ଅଂଶଗୁଡ଼ିକରୁ 800ଟି, ଅଂଶ ପ୍ରତି ₹12ରେ ପୁନର୍ନିର୍ଗମିତ ହେଲା।

କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କର। ଉଦ୍‌ବୃତ୍ତ ପତ୍ର ମଧ୍ୟ ପ୍ରସ୍ତୁତ କର।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 25.1**

(i) ମୂଳ, (ii) କମ୍ପାନୀ, (iii) ବାଜ୍ୟାପ୍ତ, (iv) ପ୍ରିମିୟମ୍, (v) ରିହାତି

**ପାଠ୍ୟଗତ ପ୍ରଶ୍ନ 25.2**

(i) ଠିକ୍, (ii) ଭୁଲ୍, (iii) ଭୁଲ୍

**ପାଠ୍ୟଗତ ପ୍ରଶ୍ନ 25.3**

(i) ₹400, (ii) ₹200, (iii) ₹600,

**ପ୍ରାୟୋଗିକ ପାଠ୍ୟାନ୍ତ ପ୍ରଶ୍ନର ଉତ୍ତର**

4. (କ) ପୁଞ୍ଜିଗତ ସଞ୍ଚିତି ₹1,300, (ଖ) ପୁଞ୍ଜିଗତ ସଞ୍ଚିତି ₹600, (ଗ) ପୁଞ୍ଜିଗତ ସଞ୍ଚିତି ₹200
5. (କ) ପୁଞ୍ଜିଗତ ସଞ୍ଚିତି ₹400, (ଖ) ପୁଞ୍ଜିଗତ ସଞ୍ଚିତି ₹3,000
6. ପୁଞ୍ଜିଗତ ସଞ୍ଚିତି ₹1,800
7. ପୁଞ୍ଜିଗତ ସଞ୍ଚିତି ₹4,000

# 26

# ଋଣପତ୍ରର ନିର୍ଗମନ

# (Issue of Debentures)

ତୁମେ ଜାଣିଛ ଯେ ଅଂଶ ପୁଞ୍ଜି ହେଉଛି ଯୌଥ ପୁଞ୍ଜି କମ୍ପାନୀର ଅର୍ଥ (ବିତ୍ତ)ର ଏକ ମୁଖ୍ୟ ଉତ୍ସ । ଏହି ପୁଞ୍ଜି ଅଂଶ ପତ୍ରର ନିର୍ଗମନ ଦ୍ୱାରା ଉଠାଣ (ସଂଗ୍ରହ) କରାଯାଏ । ଯେଉଁମାନେ କମ୍ପାନୀର ଅଂଶପତ୍ର ଧାରଣ କରିଥା'ନ୍ତି ସେମାନଙ୍କୁ ଅଂଶଧାରୀ କୁହାଯାଏ ଏବଂ ସେମାନେ କମ୍ପାନୀର ମାଲିକ ଅଟନ୍ତି । କମ୍ପାନୀ ଦୀର୍ଘ ଅବଧି ପାଇଁ ଅତିରିକ୍ତ ଅର୍ଥ ରାଶି ଆବଶ୍ୟକ କରିପାରେ । ଏହା ପ୍ରତ୍ୟେକ ଥର ଅଂଶପତ୍ର ନିର୍ଗମନ କରିପାରିବ ନାହିଁ । ଏହା ସର୍ବସାଧାରଣଙ୍କ ଠାରୁ ଋଣ ଉଠାଇ ପାରିବ । ଋଣର ରାଶିକୁ ଅଳ୍ପ ମୂଲ୍ୟ ବିଶିଷ୍ଟ କେତେକ ଏକକରେ ବିଭକ୍ତ କରାଯାଇ ପାରେ ଏବଂ କମ୍ପାନୀ ସେଗୁଡ଼ିକୁ ସର୍ବସାଧାରଣଙ୍କୁ ବିକ୍ରୀ କରିପାରେ । ପ୍ରତ୍ୟେକ ଏକକକୁ ଏକ 'ଋଣପତ୍ର' କୁହାଯାଏ ଏବଂ ଏହି ଏକକଗୁଡ଼ିକର ଧାରକକୁ 'ଋଣପତ୍ରଧାରୀ' କୁହାଯାଏ । ଏହିଭଳି ଉଠା ଯାଉଥିବା ରାଶି କମ୍ପାନୀ ପାଇଁ ଋଣ ଅଟେ । ଏହି ପାଠରେ ଆମେ ଋଣପତ୍ରର ନିର୍ଗମନ ଓ ଏହାର ହିସାବରକ୍ଷଣ ପଦ୍ଧତି ସମ୍ବନ୍ଧରେ ଶିଖିବା ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ:

- ଋଣପତ୍ରର ଅର୍ଥ ଓ ପ୍ରକାର ଉଲ୍ଲେଖ କରିପାରିବ;
- ଋଣପତ୍ରର ନିର୍ଗମନର ପ୍ରକ୍ରିୟା ଓ ଏହାର ହିସାବରକ୍ଷଣ ପଦ୍ଧତିକୁ ବ୍ୟାଖ୍ୟା କରିପାରିବ;
- ଏକ ସହ-ପ୍ରତିଭୂତି (Collateral security) ରୂପରେ ଋଣପତ୍ରର ନିର୍ଗମନକୁ ବୁଝାଇ ପାରିବ;
- ଋଣପତ୍ରର ନିର୍ଗମନରେ 'ରିହାତି' ଓ 'କ୍ଷତିର ଅବଲେଖନ ଏବଂ କମ୍ପାନୀର ବହିରେ ସେଗୁଡ଼ିକର ହିସାବରକ୍ଷଣ ଉପଚାରକୁ ବୁଝାଇ ପାରିବ;
- ଋଣପତ୍ର ଉପରେ ସୁଧ ହିସାବ କରିପାରିବ ।

## 26.1 ଋଣପତ୍ର ଓ ଏହାର ପ୍ରକାର

ଋଣପତ୍ର ଋଣ ରାଶିର ଏକ ଏକକ ଅଟେ । ଯେତେବେଳେ ଏକ କମ୍ପାନୀ ସର୍ବସାଧାରଣଙ୍କଠାରୁ ଋଣରାଶି ଉଠାଇବାର ଇଚ୍ଛା ପ୍ରକଟ କରେ ସେତେବେଳେ ଏହା ଋଣପତ୍ରର ନିର୍ଗମନ କରେ । ଋଣପତ୍ର କିମ୍ବା ଋଣପତ୍ର ସମୂହ ରଖିଥିବା ବ୍ୟକ୍ତିଙ୍କୁ ଏକ ଋଣପତ୍ରଧାରୀ କୁହାଯାଏ । ଋଣପତ୍ର ହେଉଛି ଏକ ଦଲିଲ ଯେଉଁଥିରେ କମ୍ପାନୀର ମୋହର ଲାଗିଥାଏ । ଏହା କମ୍ପାନୀ ଦ୍ୱାରା ପ୍ରାପ୍ତ ଋଣପତ୍ରର ନାମାଙ୍କିତ ମୂଲ୍ୟ (nominal value) ସହିତ ସମାନ ଅଟେ । ଏଥିରେ ପରିଶୋଧନର ତାରିଖ, ସୁଧର ହାର ତଥା ସୁଧ ପ୍ରଦାନର ଢଙ୍ଗ ଉଲ୍ଲେଖ ଥାଏ । ଏକ ଋଣପତ୍ରଧାରୀ କମ୍ପାନୀର ଉଧାରଦାତା (ମହାଜନ) ଅଟେ ।

କମ୍ପାନୀ ଆଇନ୍ 1956ରେ ଧାରା 2(12) ଅନୁସାରେ, "ରଣପତ୍ରରେ କମ୍ପାନୀର ରଣପତ୍ର ଷ୍ଟକ୍, ବଣ୍ଡ୍ ଏବଂ ଅନ୍ୟ କୌଣସି ପ୍ରତିଭୂତି ଅନ୍ତର୍ଭୁକ୍ତ ଥାଏ; ଯାହା କମ୍ପାନୀର ପରିସମ୍ପତ୍ତି ଉପରେ ଏକ ପ୍ରଭାର ହୋଇଥାଇପାରେ କିମ୍ବା ହୋଇ ନଥାଇପାରେ ।"

**ରଣପତ୍ରର ପ୍ରକାର**

ରଣପତ୍ରର ଶ୍ରେଣୀ ବିଭାଜନ ନିମ୍ନ ପ୍ରକାରରେ କରାଯାଇପାରେ:

1. **ସୁରକ୍ଷା ଦୃଷ୍ଟି କୋଣରୁ (From security point of view)**

   (i) **ସୁରକ୍ଷିତ କିମ୍ବା ବନ୍ଧକ ରଣ ପତ୍ର :** ଏଗୁଡ଼ିକ ସେହି ରଣପତ୍ର ଯେଉଁଗୁଡ଼ିକ କମ୍ପାନୀର ପରିସମ୍ପତ୍ତି ଉପରେ ଏକ ପ୍ରଭାର (charge) ଦ୍ୱାରା ସୁରକ୍ଷିତ କରାଯାଇଥାଏ । ଏଗୁଡ଼ିକୁ ବନ୍ଧକ ରଣପତ୍ର (mortgage debentures) ମଧ୍ୟ କୁହାଯାଏ । ସୁରକ୍ଷିତ ରଣପତ୍ରର ଧାରକମାନଙ୍କର ସେମାନଙ୍କର ମୂଳଧନ ରାଶି ସହିତ ରଣପତ୍ର ଉପରେ ଅଦତ୍ତ ସୁଧ ରାଶିକୁ ମିଶାଇ କମ୍ପାନୀ ଦ୍ୱାରା ବନ୍ଧକ ରଖାଯାଇଥିବା ପରିସମ୍ପତ୍ତିରୁ ଅସୁଲ କରିବାର ଅଧିକାର ଅଛି । ଭାରତରେ ରଣପତ୍ରକୁ ସୁରକ୍ଷିତ କରିବା ଅନିବାର୍ଯ୍ୟ ଅଟେ । ସୁରକ୍ଷିତ ରଣପତ୍ର ଦୁଇ ପ୍ରକାରର ହୋଇପାରେ:

   (କ) ପ୍ରଥମ ବନ୍ଧକ ରଣପତ୍ର: ଏହି ରଣପତ୍ରର ଧାରକମାନଙ୍କର ପ୍ରଭାରଯୁକ୍ତ ପରିସମ୍ପତ୍ତି ଉପରେ ପ୍ରଥମ ଦାବୀ ଥାଏ ।

   (ଖ) ଦ୍ୱିତୀୟ ବନ୍ଧକ ରଣପତ୍ର: ଏହି ରଣପତ୍ରର ଧାରକମାନଙ୍କର ପ୍ରଭାରଯୁକ୍ତ ପରିସମ୍ପତ୍ତି ଉପରେ ଦ୍ୱିତୀୟ ଦାବୀ ଥାଏ ।

   (ii) **ଅସୁରକ୍ଷିତ ରଣପତ୍ର:** ଯେଉଁ ରଣପତ୍ର ମୂଳଧନ ରାଶି କିମ୍ବା ଅଦତ୍ତ ସୁଧର କୌଣସି ସୁରକ୍ଷା ବହନ କରି ନଥାଏ, ତାହାକୁ ଅସୁରକ୍ଷିତ ରଣପତ୍ର କୁହାଯାଏ । ଏଗୁଡ଼ିକୁ ସାଧାରଣ ରଣପତ୍ର ମଧ୍ୟ କୁହାଯାଏ ।

2. **ପରିଶୋଧନର ଆଧାରରେ (On the basis of redemption)**

   (i) **ପରିଶୋଧନୀୟ ରଣପତ୍ର (Redeemable debentures):** ଏଗୁଡ଼ିକ ସେହି ରଣପତ୍ର ଯେଉଁଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ନିର୍ଗମନ କରାଯାଇଥାଏ । ଏହି ଅବଧିର ଅତିକ୍ରାନ୍ତ (ସମାପ୍ତି) ହେବା ପରେ ରଣପତ୍ରଧାରୀଙ୍କୁ ରଣପତ୍ରର ମୂଳଧନ ରାଶି ପୈଠ କରି ଦିଆଯାଏ । ବାର୍ଷିକ ଉଠାଣ କିମ୍ବା ଖୋଲା ବଜାରରୁ କ୍ରୟ କରିବା ପୂର୍ବକ ଏଗୁଡ଼ିକର ପରିଶୋଧନ କରାଯାଇପାରେ ।

   (ii) **ଅପରିଶୋଧନୀୟ ରଣପତ୍ର (Non-redeemable debentures):** ଏଗୁଡ଼ିକ ସେହି ରଣପତ୍ର ଯେଉଁଗୁଡ଼ିକ କମ୍ପାନୀର ଜୀବନ କାଳରେ ପରିଶୋଧନ କରାଯାଏ ନାହିଁ । ଏଗୁଡ଼ିକ କେବଳ ସେତେବେଳେ ପୈଠ କରାଯାଏ ଯେତେବେଳେ କମ୍ପାନୀର ଅବସାନ ଘଟେ ।

3. **ରେକର୍ଡ/ଅଭିଲେଖର ଆଧାରରେ (On the basis of records)**

   (i) **ପଞ୍ଜୀକୃତ ରଣପତ୍ର (Registered debentures):** ଏଗୁଡ଼ିକ ସେହି ରଣପତ୍ର ଯେଉଁଗୁଡ଼ିକ କମ୍ପାନୀରେ ପଞ୍ଜୀକୃତ ହୋଇଥାଏ । ଏହି ରଣପତ୍ରଗୁଡ଼ିକର ରାଶି

କେବଳ ସେହି ରଣପତ୍ରଧାରୀଙ୍କୁ ପୈଠ କରାଯାଏ ଯେଉଁମାନଙ୍କର ନାମ କମ୍ପାନୀର ରେଜିଷ୍ଟର୍‌ରେ ଲେଖା ହୋଇଥାଏ ।

(ii) **ବାହକ ରଣପତ୍ର (Bearer debentures):** ଏଗୁଡ଼ିକ ସେହି ରଣପତ୍ର ଯେଉଁଗୁଡ଼ିକ କମ୍ପାନୀର ରେଜିଷ୍ଟର୍‌ରେ ଲିପିବଦ୍ଧ ହୋଇ ନଥାଏ । ଏହି ରଣପତ୍ରଗୁଡ଼ିକୁ କେବଳ ମାତ୍ର ବିତରଣ ଦ୍ୱାରା ହସ୍ତାନ୍ତରିତ କରାଯାଇପାରେ । ଏହି ରଣପତ୍ରଗୁଡ଼ିକର ଧାରକମାନେ ସୁଧ ପାଇବାକୁ ହକ୍‌ଦାର ଅଟନ୍ତି ।

4. **ପରିବର୍ତ୍ତନଶୀଳତାର ଆଧାରରେ (On the basis of Convertibility)**


(i) **ପରିବର୍ତ୍ତନଶୀଳ ରଣପତ୍ର :** ଏଗୁଡ଼ିକ ସେହି ରଣପତ୍ର ଯେଉଁଗୁଡ଼ିକ ଏକ ପୂର୍ବ-ନିର୍ଦ୍ଧାରିତ ଅବଧି ଅତିବାହିତ ହେବା ପରେ କମ୍ପାନୀର ଅଂଶପତ୍ରରେ ପରିବର୍ତ୍ତନ କରାଯାଇପାରେ । ପରିବର୍ତ୍ତନର ସର୍ତ୍ତାବଳୀ ସାଧାରଣତଃ ଅଂଶପତ୍ରର ନିର୍ଗମନ ସମୟରେ ଘୋଷଣା କରାଯାଇଥାଏ ।

(ii) **ଅପରିବର୍ତ୍ତନୀୟ ରଣପତ୍ର:** ଏହି ପ୍ରକାର ରଣପତ୍ରର ଧାରକମାନେ ସେମାନଙ୍କର ରଣପତ୍ରକୁ କମ୍ପାନୀର ଅଂଶରେ ପରିବର୍ତ୍ତନ କରିପାରନ୍ତି ନାହିଁ ।

5. **ପ୍ରାଥମିକତାର ଆଧାରରେ (On the basis of priority)**

(i) **ପ୍ରଥମ ରଣପତ୍ର:** ଏହି ରଣପତ୍ରଗୁଡ଼ିକୁ ଅନ୍ୟ ରଣପତ୍ରର ପୂର୍ବରୁ ପରିଶୋଧନ କରାଯାଏ ।

(ii) **ଦ୍ୱିତୀୟ ରଣପତ୍ର:** ଏହି ରଣପତ୍ରଗୁଡ଼ିକର ପରିଶୋଧନ ପ୍ରଥମ ରଣପତ୍ରଗୁଡ଼ିକର ପରିଶୋଧନ ପରେ କରାଯାଏ ।




## ପାଠ୍ୟଗତ ପ୍ରଶ୍ନ 26.1

ନିମ୍ନଲିଖିତ ପ୍ରତ୍ୟେକ ସିଧାରେ ରଣପତ୍ରର ପ୍ରକାରର ନାମ ଲେଖ ।

(i) ରଣପତ୍ର ଯାହାର ଅନ୍ୟ ରଣପତ୍ର ପୂର୍ବରୁ ପରିଶୋଧନ କରାଯାଏ ।

(ii) ରଣପତ୍ର ଯାହାର ଧାରକର ପ୍ରଭାରଯୁକ୍ତ ପରିସମ୍ପତ୍ତି ଉପରେ ପ୍ରଥମ ଦାବୀ ଥାଏ ।

(iii) ଋଣପତ୍ର ଯେଉଁଗୁଡ଼ିକୁ କେବଳ ମାତ୍ର ବିତରଣ ଦ୍ୱାରା ହସ୍ତାନ୍ତରିତ କରାଯାଇପାରେ ।

(iv) ଋଣପତ୍ର ଯେଉଁଗୁଡ଼ିକ କେବଳ କମ୍ପାନୀର ଅବସାନରେ ପୈଠ କରାଯାଏ ।

## 26.2 ଋଣପତ୍ରର ନିର୍ଗମନ

ଋଣପତ୍ରର ନିର୍ଗମନର ଅର୍ଥ ହେଲା କମ୍ପାନୀଦ୍ୱାରା ଏହାର ମୋହର ବସାଯାଇଥିବା ଏକ ପ୍ରମାଣ ପତ୍ରର ନିର୍ଗମନ କରିବା ଯାହା କମ୍ପାନୀ ଦ୍ୱାରା ନିଆଯାଇଥିବା ଋଣର ଏକ ପ୍ରାପ୍ତିସ୍ୱୀକାର ପତ୍ର ଅଟେ ।

କୌଣସି କମ୍ପାନୀଦ୍ୱାରା ଋଣପତ୍ରର ନିର୍ଗମନର ପ୍ରକ୍ରିୟା ଅଂଶପତ୍ରର ନିର୍ଗମନର ପ୍ରକ୍ରିୟା ସହିତ ସମାନ ଅଟେ । ଏକ ଅନୁଷ୍ଠାନ ପତ୍ର (prospectus) ଜାରୀ କରାଯାଏ, ଦରଖାସ୍ତ ଆହ୍ୱାନ କରାଯାଏ ଏବଂ ଆବଣ୍ଟନ ପତ୍ର ଜାରୀ କରାଯାଏ । ଆବେଦନର ଖାରଜରେ ଆବେଦନ ରାଶି ଫେରସ୍ତ କରାଯାଏ । ଆଂଶିକ ଆବଣ୍ଟନ ସ୍ଥିତିରେ ଅତିରିକ୍ତ ଆବେଦନ ରାଶିକୁ ପରବର୍ତ୍ତୀ ଆହ୍ୱାନ ରାଶିଗୁଡ଼ିକରେ ସମାଯୋଜିତ କରାଯାଇପାରେ ।

ଋଣପତ୍ରର ନିର୍ଗମନ ବିଭିନ୍ନ ସ୍ୱରୂପର ହୋଇପାରେ ଯାହା ନିମ୍ନରେ ଦିଆଗଲା:

1. ନଗଦ ଅର୍ଥ ବାବଦ ଋଣପତ୍ରର ନିର୍ଗମନ
2. ନଗଦ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବାବଦ ଋଣପତ୍ରର ନିର୍ଗମନ
3. ସହ-ପ୍ରତିଭୂତି ରୂପରେ ଋଣପତ୍ରର ନିର୍ଗମନ

ଅଧିକନ୍ତୁ, ଋଣପତ୍ରର ନିର୍ଗମନ ମଧ୍ୟ ଏହି ପ୍ରକାର ହୋଇପାରେ

(i) ସମମୂଲ୍ୟରେ, (ii) ପ୍ରିମିୟମ୍‌ରେ ଏବଂ (iii) ରିହାତିରେ

**ନଗଦ ଅର୍ଥ ବାବଦ** ଋଣପତ୍ରର ନିର୍ଗମନର ହିସାବରକ୍ଷଣ ଉପଚାର

1. **ଋଣପତ୍ରର ନଗଦ ଅର୍ଥ ବାବଦ ସମମୂଲ୍ୟରେ ନିର୍ଗମନ:**

ନିମ୍ନ ଜାବେଦା ପ୍ରବିଷ୍ଟି ମାନ କରାଯିବ:

(i) **ଆବେଦନ ରାଶିର ପ୍ରାପ୍ତିରେ**

ବ୍ୟାଙ୍କ୍ ହିସାବ ଦାୟୀ
 ଦାତା ଋଣପତ୍ର ଆବେଦନ ହିସାବ
(ଋଣପତ୍ର ପାଇଁ ଆବେଦନ ରାଶି ପ୍ରାପ୍ତ ହେଲା)

(ii) **ଋଣପତ୍ର ଆବେଦନ ରାଶିର ସେଗୁଡ଼ିକର ଆବଣ୍ଟନରେ ଋଣପତ୍ର ହିସାବକୁ ସ୍ଥାନାନ୍ତରଣ**

ଋଣପତ୍ର ଆବେଦନ ହିସାବ ଦାୟୀ
 ଦାତା ଋଣପତ୍ର ହିସାବ
(ଆବେଦନ ରାଶି ଋଣପତ୍ରର ଆବଣ୍ଟନରେ
ଋଣପତ୍ର ହିସାବକୁ ସ୍ଥାନାନ୍ତରିତ ହେଲା)

(iii) **ଆବଣ୍ଟନରେ ପ୍ରାପ୍ୟ ରାଶି**

ଋଣପତ୍ର ଆବଣ୍ଟନ ହିସାବ ଦାୟୀ

 ଦାତା ଋଣପତ୍ର ହିସାବ

(ଆବଣ୍ଟନ ରାଶି ପ୍ରାପ୍ୟ କରାଗଲା)

(iv) **ଆବଣ୍ଟନରେ ପ୍ରାପ୍ୟ ରାଶି ପ୍ରାପ୍ତ ହେଲା**

ବ୍ୟାଙ୍କ୍ ହିସାବ ଦାୟୀ

 ଦାତା ଋଣପତ୍ର ଆବଣ୍ଟନ ହିସାବ

(ଋଣପତ୍ର ଆବଣ୍ଟନ ରାଶିର ପ୍ରାପ୍ତି)

(v) **ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ କରାଗଲା**

ଋଣପତ୍ର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ

 ଦାତା ଋଣପତ୍ର ହିସାବ

(.......... ଋଣପତ୍ର ଉପରେ ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ରାଶିର ପ୍ରାପ୍ୟ କରାଗଲା)

(vi) **ଋଣପତ୍ର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ରାଶି ପ୍ରାପ୍ତ ହେଲା**

ବ୍ୟାଙ୍କ୍ ହିସାବ ଦାୟୀ

 ଦାତା ଋଣପତ୍ର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ

(ଆହ୍ୱାନରେ ପ୍ରାପ୍ୟ ରାଶିର ପ୍ରାପ୍ତି)

**ଟିପ୍ପଣୀ :** ଦୁଇଟି ଆହ୍ୱାନ, ଅର୍ଥାତ୍ ପ୍ରଥମ ଆହ୍ୱାନ ଓ ଦ୍ୱିତୀୟ ଆହ୍ୱାନ କରାଯାଇପାରେ । ଏହାର ଜାବେଦା ପ୍ରବିଷ୍ଟି ସେହି ଏକାପରି କରାଯାଏ ଯେପରି ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ପାଇଁ କରାଯାଏ ।

**ଉଦାହରଣ 1**

ଶାଇନିଙ୍ଗ୍ ଇଣ୍ଡିଆ ଲିଃ 5,000 ପ୍ରତ୍ୟେକ ₹100ର ୫% ଋଣପତ୍ର ନିର୍ଗମନ କଲେ ଯାହାର ପୈଠ ନିମ୍ନ ପ୍ରକାର ହେବାର ଥିଲା:

₹20 ଆବେଦନରେ

₹30 ଆବଣ୍ଟନରେ

₹50 ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନରେ

ସମସ୍ତ ଋଣପତ୍ର ପାଇଁ ଆବେଦନ ପତ୍ର ମିଳିଲା ଓ ଆବଣ୍ଟିତ ହେଲା । ସମସ୍ତ ଆହ୍ୱାନ ରାଶି ଯଥାବିଧି ପ୍ରାପ୍ତ ହେଲା । କମ୍ପାନୀର ବହିରେ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଶାଇନିଙ୍ଗ୍ ଇଣ୍ଡିଆ ଲିଃ**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ | | 1,00,000 | |
| | ଦାତା ଋଣପତ୍ର ଆବେଦନ ହିସାବ | | | 1,00,000 |
| | (5,000 ଋଣପତ୍ର ପାଇଁ ଆବେଦନ ରାଶି ପ୍ରାପ୍ତ ହେଲା) | | | |
| 2. | ଋଣପତ୍ର ଆବେଦନ ହିସାବ ଦାୟୀ | | 1,00,000 | |
| | ଦାତା ୫% ଋଣପତ୍ର ହିସାବ | | | 1,00,000 |
| | (ଆବେଦନ ରାଶିର ଆବଣ୍ଟନରେ ଋଣପତ୍ର ହିସାବକୁ ସ୍ଥାନାନ୍ତରଣ) | | | |
| 3. | ଋଣପତ୍ର ଆବଣ୍ଟନ ହିସାବ ଦାୟୀ | | 1,50,000 | |
| | ଦାତା ୫% ଋଣପତ୍ର ହିସାବ | | | 1,50,000 |
| | (5,000 ଋଣପତ୍ର ଉପରେ ଋଣପତ୍ର ପ୍ରତି ₹30 ଲେଖାଏଁ ଆବଣ୍ଟନ ରାଶିର ପ୍ରାପ୍ୟ) | | | |
| 4. | ବ୍ୟାଙ୍କ୍ ହିସାବ ଦାୟୀ | | 1,50,000 | |
| | ଦାତା ଋଣପତ୍ର ଆବଣ୍ଟନ ହିସାବ | | | 1,50,000 |
| | (ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | | |
| 5. | ଋଣପତ୍ର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ ଦାୟୀ | | 2,50,000 | |
| | ଦାତା ୫% ଋଣପତ୍ର ହିସାବ | | | 2,50,000 |
| | (ଋଣପତ୍ର ପ୍ରତି ₹50 ଲେଖାଏଁ ଋଣପତ୍ର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ରାଶିର ପ୍ରାପ୍ୟ କରାଗଲା) | | | |
| 6. | ବ୍ୟାଙ୍କ୍ ହିସାବ ଦାୟୀ | | 2,50,000 | |
| | ଦାତା ଋଣପତ୍ର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ହିସାବ | | | 2,50,000 |
| | (ଋଣପତ୍ର ପ୍ରଥମ ଓ ଚୂଡ଼ାନ୍ତ ଆହ୍ୱାନ ରାଶିର ପ୍ରାପ୍ତି) | | | |

### ଅଧି-ଅଭିଦାନ (Over-subscription)

ଯଦି କମ୍ପାନୀ ଅଭିଦାନ ପାଇଁ ପ୍ରସ୍ତାବ ରଖିଥିବା ଋଣପତ୍ରର ସଂଖ୍ୟାଠାରୁ ଅଧିକ ସଂଖ୍ୟକ ଋଣପତ୍ର ପାଇଁ ଦରଖାସ୍ତ ଗ୍ରହଣ କରେ, ତେବେ ଏହାକୁ ଅଧି-ଅଭିଦାନ କୁହାଯାଏ । ଏଠାରେ ପ୍ରାପ୍ତ ଅତିରିକ୍ତ ଆବେଦନ ରାଶିର ନିମ୍ନ ଉପଚାର ହୋଇପାରେ:

(କ) ଅତିରିକ୍ତ ସଂଖ୍ୟକ ଆବେଦନ ପତ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ଖାରଜ କରି ଅତିରିକ୍ତ ଆବେଦନର ସମୁଦାୟ ରାଶି ଫେରସ୍ତ କରିଦିଆଯାଏ ।

(ଖ) ଅତିରିକ୍ତ ଆବେଦନ ରାଶି ସମ୍ପୂର୍ଣ୍ଣ ଭାବେ ଆବଣ୍ଟନ ଓ ଆହ୍ୱାନରେ ପ୍ରାପ୍ୟ ରାଶି ବାବଦରେ ସମାଯୋଜିତ କରି ଦିଆଯାଏ ।

ଆଂଶିକ ଆବଣ୍ଟନ କ୍ଷେତ୍ରରେ ଅତିରିକ୍ତ ରାଶି ଆବଣ୍ଟନରେ ପ୍ରାପ୍ୟ ରାଶି ବାବଦରେ ସମାଯୋଜନ କରାଯାଏ ଏବଂ ଅବଶିଷ୍ଟ ରାଶି ଫେରସ୍ତ କରିଦିଆଯାଏ ।

ଉପରୋକ୍ତ କ୍ଷେତ୍ରଗୁଡ଼ିକରେ ଜାବେଦା ପ୍ରବିଷ୍ଟି ନିମ୍ନ ପ୍ରକାର ହେବ:

ରାଶିର ଫେରସ୍ତ ପାଇଁ ଯଦି ଆବେଦନ ପତ୍ର ଖାରଜ କରାଯାଏ

ରଣପତ୍ର ଆବେଦନ ହିସାବ ଦାୟୀ
ଦାତା ବ୍ୟାଙ୍କ୍ ହିସାବ
(ଖାରଜ ହୋଇଥିବା ଦରଖାସ୍ତ ବାବଦ ରାଶିର ଫେରସ୍ତ)

ଅତିରିକ୍ତ ଆବେଦନ ରାଶିର ଆବଣ୍ଟନରେ ପ୍ରାପ୍ୟ ରାଶି ବାବଦରେ ସମାଯୋଜନ

ରଣପତ୍ର ଆବେଦନ ହିସାବ ଦାୟୀ
ଦାତା ରଣପତ୍ର ଆବଣ୍ଟନ ହିସାବ
(ଅତିରିକ୍ତ ଆବେଦନ ରାଶିର ସମାଯୋଜନ)

**ଉଦାହରଣ 2**

ଏବିସି ଲିଃ ପ୍ରତ୍ୟେକ ₹100ର 50,000, 10% ରଣପତ୍ର ନିର୍ଗମନ କଲେ ଯାହାର ପୈଠ ଥିଲା: ₹40 ଆବେଦନରେ ଓ ₹60 ଆବଣ୍ଟନରେ । 6,000 ରଣପତ୍ର ପାଇଁ ଦରଖାସ୍ତ ପ୍ରାପ୍ତ ହେଲା । 500 ରଣପତ୍ର ପାଇଁ ଆବେଦକଙ୍କ ନିକଟକୁ କ୍ଷମାଭିକ୍ଷା ପତ୍ର ପଠାଗଲା ଓ ଟଙ୍କା ଫେରସ୍ତ କରାଗଲା । ଅବଶିଷ୍ଟ ଆବେଦକଙ୍କୁ ଆନୁପାତିକ ଆବଣ୍ଟନ କରାଗଲା । ଅଧି-ଅଭିଦାନର ରାଶିକୁ ଆବଣ୍ଟନରେ ପ୍ରାପ୍ୟ ରାଶି ବାବଦ ସମାଯୋଜନ କରାଗଲା । ସମସ୍ତ ଟଙ୍କା ଯଥାବିଧି ପ୍ରାପ୍ତ ହେଲା ।

କମ୍ପାନୀର ବହିରେ ଉପରୋକ୍ତ ନେଣଦେଣ ପାଇଁ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ | | 2,40,000 | |
| | ଦାତା ରଣପତ୍ର ଆବେଦନ ହିସାବ | | | 2,40,000 |
| | (6,000 ରଣପତ୍ର ପାଇଁ ରଣପତ୍ର ପ୍ରତି ₹40 ହାରରେ ଆବେଦନ ରାଶି ପ୍ରାପ୍ତ ହେଲା) | | | |
| 2. | ରଣପତ୍ର ଆବେଦନ ହିସାବ ଦାୟୀ | | 2,40,000 | |
| | ଦାତା 10% ରଣପତ୍ର ହିସାବ | | | 2,00,000 |
| | ଦାତା ବ୍ୟାଙ୍କ୍ ହିସାବ | | | 20,000 |
| | ଦାତା ରଣପତ୍ର ଆବଣ୍ଟନ ହିସାବ | | | 20,000 |
| | (5,000 ରଣପତ୍ରର ଆବେଦନ ରାଶି ସେଗୁଡ଼ିକର ଆବଣ୍ଟନରେ ରଣପତ୍ର ହିସାବକୁ ସ୍ଥାନାନ୍ତରିତ ହେଲା, 500 ରଣପତ୍ରର ଆବେଦନ ରାଶି ଫେରସ୍ତ ହେଲା ଓ ଅବଶିଷ୍ଟ 500 ରଣପତ୍ରର ଆବେଦନ ରାଶିର ଆବଣ୍ଟନ ବାବଦରେ ସମାଯୋଜିତ ହେଲା) | | | |

| | | | | |
|---|---|---|---|---|
| 3. | ରଣପତ୍ର ଆବଣ୍ଟନ ହିସାବ ଦାୟୀ<br>ଦାତା 10% ରଣପତ୍ର ହିସାବ<br>(5,000 ରଣପତ୍ର ଉପରେ ରଣପତ୍ର ପ୍ରତି ₹60 ହାରରେ ଆବଣ୍ଟନ ରାଶିର ପ୍ରାପ୍ୟ ହେଲା) | | 3,00,000 | 3,00,000 |
| 4. | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ରଣପତ୍ର ଆବଣ୍ଟନ ହିସାବ<br>(ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | 2,80,000 | 2,80,000 |

## ପାଠ୍ୟଗତ ପ୍ରଶ୍ନ 26.2

I. ବିଭିନ୍ନ ସ୍ୱରୂପ ଯେଉଁଥିରେ ରଣପତ୍ରଗୁଡ଼ିକର ନିର୍ଗମନ କରାଯାଇପାରେ ସେଗୁଡ଼ିକ ଲେଖ:

(i) ..........................................................................

(ii) ..........................................................................

(iii) ..........................................................................

II. ଏକ କମ୍ପାନୀ ପ୍ରତ୍ୟେକ ₹100ର 10,000, 10% ରଣପତ୍ରର ନିର୍ଗମନ କଲା । ଦରଖାସ୍ତ ସହିତ ରଣପତ୍ର ପ୍ରତି ₹30 ହିସାବରେ ପୈଠ ହେବାର ଥିଲା । 12,000 ରଣପତ୍ର ପାଇଁ ଦରଖାସ୍ତ ପ୍ରାପ୍ତ ହେଲା । କମ୍ପାନୀ ଅତିରିକ୍ତ ଆବେଦନ ରାଶି, ଅର୍ଥାତ୍ ₹60,000 (2,000 X ₹30)କୁ କ'ଣ କରିବ ?

(କ) ..........................................................................

(ଖ) ..........................................................................

## 26.3 ରଣପତ୍ରଗୁଡ଼ିକର ପ୍ରିମିୟମ୍‌ରେ ଓ ରିହାତିରେ ନିର୍ଗମନ

ରଣପତ୍ରଗୁଡ଼ିକ ପ୍ରିମିୟମ୍‌ରେ ନିର୍ଗମିତ ହୋଇଛି ବୋଲି କୁହାଯିବ ଯଦି ସେଗୁଡ଼ିକ ନାମାଙ୍କିତ (ମୁଦ୍ରିତ) ମୂଲ୍ୟଠାରୁ ଅଧିକ ମୂଲ୍ୟରେ ନିର୍ଗମିତ ହୋଇଥାଏ । ଉଦାହରଣ ସ୍ୱରୂପ, ଏକ ₹100ର ରଣପତ୍ର ₹110ରେ ନିର୍ଗମନ କରିବା । ଏହି ₹10ର ଅତିରିକ୍ତ ରାଶି ପ୍ରିମିୟମ୍‌ର ରାଶି ଅଟେ । ରଣପତ୍ରର ନିର୍ଗମନରେ ପ୍ରାପ୍ତ ପ୍ରିମିୟମ୍‌କୁ କମ୍ପାନୀ ଆଇନ୍, 1956ରେ ଧାରା 78 ଅନୁସାରେ 'ପ୍ରତିଭୂତି ପ୍ରିମିୟମ୍ ହିସାବ'କୁ ଦାତା କରି ଦିଆଯାଏ ।

ଜାବେଦା ପ୍ରବିଷ୍ଟି ନିମ୍ନ ମତେ ହେବ:

ରଣପତ୍ର ଆବଣ୍ଟନ ହିସାବ ଦାୟୀ
ଦାତା ରଣପତ୍ର ହିସାବ
ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ
(ଆବଣ୍ଟନରେ ₹.............ର ପ୍ରିମିୟମ୍ ସହିତ ରାଶିର ପ୍ରାପ୍ୟ)

**ଉଦାହରଣ 3**

ଏକ କମ୍ପାନୀ 5,000 ଶହେ ଟଙ୍କିଆ 10% ରଣପତ୍ର 20% ପ୍ରିମିୟମ୍‌ରେ ନିର୍ଗମନ କଲେ ଯାହାର ପୈଠ ହେଲା ₹60 ଆବେଦନରେ ଓ ₹60 (ପ୍ରିମିୟମ୍‌କୁ ମିଶାଇ) ଆବଣ୍ଟନରେ ।



ଟିପ୍ପଣୀ

ସମସ୍ତ ରଣପତ୍ରର ଅଭିଦାନ ଆସିଲା ଏବଂ ଟଙ୍କା ଯଥା ସମୟରେ ପ୍ରାପନତ ହେଲା । ଜାବେଦ ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|---|
| 1. | ବ୍ୟାଙ୍କ୍ ହିସାବ | ଦାୟୀ | | 3,00,000 | |
| | ଦାତା ରଣପତ୍ର ଆବେଦନ ହିସାବ | | | | 3,00,000 |
| | (ଆବେଦନ ରାଶି ପ୍ରାପ୍ତ ହେଲା) | | | | |
| 2. | ରଣପତ୍ର ଆବେଦନ ହିସାବ | ଦାୟୀ | | 3,00,000 | |
| | ଦାତା 10% ରଣପତ୍ର ହିସାବ | | | | 3,00,000 |
| | (ଆବେଦନ ରାଶି ରଣପତ୍ର ହିସାବକୁ ସ୍ଥାନାନ୍ତରିତ ହେଲା) | | | | |
| 3. | ରଣପତ୍ର ଆବଣ୍ଟନ ହିସାବ | ଦାୟୀ | | 3,00,000 | |
| | ଦାତା 10% ରଣପତ୍ର ହିସାବ | | | | 2,00,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | | 1,00,000 |
| | (ଆବଣ୍ଟନରେ ପ୍ରିମିୟମ୍ ସହିତ ରାଶି ପ୍ରାପ୍ୟ ହେଲା) | | | | |
| 4. | ବ୍ୟାଙ୍କ୍ ହିସାବ | ଦାୟୀ | | 3,00,000 | |
| | ଦାତା ରଣପତ୍ର ଆବଣ୍ଟନ ହିସାବ | | | | 3,00,000 |
| | (ଆବଣ୍ଟନ ରାଶି ପ୍ରାପ୍ତ ହେଲା) | | | | |

## ରିହାତିରେ ରଣପତ୍ରର ନିର୍ଗମନ

ଯେତେବେଳେ ରଣପତ୍ର ତା'ର ନାମାଙ୍କିତ ମୂଲ୍ୟଠାରୁ କମ୍ ମୂଲ୍ୟରେ ନିର୍ଗମନ କରାଯାଏ, ସେତେବେଳେ ଏହା ରିହାତିରେ ନିର୍ଗମିତ ହୋଇଥିବା କୁହାଯାଏ । ଉଦାହରଣ ସ୍ୱରୂପ, ପ୍ରତ୍ୟେକ ₹100ର ରଣପତ୍ରକୁ ରଣପତ୍ର ପ୍ରତି ₹90 ଦରରେ ନିର୍ଗମନ କରିବା । କମ୍ପାନୀ ଆଇନ୍, 1956ରେ ରିହାତିରେ ରଣପତ୍ରର ନିର୍ଗମନ ପାଇଁ କୌଣସି ସର୍ତ୍ତର ଉଲ୍ଲେଖ ନାହିଁ, ଯେପରି ରିହାତିରେ ଅଂଶପତ୍ରର ନିର୍ଗମନ ପାଇଁ ଅଛି । କିନ୍ତୁ ରଣପତ୍ରର ଏହିପରି ନିର୍ଗମନ ପାଇଁ କମ୍ପାନୀର ଆଭ୍ୟନ୍ତରୀଣ ନିୟମାବଳୀରେ ପ୍ରାବଧାନ ରହିବା ଉଚିତ ।

### ରିହାତିରେ ରଣପତ୍ରର ନିର୍ଗମନ ପାଇଁ ଜାବେଦା ପ୍ରବିଷ୍ଟି (ଆବଣ୍ଟନ ସମୟରେ)

ରଣପତ୍ର ଆବଣ୍ଟନ ହିସାବ ଦାୟୀ
ରଣପତ୍ରର ନିର୍ଗମନରେ ରିହାତି ହିସାବ ଦାୟୀ
ଦାତା ରଣପତ୍ର ହିସାବ
(ଆବଣ୍ଟନ ରାଶି ପ୍ରାପ୍ୟ ହେଲା । ରିହାତିର
ପରିମାଣ ରଣପତ୍ର ପ୍ରତି ₹............. ହାରରେ ଅଟେ)

**ଉଦାହରଣ 4**

ଏକ କମ୍ପାନୀ ପ୍ରତ୍ୟେକ 100 ଟଙ୍କିଆ 2,000, ୨% ଋଣପତ୍ର 10% ରିହାତିରେ ନିର୍ଗମନ କଲେ ଯାହାର ପୈଠ ଏହିପରି: ₹40 ଆବେଦନରେ ଓ ₹50 ଆବଣ୍ଟନରେ । ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|---|
| 1. | ବ୍ୟାଙ୍କ୍ ହିସାବ | ଦାୟୀ | | 80,000 | |
| | ଦାତା ଋଣପତ୍ର ଆବେଦନ ହିସାବ | | | | 80,000 |
| | (ଆବେଦନ ରାଶି ପ୍ରାପ୍ତ ହେଲା) | | | | |
| 2. | ଋଣପତ୍ର ଆବେଦନ ହିସାବ | ଦାୟୀ | | 80,000 | |
| | ଦାତା ୨% ଋଣପତ୍ର ହିସାବ | | | | 80,000 |
| | (ଆବେଦନ ରାଶି ଋଣପତ୍ର ହିସାବକୁ ସ୍ଥାନାନ୍ତରିତ ହେଲା) | | | | |
| 3. | ଋଣପତ୍ର ଆବଣ୍ଟନ ହିସାବ | ଦାୟୀ | | 1,00,000 | |
| | ଋଣପତ୍ର ରିହାତି ହିସାବ | ଦାୟୀ | | 20,000 | |
| | ଦାତା ୨% ଋଣପତ୍ର ହିସାବ | | | | 1,20,000 |
| | (ଋଣପତ୍ର ପ୍ରତି ₹10ର ରିହାତି ସହିତ ଆବଣ୍ଟନରେ ରାଶି ପ୍ରାପ୍ୟ) | | | | |
| 4. | ବ୍ୟାଙ୍କ୍ ହିସାବ | ଦାୟୀ | | 1,00,000 | |
| | ଦାତା ଋଣପତ୍ର ଆବଣ୍ଟନ ହିସାବ | | | | 1,00,000 |
| | (ଆବଣ୍ଟନ ରାଶିର ପ୍ରାପ୍ତି) | | | | |

**ନଗଦ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବାବଦ ଋଣପତ୍ରର ନିର୍ଗମନ (Issue of debentures for consideration other than cash)**

ଯେତେବେଳେ ଏକ କମ୍ପାନୀ କୌଣସି ପରିସମ୍ପତ୍ତି କ୍ରୟ କରେ ଏବଂ ଏହି କ୍ରୟ ବାବଦ ପୈଠ ସ୍ୱରୂପ ବିକ୍ରେତାଙ୍କୁ ଋଣପତ୍ରର ନିର୍ଗମନ କରେ, ଏହାକୁ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ପାଇଁ ଋଣପତ୍ରର ନିର୍ଗମନ କୁହାଯାଏ । ବିକ୍ରେତାଙ୍କୁ ଋଣପତ୍ରର ନିର୍ଗମନ ସମମୂଲ୍ୟରେ, ପ୍ରିମିୟମ୍‌ରେ କିମ୍ବା ରିହାତିରେ କରାଯାଇପାରେ ।

**ହିସାବରକ୍ଷଣ ଉପଚାର :**

1. ପରିସମ୍ପତ୍ତିର କ୍ରୟ

ବିବିଧ ପରିସମ୍ପତ୍ତି ହିସାବ ଦାୟୀ
(ପ୍ରତ୍ୟେକ ଅଲଗା ଅଲଗା)
ଦାତା ବିକ୍ରେତାଙ୍କ ହିସାବ
(ପରିସମ୍ପତ୍ତିର କ୍ରୟ)



ଟିପ୍ପଣୀ

2. ରଣପତ୍ରର ଆବଣ୍ଟନ

(i) ସମମୂଲ୍ୟରେ

ବିକ୍ରେତାଙ୍କ ହିସାବ ଦାୟୀ
    ଦାତା ରଣ ହିସାବ
(ବିକ୍ରେତାଙ୍କୁ ସମମୂଲ୍ୟରେ ରଣପତ୍ରର ନିର୍ଗମନ)

(ii) ରିହାତିରେ

ବିକ୍ରେତାଙ୍କ ହିସାବ ଦାୟୀ
ରଣପତ୍ର ରିହାତି ହିସାବ ଦାୟୀ
    ଦାତା ରଣପତ୍ର ହିସାବ
(ବିକ୍ରେତାଙ୍କୁ ରଣପତ୍ର ପ୍ରତି ₹.............ରିହାତିରେ ରଣପତ୍ରର ନିର୍ଗମନ)

(iii) ପ୍ରିମିୟମ୍‌ରେ

ବିକ୍ରେତାଙ୍କ ହିସାବ ଦାୟୀ
    ଦାତା ରଣପତ୍ର ହିସାବ
    ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ
(ବିକ୍ରେତାଙ୍କୁ ରଣପତ୍ର ପ୍ରତି ₹.............ପ୍ରିମିୟମ୍‌ରେ ରଣପତ୍ରର ନିର୍ଗମନ)

**ଉଦାହରଣ 5**

ଏମ୍. ବି. ଇଲେକ୍ଟ୍ରୋନିକ୍ସ ଲିଃ ₹1,୨୪,000ର ଏକ ଯନ୍ତ୍ରପାତି କିଣିଲା ଏବଂ ବିକ୍ରେତାଙ୍କୁ 100 ଟଙ୍କିଆ ୨% ରଣପତ୍ର ନିର୍ଗମନ କଲା ।

ଜାବେଦା ପ୍ରବିଷ୍ଟି କର ଯଦି ରଣପତ୍ରଗୁଡ଼ିକ:

(କ) ସମମୂଲ୍ୟରେ ନିର୍ଗମିତ ହୋଇଥିଲା

(ଖ) ₹10ର ପ୍ରିମିୟମ୍‌ରେ ନିର୍ଗମିତ ହୋଇଥିଲା

(ଗ) ₹10ର ରିହାତିରେ ନିର୍ଗମିତ ହୋଇଥିଲା

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ଯନ୍ତ୍ରପାତି ହିସାବ ଦାୟୀ | | 1,98,000 | |
| | ଦାତା ବିକ୍ରେତାଙ୍କ ହିସାବ | | | 1,98,000 |
| | (ଯନ୍ତ୍ରପାତି କ୍ରୟ କରାଗଲା) | | | |

| | | | | |
|---|---|---|---|---|
| (କ) | ବିକ୍ରେତାଙ୍କ ହିସାବ ଦାୟୀ | | 1,98,000 | |
| | ଦାତା ୨% ରଣପତ୍ର ହିସାବ | | | 1,98,000 |
| | (1980 ପ୍ରତ୍ୟେକ ₹100 ରଣପତ୍ର ସମମୂଲ୍ୟରେ ନିର୍ଗମିତ ହେଲା) | | | |
| (ଖ) | ବିକ୍ରେତାଙ୍କ ହିସାବ ଦାୟୀ | | 1,98,000 | |
| | ଦାତା ୨% ରଣପତ୍ର ହିସାବ | | | 1,80,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | 18,000 |
| | (1,800[1] ରଣପତ୍ର ପ୍ରତ୍ୟେକ ₹10 ପ୍ରିମିୟମ୍‌ରେ ନିର୍ଗମିତ ହେଲା) | | | |
| (ଗ) | ବିକ୍ରେତାଙ୍କ ହିସାବ ଦାୟୀ | | 1,98,000 | |
| | ରଣପତ୍ର ନିର୍ଗମନରେ ରିହାତି ହିସାବ ଦାୟୀ | | 22,000 | |
| | ଦାତା ୨% ରଣପତ୍ର ହିସାବ | | | 2,20,000 |
| | (2,200[2] ଟି 100 ଟଙ୍କିଆ ୨% ରଣପତ୍ର ପ୍ରତ୍ୟେକ ₹10 ରିହାତିରେ ନିର୍ଗମିତ ହେଲା) | | | |

କାର୍ଯ୍ୟକାରୀ ଟିପ୍ପଣୀ :

(1) ଦେୟ ରାଶି = ₹1,98,000

ପ୍ରିମିୟମ୍ ₹10 ମିଶାଇ ରଣପତ୍ରର ମୂଲ୍ୟ = ₹110

ନିର୍ଗମନ କରାଯିବାକୁ ଥିବା ରଣପତ୍ରର ସଂଖ୍ୟା = ₹ $\frac{1,98,000}{110}$ = ₹1,800

∴ ରଣପତ୍ରର ରାଶି (ନାମାଙ୍କିତ ମୂଲ୍ୟ) = ₹1,800 X 100 = ₹1,80,000

ପ୍ରତିଭୂତି ପ୍ରିମିୟମ୍ ରାଶି = ₹1,800 X 10 = ₹18,000

(2) ବିକ୍ରେତାଙ୍କୁ ଦେୟ ରାଶି = ₹1,98,000

₹10 ରିହାତିରେ ପ୍ରତି ରଣପତ୍ରର ମୂଲ୍ୟ = ₹90

ନିର୍ଗମନ କରାଯିବାକୁ ଥିବା ରଣପତ୍ରର ସଂଖ୍ୟା = ₹ $\frac{1,98,000}{90}$ = ₹2,200

∴ ରଣପତ୍ରର ରାଶି (ନାମାଙ୍କିତ ମୂଲ୍ୟ) = ₹2,200 × ₹100 = ₹2,20,000

ରଣପତ୍ରର ନିର୍ଗମନରେ ରିହାତି = ₹2,200 × ₹10 = ₹22,000

**ରଣପତ୍ରଗୁଡ଼ିକର ପରିଶୋଧନ ସହ ଜଡ଼ିତ ସର୍ତ୍ତାବଳୀ ଆଧାରରେ ନିର୍ଗମନ**

**ଜାବେଦା ପ୍ରବିଷ୍ଟି**

(i) ସମମୂଲ୍ୟରେ ନିର୍ଗମନ ଏବଂ ସମମୂଲ୍ୟରେ ପରିଶୋଧନୀୟ

ବ୍ୟାଙ୍କ୍ ହିସାବ ଦାୟୀ

ଦାତା ରଣପତ୍ର ହିସାବ

(.........ଟଙ୍କିଆ ରଣପତ୍ରର ସମୂଲ୍ୟରେ ନିର୍ଗମନ)





(ii) ରିହାତିରେ ନିର୍ଗମନ ଏବଂ ସମମୂଲ୍ୟରେ ପରିଶୋଧନୀୟ

ବ୍ୟାଙ୍କ୍ ହିସାବ ଦାୟୀ
ଋଣପତ୍ର ନିର୍ଗମନରେ ରିହାତି ହିସାବ ଦାୟୀ
ଦାତା ଋଣପତ୍ର ହିସାବ
(.........ଟଙ୍କିଆ ଋଣପତ୍ରର ₹..........ରିହାତିରେ ନିର୍ଗମନ)

(iii) ପ୍ରିମିୟମ୍‌ରେ ନିର୍ଗମନ ଏବଂ ସମମୂଲ୍ୟରେ ପରିଶୋଧନୀୟ

ବ୍ୟାଙ୍କ୍ ହିସାବ ଦାୟୀ
ଦାତା ଋଣପତ୍ର ହିସାବ
ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ
(.......ଟି.........ଟଙ୍କିଆ ଋଣପତ୍ରର ₹........ପ୍ରିମିୟମ୍‌ରେ ନିର୍ଗମନ)

(iv) ସମମୂଲ୍ୟରେ ନିର୍ଗମନ ଏବଂ ପ୍ରିମିୟମ୍‌ରେ ପରିଶୋଧନୀୟ

ବ୍ୟାଙ୍କ୍ ହିସାବ ଦାୟୀ
ଋଣପତ୍ରର ନିର୍ଗମନରେ କ୍ଷତି ହିସାବ ଦାୟୀ
ଦାତା ଋଣପତ୍ର ହିସାବ
ଦାତା ଋଣପତ୍ରର ପରିଶୋଧନରେ ପ୍ରିମିୟମ୍ ହିସାବ
(.......ଟି.........ଟଙ୍କିଆ ଋଣପତ୍ରର ନିର୍ଗମନ ଯାହା
₹........ପ୍ରିମିୟମ୍‌ରେ ପରିଶୋଧନୀୟ)

(v) ରିହାତିରେ ନିର୍ଗମନ ଏବଂ ପ୍ରିମିୟମ୍‌ରେ ପରିଶୋଧନୀୟ

ବ୍ୟାଙ୍କ୍ ହିସାବ ଦାୟୀ
ଋଣପତ୍ରର ନିର୍ଗମନରେ ରିହାତି ହିସାବ ଦାୟୀ
ଋଣପତ୍ରର ନିର୍ଗମନରେ କ୍ଷତି ହିସାବ ଦାୟୀ
ଦାତା ଋଣପତ୍ର ହିସାବ
ଦାତା ଋଣପତ୍ରର ପରିଶୋଧନରେ ପ୍ରିମିୟମ୍ ହିସାବ
(.......ଟି.........ଟଙ୍କିଆ ଋଣପତ୍ରର ₹........ ରିହାତିରେ
ନିର୍ଗମନ ଯାହା ₹........ପ୍ରିମିୟମ୍‌ରେ ପରିଶୋଧନୀୟ)

**ଉଦାହରଣ 6**

ଯଦି 200ଟି 500 ଟଙ୍କିଆ ଋଣପତ୍ର ନିମ୍ନମତେ ନିର୍ଗମିତ ହୋଇଛି, ତେବେ ଜାବେଦା ପ୍ରବିଷ୍ଟି କର:

(i) ₹500 ରେ ନିର୍ଗମିତ; ₹500 ରେ ପରିଶୋଧନୀୟ
(ii) ₹450 ରେ ନିର୍ଗମିତ; ₹500 ରେ ପରିଶୋଧନୀୟ
(iii) ₹550 ରେ ନିର୍ଗମିତ; ₹500 ରେ ପରିଶୋଧନୀୟ
(iv) ₹500 ରେ ନିର୍ଗମିତ; ₹550 ରେ ପରିଶୋଧନୀୟ
(v) ₹450 ରେ ନିର୍ଗମିତ; ₹550 ରେ ପରିଶୋଧନୀୟ

**ସମାଧାନ:**

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| (i) | ବ୍ୟାଙ୍କ୍ ହିସାବ ଦାୟୀ | | 1,00,000 | |
| | ଦାତା ଋଣପତ୍ର ହିସାବ | | | 1,00,000 |
| | (ପ୍ରତ୍ୟେକ ₹500ର 200 ଋଣପତ୍ରର ସମମୂଲ୍ୟରେ ନିର୍ଗମନ) | | | |
| (ii) | ବ୍ୟାଙ୍କ୍ ହିସାବ ଦାୟୀ | | 90,000 | |
| | ଋଣପତ୍ର ନିର୍ଗମନରେ ରିହାତି ହିସାବ ଦାୟୀ | | 10,000 | |
| | ଦାତା ଋଣପତ୍ର ହିସାବ | | | 1,00,000 |
| | (ପ୍ରତ୍ୟେକ ₹500ର 200 ଋଣପତ୍ରର ₹450ରେ ନିର୍ଗମନ) | | | |
| (iii) | ବ୍ୟାଙ୍କ୍ ହିସାବ ଦାୟୀ | | 1,10,000 | |
| | ଦାତା ଋଣପତ୍ର ହିସାବ | | | 1,00,000 |
| | ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | 10,000 |
| | (ପ୍ରତ୍ୟେକ ₹500ର 200 ଋଣପତ୍ରର ₹550ରେ ନିର୍ଗମନ) | | | |
| (iv) | ବ୍ୟାଙ୍କ୍ ହିସାବ ଦାୟୀ | | 1,00,000 | |
| | ଋଣପତ୍ର ନିର୍ଗମନରେ କ୍ଷତି ହିସାବ ଦାୟୀ | | 10,000 | |
| | ଦାତା ଋଣପତ୍ର ହିସାବ | | | 1,00,000 |
| | ଦାତା ଋଣପତ୍ରର ପରିଶୋଧନରେ ପ୍ରିମିୟମ୍ ହିସାବ | | | 10,000 |
| | (ପ୍ରତ୍ୟେକ ₹500ର 200 ଋଣପତ୍ରର ₹500ରେ ନିର୍ଗମନ, ₹550 ରେ ପରିଶୋଧନୀୟ) | | | |
| (v) | ବ୍ୟାଙ୍କ୍ ହିସାବ ଦାୟୀ | | 90,000 | |
| | ଋଣପତ୍ର ନିର୍ଗମନରେ କ୍ଷତି ହିସାବ ଦାୟୀ | | 10,000 | |
| | ଋଣପତ୍ର ନିର୍ଗମନରେ ରିହାତି ହିସାବ ଦାୟୀ | | 10,000 | |
| | ଦାତା ଋଣପତ୍ର ହିସାବ | | | 1,00,000 |
| | ଦାତା ଋଣପତ୍ରର ପରିଶୋଧନରେ ପ୍ରିମିୟମ୍ ହିସାବ | | | 10,000 |
| | (200ଟି ପ୍ରତ୍ୟେକ ₹500ର ଋଣପତ୍ରର ₹450 ରେ ନିର୍ଗମନ, ₹550 ରେ ପରିଶୋଧନୀୟ) | | | |

## ପାଠ୍ୟଗତ ପ୍ରଶ୍ନ 26.3

I. ଏକ କମ୍ପାନୀ ₹3,15,000ର ଏକ କୋଠା କିଣିଲା ଏବଂ ଏ ବାବଦ ପ୍ରତ୍ୟେକ 100 ଟଙ୍କିଆ 10% ଋଣପତ୍ର 5% ପ୍ରିମିୟମ୍‌ରେ ନିର୍ଗମନ କଲା । ଆବଶ୍ୟକ:

(i) ବିକ୍ରେତାଙ୍କୁ ନିର୍ଗମିତ ହୋଇଥିବା ଋଣପତ୍ରର ସଂଖ୍ୟା ହିସାବ କର

(ii) ଉପରୋକ୍ତ ନିର୍ଗମନର ଜାବେଦା ପ୍ରବିଷ୍ଟି କର ।

II. ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ, ସଂଖ୍ୟା/ସଂଖ୍ୟା ସମୂହ ଦ୍ୱାରା ଶୂନ୍ୟସ୍ଥାନ ପୂରଣ କର:

(i) ଗୋଟିଏ 100 ଟଙ୍କିଆ ମୁଦ୍ରିତ ମୂଲ୍ୟର 10% ରଣପତ୍ର ₹90ରେ ନିର୍ଗମିତ ହୋଇଛି । ଏହା ............ରେ ନିର୍ଗମିତ ହୋଇଥିବା କୁହାଯାଏ ।

(ii) ଗୋଟିଏ 100 ଟଙ୍କିଆ ମୁଦ୍ରିତ ମୂଲ୍ୟର ୨% ରଣପତ୍ର ₹120ରେ ନିର୍ଗମିତ ହୋଇଛି । ଏହା ...........ରେ ନିର୍ଗମିତ ହୋଇଥିବା କୁହାଯାଏ ।

(iii) 100ଟି 100 ଟଙ୍କିଆ ୫% ରଣପତ୍ର ଜଣେ ବିକ୍ରେତାଙ୍କୁ ସଂଯନ୍ତ୍ର କ୍ରୟ ବାବଦରେ ନିର୍ଗମିତ ହୋଇଛି । ଏଠାରେ ରଣପତ୍ରଗୁଡ଼ିକ ................ ନିର୍ଗମିତ ହୋଇଥିବା କୁହାଯାଏ ।

(iv) ଏକ କମ୍ପାନୀ ତା'ର ରଣପତ୍ରକୁ ରିହାତିରେ ନିର୍ଗମନ କରିପାରିବ ଯଦି ଏ ସମ୍ବନ୍ଧରେ ତା'ର ..................ରେ ପ୍ରାବଧାନ କରାଯାଇଛି ।

## 26.4 ସହ-ପ୍ରତିଭୂତି (collateral security) ରୂପରେ ରଣପତ୍ରର ନିର୍ଗମନ

ସହ-ପ୍ରତିଭୂତିର ଅର୍ଥ ମୁଖ୍ୟ ପ୍ରତିଭୂତି ସହିତ ପ୍ରଦତ୍ତ ଅତିରିକ୍ତ ସହାୟକ ପ୍ରତିଭୂତି । ଏହା ଏକ ସହାୟକ ବା ଦ୍ୱିତୀୟକ ପ୍ରତିଭୂତି ଅଟେ । ଯେତେବେଳେ ଗୋଟିଏ କମ୍ପାନୀ ବ୍ୟାଙ୍କ୍ କିମ୍ବା କୌଣସି ଆର୍ଥିକ ଅନୁଷ୍ଠାନରୁ ରଣ ନିଏ, ସେତେବେଳେ ଏହା ଦ୍ୱିତୀୟକ ପ୍ରତିଭୂତି ରୂପରେ ନିଜର ରଣପତ୍ରନିର୍ଗମନ କରିପାରେ ଯାହାକି ମୁଖ୍ୟ ପ୍ରତିଭୂତିର ଅତିରିକ୍ତ ଅଟେ । ରଣପତ୍ରର ଏହିଭଳି ନିର୍ଗମନକୁ 'ସହ-ପ୍ରତିଭୂତି ରୂପରେ ରଣପତ୍ରର ନିର୍ଗମନ' କୁହାଯାଏ । ରଣଦାତାଙ୍କର ଏହି ରଣପତ୍ର ଉପର କେବଳ ସେତେବେଳେ ଅଧିକାର ହେବ ଯେତେବେଳେ କମ୍ପାନୀ ରଣ ରାଶି ପୈଠ କରିବାକୁ ଅସମର୍ଥ ହେବ ତଥା ମୁଖ୍ୟ ପ୍ରତିଭୂତି ନିଃଶେଷ (ପୂର୍ଣ୍ଣ ଉପଯୋଗ) ହୋଇ ସାରିଥିବ । ଯଦି ଏହି ଅଧିକାରର ଉପଯୋଗ କରିବା ଆବଶ୍ୟକ ପଡ଼େନାହିଁ ତେବେ ରଣପତ୍ରଗୁଡ଼ିକ କମ୍ପାନୀକୁ ଫେରସ୍ତ କରି ଦିଆଯିବ । ସହ-ପ୍ରତିଭୂତି ରୂପରେ ନିର୍ଗମିତ ହୋଇଥିବା ରଣପତ୍ର ଉପରେ ସୁଧ ଦିଆଯାଏ ନାହିଁ କାରଣ କମ୍ପାନୀ ରଣ ଉପରେ ସୁଧ ଦେଉଅଛି ।

କମ୍ପାନୀର ହିସାବ ବହିରେ ସହ-ପ୍ରତିଭୂତି ରୂପରେ ରଣପତ୍ରର ନିର୍ଗମନକୁ ଦୁଇ ଉପାୟରେ ଦର୍ଶାଇ ହେବ ।

### (i) କମ୍ପାନୀର ହିସାବ ବହିରେ ଜାବେଦା ପ୍ରବିଷ୍ଟି କରାଯିବ ନାହିଁ ।

ରଣପତ୍ର ସହ-ପ୍ରତିଭୂତି ରୂପରେ ନିର୍ଗମିତ ହୋଇଛି । ଏହି ତଥ୍ୟ ସମ୍ବଳିତ ଏକ ଟିପ୍ପଣୀ ଉଦ୍‌ବୃତ୍ତ ପତ୍ରର ଦାୟ ପାର୍ଶ୍ୱରେ 'ସୁରକ୍ଷିତ ରଣ ଓ ଅଗ୍ରୀମ' ଶୀର୍ଷକରେ ଦିଆଯାଏ ।

**............ କୋ. ଲିଃର ଉଦ୍‌ବୃତ୍ତ ବିବରଣ**

| ପୁଞ୍ଜି ଓ ଦାୟ | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|
| **ସୁରକ୍ଷିତ ରଣ ଓ ଅଗ୍ରୀମ**<br>ରଣପତ୍ର (ରଣପତ୍ର ପ୍ରତି ₹.........ର ........ ରଣପତ୍ର ସହ-ପ୍ରତିଭୂତି ରୂପରେ ନିର୍ଗମିତ ହେଲା)<br>**ରଣ**<br>(₹........ର.........ରଣପତ୍ରଦ୍ୱାରା ସୁରକ୍ଷିତ ଯାହା ସହ-ପ୍ରତିଭୂତି ରୂପରେ ନିର୍ଗମିତ ହେଲା) | | | |

(II) **କମ୍ପାନୀର ହିସାବ ବହିରେ ଜାବେଦା ପ୍ରବିଷ୍ଟି କରାଯିବ**

ଋଣପତ୍ରର ସହ-ପ୍ରତିଭୂତି ରୂପରେ ନିର୍ଗମନ ପାଇଁ ଜାବେଦା ପ୍ରବିଷ୍ଟି କରାଯାଏ । ଋଣପତ୍ର ସଂଶୟ ହିସାବ (Debenture Suspense A/c)କୁ ଦାୟୀ କରାଯାଏ କାରଣ ଏହି ନିର୍ଗମନ ବାବଦ କୌଣସି ଅର୍ଥ ପ୍ରାପ୍ତ ହୋଇ ନଥାଏ ।

ନିମ୍ନ ଜାବେଦା ପ୍ରବିଷ୍ଟି କରାଯିବ :

ଋଣପତ୍ର ସଂଶୟ ହିସାବ ଦାୟୀ
ଦାତା ଋଣପତ୍ର ହିସାବ
(ପ୍ରତ୍ୟେକ ₹..........ର.......... ଋଣପତ୍ର ସହ-ପ୍ରତିଭୂତି
ରୂପରେ ..........ଙ୍କୁ ନିର୍ଗମନ କରାଗଲା)

ଋଣପତ୍ର ନିର୍ଗମନ କରିଥିବା କମ୍ପାନୀର ଉଦ୍‌ବୃତ୍ତ ପତ୍ରରେ ଏହାକୁ ନିମ୍ନ ପ୍ରକାର ଦର୍ଶାଯିବ ।

**............ କୋ. ଲିଃର ଉଦ୍‌ବୃତ୍ତ ପତ୍ର**

| ପୁଞ୍ଜି ଓ ଦାୟ | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|
| **ଋଣପତ୍ର**<br>(ପ୍ରତ୍ୟେକ ₹........ର........ ଋଣପତ୍ର ସହ-ପ୍ରତିଭୂତି ରୂପରେ ନିର୍ଗମିତ ହେଲା, ପକ୍ଷାନ୍ତର ଅନୁସାରେ)<br><br>**ଋଣ** | | **ବ୍ୟାଙ୍କ୍**<br>**ଋଣପତ୍ର ସଂଶୟ ହିସାବ**<br>(ଋଣ ପାଇଁ ସହ-ପ୍ରତିଭୂତି ରୂପରେ ଋଣପତ୍ର ନିର୍ଗମିତ ହେଲା, ପକ୍ଷାନ୍ତର ଅନୁସାରେ) | |

**ଉଦାହରଣ 7**

ସ୍କାଇ ରକେଟିଙ୍ଗ୍ କମ୍ପାନୀ ଲିଃ ବ୍ୟାଙ୍କ୍‌ରୁ ₹5,00,000ର ଏକ ଋଣ ନେଇଥିଲେ ଓ ସେ ବାବଦରେ ବ୍ୟାଙ୍କ୍‌କୁ 6,000ଟି 100 ଟଙ୍କିଆ 10% ଋଣପତ୍ର ସହ-ପ୍ରତିଭୂତି ରୂପରେ ନିର୍ଗମନ କଲେ । କମ୍ପାନୀର ବହିରେ ଋଣପତ୍ରର ନିର୍ଗମନ ଲିପିବଦ୍ଧ କର ଓ କମ୍ପାନୀର ଉଦ୍‌ବୃତ୍ତ ପତ୍ରରେ ନିର୍ଗମିତ ଋଣପତ୍ରକୁ ଦର୍ଶାଅ ।

**ସମାଧାନ:**

(i) ଜାବେଦା ପ୍ରବିଷ୍ଟିର ଆବଶ୍ୟକ ନାହିଁ ।

**ସ୍କାଇ ରକେଟିଙ୍ଗ୍ କମ୍ପାନୀ ଲିଃର (ପ୍ରାସଙ୍ଗିକ) ଉଦ୍‌ବୃତ୍ତ ପତ୍ର**

| ପୁଞ୍ଜି ଓ ଦାୟ | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|
| **ସୁରକ୍ଷିତ ଋଣ** | | **ଚଳନ୍ତି ପରିସମ୍ପତ୍ତି ତଥା** | |
| ବ୍ୟାଙ୍କ୍ ଋଣ | 5,00,000 | **ଋଣ ଓ ଅଗ୍ରୀମ** | |
| (ସହ-ପ୍ରତିଭୂତି ରୂପରେ ନିର୍ଗମିତ 6,000ଟି 100 ଟଙ୍କିଆ 10% ଋଣପତ୍ର ଦ୍ୱାରା ସୁରକ୍ଷିତ) | | ବ୍ୟାଙ୍କ୍‌ରେ ଅର୍ଥ | 5,00,000 |

(ii) **ଜାବେଦା**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ରଣପତ୍ର ସଂଶୟ ହିସାବ ଦାୟୀ<br>ଦାତା ରଣପତ୍ର ହିସାବ<br>(6,000ଟି 100 ଟଙ୍କିଆ 10% ରଣପତ୍ର ସହ-ପ୍ରତିଭୂତି ରୂପରେ ବ୍ୟାଙ୍କ୍‌କୁ ନିର୍ଗମିତ ହେଲା) | | 6,00,000 | <br>6,00,000 |

### ସ୍କାଇ ରକେଟିଙ୍ଗ୍ କମ୍ପାନୀ ଲିଃର (ପ୍ରାସଙ୍ଗିକ) ଉଦ୍‌ବୃତ୍ତ ପତ୍ର

| ପୁଞ୍ଜି ଓ ଦାୟ | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|
| **ସୁରକ୍ଷିତ ଋଣ** | | **ଚଳନ୍ତି ପରିସମ୍ପତ୍ତି** | |
| ବ୍ୟାଙ୍କ୍ ଋଣ | 5,00,000 | ବ୍ୟାଙ୍କ୍‌ରେ ଅର୍ଥ | 5,00,000 |
| ରଣପତ୍ର | | **ବିବିଧ ଖର୍ଚ୍ଚ** | |
| (6,000ଟି 100 ଟଙ୍କିଆ 10% ରଣପତ୍ର ସହ-ପ୍ରତିଭୂତି ରୂପରେ ବ୍ୟାଙ୍କ୍‌କୁ ନିର୍ଗମିତ) | | ରଣପତ୍ର ସଂଶୟ ହିସାବ (6,000ଟି 100 ଟଙ୍କିଆ 10% ରଣପତ୍ର ସହ-ପ୍ରତିଭୂତି ରୂପରେ ବ୍ୟାଙ୍କ୍‌କୁ ନିର୍ଗମିତ, ପକ୍ଷାନ୍ତର ଅନୁସାରେ) | 6,00,000 |

### ପାଠ୍ୟଗତ ପ୍ରଶ୍ନ 26.4

ଏକ ବା ଏକାଧିକ ଶବ୍ଦରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ:

(i) ସେହି ପ୍ରତିଭୂତିର ନାମ ଲେଖ ଯାହା ମୁଖ୍ୟ ପ୍ରତିଭୂତିର ଅତିରିକ୍ତ ନିର୍ଗମିତ ହୁଏ ।

(ii) ସହ-ପ୍ରତିଭୂତି ରୂପରେ ରଣପତ୍ରର ନିର୍ଗମନରେ କମ୍ପାନୀର ବହିରେ ଜାବେଦା ପ୍ରବିଷ୍ଟି କଲାବେଳେ କେଉଁ ହିସାବକୁ ଦାୟୀ କରାଯାଏ ?

(iii) ସହ-ପ୍ରତିଭୂତି ରୂପରେ ରଣପତ୍ରର ନିର୍ଗମନ କରୁଥିବା ଏକ କମ୍ପାନୀର ଉଦ୍‌ବୃତ୍ତ ପତ୍ରର କେଉଁ ପାର୍ଶ୍ୱରେ 'ରଣପତ୍ର ସଂଶୟ ହିସାବ' ଲେଖାଯାଏ ?

(iv) ଏକ କମ୍ପାନୀ କେତେବେଳେ ସହ-ପ୍ରତିଭୂତି ରୂପରେ ରଣପତ୍ରର ନିର୍ଗମନ କରେ ?

## 26.5 ରଣପତ୍ରର ନିର୍ଗମନରେ ରିହାତି ଏବଂ ରଣପତ୍ରର ନିର୍ଗମନରେ କ୍ଷତି

ଯଦି କମ୍ପାନୀ ରିହାତିରେ ରଣପତ୍ରର ନିର୍ଗମନ କରେ, ତେବେ ରିହାତିର ମୋଟ ରାଶିକୁ କମ୍ପାନୀର ଲାଭ ଓ କ୍ଷତି ହିସାବରେ ସେହି ହିସାବରକ୍ଷଣ ବର୍ଷରେ ପ୍ରଭାର (charge) କରାଯାଏ ନାହିଁ, ଯେଉଁ ବର୍ଷ ଏହି ରିହାତି ଦିଆ ଯାଇଥାଏ । ଏହି ରିହାତିର ପରିମାଣ ବହୁତ ଅଧିକ ହୋଇଥାଏ ଏବଂ କମ୍ପାନୀ ରଣପତ୍ର ନିର୍ଗମନ ଦ୍ୱାରା ପାଇଥିବା ଋଣରୁ କିଛି ସଂଖ୍ୟକ ବର୍ଷ ଧରି ଲାଭ ପାଇଥାଏ । ତେଣୁ ରିହାତି ରାଶିର କିଛି ଭାଗ ପ୍ରତିବର୍ଷ ଅବଲିଖନ କରାଯାଏ । ସାଧାରଣତଃ ଏହାକୁ ସମ୍ପୃକ୍ତ ରଣପତ୍ରର ପରିଶୋଧନ ପୂର୍ବରୁ ଅବଲିଖନ କରି ଦିଆଯାଏ ।

ଯେହେତୁ ଋଣପତ୍ରର ନିର୍ଗମନରେ ରିହାତିର ରାଶିକୁ ଏକ ପୁଞ୍ଜିଗତ କ୍ଷତି ରୂପରେ ଧରାଯାଏ ଏହାର ଅବଲିଖନ ହୋଇ ନଥିବା ରାଶିକୁ କମ୍ପାନୀର ଉଦ୍‌ବୃତ୍ତ ପତ୍ରର ପରିସମ୍ପତ୍ତି ପାର୍ଶ୍ୱରେ 'ବିବିଧ ଖର୍ଚ୍ଚ' ଶୀର୍ଷକରେ ସମ୍ପୂର୍ଣ୍ଣ ଅବଲିଖନ ନ ହେବା ପର୍ଯ୍ୟନ୍ତ ଲେଖାଯାଏ ।

**ଋଣପତ୍ରରେ ରିହାତିର ରାଶିକୁ ଦୁଇ ଉପାୟରେ ଅବଲିଖନ କରାଯାଇପାରେ :**

1. **ସମସ୍ତ ଋଣପତ୍ର ଏକ ନିର୍ଦ୍ଦିଷ୍ଟ ଅବଧି ପରେ ପରିଶୋଧନ କରାଯିବ ।**

ଯେତେବେଳେ ଋଣପତ୍ରଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅବଧି ପରେ ପରିଶୋଧ କରିବାର ଥାଏ, ସେତେବେଳେ ରିହାତିର ରାଶିକୁ ଋଣପତ୍ରର ନିର୍ଗମନ ଓ ସେଗୁଡ଼ିକର ପରିଶୋଧନ ମଧ୍ୟରେ ଅନ୍ତର୍ଭୁକ୍ତ ଥିବା ବର୍ଷଗୁଡ଼ିକ ମଧ୍ୟରେ ସମାନ ଭାବରେ ବାଣ୍ଟି ଦିଆଯାଏ । ପ୍ରତ୍ୟେକ ବର୍ଷ ଋଣପତ୍ରର ନିର୍ଗମନରେ ରିହାତିର ଯେଉଁ ପରିମାଣ ରାଶି ଅବଲିଖିତ ହେବ ତାହା ଏହିପରି ଗଣନା (ହିସାବ) କରାଯାଏ:

$$\text{ରିହାତିର ରାଶି ଯାହା ପ୍ରତିବର୍ଷ ଅବଲିଖିତ ହେବ} = \frac{\text{ରିହାତିର ମୋଟ ରାଶି}}{\text{ବର୍ଷଗୁଡ଼ିକର ସଂଖ୍ୟା}}$$

**ଉଦାହରଣ 8**

ଏକ କମ୍ପାନୀ 1,000 ଟଙ୍କିଆ ଋଣପତ୍ର 10% ରିହାତିରେ 5 ବର୍ଷ ପାଇଁ ନିର୍ଗମନ କଲା, ଅର୍ଥାତ୍ 5 ବର୍ଷପରେ ପରିଶୋଧିତ ହେବ । ପ୍ରତି ବର୍ଷରେ ଅବଲିଖିତ ହେବାକୁ ଥିବା ରିହାତିର ରାଶି ଗଣନା କର ଓ ଋଣପତ୍ରର ନିର୍ଗମନରେ ରିହାତି ହିସାବ ପ୍ରସ୍ତୁତ କର ।

**ସମାଧାନ:**

$$\text{ରିହାତିର ପରିମାଣ (ରାଶି)} = \frac{(1{,}000\ X\ `1{,}000)\ X\ 10}{₹100} = ₹1{,}00{,}000$$

$$\text{ରାଶି ଯାହା ପ୍ରତିବର୍ଷ ଅବଲିଖିତ ହେବ} = \frac{1{,}00{,}000}{5} = ₹20{,}000$$

**ହିସାବରକ୍ଷଣ ଉପଚାର**

ପ୍ରତିବର୍ଷ ଋଣପତ୍ର ରିହାତି ଅବଲିଖନ କରିବା ପାଇଁ ଜାବେଦା ପ୍ରବିଷ୍ଟି

| | | ଦାୟୀ | ଦାତା |
|---|---|---|---|
| ଲାଭ ଓ କ୍ଷତି ହିସାବ | ଦାୟୀ | 20,000 | |
| ଦାତା ଋଣପତ୍ରର ନିର୍ଗମନରେ ରିହାତି ହସିାବ | | | 20,000 |
| (ଋଣପତ୍ରର ନିର୍ଗମନରେ ରିହାତିର ରାଶି ଅବଲିଖିତ ହେଲା) | | | |

ଋଣପତ୍ରର ନିର୍ଗମନରେ ରିହାତି ହିସାବ, ରିହାତିର ରାଶି ସମ୍ପୂର୍ଣ୍ଣ ଅବଲିଖନ ହେବା ପର୍ଯ୍ୟନ୍ତ ନିମ୍ନ ପ୍ରକାରରେ ଦର୍ଶାଗଲା:

### ରଣପତ୍ରର ନିର୍ଗମନରେ ରିହାତି ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ପରିମାଣ ₹ | ତାରିଖ | ବିବରଣ | ପରିମାଣ ₹ |
|---|---|---|---|---|---|
| ପ୍ରଥମବର୍ଷ | | | ପ୍ରଥମ ବର୍ଷ | | |
| ଜାନୁଆରୀ1 | ରଣପତ୍ର ହିସାବ | 1,00,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 20,000 |
| | | | ଡିସେମ୍ବର31 | ବଳକା ନି/ନି | 80,000 |
| | | 1,00,000 | | | 1,00,000 |
| ଦ୍ୱିତୀୟବର୍ଷ | | | ଦ୍ୱିତୀୟ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 80,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 20,000 |
| | | | ଡିସେମ୍ବର31 | ବଳକା ନି/ନି | 60,000 |
| | | 80,000 | | | 80,000 |
| ତୃତୀୟବର୍ଷ | | | ତୃତୀୟ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 60,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 20,000 |
| | | | ଡିସେମ୍ବର31 | ବଳକା ନି/ନି | 40,000 |
| | | 60,000 | | | 60,000 |
| ଚତୁର୍ଥବର୍ଷ | | | ଚତୁର୍ଥ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 40,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 20,000 |
| | | | ଡିସେମ୍ବର31 | ବଳକା ନି/ନି | 20,000 |
| | | 40,000 | | | 40,000 |
| ପଞ୍ଚମବର୍ଷ | | | ପଞ୍ଚମ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 20,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 20,000 |
| | | 20,000 | | | 20,000 |

### 2. ରଣପତ୍ରଗୁଡ଼ିକର କିସ୍ତିରେ ପରିଶୋଧନ କରାଯାଏ

ରଣପତ୍ରଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଅବଧିରେ କିସ୍ତି ଆକାରରେ ମଧ୍ୟ ପରିଶୋଧନ କରାଯାଇ ପାରେ । ଏହି କ୍ଷେତ୍ରରେ ପ୍ରତିବର୍ଷ ପରିଶୋଧିତ ହେଉଥିବା ରଣପତ୍ର ରାଶିର ସମାନୁପାତରେ ରଣପତ୍ର ରିହାତିର ରାଶି ଅବଲେଖନ କରାଯିବ ।

**ଉଦାହରଣ ୨**

ଏକ କମ୍ପାନୀ ପ୍ରତ୍ୟେକ 1,000 ଟଙ୍କିଆ 3,000 ୨% ରଣପତ୍ର 10% ରିହାତିରେ ନିର୍ଗମନ କରିଛି । ଯଦି ରଣପତ୍ରଗୁଡ଼ିକ ପାଞ୍ଚଟି ସମାନ ବାର୍ଷିକ କିସ୍ତିରେ ପରିଶୋଧନ କରାଯିବ, ତେବେ ପ୍ରତ୍ୟେକ ବର୍ଷ ରଣପତ୍ର ନିର୍ଗମନରେ ରିହାତି ରାଶିର କେତେ ଲେଖାଏଁ ଅବଲିଖିତ ହେବ ତାହା ହିସାବ କର ଏବଂ 'ରଣପତ୍ରର ନିର୍ଗମନରେ ରିହାତି ହିସାବ' ପ୍ରସ୍ତୁତ କର ।

**ସମାଧାନ:**

ରଣପତ୍ରର ନିର୍ଗମନରେ ରିହାତି ରାଶିର ହିସାବ

ରଣପତ୍ର ନିର୍ଗମନରେ ମୋଟ ରିହାତି ରାଶି $= \frac{(3{,}000 X ₹1{,}000) X 10}{100} = ₹3{,}00{,}000$

| ବର୍ଷ ସମାପ୍ତି | ରଣପତ୍ରର ବକେୟା ରାଶି ₹ | ଅନୁପାତ | ଅବଲିଖିତ ହେବାକୁ ଥିବା ରିହାତିର ରାଶି ₹ ₹ |
|---|---|---|---|
| ପ୍ରଥମ | 30,00,000 | 5 | $3{,}00{,}00 \times \frac{5}{15} = 1{,}00{,}000$ |
| ଦ୍ୱିତୀୟ | 24,00,000 | 4 | $3{,}00{,}00 \times \frac{4}{15} = 80{,}000$ |
| ତୃତୀୟ | 18,00,000 | 3 | $3{,}00{,}00 \times \frac{3}{15} = 60{,}000$ |
| ଚତୁର୍ଥ | 12,00,000 | 2 | $3{,}00{,}00 \times \frac{2}{15} = 40{,}000$ |
| ପଞ୍ଚମ | 6,00,000 | 1 | $3{,}00{,}00 \times \frac{1}{15} = 20{,}000$ |
| | | 15 | |

**ଜାବେଦା ପ୍ରବିଷ୍ଟି**

| | | | ଦାୟୀ | ଦାତା |
|---|---|---|---|---|
| ପ୍ରଥମ ବର୍ଷ | ଲାଭ ଓ କ୍ଷତି ହିସାବ | ଦାୟୀ | 1,00,000 | |
| | ଦାତା ରଣପତ୍ର ରିହାତି ହିସାବ | | | 1,00,000 |
| | (ରଣପତ୍ରର ନିର୍ଗମନରେ ରିହାତି ଅବଲିଖିତ ହେଲା) | | | |

ସେହିପରି ପ୍ରତ୍ୟେକ ବର୍ଷ ସମ୍ପୃକ୍ତ ରିହାତି ରାଶି ସହିତ ସମାନ ପ୍ରବିଷ୍ଟି ହେବ ।

ରଣପତ୍ରର ନିର୍ଗମନରେ ରିହାତି ହିସାବ ରିହାତିର ରାଶି ସମ୍ପୂର୍ଣ୍ଣ ଅବଲିଖିତ ହେବା ପର୍ଯ୍ୟନ୍ତ ନିମ୍ନ ମତେ ଦର୍ଶାଯିବ:

**ରଣପତ୍ରର ନିର୍ଗମନରେ ରିହାତି ହିସାବ**

ଦାୟୀ | ଦାତା

| ତାରିଖ | ବିବରଣ | ପରିମାଣ ₹ | ତାରିଖ | ବିବରଣ | ପରିମାଣ ₹ |
|---|---|---|---|---|---|
| ପ୍ରଥମବର୍ଷ ଜାନୁଆରୀ1 | ରଣପତ୍ର ହିସାବ | 3,00,000 | ପ୍ରଥମ ବର୍ଷ ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 1,00,000 |
| | | | ଡିସେମ୍ବର31 | ବଳକା ନି/ନି | 2,00,000 |
| | | 3,00,000 | | | 3,00,000 |

| | | | | | |
|---|---|---|---|---|---|
| ଦ୍ୱିତୀୟବର୍ଷ | | | ଦ୍ୱିତୀୟ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 2,00,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 80,000 |
| | | | ଡିସେମ୍ବର31 | ବଳକା ନି/ନି | 1,20,000 |
| | | 2,00,000 | | | 2,00,000 |
| ତୃତୀୟବର୍ଷ | | | ତୃତୀୟ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 1,20,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 60,000 |
| | | | ଡିସେମ୍ବର31 | ବଳକା ନି/ନି | 60,000 |
| | | 1,20,000 | | | 1,20,000 |
| ଚତୁର୍ଥବର୍ଷ | | | ଚତୁର୍ଥ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 60,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 40,000 |
| | | | ଡିସେମ୍ବର31 | ବଳକା ନି/ନି | 20,000 |
| | | 60,000 | | | 60,000 |
| ପଞ୍ଚମବର୍ଷ | | | ପଞ୍ଚମ ବର୍ଷ | | |
| ଜାନୁଆରୀ1 | ବଳକା ନି/ଅ | 20,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 20,000 |
| | | 20,000 | | | 20,000 |

### ଋଣପତ୍ରର ନିର୍ଗମନରେ କ୍ଷତି

ତୁମେ ଶିଖିସାରିଛ ଯେ ଏକ କମ୍ପାନୀ ଏହି ସର୍ତ୍ତ ସହିତ ଋଣପତ୍ର ନିର୍ଗମନ କରିପାରେ ଯେ ପରିପକ୍ୱତାରେ ଋଣପତ୍ରଗୁଡ଼ିକର ପୈଠ ପ୍ରିମିୟମ୍‌ରେ କରାଯିବ । ଏହି ଦେୟ ପ୍ରିମିୟମ୍‌ର ରାଶିକୁ ଋଣପତ୍ରର ନିର୍ଗମନ ସମୟରେ 'ଋଣପତ୍ରର ନିର୍ଗମନରେ କ୍ଷତି ହିସାବରେ ଦାୟୀ କରାଯାଏ । ଏହି ରାଶିକୁ ମଧ୍ୟ ସେହି ଏକା ପ୍ରକାରରେ ଅବଲିଖିତ କରାଯିବ ଯେପରି 'ଋଣପତ୍ରର ନିର୍ଗମନରେ ରିହାତି'କୁ ଅବଲିଖିତ କରାଯାଇଥାଏ । ଏହାର ଉଦାହରଣ ନିମ୍ନରେ ଦିଆଗଲା:

(i) **ସମସ୍ତ ଋଣପତ୍ର ଏକ ନିର୍ଦ୍ଦିଷ୍ଟ ଅବଧି ପରେ ପରିଶୋଧନ କରାଗଲେ**

**ଜାବେଦା ପ୍ରବିଷ୍ଟି**

ପ୍ରତିବର୍ଷ ଋଣପତ୍ରର ନିର୍ଗମନରେ କ୍ଷତି ରାଶିର ଅବଲିଖନ ପାଇଁ

ଲାଭ ଓ କ୍ଷତି ହିସାବ ଦାୟୀ

ଦାତା ଋଣପତ୍ରର ନିର୍ଗମନରେ କ୍ଷତି ହିସାବ

(ଋଣପତ୍ରର ନିର୍ଗମନରେ କ୍ଷତିର ଅବଲିଖନ କରାଗଲା)

ଋଣପତ୍ରର ନିର୍ଗମନରେ କ୍ଷତିର ମୋଟ ରାଶି ପୂର୍ଣ୍ଣ ଅବଲିଖନ ହେବା ପର୍ଯ୍ୟନ୍ତ ପ୍ରତି ବର୍ଷ ସମାନ ଜାବେଦା ପ୍ରବିଷ୍ଟି ହେବ ।

ପ୍ରତିବର୍ଷ ଅବଲିଖିତ ହେବାକୁ ଥିବା ରାଶିର ହିସାବ

$$\text{ପ୍ରତିବର୍ଷ କ୍ଷତିର ଅବଲିଖନର ରାଶି} = \frac{\text{ଋଣପତ୍ରର ନିର୍ଗମନରେ ମୋଟ କ୍ଷତି}}{\text{ମୋଟ ବର୍ଷ}}$$

ଉଦାହରଣ 10

ଏକ କମ୍ପାନୀ 100ଟି ପ୍ରତ୍ୟେକ ₹1,000ର 10% ରଣପତ୍ର ଜାନୁଆରୀ 1, 2006ରେ ନିର୍ଗମନ କଲେ ଯାହା 5 ବର୍ଷପରେ 10% ପ୍ରିମିୟମ୍‌ରେ ପୈଠ କରାଯିବ । ଡିସେମ୍ବର 31, 2006ରେ ସମାପ୍ତ ବର୍ଷପାଇଁ ଜାବେଦା ପ୍ରବିଷ୍ଟି କର ଓ ରଣପତ୍ର ନିର୍ଗମନରେ କ୍ଷତି ହିସାବ ପ୍ରସ୍ତୁତ କର ।

ରଣପତ୍ର ନିର୍ଗମନରେ କ୍ଷତିର ପରିମାଣ $= \frac{1{,}000 X \ 1{,}000 X 10}{100} = ₹1{,}00{,}000$

ରାଶି ଯାହା ପ୍ରତିବର୍ଷ ଅବଲିଖିତ ହେବ $= \frac{1{,}00{,}000}{5} = ₹20{,}000$

**ଜାବେଦା ପ୍ରବିଷ୍ଟି**

| | | | | |
|---|---|---|---|---|
| 2006 | ଲାଭ ଓ କ୍ଷତି ହିସାବ | ଦାୟୀ | 20,000 | |
| ଡିସେମ୍ବର 31 | ଦାତା ରଣପତ୍ର ନିର୍ଗମନରେ କ୍ଷତି ହିସାବ | | | 20,000 |
| | (ରଣପତ୍ର ନିର୍ଗମନରେ କ୍ଷତି ଲାଭ ଓ କ୍ଷତି ହିସାବକୁ ସ୍ଥାନାନ୍ତରିତ ହେଲା) | | | |

**ରଣପତ୍ର ନିର୍ଗମନରେ କ୍ଷତି ହିସାବ**

ଦାୟୀ ଦାତା

| ତାରିଖ | ବିବରଣ | ପରିମାଣ ₹ | ତାରିଖ | ବିବରଣ | ପରିମାଣ ₹ |
|---|---|---|---|---|---|
| 2006 | | | 2006 | | |
| ଜାନୁଆରୀ1 | 10% ରଣପତ୍ର ହିସାବ | 1,00,000 | ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 20,000 |
| | | | ଡିସେମ୍ବର31 | ବଳକା ନି/ନି | 80,000 |
| | | 1,00,000 | | | 1,00,000 |
| 2007 | | | | | |
| ଜାନୁଆରୀ1 | ବଳକା ନି/ଅ | 80,000 | | | |

(ii) **ରଣପତ୍ରଗୁଡ଼ିକର କିସ୍ତିରେ ପରିଶୋଧନ କରାଗଲେ**

ପ୍ରତିବର୍ଷ ରଣପତ୍ର ନିର୍ଗମନରେ କ୍ଷତିର ଯେଉଁ ପରିମାଣ ଅବଲିଖିତ ହେବ ତାହାର ହିସାବ (ଗଣନା) ସେହି ଏକା ଭଳି କରାଯାଏ ଯେପରି ରଣପତ୍ର ନିର୍ଗମନରେ ରିହାତି କ୍ଷେତ୍ରରେ କରାଯାଇଥାଏ ଏବଂ ଏହାର ହିସାବରକ୍ଷଣ ଉପଚାର ମଧ୍ୟ ସେହି ସମାନ କରାଯାଏ ।

**ଉଦାହରଣ 11**

ଉଦାହରଣ 10ରେ କମ୍ପାନୀ ଏହି ନିଷ୍ପତ୍ତି ନେଲା ଯେ ଏହା ତା'ର ରଣପତ୍ରଗୁଡ଼ିକୁ ପ୍ରଥମ ପର୍ଷ ସମାପ୍ତିରୁ ଆରମ୍ଭ କରି ପାଞ୍ଚଟି ସମାନ କିସ୍ତିରେ ପରିଶୋଧନ କରିବ । ରଣପତ୍ର ନିର୍ଗମନରେ କ୍ଷତିର ଅବଲିଖନ ପାଇଁ ଜାବେଦା ପ୍ରବିଷ୍ଟି କର ଏବଂ ପ୍ରଥମ ବର୍ଷ ପାଇଁ ରଣପତ୍ର ନିର୍ଗମନରେ କ୍ଷତିର ହିସାବ ଦର୍ଶାଅ ।

**ସମାଧାନ:**

ରଣପତ୍ର ନିର୍ଗମନରେ କ୍ଷତିର ପରିମାଣ $= \frac{1{,}000 X 1{,}000 X 10}{100} = ₹1{,}00{,}000$



ଟିପ୍ପଣୀ

ପ୍ରତିବର୍ଷ ଯେଉଁ ପରିମାଣ ରାଶି ଅବଲିଖିତ ହେବ ତା'ର ହିସାବ (ଗଣନା):

| ବର୍ଷ ସମାପ୍ତି | ରଣପତ୍ରର ବକେୟା ରାଶି ₹ | ଅନୁପାତ | ଅବଲିଖିତ ହେବାକୁ ଥିବା ରିହାତିର ରାଶି ₹ ₹ |
|---|---|---|---|
| ପ୍ରଥମ | 10,00,000 | 5 | $1,00,000 \times \frac{5}{15} = 33,333$ |
| ଦ୍ୱିତୀୟ | 8,00,000 | 4 | $1,00,000 \times \frac{4}{15} = 26,667$ |
| ତୃତୀୟ | 6,00,000 | 3 | $1,00,000 \times \frac{3}{15} = 20,000$ |
| ଚତୁର୍ଥ | 4,00,000 | 2 | $1,00,000 \times \frac{2}{15} = 13,333$ |
| ପଞ୍ଚମ | 2,00,000 | 1 | $1,00,000 \times \frac{1}{15} = 6,667$ |
| | | 15 | |

### ଜାବେଦା ପ୍ରବିଷ୍ଟି

| | | | ଦାୟୀ | ଦାତା |
|---|---|---|---|---|
| 2006 | ଲାଭ ଓ କ୍ଷତି ହିସାବ | ଦାୟୀ | 33,333 | |
| ଡସେମ୍ବର 31 | ଦାତା ରଣପତ୍ର ନିର୍ଗମନରେ କ୍ଷତି ହିସାବ (2006 ବର୍ଷପାଇଁ ରଣପତ୍ର ନିର୍ଗମନରେ କ୍ଷତି ରାଶିର ଅବଲେଖନ) | | | 33,333 |

### ରଣପତ୍ର ନିର୍ଗମନରେ କ୍ଷତି ହିସାବ

ଦାୟୀ ଦାତା

| ତାରିଖ | ବିବରଣ | ପରିମାଣ ₹ | ତାରିଖ | ବିବରଣ | ପରିମାଣ ₹ |
|---|---|---|---|---|---|
| 2006 ଜାନୁଆରୀ1 | 10% ରଣପତ୍ର ହିସାବ | 1,00,000 | 2006 ଡିସେମ୍ବର31 | ଲାଭ ଓ କ୍ଷତି ହିସାବ | 33,333 |
| | | | ଡିସେମ୍ବର31 | ବଳକା ନି/ନି | 66,667 |
| | | 1,00,000 | | | 1,00,000 |
| 2007 ଜାନୁଆରୀ1 | ବଳକା ନି/ଅ | 66,667 | | | |

**ରଣପତ୍ର ଉପରେ ସୁଧ**

ଯଦି ତୁମେ ଖବରକାଗଜରେ ଏକ କମ୍ପାନୀ ଦ୍ୱାରା ରଣପତ୍ରର ନିର୍ଗମନ ସମ୍ବନ୍ଧିତ ବିଜ୍ଞାପନ ଦେଖିଥିବ, ତେବେ ତୁମେ ନିଶ୍ଚିତ ଲକ୍ଷ୍ୟ କରିଥିବ ଯେ 'ରଣପତ୍ର' ପୂର୍ବରୁ ସର୍ବଦା ଏକ ନିର୍ଦ୍ଦିଷ୍ଟ ଶତକଡ଼ା ଲେଖାଥିବ ଯେପରି କି 9% ରଣପତ୍ର କିମ୍ବା 12% ରଣପତ୍ର । ତୁମେ କେବେ ଚିନ୍ତା କରିଛ କି ଏହାର ଅର୍ଥ କ'ଣ ? ଏହା ହେଉଛି ବାର୍ଷିକ ସୁଧର ହାର ଯାହା ଅନୁସାରେ ରଣପତ୍ରଧାରୀଙ୍କୁ ସୁଧ

ପୈଠ କରାଯିବ । ସାଧାରଣତଃ କମ୍ପାନୀ ତା'ର ଋଣପତ୍ର ଉପରେ ପ୍ରତି ଛଅ ମାସରେ ସୁଧ ପୈଠ କରେ । କମ୍ପାନୀର ବହିରେ ଏହାର ଜାବେଦା ପ୍ରବିଷ୍ଟି ନିମ୍ନ ପ୍ରକାର କରାଯାଏ:

(i) ଋଣପତ୍ର ଉପରେ ସୁଧର ପୈଠ:

ଋଣପତ୍ର ସୁଧ ହିସାବ ଦାୟୀ
 ଦାତା ବ୍ୟାଙ୍କ୍ ହିସାବ
(.........% ଋଣପତ୍ର ଉପରେ .........ରେ ସମାପ୍ତ ଛଅ ମାସ ପାଇଁ ବାର୍ଷିକ..........%ରେ ସୁଧ ପୈଠ)

(ii) ଋଣପତ୍ର ସୁଧର ଲାଭ ଓ କ୍ଷତି ହିସାବକୁ ସ୍ଥାନାନ୍ତରଣ:

ଲାଭ ଓ କ୍ଷତି ହିସାବ ଦାୟୀ
 ଦାତା ଋଣପତ୍ର ସୁଧ ହିସାବ
(ଋଣପତ୍ର ସୁଧ ଲାଭ ଓ କ୍ଷତି ହିସାବକୁ ସ୍ଥାନାନ୍ତରିତ ହେଲା)

**ଉଦାହରଣ 12**

ଏକ୍ସ ଲିଃ 1 ଅପ୍ରେଲ୍, 2006ରେ 5,000ଟି 1,000 ଟଙ୍କିଆ 9% ଋଣପତ୍ର ନିର୍ଗମନ କଲେ । ପ୍ରତି ଛଅ ମାସରେ ସୁଧର ପୈଠ କରାଯିବ । ନିର୍ଗମନ ତାରିଖ ପରେ ପ୍ରଥମ ଛଅମାସ ପାଇଁ ପୈଠ (ପ୍ରଦତ୍ତ) ସୁଧ ପାଇଁ ଜାବେଦା ପ୍ରବିଷ୍ଟ କର ।

**ସମାଧାନ :**

ଷାଣ୍ମାସିକ ଅନ୍ତରଣରେ ଦେୟ ସୁଧର ହିସାବ:

$$\text{ସୁଧ} = \frac{\text{ଋଣପତ୍ରର ରାଶି} \times 9}{100} \times \frac{6}{12}$$

ଋଣପତ୍ରର ରାଶି = 5,000 X ₹1,000 = ₹50,00,000

30 ସେପ୍ଟେମ୍ବର, 2006ରେ ସମାପ୍ତ ଛଅ ମାସ ପାଇଁ ଋଣପତ୍ର

$$\text{ଉପରେ ସୁଧ} = \frac{50,00,000 X 9}{100} X \frac{6}{12} = ₹2,25,000$$

**ଜାବେଦା ପ୍ରବିଷ୍ଟି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 2006<br>ସେପ୍ଟେମ୍ବର 30 | ଋଣପତ୍ର ସୁଧ ହିସାବ ଦାୟୀ<br>ଦାତା ବ୍ୟାଙ୍କ୍ ହିସାବ<br>(5,000 ଟି 1,000 ଟଙ୍କିଆ 9% ଋଣପତ୍ର ଉପରେ 30 ସେପ୍ଟେମ୍ବର 2006 ରେ ସମାପ୍ତ 6 ମାସ ପାଇଁ ସୁଧର ପୈଠ) | | 2,25,000 | 2,25,000 |
| 2007<br>ମାର୍ଚ୍ଚ 31 | ଲାଭ ଓ କ୍ଷତି ହିସାବ ଦାୟୀ<br>ଦାତା ଋଣପତ୍ର ସୁଧ ହିସାବ<br>(ଋଣପତ୍ର ସୁଧ ଲାଭ ଓ କ୍ଷତି ହିସାବକୁ ସ୍ଥାନାନ୍ତରିତ ହେଲା) | | 2,25,000 | 2,25,000 |

ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନ 26.5


ନିମ୍ନଗୁଡ଼ିକର ଉତ୍ତର ଦିଅ :

(i) ରଣପତ୍ରର ନିର୍ଗମନରେ ରିହାତିର ରାଶିକୁ ଉଦ୍‌ବୃତ୍ତ ପତ୍ରରେ କାହିଁକି ଲେଖାଯାଏ ?

(ii) 1,000ଟି 100 ଟଙ୍କିଆ 10% ରଣପତ୍ର 10% ରିହାତିରେ ନିର୍ଗମିତ ହେଲା ଯାହା ପାଞ୍ଚବର୍ଷପରେ ପରିଶେଶଧିତ ହେବ । ପ୍ରତିବର୍ଷ ରଣପତ୍ର ରିହାତିର ଯେଉଁ ରାଶି ଅବଲିଖିତ ହେବ ତାହା ହିସାବ(ଗଣନା) କର ।

## ତୁମେ ଯାହା ଶିଖିଲ

- ରଣପତ୍ର ରଣ ରାଶିର ଏକ ଏକକ ଅଟେ ଯାହା କମ୍ପାନୀର ରଣଦାତାଙ୍କୁ ନିର୍ଗମିତ ହୁଏ । ରଣପତ୍ରରେ ରଣପତ୍ର ଷ୍ଟକ୍, ବଣ୍ଡ୍ ଏବଂ ଅନ୍ୟ କୌଣସି ପ୍ରତିଭୂତି ଅନ୍ତର୍ଭୁକ୍ତ ଥାଏ ଯାହା କମ୍ପାନୀର ପରିସମ୍ପତ୍ତି ଉପରେ ଏକ ପ୍ରଭାର ହୋଇଥାଇ ପାରେ କିମ୍ବା ହୋଇ ନ ଥାଇପାରେ ।
- ରଣପତ୍ରଗୁଡ଼ିକୁ ନିମ୍ନ ଆଧାରରେ ଶ୍ରେଣୀଭୁକ୍ତ କରାଯାଇପାରେ :




- ରଣପତ୍ରର ନିର୍ଗମନ: ରଣପତ୍ର ନଗଦ ଅର୍ଥ ବାବଦ ସମ ମୂଲ୍ୟରେ, ନଗଦ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବାବଦରେ, ସହ-ପ୍ରତିଭୂତି ରୂପରେ ନିର୍ଗମିତ ହୋଇପାରେ । ରଣପତ୍ରର ଅଧି-ଅଭିଦାନ ହୋଇଛି ବୋଲି କୁହାଯିବ ଯଦି କମ୍ପାନୀ ଅଭିଦାନ ପାଇଁ ଜାରି କରିଥିବା ରଣପତ୍ରର ସଂଖ୍ୟାଠାରୁ ଅଧିକ ସଂଖ୍ୟକ ରଣପତ୍ର ପାଇଁ ଆବେଦନ ପତ୍ର ପ୍ରାପ୍ତ ହୋଇଥାଏ ।
- ରଣପତ୍ର ସମମୂଲ୍ୟରେ, ପ୍ରିମିୟମ୍‌ରେ, ରିହାତିରେ ଏବଂ ନଗଦ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବାବଦରେ ନିର୍ଗମନ କରାଯାଇପାରେ ।
- ରଣପତ୍ରଗୁଡ଼ିକ ସେଗୁଡ଼ିକର ପରିଶୋଧନ ସହ ଜଡ଼ିତ ସର୍ତ୍ତାବଳୀର ଆଧାରରେ ନିର୍ଗମନ କରାଯାଇପାରେ:

ସମମୂଲ୍ୟରେ ନିର୍ଗମନ, ସମମୂଲ୍ୟରେ ପରିଶୋଧନୀୟ
ରିହାତିରେ ନିର୍ଗମନ, ସମମୂଲ୍ୟରେ ପରିଶୋଧନୀୟ

ପ୍ରିମିୟମ୍‌ରେ ନିର୍ଗମନ, ସମମୂଲ୍ୟରେ ପରିଶୋଧନୀୟ

ସମମୂଲ୍ୟରେ ନିର୍ଗମନ, ପ୍ରିମିୟମ୍‌ରେ ପରିଶୋଧନୀୟ

ରିହାତିରେ ନିର୍ଗମନ, ପ୍ରିମିୟମ୍‌ରେ ପରିଶୋଧନୀୟ

- ସହ-ପ୍ରତିଭୂତି ରୂପରେ ଋଣପତ୍ରର ନିର୍ଗମନର ଅର୍ଥ ହେଲା ଋଣପ୍ରଦାନକାରୀ ସଂସ୍ଥାକୁ ମୁଖ୍ୟ ପ୍ରତିଭୂତି (ସୁରକ୍ଷା) ସହିତ ଏକ ଅତିରିକ୍ତ / ଦ୍ୱିତୀୟକ ପ୍ରତିଭୂତି (ସୁରକ୍ଷା) ରୂପରେ ଋଣପତ୍ରର ନିର୍ଗମନ କରିବା ।

## ପାଠ୍ୟାନ୍ତ ପ୍ରଶ୍ନ

1. ଋଣପତ୍ର କହିଲେ ତୁମେ କ'ଣ ବୁଝ ? ସଂକ୍ଷେପରେ ବିଭିନ୍ନ ପ୍ରକାର ଋଣପତ୍ରର ବର୍ଣ୍ଣନା କର ।

2. କେତେବେଳେ ଋଣପତ୍ରର ଅଧି-ଅଭିଦାନ ହୋଇଛି ବୋଲି କୁହାଯାଏ ? ଋଣପତ୍ରର ଅଧି-ଅଭିଦାନ ହୋଇଥିବା ସ୍ଥଳେ କେଉଁ ପ୍ରକାର ହିସାବରକ୍ଷଣ ଉପଚାର (ଲେଖାଯୋଖା) କରାଯାଏ ?

3. ନିମ୍ନ ସ୍ଥିତିଗୁଡ଼ିକରେ କ'ଣ ହିସାବରକ୍ଷଣ ଉପଚାର କରାଯିବ ?

   (କ) ଋଣପତ୍ର ପ୍ରିମିୟମ୍‌ରେ ନିର୍ଗମିତ କରାଗଲା

   (ଖ) ଋଣପତ୍ର ରିହାତିରେ ନିର୍ଗମିତ କରାଗଲା

   (ଗ) ଋଣପତ୍ର ନଗଦ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବାବଦରେ ନିର୍ଗମିତ କରାଗଲା ।

4. ସହ-ପ୍ରତିଭୂତି ରୂପରେ ନିର୍ଗମିତ ଋଣପତ୍ରର ଅର୍ଥ କ'ଣ ? ଏହାକୁ କମ୍ପାନୀର ହିସାବ ବହିରେ କିପରି ବ୍ୟବହାର କରାଯାଏ (ଦର୍ଶାଯାଏ) ?

5. ରିହାତିରେ ନିର୍ଗମିତ ଋଣପତ୍ରକୁ ବୁଝାଅ । କମ୍ପାନୀର ବହିରେ ରିହାତିର ରାଶିକୁ କିପରି ଉପଚାର କରାଯାଏ ?

6. ଏମ୍.ବି.ଏସ୍. କମ୍ପାନୀ ଲିଃ 5,000ଟି ପ୍ରତ୍ୟେକ 100 ଟଙ୍କିଆ 9% ଋଣପତ୍ର, ଋଣପତ୍ର ପ୍ରତି ₹20 ପ୍ରିମିୟମ୍‌ରେ ନିର୍ଗମନ କଲା ଯାହାର ପୈଠ ହେଲା: ₹60 (ପ୍ରିମିୟମ୍ ମିଶାଇ) ଆବେଦନ ଓ ଆବଣ୍ଟନରେ ଏବଂ ଅବଶିଷ୍ଟ ଆହ୍ୱାନରେ । 6,500ଟି ଋଣପତ୍ର ପାଇଁ ଦରଖାସ୍ତ ପ୍ରାପ୍ତ ହେଲା । 500ଟି ଋଣପତ୍ର ପାଇଁ ଦରଖାସ୍ତ ସିଧା ଖାରଜ କରି ଦିଆଗଲା ଏବଂ ଅବଶିଷ୍ଟ ଆବେଦକଙ୍କୁ ଆନୁପାତିକ ଆବଣ୍ଟନ କରାଗଲା । ସବୁ ଟଙ୍କା ଯଥା ସମୟରେ ଆହୂତ ଓ ପ୍ରାପ୍ତ ହେଲା ।

   କମ୍ପାନୀର ହିସାବ ବହିରେ ଏହି ନିର୍ଗମନ ସମ୍ବନ୍ଧିତ ଜାବେଦା ପ୍ରବିଷ୍ଟି କର ।

7. ନ୍ୟୁ ଭେଞ୍ଚର୍ସ ଲିଃ ₹4,95,000ର ବହି ମୂଲ୍ୟର ଏକ ସଂଯନ୍ତ୍ର ଅନ୍ୟ ଏକ ଫାର୍ମ (ସଂସ୍ଥା)ରୁ କ୍ରୟ କଲା । କ୍ରୟ ପ୍ରତିଫଳ ପ୍ରତ୍ୟେକ 100 ଟଙ୍କିଆ 10% ଋଣପତ୍ର ନିର୍ଗମନ ପୂର୍ବକ ପୈଠ କରାଗଲା । ଏହା ଧରି ନିଅ ଯେ ଋଣପତ୍ରଗୁଡ଼ିକ ଏହିପରି ନିର୍ଗମିତ ହୋଇଛି: (i) ସମ

ମୂଲ୍ୟରେ, (ii) 10% ରିହାତିରେ, (iii) 10% ପ୍ରିମିୟମ୍‌ରେ । ପ୍ରତ୍ୟେକ ସ୍ଥିତିରେ କେତୋଟି ରଣପତ୍ର ନିର୍ଗମିତ ହେବ, ହିସାବ କର ।

8. ଏକ୍ସ.ୱାଇ.ଜେଡ଼ କୋ: (XYZ) ଲିଃ ଏ.ବି.ସି. (ABC) ଲିଃର ବ୍ୟବସାୟକୁ ଯେଉଁଥିରେ ₹4,50,000ର ପରିସମ୍ପତ୍ତି ଓ ₹1,50,000ର ଦାୟ ଥିଲା, ତାକୁ ₹4,00,000ରେ କିଣିଲା । କ୍ରୟ ପ୍ରତିଫଳ ବାବଦରେ ଏହା ପ୍ରତ୍ୟେକ 100 ଟଙ୍କିଆ ପୂର୍ଣ୍ଣ ପ୍ରଦତ୍ତ 10% ରଣପତ୍ର ନିର୍ଗମନ କଲା । ଜାବେଦା ପ୍ରବିଷ୍ଟି କର ।

9. ଗ୍ୟାସ୍କିଙ୍ଗ୍ ଫର୍ଣ୍ଣିଶିଙ୍ଗ୍ ଆଣ୍ଡ୍ ଡେକୋରେସନ୍ ଲିଃ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ରୁ ₹10,00,000ର ଏକ ସୁରକ୍ଷିତ ରଣ ନେଲା ଏବଂ ସହ-ପ୍ରତିଭୂତି ସ୍ୱରୂପ 1,500ଟି 1,000 ଟଙ୍କିଆ 10% ରଣପତ୍ର ନିର୍ଗମନ କଲା । କମ୍ପାନୀର ହିସାବ ବହିରେ ଏହି ରଣପତ୍ରର ନିର୍ଗମନର ଉପଚାର (ଲେଖା ପଦ୍ଧତି) କର ।

10. ନିମ୍ନ ସ୍ଥିତିଗୁଡ଼ିକରେ ପ୍ରତ୍ୟେକ ₹100ର 10% ରଣପତ୍ରର ନିର୍ଗମନ ପାଇଁ ଜାବେଦା ପ୍ରବିଷ୍ଟି କର:

(କ) 4,000 ରଣପତ୍ର ପ୍ରତ୍ୟେକ ₹100ରେ ନିର୍ଗମିତ ହେଲା, ପ୍ରତ୍ୟେକ ₹120ରେ ପରିଶୋଧନୀୟ ।

(ଖ) 2,000 ରଣପତ୍ର ପ୍ରତ୍ୟେକ ₹120ରେ ନିର୍ଗମିତ ହେଲା, ପ୍ରତ୍ୟେକ ₹100ରେ ପରିଶୋଧନୀୟ ।

(ଗ) 5,000 ରଣପତ୍ର ପ୍ରତ୍ୟେକ ₹90ରେ ନିର୍ଗମିତ ହେଲା, ପ୍ରତ୍ୟେକ ₹100ରେ ପରିଶୋଧନୀୟ ।

(ଘ) 6,000 ରଣପତ୍ର ପ୍ରତ୍ୟେକ ₹90ରେ ନିର୍ଗମିତ ହେଲା, ପ୍ରତ୍ୟେକ ₹110 ରେ ପରିଶୋଧନୀୟ ।

(ଙ) 2,000 ରଣପତ୍ର ପ୍ରତ୍ୟେକ ₹100ରେ ନିର୍ଗମିତ ହେଲା, ପ୍ରତ୍ୟେକ ₹100ରେ ପରିଶୋଧନୀୟ ।

11. 1 ଜାନୁଆରୀ, 2002ରେ ଏକ ସୀମିତ କମ୍ପାନୀ ₹10,00,000 ମୂଲ୍ୟର ରଣପତ୍ର 6% ରିହାତିରେ ନିର୍ଗମନ କଲା । ପ୍ରତିବର୍ଷ ଡିସେମ୍ବର 31ରେ ₹2,00,000ର ରଣପତ୍ର ବାର୍ଷିକ ଉଠାଣ ମାଧ୍ୟମରେ ପରିଶୋଧ କରିବାର ଥିଲା । ପ୍ରତିବର୍ଷ ରିହାତି ରାଶିର ଅବଲିଖନ ସେହି ବର୍ଷରେ ରଣପତ୍ରର ବକେୟା ରାଶିର ସମାନୁପାତରେ କରିବାର ଥିଲା । କମ୍ପାନୀର ଖତିଆନ୍‌ରେ ରିହାତି ରାଶି ସମ୍ପୂର୍ଣ୍ଣ ଅବଲିଖିତ ହେବା ପର୍ଯ୍ୟନ୍ତ ରଣପତ୍ର ନିର୍ଗମନରେ ରିହାତି ହିସାବ ଦର୍ଶାଅ ।

12. ହାଇ ରାଇଜ୍ ବିଲଡର୍ସ ଲିଃ ପ୍ରତ୍ୟେକ 100 ଟଙ୍କିଆ ₹6,00,000 ମୂଲ୍ୟର 10% ରଣପତ୍ର 6% ରିହାତିରେ ନିର୍ଗମନ କଲା ଯାହା 2ୟ, 3ୟ ଓ 5ମ ବର୍ଷ ଶେଷରେ ସମାନୁପାତରେ

ସମମୂଲ୍ୟରେ ପରିଶୋଧନ କରାଯିବ । ପ୍ରତିବର୍ଷ ଶେଷରେ ଅବଲିଖିତ ହେବାକୁ ଥିବା ରିହାତିର ରାଶି ହିସାବ (ଗଣନା) କର ଏବଂ ଋଣପତ୍ର ନିର୍ଗମନରେ ରିହାତି ହିସାବ ପ୍ରସ୍ତୁତ କର ।

13. ଏ.ବି.ଲିଃ 1 ଜାନୁଆରୀ 2006ରେ 1,000 ଟି ପ୍ରତ୍ୟେକ ₹1,000ର 12% ଋଣପତ୍ର ନିର୍ଗମନ କଲେ । ବାର୍ଷିକ ଡିସେମ୍ବର 31 ରେ ଉତ୍ସରୁ 10% ହାରରେ କର ବିୟୋଗ କରି ସୁଧ ଦେୟ ହେଉଥିବା ସ୍ୱୀକାର ପୂର୍ବକ 31 ଡିସେମ୍ବର 2006ରେ ସମାପ୍ତ ବର୍ଷ ପାଇଁ ଜାବେଦା ପ୍ରବିଷ୍ଟି କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 26.1**

(i) ପ୍ରଥମ ଋଣପତ୍ର

(ii) ପ୍ରଥମ ବନ୍ଧକ ଋଣପତ୍ର

(iii) ବାହକ ଋଣପତ୍ର

(iv) ଅପରିଶୋଧନୀୟ ଋଣପତ୍ର

**ପାଠ୍ୟଗତ ପ୍ରଶ୍ନ 26.2**

I. (i) ନଗଦ ଅର୍ଥ ବାବଦ ଋଣପତ୍ରର ନିର୍ଗମନ

(ii) ନଗଦ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବାବଦ ଋଣପତ୍ରର ନିର୍ଗମନ

(iii) ସହ-ପ୍ରତିଭୂତି ରୂପରେ ଋଣପତ୍ରର ନିର୍ଗମନ

II. (କ) ଅତିରିକ୍ତ ଆବେଦନ ରାଶି ଫେରସ୍ତ କରି ଦିଆଯିବ ।

(ଖ) ଅତିରିକ୍ତ ଆବେଦନ ରାଶି ପରବର୍ତ୍ତୀ ଆହ୍ୱାନରେ ପ୍ରାପ୍ୟ ରାଶି ବାବଦରେ ସମାୟୋଜିତ କରାଯିବ ।

**ପାଠ୍ୟଗତ ପ୍ରଶ୍ନ 26.3**

I. (i) 3,000

(ii)

| | | | |
|---|---|---|---|
| ବିକ୍ରେତାଙ୍କ ହିସାବ | ଦାୟୀ | 3,15,000 | |
| ଦାତା 10% ଋଣପତ୍ର ହିସାବ | | | 3,00,000 |
| ଦାତା ପ୍ରତିଭୂତି ପ୍ରିମିୟମ୍ ହିସାବ | | | 15,000 |

II. (i) ରିହାତି (ii) ପ୍ରିମିୟମ୍

(iii) ନଗଦ ଅର୍ଥ ବ୍ୟତୀତ ଅନ୍ୟ ପ୍ରତିଫଳ ବାବଦରେ

(iv) ଆଭ୍ୟନ୍ତରୀଣ ନିୟମାବଳୀ

**ପାଠ୍ୟଗତ ପ୍ରଶ୍ନ 26.4**

(i) ସହ-ପ୍ରତିଭୂତି

(ii) ଋଣପତ୍ର ସଂଶୟ ହିସାବ

(iii) ପରିସମ୍ପତ୍ତି ପାର୍ଶ୍ୱ

(iv) ଯେତେବେଳେ ରଣଦାତା ଅତିରିକ୍ତ ସୁରକ୍ଷା/ଅମାନତ ଦାବୀ କରେ ।

**ପାଠ୍ୟଗତ ପ୍ରଶ୍ନ 26.5**

(i) ଏହାକୁ ଏକ ପୁଞ୍ଜିଗତ କ୍ଷତି ବୋଲି ଧରାଯାଏ

(ii) ₹10,000 ÷ 5 = ₹2,000

**ପ୍ରାୟୋଗିକ ପାଠ୍ୟାନ୍ତ ପ୍ରଶ୍ନର ଉତ୍ତର**

7. ନିର୍ଗମିତ ରଣପତ୍ର ସଂଖ୍ୟା (i) 4,950, (ii) 5,500, (iii) 4,500

8. ସୁନାମର ରାଶି ₹1,00,000

11. ରଣପତ୍ର ରିହାତି ରାଶିର ଅବଲିଖନ: ପ୍ରଥମ ବର୍ଷ ₹20,000, ଦ୍ୱିତୀୟ ବର୍ଷ ₹16,000, ତୃତୀୟ ବର୍ଷ ₹12,000, ଚତୁର୍ଥ ବର୍ଷ ₹8,000, ପଞ୍ଚମ ବର୍ଷ ₹4,000 ।

12. ରଣପତ୍ର ରିହାତି ରାଶିର ଅବଲିଖନ: ପ୍ରଥମ ଓ ଦ୍ୱିତୀୟ ବର୍ଷ ₹10,800, ତୃତୀୟ ବର୍ଷ ₹7,200, ଚତୁର୍ଥ ଓ ପଞ୍ଚମ ବର୍ଷ ₹3,600 ।

***କାର୍ଯ୍ୟ:*** କିଛି ସଂଖ୍ୟକ କମ୍ପାନୀର ଉଦ୍‌ବୃତ୍ତ ପତ୍ର ସଂଗ୍ରହ କର ଯେଉଁଗୁଡ଼ିକ ରଣପତ୍ର ନିର୍ଗମନ କରି ପାଣ୍ଠି ଏକତ୍ରିତ କରିଛନ୍ତି । ସେଗୁଡ଼ିକୁ ଅନୁଧ୍ୟାନ କର ଏବଂ ପ୍ରତ୍ୟେକ କମ୍ପାନୀ ଦ୍ୱାରା ନିର୍ଗମିତ ରଣପତ୍ରର ପ୍ରକାର ସମ୍ବନ୍ଧରେ ସୂଚନା ସଂଗ୍ରହ କର । କମ୍ପାନୀର ନାମ ଲେଖ ଏବଂ ଉପଯୁକ୍ତ ସ୍ତମ୍ଭରେ 3 ଚିହ୍ନ ଦିଅ:

| କମ୍ପାନୀର ନାମ | ରଣପତ୍ରର ପ୍ରକାର | | | | |
|---|---|---|---|---|---|
| | ପରିବର୍ତ୍ତନୀୟ | ଅପରିବର୍ତ୍ତନୀୟ | ସୁରକ୍ଷିତ | ଅସୁରକ୍ଷିତ | ସହ-ପ୍ରତିଭୂତି |
| | | | | | |